DHARITRI

ସୋମବାର, ଏପ୍ରିଲ ୨୭/୨୦୨୦ (୧୮ ପୃଷ୍ଠା) Monday, April 27/2020

୪୬ଶ ଭାଗ ୧୫୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୪/-



## ପୂଜାରାଙ୍କୁ ବୋଲିଂ କରିବା କଷ୍ଟକର

ଭାରତୀୟ ଟେଷ୍ଟ ମିଡଲ ଅର୍ଡର ବ୍ୟାଟ୍ସମ୍ୟାନ ଚେତେଶ୍ୱର ପୂଜାରାଙ୍କୁ ବୋଲିଂ କରିବା କଷ୍ଟକର ବୋଲି ବିଶ୍ୱର ୧ ନମ୍ବର ଦ୍ରୁତ ବୋଲର ଅଷ୍ଟ୍ରେଲିଆର ପ୍ୟାଟ୍ କମିନ୍ସ କହିଛନ୍ତି।

୧୮

୧୦

## ଡ୍ରେସ୍ ବଦଳରେ ତକିଆ ପିନ୍ଧିଲେ ତମନ୍ନା

ସାଉଥ ଅଭିନେତ୍ରୀ ତମନ୍ନା ଭାଟିଆ ଏକ ତକିଆ ପିନ୍ଧି ଗ୍ଲାମର୍ସ ପୋଜ୍‌ରେ ତଳେ ଶୋଇଥିବା ଦେଖିବାକୁ ମିଳିଛି। ସେ ଏହି ଫଟୋକୁ ସୋସିଆଲ ମିଡିଆରେ ଶେୟାର କରିଛନ୍ତି।



# ସୁନ୍ଦରଗଡ଼ରେ ଆଉ ୩ କରୋନା ପଜିଟିଭ୍

- ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଛନ୍ତି ଦୁଇଜଣ
- ଖୋର୍ଦ୍ଧାରେ ସର୍ବାଧିକ ଚିହ୍ନଟ, ଦ୍ୱିତୀୟରେ ଯାଜପୁର
- ଏମ୍ସରେ ଚିକିତ୍ସିତ ହେଉଥିବା ଆଉଜଣେ ସୁସ୍ଥ

**ଭୁବନେଶ୍ୱର, ୨୬।୪(ବ୍ୟୁରୋ)**

ରାଜ୍ୟରେ ଦିନକୁ ଦିନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ରବିବାର ପୁଣି ୩ଜଣଙ୍କ ରିପୋର୍ଟ ପଜିଟିଭ୍ ବାହାରିଛି। ସମସ୍ତଙ୍କ ଘର ସୁନ୍ଦରଗଡ଼ ଜିଲାରେ ହୋଇଥିବାବେଳେ ୨ ପୁରୁଷ ଓ ଜଣେ ମହିଳା ଅଛନ୍ତି। ଦୁଇ ପୁରୁଷଙ୍କ ବୟସ ଯଥାକ୍ରମେ ୨୩ ଓ ୬୦ ବର୍ଷ ଏବଂ ମହିଳାଙ୍କ ବୟସ ୫୭ ବର୍ଷ। ଏମାନଙ୍କ ମଧ୍ୟରୁ ୨ଜଣ ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବାବେଳେ ଅନ୍ୟଜଣେ ସନ୍ଦିଗ୍ଧ ଥିଲେ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସୂଚନା ଦେଇଛି। ଏମାନଙ୍କ ସଂସ୍ପର୍ଶରେ କେଉଁମାନେ ଆସିଛନ୍ତି ସେମାନଙ୍କୁ ଟ୍ରେସ୍ କରାଯାଉଛି ବୋଲି କୁହାଯାଇଛି। ତେବେ ନୂଆ ୩ ପଜିଟିଭ୍‌ଙ୍କୁ ମିଶାଇଲେ ସୁନ୍ଦରଗଡ ଜିଲାରେ ମୋଟ ଆକ୍ରାନ୍ତ ସଂଖ୍ୟା ୬କୁ ବୃଦ୍ଧି ପାଇଥିବାବେଳେ ରାଜ୍ୟରେ ୧୦୩ ଛୁଇଁଛି।



ଶନିବାର ସୁନ୍ଦରଗଡ଼ ଜିଲା କରୋନାମୁକ୍ତ ହୋଇଥିଲା, ଅର୍ଥାତ୍ ପୂର୍ବରୁ ଥିବା ୩ଜଣ କରୋନା ଅକ୍ରାନ୍ତ ସୁସ୍ଥ ହୋଇଥିଲେ। ତେଣୁ ସରକାର, ପ୍ରଶାସନ ଓ ଜିଲାବାସୀ ଏକ ପ୍ରକାର ଆଶ୍ୱସ୍ତ ହୋଇଥିଲେ। ହେଲେ ରବିବାର ୩ ନୂଆ ଆକ୍ରାନ୍ତ ଚିହ୍ନଟ ହେବା ପରେ ସମସ୍ତଙ୍କର ଚିନ୍ତା ବଢ଼ିଛି। ବିଶେଷକରି ଜିଲା ପ୍ରଶାସନ କଟକଣା ସ୍ଥିତିକୁ ବଢ଼ାଇ ଦେବା ସହ ସ୍ଥିତି ଉପରେ ନଜର ରଖିଛନ୍ତି। ଅନ୍ୟପଟେ ରାଜ୍ୟରେ ☞ପୃଷ୍ଠା-୪

# ୧୫% ଗରିବଙ୍କୁ ମିଳିଛି କିଲେ ଡାଲି

- କେନ୍ଦ୍ର କହିଥିଲା ୩ ମାସ ପାଇଁ ଦେବୁ
- ଉପକୃତ ହେବେ ୧୯ କୋଟି ପରିବାର

**ନୂଆଦିଲ୍ଲୀ, ୨୬।୪**

ଲକ୍‌ଡାଉନ୍ ବେଳେ ଏପ୍ରିଲରୁ ୩ ମାସ ପାଇଁ ପ୍ରତ୍ୟେକ ଗରିବ ପରିବାରକୁ ୧ କେ.ଜି. ଲେଖାଏ ଡାଲି ଜାତୀୟ ଶସ୍ୟ ମିଳିବ ବୋଲି କେନ୍ଦ୍ର ସରକାର ପ୍ରତିଶ୍ରୁତି ଦେଇଥିଲେ। ତେବେ ବର୍ତ୍ତମନ ସୁଦ୍ଧା ମାତ୍ର ୧୫% ଗରିବ ପରିବାରକୁ କିଲେ ଲେଖାଏ ଡାଲି ମିଳିଛି। ଖୋଦ୍ ସରକାରୀ ସଂସ୍ଥାର ଏକ ବିଶ୍ଲେଷଣରୁ ଏହି ବିଷୟ ସାମ୍ନାକୁ ଆସିଛି।

ମିଳିଥିବା ସୂଚନାନୁସାରେ ମହାମାରୀ ମୁକାବିଲା ପାଇଁ ଲକ୍‌ଡାଉନ୍ ଘୋଷଣା କରାଯାଇଥିବାବେଳେ କେନ୍ଦ୍ରର ଜନକଲ୍ୟାଣ ପ୍ୟାକେଜ୍‌ରେ ୧୯ କୋଟିରୁ ଊର୍ଦ୍ଧ୍ୱ ଗରିବ ପରିବାରକୁ ଚଳିତ ମାସ ୧.୯୬ ଲକ୍ଷ ଟନ୍ ଡାଲି ଜାତୀୟ ଶସ୍ୟ ବଣ୍ଟନ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ସେଥିମଧ୍ୟରୁ ଅଦ୍ୟାବଧି ୩୦,୦୦୦ ଟନ୍ ବଣ୍ଟନ ହୋଇଛି। ମାତ୍ର ୧୫% ଗରିବ ପରିବାରକୁ ଏହା ମିଳିପାରିଛି। ପ୍ରକ୍ରିୟାକରଣରେ ଅସୁବିଧା, ଟ୍ରକ୍ ଓ ଶ୍ରମିକ ଅଭାବକୁ ଏଥିପାଇଁ ଖାଉଟି ବ୍ୟାପାର ବିଭାଗ ପକ୍ଷରୁ ଜାରି ଏକ ବିବୃତିରେ ଦାୟୀ କରାଯାଇଛି। ତେବେ ବଣ୍ଟନକୁ ମେ ପ୍ରଥମ ସପ୍ତାହରୁ ତ୍ୱରିତ କରାଯାଇପାରେ ବୋଲି କୁହାଯାଉଛି। ଗୋଦାମଗୁଡ଼ିକରେ ପେଷା ହୋଇ ନ ଥିବା ଶସ୍ୟ ମହଜୁଦ ରହିଛି। ସେସବୁକୁ ରାଶନ ଦୋକାନଗୁଡ଼ିକରେ ପହଞ୍ଚାଇବା ପୂର୍ବରୁ ମିଲିଂ କରାଯିବା ଜରୁରୀ।

ପ୍ରକାଶ ଯେ, ପିଏମ୍ ଗରିବ କଲ୍ୟାଣ ପ୍ୟାକେଜରେ କେନ୍ଦ୍ର ସରକାର ଦେଶର ପ୍ରତ୍ୟେକ ରାଶନ କାର୍ଡଧାରୀଙ୍କ ପ୍ରୋଟିନ ଆବଶ୍ୟକତା ପୂରଣ ପାଇଁ ୧ କେ.ଜି. ଲେଖାଏ ଡାଲି ଜାତୀୟ ଶସ୍ୟ ଦେବେ ବୋଲି ମାର୍ଚ୍ଚ ୨୬ରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଘୋଷଣା କରିଥିଲେ। ଘୋଷଣା ଅନୁଯାୟୀ ଏହା ଏପ୍ରିଲରୁ ଆରମ୍ଭ ହୋଇ ୩ ମାସ ଯାଏ ଚାଲିବ। ସେହିପରି ସମସ୍ତ ୮୦ କୋଟି ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନ୍‌ଏଫ୍‌ଏସ୍‌ଏ) ହିତାଧିକାରୀଙ୍କୁ ମାସକୁ ଅତିରିକ୍ତ ୫ କେ.ଜି. ଲେଖାଏ ଚାଉଳ ମିଳିବ। ଏପ୍ରିଲ ୨୦ରେ ସରକାର ଡାଲି ଜାତୀୟ ଶସ୍ୟ ବଣ୍ଟନ ସମ୍ପର୍କରେ ପୁଣି ଦୋହରାଇଥିଲେ। ଖାଉଟି ବ୍ୟାପାର ବିଭାଗ ପକ୍ଷରୁ କୁହାଯାଇଛି ଯେ, ଆଣ୍ଡାମାନ, ଚଣ୍ଡିଗଡ଼, ଦାଦର ନଗର ହାଭେଲି, ଗୋଆ, ଲଦାଖ, ପୁଡୁଚେରୀ, ଲକ୍ଷାଦ୍ୱୀପ ଓ ପଞ୍ଜାବ ଭଳି ଅନେକ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ପେଷା କିମ୍ବା ସ୍ୱଚ୍ଛ ଶସ୍ୟ ୩ ମାସ ପାଇଁ ଏକାଥରକେ ଦିଆଯାଇଛି। ଏହି ରାଜ୍ୟଗୁଡ଼ିକରେ ଫୁଡ୍ କର୍ପୋରେଶନ ଅଫ୍ ଇଣ୍ଡିଆ (ଏଫ୍‌ସିଆଇ) ପଣ୍ୟାଗାରରୁ ଉପଯୁକ୍ତ ସାଧାରଣ ବଣ୍ଟନ ବ୍ୟବସ୍ଥା (ପିଡିଏସ୍) ଜରିଆରେ ଚାଉଳ ଓ ଗହମ ସମେତ ଅତିରିକ୍ତ ଡାଲି ଜାତୀୟ ଶସ୍ୟ ଦିଆଯାଇଛି। ତେବେ ନାନା ଅସୁବିଧା କାରଣରୁ ୧୯ କୋଟି ପରିବାରକୁ ଖାଦ୍ୟଶସ୍ୟ ଆବଣ୍ଟିତ ହୋଇପାରିନାହିଁ। ନ୍ୟାଶନାଲ ଏଗ୍ରିକଲ୍‌ଚରାଲ କୋଅପରେଟିଭ୍ ମାର୍କେଟିଂ ଫେଡେରେଶନ ହେଉଛି ଶସ୍ୟ ସଂଗ୍ରହ ଓ ସଂରକ୍ଷଣର ନୋଡାଲ ଏଜେନ୍ସି। ଏହି ଯୋଜନା ଅଧୀନରେ ୫.୮୮ ଲକ୍ଷ ଟନ ଶସ୍ୟ ଦେବା ପାଇଁ ☞ପୃଷ୍ଠା-୪

## ରାଶନ ଦେବାରେ ଓଡ଼ିଶା ପ୍ରଥମ

**ଭୁବନେଶ୍ୱର, ୨୬।୪(ବ୍ୟୁରୋ)**

କରୋନା ସଂକ୍ରମଣ ଜନିତ କ୍ଷତିକୁ ହ୍ରାସ କରିବା ପାଇଁ ସାରା ଦେଶରେ ଲକ୍‌ଡାଉନ ଜାରି ରହିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ହିତାଧିକାରୀଙ୍କ ନିକଟରେ ଅତ୍ୟାବଶ୍ୟକ ଖାଦ୍ୟସାମଗ୍ରୀ ପହଞ୍ଚାଯାଇଥିଲା। ଏପରି ଧାର୍ଯ୍ୟ ସମୟ ପୂର୍ବରୁ ଅଗ୍ରିମ ଭାବେ ଏକାଧିକ ମାସର ରାଶନ ହିତାଧିକାରୀଙ୍କୁ ଯୋଗାଇ ଦିଆଯାଇଥିଲା। ଖାଉଟି ବ୍ୟାପାର ମନ୍ତ୍ରଣାଳୟ ଅଧୀନ ଖାଦ୍ୟ ଏବଂ ସାଧାରଣ ବଣ୍ଟନ ବିଭାଗ ୱେବସାଇଟ୍ https://annavitran.nic.in/getPMGKAYCentralAllocDistriRPTରେ ବିଭିନ୍ନ ରାଜ୍ୟର ବଣ୍ଟନ ସାମଗ୍ରୀ ସମ୍ପର୍କିତ ତଥ୍ୟ ପ୍ରଦାନ କରାଯାଇଛି। ଏଥିରେ ଓଡ଼ିଶା ଏକମାତ୍ର ରାଜ୍ୟ ଭାବେ ଏପ୍ରିଲ ଏବଂ ଆସନ୍ତା ମେ, ଜୁନ୍ ପାଇଁ ହିତାଧିକାରୀଙ୍କୁ ଖାଦ୍ୟ ସାମଗ୍ରୀ ବିତରଣ କରିଥିବା ଦର୍ଶାଯାଇଛି। ଏପ୍ରିଲରେ ୧୧୫୫୨.୩୪୫ ମେଟ୍ରିକ ଟନ୍, ମେ'ରେ ୧୧,୬୯୧.୨୭ ମେଟ୍ରିକ ଟନ୍ ଏବଂ ଜୁନ୍ ସକାଶେ ୧୧୬୬୧.୮୭୪ ମେଟ୍ରିକ ଟନ୍ ଖାଦ୍ୟ ଶସ୍ୟ ପ୍ରଦାନ କରାଯାଇଛି। ଏହିପରି ଭାବେ ୩ ମାସ ପାଇଁ ମୋଟ ୩୪,୯୦୫.୪୮୯ ମେଟ୍ରିକ ଟନ୍ ଖାଦ୍ୟ ଶସ୍ୟ ବଣ୍ଟାଯାଇଛି। ଓଡ଼ିଶା ସରକାରଙ୍କ ବିଭାଗୀୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଟୁଇଟ୍ କରି ରବିବାର ଏହି ସୂଚନା ଦେଇଛନ୍ତି।

# ଆଜି ୧୩ ଜିଲାରେ ପ୍ରବଳ ବର୍ଷା ସମ୍ଭାବନା

- ଝଡ଼ତୋଫାନ, ବଜ୍ରପାତ ନେଇ ସତର୍କ କଲା ପାଣିପାଗ ବିଭାଗ

**ଭୁବନେଶ୍ୱର, ୨୬।୪(ବ୍ୟୁରୋ)**

ଦକ୍ଷିଣ ଆଣ୍ଡାମାନ ସାଗର ଓ ଏହାର ଆଖପାଖରେ ଏକ ଲଘୁଚାପ ବଳୟ ସୃଷ୍ଟି ହୋଇଛି। ଆସନ୍ତା ୩୦ ତାରିଖ ସୁଦ୍ଧା ଏହା ଲଘୁଚାପରେ ପରିଣତ ହେବା ସମ୍ଭାବନା ରହିଛି। ଫଳରେ ଏହିଦିନଠାରୁ ମେ' ୩ ମଧ୍ୟରେ ଆଣ୍ଡାମାନ ସାଗର ଉପକୂଳରେ ବର୍ଷା ସହ ପବନ ସମ୍ଭାବନା ରହିଥିବା ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଏହି ସମୟରେ ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ରକୁ ଯିବା ଲାଗି ବାରଣ କରାଯାଇଛି। ସେପଟେ ସୋମବାର ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବ। ବିଶେଷକରି ନବରଙ୍ଗପୁର, କନ୍ଧମାଳ, କଳାହାଣ୍ଡି, ବଲାଙ୍ଗୀର, ଗଜପତି, ଗଞ୍ଜାମ, କୋରାପୁଟ, ରାୟଗଡ଼ା, ବୌଦ୍ଧ, ନୂଆପଡ଼ା, ମୟୂରଭଞ୍ଜ, ବାଲେଶ୍ୱର ଓ କେନ୍ଦୁଝର ଆଦି ୧୩ ଜିଲାକୁ ପ୍ରବଳ ବର୍ଷା ହେବ। ଏଥିସହିତ ଏଠାରେ ଘଣ୍ଟାକୁ ୪୦ରୁ ୫୦କିମି ବେଗରେ ପବନ ବହିବ। ଏସବୁ ଜିଲାକୁ ମଧ୍ୟ ଝଡ଼ତୋଫାନ ଓ ବଜ୍ରପାତ ଆଶଙ୍କା ରହିଛି। ତେଣୁ ଏସବୁ ଜିଲାଗୁଡ଼ିକୁ ଅରେଞ୍ଜ ୱାର୍ନିଂ ଜାରି କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର। ସେହିପରି ଉପକୂଳ ଓଡ଼ିଶାର କିଛି ସ୍ଥାନ, ନୂଆପଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବୌଦ୍ଧ ଓ ☞ପୃଷ୍ଠା-୪

# କିମ୍ ଜଙ୍ଗ୍ ଉନ୍‌ଙ୍କୁ ନେଇ ବଢ଼ୁଛି ଗୁଜବ

- ଉତ୍ତର କୋରିଆ ନୀରବ
- ମୃତ କିମ୍ବା ବ୍ରେନ୍ ଡେଡ୍ ଚର୍ଚ୍ଚା
- ଭଉଣୀ କିମ୍ ୟୋ ଜଙ୍ଗ୍ ହୋଇପାରନ୍ତି ପରବର୍ତ୍ତୀ ନେତା

**ସିଓଲ, ୨୬।୪**

ଉତ୍ତରକୋରିଆ ନେତା କିମ୍ ଜଙ୍ଗ୍ ଉନ୍ ଦୀର୍ଘଦିନ ଅନୁପସ୍ଥିତ ରହିବା ଏବଂ ଏ ସମ୍ପର୍କରେ ଦେଶ ପକ୍ଷରୁ କୌଣସି ସୂଚନା ଦିଆ ନ ଯିବା ଘଟଣା ତାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଗୁଜବ ବଢ଼ାଇଛି। ଏପରିକି ତାଙ୍କର ମୃତ୍ୟୁ ଘଟିଥିବା ନେଇ ମଧ୍ୟ କଳ୍ପନା ଜଳ୍ପନା ପ୍ରକାଶ ପାଇଛି। ତେବେ ତାଙ୍କ ନାଁରେ ବିଦେଶୀ ନେତାମାନଙ୍କ ପାଖକୁ ପତ୍ର ଓ ଉପହାର ପଠାଯାଉଛି। ଦେଶର ଗଣମାଧ୍ୟମ ମଧ୍ୟ ପୂର୍ବଭଳି



ଭାବେ କିମ୍‌ଙ୍କ ଗୁଣଗାନ କରୁଛି। ତେଣୁ ସେଠାରେ କିଛି ଅସ୍ୱାଭାବିକ ଦେଖିବାକୁ ମିଳୁନାହିଁ ବୋଲି ଦକ୍ଷିଣ କୋରିଆ କହିଛି। ଅସ୍ତ୍ରୋପଚାର ପରେ କିମ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥା ଗମ୍ଭୀର ଥିବା ଖବର ଠିକ୍ ନୁହେଁ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି। ଏସବୁ ସତ୍ତ୍ୱେ କିମ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥା ଓ ଆଣବିକ ରାଷ୍ଟ୍ରର ଭାଗ୍ୟକୁ ନେଇ ଗୁଜବ ବନ୍ଦ ହେବା ନାଁ ଧରୁନି। ଏହାର ମୁଖ୍ୟ କାରଣ ହେଉଛି ଦୁଇ ସପ୍ତାହ ହେଲା ଉତ୍ତର କୋରିଆ ନେତାଙ୍କୁ ସର୍ବସାଧାରଣରେ ଦେଖିବାକୁ ମିଳିନାହିଁ। ତାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ବିଭିନ୍ନ କଥା ଉଠୁଥିଲାବେଳେ ଦେଶ ପକ୍ଷରୁ ମଧ୍ୟ କୌଣସି ସ୍ପଷ୍ଟୀକରଣ ଦିଆଯାଉନାହିଁ। ଦେଶର ବିଶେଷଜ୍ଞ, ବୈଦେଶିକ ଅଧିକାରୀ ଓ ଗୋଇନ୍ଦା ସଂସ୍ଥା ମଧ୍ୟ ସତ୍ୟତା ଜାଣିବାକୁ ଉଦ୍ୟମ ଜାରି ରଖିଛନ୍ତି।

ସୋସିଆଲ ମିଡିଆରେ ପ୍ରସାରିତ ଖବର ଅନୁଯାୟୀ ଉତ୍ତର କୋରିଆ ନେତାଙ୍କ ଗୋଇଠି ମୋଡ଼ି ହୋଇଯିବା ଭଳି ସାମାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଛି ଓ ସେ ଧୀରେ ଧୀରେ ସୁସ୍ଥ ହେଉଛନ୍ତି କିମ୍ବା ହୃତ୍‌ପିଣ୍ଡ ଅସ୍ତ୍ରୋପଚାର ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ଆହୁରି ମଧ୍ୟ ଖବର ଆସୁଛି, ଭୁଲ୍ ହୃତ୍‌ପିଣ୍ଡ ଅସ୍ତ୍ରୋପଚାର ପରେ କିମ୍ ବ୍ରେନ୍ ଡେଡ୍ କିମ୍ବା ସମ୍ପୂର୍ଣ୍ଣ ଅଚଳ ଅବସ୍ଥାରେ ଅଛନ୍ତି। ତାଙ୍କୁ ଅସ୍ତ୍ରୋପଚାର କରୁଥିବା ଡାକ୍ତରଙ୍କ ମଧ୍ୟରୁ ଜଣେ ଚାଇନାର ଥିଲେ। କେତେକ ଗଣମାଧ୍ୟମରେ ପ୍ରକାଶ ପାଇଛି କିମ୍ କୋଭିଡ୍-୧୯ରେ ସଂକ୍ରମିତ ହୋଇଥାଇପାରନ୍ତି। ଚାଇନା ଡାକ୍ତରଙ୍କଠାରୁ ଏହି ରୋଗ ତାଙ୍କୁ ସଂକ୍ରମିତ ହୋଇଥିବା ଆଶଙ୍କା କରାଯାଉଛି।

ଦକ୍ଷିଣ କୋରିଆ ମେସେଜିଂ ଆପ୍‌ରେ ପ୍ରସାରିତ ଗୁଜବ ଅନୁଯାୟୀ ଫ୍ରାନ୍ସର ଡାକ୍ତରମାନେ କିମ୍‌ଙ୍କୁ କୋମାରୁ ମୁକ୍ତ କରି ପାରିନାହାନ୍ତି। ☞ପୃଷ୍ଠା-୪

# ଆରପାରିରେ ନାଟ୍ୟକାର ବିଜୟ ମିଶ୍ର

**ଭୁବନେଶ୍ୱର, ୨୬।୪(ବ୍ୟୁରୋ)**

ବିଶିଷ୍ଟ ଚଳଚ୍ଚିତ୍ର ନିର୍ଦ୍ଦେଶକ, କାହାଣୀକାର, ସଂଳାପ ଲେଖକ ଓ ନାଟ୍ୟକାର ଡ. ବିଜୟ ମିଶ୍ର ଆଉ ନାହାନ୍ତି। ରବିବାର ଅପରାହ୍ନରେ ୮୩ବର୍ଷ ବୟସରେ ତାଙ୍କର ପରଲୋକ ଘଟିଛି। ଗତ କିଛିଦିନ ହେଲା ଅସୁସ୍ଥତା ଯୋଗୁ ସେ ଭୁବନେଶ୍ୱରର ଏକ ନର୍ସିଂହୋମ୍‌ରେ ଚିକିତ୍ସାଧୀନ ଥିଲେ। ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଥିବା ପୁଅ ଅରିନ୍ଦମ ମିଶ୍ର ସୂଚନା ଦେଇଛନ୍ତି।



ଡ. ବିଜୟ ମିଶ୍ର

ଓଡ଼ିଆ ମଞ୍ଚ, ଆକାଶବାଣୀ, ଦୂରଦର୍ଶନ, ଚଳଚ୍ଚିତ୍ର ଓ ସାହିତ୍ୟ ଜଗତରେ ସେ ଦୀର୍ଘ ୬ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଓଡ଼ିଶାବାସୀଙ୍କର ମନୋରଞ୍ଜନ କରିଆସିଥିଲେ। ୧୯୭୨ରେ ଓଡ଼ିଆ ଚଳଚ୍ଚିତ୍ର ଜଗତର ଗତାନୁଗତିକ ଧାରା ଭାଙ୍ଗି 'ଯାଯାବର' ମାଧ୍ୟମରେ ଫିଲ୍ମ ଦୁନିଆରେ ପାଦ ଥାପିଥିଲେ ବିଜୟ। 'ଯାଯାବର'ର କାହାଣୀ, ଚିତ୍ରନାଟ୍ୟ ଓ ସଂଳାପ ଲେଖିବା ସହ ନିର୍ଦ୍ଦେଶନା ମଧ୍ୟ ଦେଇଥିଲେ। ୬୦ରୁ ଊର୍ଦ୍ଧ୍ୱ ଓଡ଼ିଆ ସିନେମାର କାହାଣୀ ଲେଖିଥିବା ବିଜୟ ମଞ୍ଚନାଟକ, ପ୍ରାମାଣିକ ଚଳଚ୍ଚିତ୍ର, ଧାରାବାହିକ ଜଗତ ସହ ମଧ୍ୟ ଓତଃପ୍ରୋତ ଭାବେ ଜଡ଼ିତ ଥିଲେ। ୬୦ରୁ ଊର୍ଦ୍ଧ୍ୱ ନାଟକ ସହ ୭ଟି ଧାରାବାହିକ ରଚନା କରିଥିଲେ। 'ରଜନୀଗନ୍ଧା', 'ସୁନା ଚଢ଼େଇ', 'ହାକିମ ବାବୁ', 'ବୋଉ', 'ଲକ୍ଷେ ଶିବ ପୂଜି ପାଇଛି ପୁଅ', 'ପଞ୍ଜୁରୀ ଭିତରେ ଶାରୀ', 'ପରଦେଶୀ ଚଢ଼େଇ', 'ସପନ ବଣିକ', 'ଡୋରା', 'ଜନନୀ' ଭଳି ଫିଲ୍ମର ସଂଳାପ ରଚନା କରିଥିଲେ। ଆଧୁନିକ ନାଟ୍ୟ ଆନ୍ଦୋଳନର ଅଗ୍ରଦୂତ ବିଜୟଙ୍କ ନାଟକ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ନୂତନତ୍ୱର ସ୍ଥାନ ନାହିଁ

**ଆଜିର ମନ୍ତବ୍ୟ**

"ଦେଶରେ କରୋନା ସ୍ଥିତିରେ ଉନ୍ନତି ଘଟୁଛି। ବହୁ ହଟ୍‌ସ୍ପଟ ଜିଲା ଅଣହଟ୍‌ସ୍ପଟ ହେବାକୁ ଯାଉଛି।

-ଡ. ହର୍ଷବର୍ଦ୍ଧନ, କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ



ଧରିତ୍ରୀ
DHARITRI
ସୋମବାର, ୨୭ ଏପ୍ରିଲ, ୨୦୨୦

**ମହାରାଷ୍ଟ୍ରରେ ଅଟକିଛନ୍ତି ୩.୫ ଲକ୍ଷ ଦାଦନ**

ଲକ୍‌ଡାଉନ ଯୋଗୁ ମହାରାଷ୍ଟ୍ରରେ ୩.୫ ଲକ୍ଷ ଦାଦନ ଶ୍ରମିକ ଅଟକି ରହିଛନ୍ତି। ସେମାନଙ୍କୁ ଫେରାଇ ନେବା ଲାଗି ରାଜ୍ୟ ସରକାର ଉତ୍ତରପ୍ରଦେଶ, ବିହାର, ରାଜସ୍ଥାନ,ମଧ୍ୟପ୍ରଦେଶ, ଗୁଜରାଟ ଓ ଛତିଶଗଡ଼ ସରକାରଙ୍କୁ ଅନୁରୋଧ କରିଛନ୍ତି। ମହାରାଷ୍ଟ୍ର ସରକାର ଶ୍ରମିକମାନଙ୍କୁ ସେମାନଙ୍କ ରାଜ୍ୟ ସୀମା ପର୍ଯ୍ୟନ୍ତ ନେଇଯିବେ ବୋଲି ରାଜ୍ୟର ମୁଖ୍ୟ ଶାସନ ସଚିବ ଅଜୟ ମେହେଟ୍ଟା କହିଛନ୍ତି।





ସୋମାଲି ରାଜଧାନୀ ମୋଗାଡିଶୁରେ ଲକ୍‌ଡାଉନ୍ ଜାରି କରାଯାଇଥିବାବେଳେ ପୋଲିସର ବର୍ବରତା ପ୍ରତିବାଦରେ ବିକ୍ଷୋଭ।

# କରୋନା ବିରୋଧୀ ଲଢ଼େଇ ଜନ ଆଧାରିତ

**ନୂଆଦିଲ୍ଲୀ,୨୬।୪(ପି.ଟି.)**

କରୋନା ମହାମାରୀରୁ ମୁକୁଳିବା ଲାଗି ଭାରତର ଲଢ଼େଇ ଜନ ଆଧାରିତ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ତାଙ୍କର ମନ୍ କୀ ବାତ୍ ରେଡିଓ କାର୍ଯ୍ୟକ୍ରମରେ କହିଛନ୍ତି। ଲୋକମାନେ ରହୁଥିବା ସ୍ଥାନ ଓ କାର୍ଯ୍ୟସ୍ଥଳ ଏପର୍ଯ୍ୟନ୍ତ ସଂକ୍ରମିତ ହୋଇ ନ ଥିବାରୁ ସେମାନେ ଆକ୍ରାନ୍ତ ହେବେ ନାହିଁ ଭଳି ଖବର ପ୍ରକାଶ ପାଉଛି। ଏଥିରେ ପ୍ରଭାବିତ ନ ହେବାକୁ ପ୍ରଧାନମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଦେଶ ଏବେ କରୋନା ଲଢ଼େଇର ମଧ୍ୟଭାଗରେ ଛିଡ଼ାହୋଇଛି। ତେଣୁ ଜନସାଧାରଣ ସତର୍କ ରହିବା ସହ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବାକୁ ହେବ। ଅଧିକ ଆତ୍ମବିଶ୍ୱାସୀ ହୁଅନ୍ତୁ ନାହିଁ। ଆପଣଙ୍କ ସହର, ଗାଁ କିମ୍ବା ଅଫିସରେ କରୋନା ଭୂତାଣୁ ପହଞ୍ଚି ନାହିଁର ଅର୍ଥ ନୁହେଁ ଯେ, ତାହା ଆଉ ପହଞ୍ଚିବ ନାହିଁ। ସାବଧାନ ନ ହେଲେ ଦୁର୍ଘଟଣା ଘଟିବ ବୋଲି ମୋଦି କହିଥିଲେ। ଏହି ଅବସରରେ କରୋନା ଲଢ଼େଇରେ ସାମିଲ ହୋଇଥିବା ଜରୁରୀକାଳୀନ ସେବା କର୍ମଚାରୀ ଓ ସିଭିଲ୍ ସୋସାଇଟି ସଂଗଠନକୁ ସେ ଉଚ୍ଚ ପ୍ରଶଂସା କରିଛନ୍ତି। ସାରା ଦେଶ ଓ ପ୍ରତ୍ୟେକ ନାଗରିକ କରୋନା ଲଢ଼େଇରେ ଯୋଦ୍ଧା ସାଜିବା ସୌଭାଗ୍ୟର କଥା। ବିଭିନ୍ନ ଦେଶକୁ ଔଷଧ ପଠାଇ ଭାରତ ବିଶ୍ୱ ନେତାଙ୍କ ଦ୍ୱାରା ପ୍ରଶଂସିତ ହୋଇଛି। ମାସ୍କ ପିନ୍ଧିବା ସଭ୍ୟ ସମାଜର ଏକ ଅଙ୍ଗ ହେବାକୁ ଯାଉଛି। ସେହିପରି ବାହାରେ ଛେପ ପକାଇବା ଭଳି ଖରାପ ଅଭ୍ୟାସକୁ ସବୁଦିନ ପାଇଁ ଛାଡ଼ିବାକୁ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ପବିତ୍ର ଅକ୍ଷୟ ତୃତୀୟ ଏବଂ ରମଜାନ ପାଇଁ ସେ ଦେଶବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



**ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍**

ତେବେ କରୋନା ଯୋଗୁ ବିହୁ, ବୈଶାଖୀ, ପୁଥାଣ୍ଡୁ, ବିଷୁବ ସଂକ୍ରାନ୍ତି ଏବଂ ଓଡ଼ିଆ ନବବର୍ଷ ଭଳି ଉତ୍ସବ ଘର ଭିତରେ ପାଳନ କରିବାକୁ ପଡିଛି ବୋଲି ମୋଦି କହିଥିଲେ।

## ମୁଖ୍ୟମନ୍ତ୍ରୀମାନଙ୍କ ସହ ଆଲୋଚନା ଆଜି

କରୋନା ମୁକାବିଲା ନେଇ ଆଗାମୀ କାର୍ଯ୍ୟପନ୍ଥା ପ୍ରସ୍ତୁତି ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ପୂର୍ବାହ୍ନରେ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ମୁଖ୍ୟମନ୍ତ୍ରୀମାନଙ୍କ ସହ ଆଲୋଚନା କରିବେ। ଲକ୍‌ଡାଉନକୁ ପର୍ଯ୍ୟାୟକ୍ରମେ ଉଠାଇବା ନେଇ ଆଲୋଚନା ହୋଇପାରେ। ଦେଶରେ କୋଭିଡ୍-୧୯ ସଂକ୍ରମଣ ପରେ ମୁଖ୍ୟମନ୍ତ୍ରୀମାନଙ୍କ ସହ ପ୍ରଧାନମନ୍ତ୍ରୀଙ୍କର ଏହା ତୃତୀୟ ଭିଡିଓ କନ୍‌ଫରେନ୍ସ। ଅର୍ଥନୈତିକ କାର୍ଯ୍ୟକ୍ରମ ବଢ଼ାଇବା ସହ ଲୋକଙ୍କୁ ସହାୟତା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ସେକ୍ଟରରେ କଟକଣାକୁ କୋହଳ କରିଛନ୍ତି।

# ୧୧୨ ଜିଲାରେ ସର୍ଭେ କରିବ ନୀତି ଆୟୋଗ

ନୂଆଦିଲ୍ଲୀ,୨୬।୪: କୋଭିଡ୍-୧୯ର ମୁକାବିଲା ପାଇଁ ଭାରତରେ ଗରିବମାନେ ସୋସିଆଲ ଡିଷ୍ଟାନ୍ସିଂ କରୁଛନ୍ତି କି? ଏହି ପ୍ରଶ୍ନର ଉତ୍ତର ଖୋଜିବା ପାଇଁ ଦେଶର ୧୦୦ରୁ ଊର୍ଦ୍ଧ୍ୱ ଜିଲାରେ ନୀତି ଆୟୋଗ ସର୍ଭେ କରିବ। ପ୍ରତି ୨-୩ ସପ୍ତାହରେ ସର୍ବେକ୍ଷଣ କରାଯାଇ ସରକାରୀ କଳ ପ୍ରତି ଜିଲା ସ୍ତରରେ କାର୍ଯ୍ୟକାରୀ ହେଉଛି କି ନାହିଁ ସେନେଇ ମଧ୍ୟ ତଥ୍ୟ ସଂଗ୍ରହ କରାଯିବ।

କେନ୍ଦ୍ର ସରକାରଙ୍କ ଥିଙ୍କଟ୍ୟାଙ୍କ ନୀତି ଆୟୋଗ ଦେଶର ୧୧୨ ଜିଲାରେ ଏକ ସର୍ଭେ କରିବାକୁ ଯାଉଛି। ଗରିବ ଓ ଦୁର୍ବଳ ଶ୍ରେଣୀର ଲୋକେ ସହରୀଙ୍କ ଭଳି ସାମାଜିକ ଦୂରତ୍ୱ ଅବଲମ୍ବନ କରୁଛନ୍ତି କି ନାହିଁ ତାହା ଯାଞ୍ଚ କରିବ। ମିଳିଥିବା ସୂଚନାନୁସାରେ ସର୍ଭେ ବେଳେ ଲୋକଙ୍କୁ ମୋଟ ୫୭ଟି ପ୍ରଶ୍ନ କରାଯିବ। ସାମାଜିକ ଦୂରତ୍ୱ କ'ଣ ଏବଂ ଏହାକୁ ଗାଁଗୁଡ଼ିକରେ ଥିବା ନିଜ ନିଜ ଘରେ ସେମାନେ ପାଳନ କରୁଛନ୍ତି କି ବୋଲି ପଚରାଯିବ। ଅନ୍ୟ ପ୍ରଶ୍ନଗୁଡ଼ିକ ମଧ୍ୟରେ ରହିଛି ପ୍ରତ୍ୟେକ ପରିବାରରେ କେତେ ସଂଖ୍ୟକ ସଦସ୍ୟ ଅଛନ୍ତି, ଘରେ କେତୋଟି ରୁମ୍ ଅଛି, ସୋସିଆଲ ଡିଷ୍ଟାନ୍ସିଂ ନିୟମକୁ ସେମାନେ ମାନୁଛନ୍ତି କି ନାହିଁ, ଯଦି ହଁ ତେବେ କିପରି ଏବଂ ସେମାନେ ନିଜ ହାତକୁ ବାରମ୍ବାର ସାନିଟାଇଜ୍ କରୁଛନ୍ତି କି ନାହିଁ? ସେହିପରି ଗାଁଗୁଡ଼ିକ ଲକ୍‌ଡାଉନ୍ ନିର୍ଦ୍ଦେଶକୁ ପାଳନ କରୁଛନ୍ତି କି, ଜିଲାକୁ ବାହାରୁ ଆସିଥିବା ଲୋକଙ୍କୁ ହୋମ୍ କ୍ୱାରାଣ୍ଟାଇନ୍ କରାଯାଇଛି କି, ଆଶା କର୍ମୀଙ୍କ ଭଳି ସ୍ୱାସ୍ଥ୍ୟକର୍ମୀ ଓ ସହାୟିକା ନର୍ସ (ଏଏନ୍‌ଏମ୍) ଘର ଘର ବୁଲୁଛନ୍ତି କି, ସମସ୍ତଙ୍କ ପାଖରେ ରାଶନ କାର୍ଡ ଅଛି କି ଏବଂ ସେମାନେ ଏମ୍‌ଜିଏନ୍‌ଆର୍‌ଇଜିଏ ସହ ସମ୍ପୃକ୍ତ କି ଆଦି ପ୍ରଶ୍ନ ମଧ୍ୟ କରାଯିବ।

**ଜିଲାଗୁଡ଼ିକୁ କିପରି ବଛାଯିବ**

ନୀତି ଆୟୋଗର ବିକାଶ ସହଯୋଗୀ ଟାଟା ଟ୍ରଷ୍ଟସ୍ ଏବଂ ଆଇଡି ଇନ୍‌ସାଇଟ୍‌ଙ୍କୁ ନେଇ ଆକାଂକ୍ଷୀ ଜିଲାଗୁଡ଼ିକରେ ଥିବା ଗାଁର ଘରଗୁଡ଼ିକରେ ନମୁନା ସର୍ଭେ କରାଯିବ। ୨୦୧୮ ଜାନୁଆରୀ ୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସ୍‌ପିରେଶନାଲ ଡିଷ୍ଟ୍ରିକ୍ଟସ୍ ଲଞ୍ଚ କରିଥିଲେ। ଏଥିରେ ସ୍ୱାସ୍ଥ୍ୟ ଓ ପୋଷଣ, ଶିକ୍ଷା, କୃଷି ଓ ଜଳସମ୍ପଦ, ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଓ ଦକ୍ଷତା ବିକାଶ, ମୌଳିକ ଭିତ୍ତିଭୂମି ଆଦିକୁ ସାମାଜିକ ସୂଚକାଙ୍କ ଭାବେ ନିଆଯାଇଛି। ଏହି କ୍ଷେତ୍ରଗୁଡ଼ିକ ପ୍ରତ୍ୟକ୍ଷ ଭାବେ ମାନବ ବିକାଶ ସୂଚକାଙ୍କକୁ ପ୍ରଭାବିତ କରିଥାଏ।

**ସର୍ଭେ ପରିଣାମର ତାତ୍ପର୍ଯ୍ୟ**

ଏହି ସର୍ଭେରୁ ମିଳିବାକୁ ଥିବା ପରିଣାମ ଜିଲାପାଳମାନଙ୍କୁ ଏକ ନିର୍ଦ୍ଦିଷ୍ଟ ଅବଧି ପାଇଁ କ୍ଷମତା ପ୍ରଦାନ କରିବ। ଗୁରୁତ୍ୱପୂର୍ଣ୍ଣ ସୂଚନା ଆଧାରରେ ଭବିଷ୍ୟତ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯିବ। ଲୋକେ କୋଭିଡ୍-୧୯ ଉପରେ କେନ୍ଦ୍ର ସରକାରଙ୍କ ସନ୍ଦେଶକୁ କିପରି ଗ୍ରହଣ କରୁଛନ୍ତି ଓ ସେମାନଙ୍କ ପ୍ରତିକ୍ରିୟା ନେଇ ମଧ୍ୟ ଅନୁଧ୍ୟାନ କରାଯିବ। ବିଶେଷକରି ଗତମାସରେ ହୋଇଥିବା ଦାଦନ ଶ୍ରମିକଙ୍କ ଗଣପଳାୟନ ଆଦି ବିଷୟରେ ଲୋକଙ୍କ ମତାମତ ନିଆଯିବ। ଏନେଇ ନୀତି ଆୟୋଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, କେବଳ ଗୋଟିଏ ସର୍ଭେ ଏତେ ବଡ଼ ଦେଶ ପାଇଁ ଫଳପ୍ରଦ ହେବ ନାହିଁ। ଏକ ଉପଯୁକ୍ତ ଧାରଣା ଲାଗି ଲଗାତର ଭିନ୍ନ ଭିନ୍ନ ସର୍ବେକ୍ଷଣ କରାଯିବା ଜରୁରୀ।

**କେନ୍ଦ୍ରର କରୋନା ମୁକାବିଲା ରଣନୀତି**




**ଜିଲା ପ୍ରଶାସନକୁ କିପରି ସହାୟକ ହେବ**

ଜିଲା ପ୍ରଶାସନଗୁଡ଼ିକ ନିକଟକୁ ନୀତି ଆୟୋଗ ପକ୍ଷରୁ ଏକ ପତ୍ର ଲେଖାଯାଇଛି। ଏଥିରେ ଉଲ୍ଲେଖ କରାଯାଇଛି ଯେ, ପ୍ରତି ଦୁଇରୁ ତିନି ସପ୍ତାହରେ ମୋବାଇଲ୍ ଫୋନ୍ ସର୍ଭେ କରାଯିବ। ଲୋକେ କ'ଣ ଭାବୁଛନ୍ତି, ସେମାନଙ୍କ ଅନୁଭୂତି ଆଦି ସମ୍ପର୍କରେ ପଚରାଯାଇ କାର୍ଯ୍ୟକାରୀ ହେଉଥିବା ସ୍ୱାସ୍ଥ୍ୟ ଓ ଜନମଙ୍ଗଳକାରୀ ନୀତି ସମ୍ପର୍କରେ ଫିଡ୍‌ବ୍ୟାକ୍ ମିଳିବ। ଏହା ଜିଲାସ୍ତରର ଅଧିକାରୀମାନଙ୍କୁ ସୂଚନା, ଶିକ୍ଷା ଓ ଯୋଗାଯୋଗ (ଆଇଇସି) କ୍ଷେତ୍ରରେ ବିଶେଷ ସହାୟକ ହେବ ବୋଲି ବିବେଚନା କରାଯାଉଛି।

**ଆକାଂକ୍ଷୀ ଜିଲା କାର୍ଯ୍ୟକ୍ରମ**

କେନ୍ଦ୍ରର ଆକାଂକ୍ଷୀ ଜିଲା କାର୍ଯ୍ୟକ୍ରମ ଅଧୀନରେ ମୁଖ୍ୟ ମାନବ ବିକାଶ ସୂଚକାଙ୍କ ସୂଚକଗୁଡ଼ିକରେ ପଛରେ ପଡ଼ିଯାଇଥିବା ଜିଲାଗୁଡ଼ିକରେ ବ୍ୟାପକ ପରିବର୍ତ୍ତନ ଆଣିବା ପାଇଁ ନୀତି ଆୟୋଗ ଲକ୍ଷ୍ୟ ରଖିଛି। ଗତ ଜାନୁୟାରୀରେ ଜାରି ହୋଇଥିବା ର୍‍ୟାଙ୍କିଙ୍ଗ୍ ଅନୁସାରେ ଆସ୍‌ପିରେଶନାଲ ଡିଷ୍ଟ୍ରିକ୍ଟସ୍‌ରେ ଉତ୍ତରପ୍ରଦେଶର ଚନ୍ଦୋଲି ଜିଲା ସବୁଠୁ ଆଗରେ ରହିଥିଲା। ଏହା ପଛକୁ ଓଡ଼ିଶାର ବଲାଙ୍ଗୀର ଓ ଆନ୍ଧ୍ରପ୍ରଦେଶର ୱାଇଏସ୍‌ଆର୍ ଜିଲା ରହିଥିଲା।

ମିଳିଥିବା ସୂଚନାନୁସାରେ କେନ୍ଦ୍ର ସରକାର ଏକ ଟେଲି ସର୍ଭେ କଲିଙ୍ଗ୍ କାର୍ଯ୍ୟକ୍ରମ ଆରମ୍ଭ କରିବେ। ଏଥିରେ ନାଗରିକମାନଙ୍କ ମୋବାଇଲ ଫୋନ୍‌କୁ କଲ୍ କରାଯାଇ କୋଭିଡ୍-୧୯ ଲକ୍ଷଣ ଓ ସଂକ୍ରମଣ ନେଇ ଫିଡ୍‌ବ୍ୟାକ୍ ନିଆଯିବ। ନ୍ୟାଶନାଲ ଇନ୍‌ଫର୍ମେଟିକ୍ସ ସେଣ୍ଟର (ଏନ୍‌ଆଇସି)ର ଫୋନ୍ ନମ୍ବର ୧୯୨୧ରୁ ଦେଶବ୍ୟାପୀ ଲୋକଙ୍କୁ ଫୋନ୍ କରାଯିବ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ନିୟମିତ ଭାବେ କୋଭିଡ୍-୧୯ ସମ୍ପର୍କରେ ରାଜ୍ୟଗୁଡ଼ିକରୁ ଫିଡ୍‌ବ୍ୟାକ୍ ନିଆଯାଉଛି। ଏଥିସକାଶେ ରାଜ୍ୟ ସରକାରମାନେ ଜିଲାଗୁଡ଼ିକରୁ ତଥ୍ୟ ସଂଗ୍ରହ କରୁଥିବା ଜଣାପଡ଼ିଛି।

## ବିନା ପକ୍ଷପାତରେ ସହାୟତା ଦିଅ

ନାଗପୁର,୨୬।୪(ପି.ଟି.): ଦେଶ କରୋନା ମହାମାରୀର ସମ୍ମୁଖୀନ ହୋଇଥିବାବେଳେ ପରିସ୍ଥିତିର ସୁଯୋଗ ନେବାକୁ ଉଦ୍ୟମ କରୁଥିବା ରାଷ୍ଟ୍ରସ୍ୱାର୍ଥ ବିରୋଧୀ ଶକ୍ତିକୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ମୁଖ୍ୟ ମୋହନ ଭାଗବତ ସତର୍କ କରାଇଦେଇଛନ୍ତି। କରୋନା ଏବଂ ଲକ୍‌ଡାଉନ ଯୋଗୁ ପ୍ରଭାବିତ ହୋଇଥିବା ଲୋକଙ୍କୁ ବିନା ପକ୍ଷପାତରେ ସହାୟତା କରିବାକୁ ସେ ଆହ୍ୱାନ ଦେବା ସହ ଆତ୍ମନିର୍ଭରଶୀଳ ଅର୍ଥନୀତିର ବିକାଶ ଉପରେ ଗୁରୁତ୍ୱ ଦେଇଛନ୍ତି। ଏଥିପାଇଁ ଯଥାସମ୍ଭବ ଅଧିକରୁ ଅଧିକ ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର ଲାଗି ସେ ପରାମର୍ଶ ଦେଇଥିଲେ।



**ଆର୍‌ଏସ୍‌ଏସ୍ ମୁଖ୍ୟଙ୍କ ପରାମର୍ଶ**

ରବିବାର ଅନ୍‌ଲାଇନ ଯୋଗେ ଆର୍‌ଏସ୍‌ଏସ୍ କର୍ମୀଙ୍କୁ ଉଦ୍‌ବୋଧନ ଦେଇ ସେ ଧୈର୍ଯ୍ୟ ଧରିବା ଓ ଶାନ୍ତ ହେବା ଲାଗି ପରାମର୍ଶ ଦେଇଥିଲେ। ତବଲିଘି ଜମାତ୍ ଘଟଣାକୁ ଲକ୍ଷ୍ୟ କରି ଭାଗବତ କହିଥିଲେ, କିଛି ଲୋକ ସୁଯୋଗର ଅପବ୍ୟବହାର କରୁଛନ୍ତି।

## ସ୍ୱାସ୍ଥ୍ୟ ସଚିବଙ୍କ କାର୍ଯ୍ୟକାଳ ବଢ଼ିଲା

ନୂଆଦିଲ୍ଲୀ,୨୬।୪(ପି.ଟି.): କରୋନା ମୁକାବିଲାରେ ପ୍ରମୁଖ ଭୂମିକା ନେଇଥିବା କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ପ୍ରୀତି ସୂଦନଙ୍କ କାର୍ଯ୍ୟକାଳ ଏପ୍ରିଲ ୩୦ରେ ଶେଷ ହେବାକୁ ଥିବାବେଳେ ଏହାକୁ ଆଉ ୩ ମାସ ବଢ଼ାଇ ଦିଆଯାଇଛି। ପ୍ରଶାସନିକ ସ୍ତରରେ ହୋଇଥିବା ଅଦଳବଦଳ ଅନୁଯାୟୀ ୨୩ ବରିଷ୍ଠ ଆଇଏଏସ୍ ଅଫିସରଙ୍କୁ କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗରେ ସଚିବ ନିଯୁକ୍ତ କରାଯାଇଛି। ଗ୍ରାମାଞ୍ଚଳ ବିକାଶ ସଚିବ ରାଜେଶ ଭୂଷଣଙ୍କୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟରେ ଅଫିସର ଅନ୍ ସ୍ପେଶିଆଲ ଡ୍ୟୁଟି (ଓଏସ୍‌ଡି) ନିଯୁକ୍ତ କରାଯାଇଛି।



ପ୍ରୀତି ସୂଦନ




ସାମାଜିକ ଦୂରତ୍ୱ ଓ ମୁଖ ଆବରଣକୁ ବିରୋଧ କରି ଆମେରିକାସ୍ଥିତ ଅଷ୍ଟିନ୍‌ରେ ଆୟୋଜିତ 'ଓପନ୍ ଟେକ୍ସାସ୍' ରାଲିରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ମହିଳା।

## ଉହାନ୍ ହସ୍ପିଟାଲ କରୋନା ମୁକ୍ତ

ବେଜିଂ,୨୬।୪: କରୋନା ଭୂତାଣୁର ଉତ୍ପତ୍ତିସ୍ଥଳ କୁହାଯାଉଥିବା ଚାଇନାର ଉହାନ୍ ସହର ରବିବାର କରୋନା ମୁକ୍ତ ହୋଇଛି। କରୋନା ସଂକ୍ରମିତ କୌଣସି ହସ୍ପିଟାଲରେ ଚିକିତ୍ସିତ ହେଉ ନ ଥିବା ଜଣାପଡ଼ିଛି। କରୋନାର ପ୍ରକୋପ ବଢ଼ିବା ପରେ ଏଠାରେ ୭୬ଦିନିଆ ଲକ୍‌ଡାଉନ୍ ଘୋଷଣା କରାଯାଇଥିଲା। ପରେ ଏପ୍ରିଲ ୮ରେ ଏହାକୁ ଉଠାଇ ଦିଆଯାଇଥିଲା। ଉହାନ୍‌ରେ ଚିକିତ୍ସିତ ହେଉଥିବା ଶେଷ ରୋଗୀ ଶୁକ୍ରବାର ସୁସ୍ଥହୋଇ ଘରକୁ ଫେରିଥିବା ଜିନ୍‌ହୁଆ ନ୍ୟୁଜ୍ ଏଜେନ୍ସି ପକ୍ଷରୁ କୁହାଯାଇଛି। ଏଥିସହ ଗତ ଶନିବାର ହୁବେଇ ପ୍ରଦେଶରେ କୌଣସି ନୂଆ ରୋଗୀ ଚିହ୍ନଟ ହୋଇ ନ ଥିବା ଓ କାହାର ମୃତ୍ୟୁ ଘଟି ନ ଥିବା ସ୍ୱାସ୍ଥ୍ୟ କମିଶନ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରକାଶଥାଉ କି, ଉହାନ୍‌ର ୫୦,୩୩୩ ସଂକ୍ରମିତଙ୍କୁ ମିଶାଇ ହୁବେଇ ପ୍ରଦେଶରେ ମୋଟ ୬୮,୧୨୮ କରୋନା ଆକ୍ରାନ୍ତ ଥିଲେ। ଉହାନ୍‌ରେ କେବଳ ୩,୮୬୯ ଜଣଙ୍କ ମୃତ୍ୟୁ ଘଟିଛି।

## ଲକ୍‌ଡାଉନ ବେଳେ ୫୯୩ ମାମଲାର ଶୁଣାଣି

**ନୂଆଦିଲ୍ଲୀ,୨୬।୪(ପି.ଟି.):** ଦେଶବ୍ୟାପୀ ଲକ୍‌ଡାଉନର ଏକମାସ ମଧ୍ୟରେ ସୁପ୍ରିମକୋର୍ଟ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ୫୯୩ ମାମଲାର ଶୁଣାଣି କରିଥିବାବେଳେ ୨୧୫ଟିର ରାୟ ପ୍ରଦାନ କରିଛନ୍ତି। କୋଭିଡ୍-୧୯ ସଂକ୍ରମଣକୁ ନେଇ ସର୍ବୋଚ୍ଚ ଅଦାଲତ ମାର୍ଚ୍ଚ ୨୩ରୁ ଆଇନଜୀବୀ ଓ ପକ୍ଷମାନଙ୍କ ପାଇଁ ବନ୍ଦ କରିଦିଆଯାଇଥିଲା। ଏହି ସମୟରେ ସୀମିତ ବିଚାରପତିରେ କେବଳ ଗୁରୁତ୍ୱପୂର୍ଣ୍ଣ ମାମଲାର ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଶୁଣାଣି କରାଯାଇଛି।

**୨୧୫ର ରାୟ ପ୍ରକାଶ**



ସାଧାରଣ ସମୟରେ ମାସକରେ ହାରାହାରି ୩୫୦୦ ମାମଲାର ଶୁଣାଣି ହୋଇଥାଏ।

ଅଦାଲତ ପ୍ରଦତ୍ତ ତଥ୍ୟ ଅନୁଯାୟୀ ମାର୍ଚ୍ଚ ୨୩ରୁ ଏପ୍ରିଲ ୨୪ ମଧ୍ୟରେ ୧୭ କାର୍ଯ୍ୟଦିବସରେ ମୋଟ ୮୭ ଖଣ୍ଡପୀଠରେ ୫୯୩ଟି ଅତି ଜରୁରୀ ମାମଲାର ଶୁଣାଣି ହୋଇଛି। ଏହି ସମୟରେ ମୋଟ ୮୪ଟି ରିଭ୍ୟୁ ପିଟିଶନର ସମାଧାନ କରାଯାଇଛି। ଏହା ବ୍ୟତୀତ ୩୯୦ଟି ମୁଖ୍ୟ ମାମଲା ଓ ୨୦୩ଟି ସଂଯୁକ୍ତ ମାମଲାର ଶୁଣାଣି କରାଯାଇଛି।

**ମନେ ପଡ଼ନ୍ତି**

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ସୁଧିର ମହାନ୍ତି
ମାରୁତି ରେସିଡେନ୍ସି, ରଘୁନାଥପୁର, ଭୁବନେଶ୍ୱର
ଆବିର୍ଭାବ: ୧୫।୦୩।୧୯୭୨
ତିରୋଧାନ: ୧୭।୦୪।୨୦୨୦
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ମହାନ୍ତି ପରିବାରବର୍ଗ।
ଧ-୧୭୨୬୩

## ଶସ୍ତାରେ ମିଳୁ ପରୀକ୍ଷା କିଟ୍: ହାଇକୋର୍ଟ

**ନୂଆଦିଲ୍ଲୀ,୨୬।୪(ପି.ଟି.)**

ସଂକ୍ରମଣକୁ ରୋକିବାକୁ ହେଲେ ତୁରନ୍ତ କୋଭିଡ୍-୧୯ ପରୀକ୍ଷା କିଟ୍ ଶସ୍ତାରେ ଉପଲବ୍ଧ କରାଇବା ଆବଶ୍ୟକ ବୋଲି ଦିଲ୍ଲୀ ହାଇକୋର୍ଟ କହିଛନ୍ତି। ଦେଶ ଏବେ ଅଭୂତପୂର୍ବ ସ୍ୱାସ୍ଥ୍ୟ ସଙ୍କଟର ସମ୍ମୁଖୀନ ହୋଇଥିବାବେଳେ ଲୋକଙ୍କ ସ୍ୱାସ୍ଥ୍ୟର ସୁରକ୍ଷା ଲାଗି ପରୀକ୍ଷା କିଟ୍ ଶସ୍ତାରେ ମିଳିବା ଜରୁରୀ। ଚାଇନାରୁ ୧୦ ଲକ୍ଷ ପରୀକ୍ଷା କିଟ୍ ଆମଦାନି ଲାଗି ସରକାରଙ୍କ ସହ ଚୁକ୍ତି କରିଥିବା ତିନୋଟି ଘରୋଇ କମ୍ପାନୀକୁ ଜଷ୍ଟିସ୍ ନଜ୍‌ମି ୱାଜିରି ଉପରୋକ୍ତ ନିର୍ଦ୍ଦେଶନାମା ଜାରି କରିଛନ୍ତି। ୬୦୦ ଟଙ୍କା ଦରରେ କିଟ୍ ଯୋଗାଇବାକୁ ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମ୍‌ଆର୍) ଅନୁମୋଦନ କରିଛି। ବିପତ୍ତି ସମୟରେ ଜନସ୍ୱାର୍ଥକୁ ଗୁରୁତ୍ୱ ଦେଇ ୪୦୦ ଟଙ୍କାରେ କିଟ୍ ଯୋଗାଇବା ଉଚିତ ବୋଲି ହାଇକୋର୍ଟ କହିଛନ୍ତି।

# ଅନୁପ୍ରବେଶ ଅପେକ୍ଷାରେ ୩୦୦ ଆତଙ୍କବାଦୀ

ନୂଆଦିଲ୍ଲୀ/ଶ୍ରୀନଗର,୨୬।୪: କରୋନା ମହାମାରୀକୁ ଅଣଦେଖା କରି ପାକିସ୍ତାନ ଭାରତ ଭିତରକୁ ଆତଙ୍କବାଦୀ ପଠାଇ କ୍ଷତି କରିବା ଲାଗି ପ୍ରୟାସ କରୁଛି। ପ୍ରାୟ ୩୦୦ ଆତଙ୍କବାଦୀ 'ପିଓକେ'ର ନିୟନ୍ତ୍ରଣ ରେଖା ନିକଟରେ ଭାରତ ଭିତରେ ପ୍ରବେଶ ଲାଗି ଅପେକ୍ଷାରେ ଅଛନ୍ତି। ଏଥିଲାଗି ଭାରତୀୟ ସେନା ସଜାଗ ହୋଇପଡ଼ିଛି। ଭିତରକୁ ପଶିବା ଲାଗି ଉଦ୍ୟମ କଲେ ସେମାନଙ୍କୁ ଉଚିତ୍ ଶାସ୍ତି ଦିଆଯିବ ବୋଲି କହିଛନ୍ତି ଲ୍ୟୁଟନାଣ୍ଟ ଜେନେରାଲ ବି.ଏସ୍. ରାଜୁ। ସୀମାରେ ପାଟ୍ରୋଲିଂ ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଛି।

**ସୀମାରେ ସେନା ସଜାଗ**



ଅନୁପ୍ରବେଶ ଉଦ୍ୟମରେ ଥିବା ଆତଙ୍କବାଦୀ କରୋନା ସଂକ୍ରମିତ ଥିବା ଆଶଙ୍କା ଥିବାରୁ ସେନା ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ଗୋଇନ୍ଦା ସୂତ୍ରରୁ ହିଜ୍‌ବୁଲ, ଲଶ୍କର ଭଳି ନିଷିଦ୍ଧ ଆତଙ୍କବାଦୀ ସଙ୍ଗଠନର ସଦସ୍ୟଙ୍କ ଅନୁପ୍ରବେଶ ଉଦ୍ୟମ ସମ୍ପର୍କରେ ଜଣାପଡ଼ିଛି। ସୀମାରେ ୧୬ ଲଞ୍ଚପ୍ୟାଡ୍ ଏବେ ସକ୍ରିୟ ରହିଛି। ପାକିସ୍ତାନୀ ସେନା ଓ ପାକ୍ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇ ଉତ୍ତର କଶ୍ମୀରର ନୌସେରା, ଚାମ୍ବା ଆଦି ଗୁଲମର୍ଗ ଅଞ୍ଚଳରେ ଲଞ୍ଚପ୍ୟାଡ୍ କରି ଆତଙ୍କବାଦୀଙ୍କୁ ଅନୁପ୍ରବେଶ ଲାଗି ପ୍ରୋତ୍ସାହିତ କରୁଥିବା ଜଣାପଡ଼ିଛି। ପାକିସ୍ତାନ ପକ୍ଷରୁ କରୋନା ସଂକ୍ରମିତଙ୍କୁ ଭାରତ ଭିତରକୁ ପଠାଯିବା ଲାଗି ଉଦ୍ୟମ ଆଶଙ୍କା ରହିଥିବାରୁ ଅଧିକ ସତର୍କତା ଅବଲମ୍ବନ କରାଯାଉଛି।



# ଭୁବନେଶ୍ୱରରେ କୋହଳ ହେବନି ବଜାର କଟକଣା

## ବିପଦ ଟଳିନି, ଲୋକଙ୍କ ସହଯୋଗ ଆବଶ୍ୟକ: ବିଏମ୍‌ସି

ଭୁବନେଶ୍ୱର, ୨୬।୪(ବ୍ୟୁରୋ)

ଭୁବନେଶ୍ୱରରୁ ୧୧ ଦିନ ହେବ କେହି ପଜିଟିଭ୍ ଚିହ୍ନଟ ହୋଇନାହାନ୍ତି। କିନ୍ତୁ ଏବେବି ରାଜଧାନୀ ବିପଦ ଟଳି ନ ଥିବାରୁ ରେଡ୍ ଜୋନ୍‌ରେ ରହିଛି। ତେଣୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଲୋକଙ୍କ ଜୀବନକୁ ପୁଣି ଥରେ ବିପଦରେ ପକାଇବାକୁ ଚାହୁଁନାହିଁ। ଇତିମଧ୍ୟରେ ଦୋକାନ, ବଜାରକୁ ସର୍ତ୍ତମୂଳକ ଭାବେ ଖୋଲିବାକୁ କେନ୍ଦ୍ର ଓ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ଭୁବନେଶ୍ୱରରେ ବର୍ତ୍ତମାନ ଏହା କୋହଳ ହେବ ନାହିଁ। ରାଜଧାନୀବାସୀ ଏହି ନିଷ୍ପତ୍ତିରେ ସହଯୋଗ କରନ୍ତୁ ବୋଲି ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ ରବିବାର କହିଛନ୍ତି।

ସୂଚନାଯୋଗ୍ୟ, ଲକ୍‌ଡାଉନ୍ ସମୟରେ ବ୍ୟବସାୟରେ କୋହଳ କଟକଣା ନେଇ ସମସ୍ତ ନିଷ୍ପତ୍ତି ରାଜ୍ୟର ମହାନଗର ନିଗମ କମିଶନର ଓ ଜିଲାପାଳମାନେ ନେବେ ବୋଲି ଶନିବାର ମୁଖ୍ୟଶାସନ ସଚିବ ଅସିତ ତ୍ରିପାଠୀ କହିଥିଲେ। ବହୁ କଷ୍ଟ ପରେ ଭୁବନେଶ୍ୱରରେ କରୋନା ସଂକ୍ରମଣକୁ ରୋକିବାରେ ବିଏମ୍‌ସି ସକ୍ଷମ ହୋଇଛି। ତେଣୁ ଏହାକୁ ପରାସ୍ତ କରିବାକୁ ଭୁବନେଶ୍ୱରବାସୀଙ୍କ ଲକ୍ଷ୍ୟ ହେବା ଆବଶ୍ୟକ ବୋଲି ବିଏମ୍‌ସି କମିଶନର ଚୌଧାରୀ କହିଛନ୍ତି। ଭୁବନେଶ୍ୱରରେ କେଉଁ ଦୋକାନ ଖୋଲାଯିବ ଓ କେଉଁଟିକୁ ବନ୍ଦ ରଖାଯିବ ସେନେଇ ବିଏମ୍‌ସିର ବରିଷ୍ଠ ଅଧିକାରୀମାନେ ଆଲୋଚନା କରିଥିଲେ। ଦୋକାନ ବଜାର ଖୋଲିବାକୁ ଏବେ ଅନୁମତି ଦିଆଯିବ ନାହିଁ ବୋଲି ଏଥିରେ ନିଷ୍ପତ୍ତି ନିଆଯାଇଥିଲା।

### କଟକଣା ପରେ ବି ଖୋଲିଲେ

ଭୁବନେଶ୍ୱରରେ କଟକଣା କୋହଳ ହେବନାହିଁ ବୋଲି ବିଏମ୍‌ସି ପକ୍ଷରୁ ଅପରାହ୍ଣରେ କୁହାଯାଇଛି। ପୂର୍ବରୁ କୌଣସି ଘୋଷଣା ହୋଇ ନ ଥିଲେ ମଧ୍ୟ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ମୋବାଇଲ୍ ଓ ରିଚାର୍ଜ, ଚପଲ, ପାନ, ଜଳଖିଆ ଦୋକାନ ଆଦି ଖୋଲିଥିବା ଦେଖିବାକୁ ମିଳିଛି। ସାରା ଦେଶରେ କଟକଣା କୋହଳ ହୋଇଛି ସେଥିପାଇଁ ଦୋକାନ ବଜାର ଖୋଲିଛୁ ବୋଲି ବ୍ୟବସାୟୀମାନେ କହିଥିଲେ। ବିଏମ୍‌ସି ନିର୍ଦ୍ଦେଶକୁ ଏଠାରେ ଖୋଲାଖୋଲି ଉଲ୍ଲଂଘନ କରାଯାଇଛି।

### ଦୋକାନ ନ ଖୋଲିଲେ ଭୋକରେ ମରିବୁ

ଭୁବନେଶ୍ୱରରେ ଥିବା ପଞ୍ଜୀକୃତ ଉଠା ଦୋକାନୀମାନଙ୍କୁ ଘୋଷଣା କରାଯାଇଥିବା ସହାୟତା ରାଶି ଦିଆଯାଇନାହିଁ। ଦେଶରେ କଟକଣା କୋହଳ ହେବା ପରେ ବି ଭୁବନେଶ୍ୱରରେ ଦୋକାନ ଖୋଲିବାକୁ ବିଏମ୍‌ସି ରୋକ୍ ଲଗାଇଛି। ଯାହା କିଛି ଥିଲା ସରିବାକୁ ବସିଲାଣି, ଯଦି ଦୋକାନ ନ ଖୋଲିବୁ ତାହା ହେଲେ ଭୋକରେ ମରିଯିବୁ।

- ନିରଞ୍ଜନ ସାହୁ, ୟୁନିଟ୍ ୨ ମାର୍କେଟ କମ୍ପ୍ଲେକ୍ସ ଉଠା ଦୋକାନୀ

### ଲୋକଙ୍କୁ ନିୟନ୍ତ୍ରଣ କରିହୋଇ ନ ଥାନ୍ତା

ସଂକ୍ରମଣରୁ ବର୍ତ୍ତିବା ପାଇଁ ଭୁବନେଶ୍ୱରବାସୀ ରୋକ୍‌କୁ ମାନିବା ଦରକାର। ଯଦି ବ୍ୟବସାୟ କରିବାରେ କଟକଣା କୋହଳ ହୋଇଥାନ୍ତା, ତେବେ ଲୋକଙ୍କୁ ନିୟନ୍ତ୍ରଣ କରି ହୋଇ ନ ଥାନ୍ତା। ସେମାନେ ସାମାଜିକ ଦୂରତ୍ୱ ମାନି ନ ଥାନ୍ତେ।

- ସୁମିତ୍ରା ପ୍ରଧାନ, ଲେଡିଜ୍ କର୍ନରର ବ୍ୟବସାୟୀ, ରସୁଲଗଡ଼


ଭୁବନେଶ୍ୱରର ରାଜମହଲ ଛକଠାରେ ରବିବାର ଅଗ୍ନିଶମ ବାହିନୀ ପକ୍ଷରୁ ସାନିଟାଇଜେଶନ କରାଯାଉଛି।

## ସଂକ୍ଷେପରେ

### ୬ ଜିଲାବାସୀଙ୍କ କରୋନା ପରୀକ୍ଷା ଲାଗି ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ପତ୍ର

**ଭୁବନେଶ୍ୱର, ୨୬।୪(ବ୍ୟୁରୋ):** ସମ୍ବଲପୁର ସମେତ ପଡୋଶୀ ଝାରସୁଗୁଡା, ଦେବଗଡ, ବରଗଡ, ବଲାଙ୍ଗୀର, ସୋନପୁର ଓ କଳାହାଣ୍ଡି ଜିଲାକୁ ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ମେଡିକାଲ କଲେଜଠାରେ ନୂତନଭାବେ କାର୍ଯ୍ୟକ୍ଷମ ହୋଇଥିବା କରୋନା ଭୁତାଣୁ ଚିହ୍ନଟ ପରୀକ୍ଷା କେନ୍ଦ୍ର ସହିତ ଯୋଡିବା ସହ ଏ ସଂକ୍ରାନ୍ତରେ ତୁରନ୍ତ ପଦକ୍ଷେପ ନେବା ପାଇଁ ଯୁବମୋର୍ଚ୍ଚା ରାଜ୍ୟ ଭାଜପା ସଭାପତି ଟଙ୍କଧର ତ୍ରିପାଠୀ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି। ଟଙ୍କଧର ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, କରୋନା ଭୂତାଣୁ ରୋଗୀ ଚିହ୍ନଟ ପାଇଁ ରାଜ୍ୟରେ ବର୍ତ୍ତମାନ ୭ଟି ପରୀକ୍ଷଣ କେନ୍ଦ୍ର କାର୍ଯ୍ୟ କରୁଛି। ଜିଲାଗୁଡିକୁ ଭାଗ କରାଯାଇ ଉକ୍ତ ୭ଟି ପରୀକ୍ଷଣ କେନ୍ଦ୍ରରେ ପରୀକ୍ଷା ହେବା ପାଇଁ ସରକାର ନିର୍ଦ୍ଦେଶନାମା ଜାରୀ କରିଛନ୍ତି। ସ୍ୱାସ୍ଥ୍ୟସେବା ପାଇଁ ପଶ୍ଚିମ ଓଡିଶାରେ ପ୍ରମୁଖ ଡାକ୍ତରଖାନା ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ମେଡିକାଲ କଲେଜରେ କରୋନା ଭୁତାଣୁ ଚିହ୍ନଟ ପରୀକ୍ଷା କେନ୍ଦ୍ର ଆରମ୍ଭ ହୋଇଛି। ଏହି ସ୍ଥାନରେ କେବଳ ସମ୍ବଲପୁର ଜିଲାକୁ ସୀମିତ ରଖାଯାଇଛି। ଅନ୍ୟପଟେ ଭିଏସ୍ଏସ୍ ମେଡିକାଲ କଲେଜ୍ ଆଖପାଖ ଉପରୋକ୍ତ ଜିଲାବାସୀଙ୍କ ଭୁତାଣୁ ଚିହ୍ନଟ ଭୁବନେଶ୍ୱରସ୍ଥିତ ଆରଏମ୍ଆର୍‌ସି, ଏମ୍ସ ଓ ଆଇଏଲ୍ଏସ୍‌ଠାରେ କରାଯାଉଥିବାରୁ ଏହି ପ୍ରକ୍ରିୟା ବିଳମ୍ବ ହେଉଛି। ବଲାଙ୍ଗୀରଠାରେ ଅନ୍ୟ ଏକ କରୋନା ଭୁତାଣୁ ଚିହ୍ନଟ ପରୀକ୍ଷା କେନ୍ଦ୍ର କାର୍ଯ୍ୟକ୍ଷମ ନ ହେବା ପର୍ଯ୍ୟନ୍ତ ବଲାଙ୍ଗୀର, ସୋନପୁର ଓ କଳାହାଣ୍ଡି ଜିଲାକୁ ମଧ୍ୟ ଭିଏସ୍ଏସ୍ ମେଡିକାଲ୍ ସହ ଯୋଡି ହେବା ଆବଶ୍ୟକ। ତେଣୁ ଉପରୋକ୍ତ ଜିଲାବାସୀଙ୍କ କରୋନା ଭୁତାଣୁ ଚିହ୍ନଟ ପ୍ରକ୍ରିୟା ବୁର୍ଲାସ୍ଥିତ ଭିଏସ୍ଏସ୍ ମେଡିକାଲ କଲେଜଠାରେ କରିବା ପାଇଁ ଟଙ୍କଧର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

# ତଦନ୍ତ ନିର୍ଦ୍ଦେଶ ଦେଲେ ପରିବହନ ମନ୍ତ୍ରୀ

ଭୁବନେଶ୍ୱର, ୨୬।୪(ବ୍ୟୁରୋ)

**୩୮ ମତ୍ସ୍ୟଜୀବୀ ଚେନ୍ନାଇରୁ ସମୁଦ୍ର ପଥରେ ଫେରିବା ଘଟଣା**


ପଦ୍ମନାଭ ବେହେରା

କରୋନା(କୋଭିଡ-୧୯) ଲକ୍‌ଡାଉନ ଯୋଗୁ ଅନ୍ୟ ରାଜ୍ୟରେ ଫସି ରହିଥିବା ଶ୍ରମିକମାନେ ଅତିଷ୍ଠ ହୋଇପଡ଼ିଲେଣି। ରିଲିଫ କ୍ୟାମ୍ପରେ ସେମାନଙ୍କୁ ଉପଯୁକ୍ତ ଖାଦ୍ୟ ଓ ଚିକିତ୍ସା ସୁବିଧା ମିଳୁ ନାହିଁ। ମାନସିକସ୍ତରରେ ମଧ୍ୟ ଅନେକେ ଭାଙ୍ଗି ପଡ଼ିଛନ୍ତି। ଲକ୍‌ଡାଉନ କେବେ ଖୋଲିବ, କାମଧନ୍ଦା ମିଳିବ କି ନାହିଁ, ଏହି ଚିନ୍ତାରେ ଘାରି ହୋଇ ଶ୍ରମିକମାନେ ଘର ମୁହାଁ ହେଉଛନ୍ତି। ସେମାନଙ୍କୁ ରୋକିବା ରାଜ୍ୟ ସରକାରଙ୍କ ପକ୍ଷେ କଷ୍ଟକର ହୋଇ ପଡୁଛି। ଏହି କ୍ରମରେ ୩୮ଜଣ ମତ୍ସ୍ୟଜୀବୀ ଏକ ଡଙ୍ଗାରେ ଚେନ୍ନାଇରୁ ୫ଦିନ ସମୁଦ୍ର ପଥ ଦେଇ ଶନିବାର ଗଞ୍ଜାମ ଜିଲାରେ ପହଞ୍ଚିଛନ୍ତି। ଲକ୍‌ଡାଉନ ଥିବାବେଳେ କେଉଁ ପରିସ୍ଥିତିରେ ଶ୍ରମିକମାନେ ଏତେଦୂର ସମୁଦ୍ର ବାଟଦେଇ ଆସିଲେ ସେ ନେଇ ତଦନ୍ତ କରିବାକୁ ରବିବାର ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ ଡଙ୍ଗାକୁ ଜବତ କରାଯିବା ସହ ଜଳ ପଥରେ ଆଉ କିଏ ଆସୁଛନ୍ତି କି ନାହିଁ ତାହା ଉପରେ ନଜର ରଖାଯାଇଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।

ଏଠରେ ସୂଚନା ଯୋଗ୍ୟ ଯେ, ୩୮ ମତ୍ସ୍ୟଜୀବୀଙ୍କ ମଧ୍ୟରୁ ୨୯ଜଣ ଓଡ଼ିଶାର ହୋଇଥିବାବେଳେ ୯ଜଣ ଆନ୍ଧ୍ରପ୍ରଦେଶର ବୋଲି ଜଣାପଡ଼ିଛି। ସେମାନେ ଚେନ୍ନାଇରେ ମାଛ ବ୍ୟବସାୟୀ ଭାବେ କାର୍ଯ୍ୟ କରୁଥିଲେ। ୫ଦିନ ଜଳପଥରେ ଯାତ୍ରା କରିବା ପରେ ସେମାନେ ଶନିବାର ଗଞ୍ଜାମ ଜିଲାର ରିଙ୍କିଟି ନିକଟରେ ପହଞ୍ଚିଥିଲେ। ସେହି ମତ୍ସ୍ୟଜୀବୀଙ୍କୁ ଏବେ କ୍ୱାରାଣ୍ଟାଇନରେ ରଖାଯାଇଛି। ସେମାନଙ୍କଠାରେ କରୋନା ଲକ୍ଷଣ ରହିଛି କି ନାହିଁ ସେ ନେଇ ସ୍ୱାବ ନମୁନା ପରୀକ୍ଷା କରିବାକୁ ଜିଲା ପ୍ରଶାସନକୁ ପଠାଯାଇଛି।

# ଭାଜପା ନେତାଙ୍କ ଅକ୍ଷିମୁଠି ଅନୁକୂଳ

**ଭୁବନେଶ୍ୱର, ୨୬।୪(ବ୍ୟୁରୋ):** ପବିତ୍ର ଅକ୍ଷୟ ତୃତୀୟା ଓଡିଶାର ପାରମ୍ପରିକ କୃଷିଭିତିକ ପର୍ବ ଏବଂ କୃଷକର ଆଦ୍ୟ ଅନୁକୂଳ ପର୍ବ ଭାବେ ପରିଚିତ। କୃଷକ ନିଜ ପରିବାର ସହ ବର୍ଷ ତମାମ୍ ନିଜ ତୁଣ୍ଡ ଝାଳ ମୁଣ୍ଡରେ ମାରି ଲହୁଲୁହାଣ ହୋଇ ବର୍ଷା ଓ ଖରାକୁ ଖାତିର ନ କରି ଖାଦ୍ୟ ଶସ୍ୟ ସଂଗ୍ରହ ପାଇଁ ମାଟି ସହିତ ମାଟି ହୋଇ ଲାଗିଥାଏ ବୋଲି ଭାଜପା କୃଷକ ମୋର୍ଚ୍ଚା ରାଷ୍ଟ୍ରୀୟ ଉପସଭାପତି ମହେଶ୍ୱର ସାହୁ କହିଛନ୍ତି। ସେ କେନ୍ଦୁଝର ଜିଲା ଆନନ୍ଦପୁର ଅନ୍ତର୍ଗତ ପଦ୍ମପୁରଠାରେ ଅକ୍ଷିମୁଠୀ ଅନୁକୂଳ କରି କହିଛନ୍ତି ଯେ, ଏହି ପବିତ୍ର ତିଥି ପ୍ରତ୍ୟେକ ଚାଷୀ ପରିବାର ପାଇଁ ଆନନ୍ଦ ଓ ଉଲ୍ଲାସର ଦିନ। ଏବେ ଯେତେବେଳେ ପ୍ରଭୁ ଜଗନ୍ନାଥଙ୍କ ରଥକାଠର ଅନୁକୂଳ କରାଯାଏ ଏବଂ ପୁରପଲ୍ଲୀରେ ବିଭିନ୍ନ ଶୁଭ ଅନୁକୂଳ କାର୍ଯ୍ୟ କରାଯାଏ, ସେତିକିବେଳେ କୃଷକଟିଏ ନିଜ କ୍ଷେତରେ ଅକ୍ଷୀମୁଠି ଅନୁକୂଳ କରି ଚାଷ କାମର ଶୁଭାରମ୍ଭ କରିଥାଏ। ସମ୍ପ୍ରତି କରୋନା ଭୂତାଣୁ ପ୍ରଭାବରେ ରାଜ୍ୟରେ ଲକ୍‌ଡାଉନ୍ କଟକଣା ଲାଗୁ ହୋଇଥିବା ସତ୍ତ୍ୱେ ଭାଜପା କୃଷକ ମୋର୍ଚ୍ଚା କାର୍ଯ୍ୟକର୍ତ୍ତାମାନେ ରାଜ୍ୟର ବିଭିନ୍ନ ସ୍ଥାନରେ ସାମାଜିକ ଦୂରତାକୁ ଗୁରୁତ୍ୱ ଦେଇ ମୁହଁରେ ମାସ୍କ ପିନ୍ଧି ଅକ୍ଷୀମୁଠି ଅନୁକୂଳ କରିଛନ୍ତି। ଲୋଇସିଙ୍ଗା ବିଧାୟକ ମୁକେଶ ମହାଲିଙ୍ଗ ମଧ୍ୟ ନିଜ କ୍ଷେତରେ ଅକ୍ଷିମୁଠି ଅନୁକୂଳ କରିଛନ୍ତି। ସେହିପରି ଅନ୍ୟ ନେତାମାନେ ମଧ୍ୟ ନିଜନିଜ ଅଞ୍ଚଳରେ ଅକ୍ଷିମୁଠୀ ଅନୁକୂଳ କରିଛନ୍ତି।

# କୋଭିଡ୍-୧୯ ଉପରେ ଭିଡିଓ ଗେମ୍ ତିଆରି କଲେ ଇଟାଲୀର ୯ ବର୍ଷୀୟ ବାଳକ

ମିଲାନ,୨୬।୪




କରୋନା ଭାଇରସ୍(କୋଭିଡ୍-୧୯)କୁ ପ୍ରତିହତ କରିବା ପାଇଁ ବିଶ୍ୱର ବିଭିନ୍ନ ଦେଶରେ ଜାରି ହୋଇଥିବା ଲକ୍‌ଡାଉନ ଯୋଗୁ ଲୋକେ ଦୀର୍ଘଦିନ ଧରି ଘରେ ରହିବାକୁ ବାଧ୍ୟ ହୋଇଛନ୍ତି। ନାନା ଅସୁବିଧା ମଧ୍ୟରେ ରହି ସେମାନେ ଭିନ୍ନ ଭିନ୍ନ ଉପାୟରେ ଏହି ସମୟକୁ ଅତିବାହିତ କରିଛନ୍ତି। ପିଲାମାନଙ୍କ ଅସୁବିଧା ମଧ୍ୟ କିଛି କମ୍ ନୁହେଁ। ସେମାନଙ୍କ ପାଠପଢ଼ା, ଖେଳକୁଦ, ବ୍ୟାୟାମ ବହୁଳ ଭାବେ ପ୍ରଭାବିତ ହୋଇଛି। ଦିନ ଦିନ ଧରି ଘରେ ରହିବା ସେମାନଙ୍କ ପାଇଁ ଯନ୍ତ୍ରଣାଦାୟକ ହୋଇଛି। ଏହି ସମୟରେ ଅନେକ ପିଲା ହୋମ୍ ସ୍କୁଲିଂର ମାନିଆ ହୋଇପଡ଼ିଥିବାବେଳେ ଇଟାଲୀର ୯ ବର୍ଷୀୟ ବାଳକ ଲୁପୋ ଡାଟୁରୀ କିନ୍ତୁ କୋଭିଡ୍-୧୯ ସହ ଭିନ୍ନ ଲଢ଼େଇ ଚଳାଇଛନ୍ତି।

ଇଟାଲୀର ମିଲାନ ସହର ଉପକଣ୍ଠରେ ରହୁଥିବା ଲୁପୋ ହେଉଛନ୍ତି ଚତୁର୍ଥ ଶ୍ରେଣୀର ଛାତ୍ର। ସେ ରହୁଥିବା ଅଞ୍ଚଳର ଅଧିବାସୀମାନେ ଗତ ମାର୍ଚ୍ଚ ୪ ତାରିଖରୁ ଲକ୍‌ଡାଉନରେ ରହିଛନ୍ତି। ଏହି ସମୟରେ ଲୁପୋ ତାଙ୍କ ସାଙ୍ଗମାନଙ୍କ ସହ ଖେଳିବା ପାଇଁ ତିଆରି କରିଛନ୍ତି କୋଭିଡ୍-୧୯ ଉପରେ ଆଧାରିତ ଭିଡିଓ ଗେମ୍ 'ସେର୍ବା-୨୦'। ଲୁପୋ କୁହନ୍ତି, କୋଭିଡ୍-୧୯ ସଂକ୍ରମଣ ଯୋଗୁ ସେ ତାଙ୍କ ସବୁ ଖେଳକୁଦ ବନ୍ଦ କରିଦେଇଛନ୍ତି। ଏପରିକି ନିଜ ପୋଷା କୁକୁର ସହ ପୋଖରୀକୁ ଯାଇପାରୁନାହାନ୍ତି। ସ୍କିଇଙ୍ଗ୍, ସୁଇମିଂ ଓ କରାଟେ ବଦଳରେ ଏକ୍ସରସାଇଜ୍ ବାଇକ ବ୍ୟବହାର କରୁଛନ୍ତି। ଏହିସବୁରୁ ତାଙ୍କୁ ପ୍ରୋଗ୍ରାମିଂ କରିବା ପାଇଁ ଇଚ୍ଛା ହେଲା। ଏଭଳି ଆଗ୍ରହ ସେ ତାଙ୍କ ବାପା ମାର୍କୋ(ଜଣେ ବ୍ୟବସାୟିକ ମ୍ୟାନେଜର)ଙ୍କୁ ଜଣାଇଥିଲେ। ଏହାପରେ ସେ ଅନ୍‌ଲାଇନ୍ ଟ୍ୟୁଟୋରିଆଲ ସହାୟତାରେ ତିଆରି କରିଥିଲେ ଭିଡିଓ ଗେମ୍ 'ସେର୍ବା-୨୦'। ଏହି ଖେଳର ଲକ୍ଷ୍ୟ ହେଉଛି 'ଖୋଜିବା ଏବଂ ବିନାଶ କରିବା', ଯାହାକି ଲେଜର୍ ଦ୍ୱାରା ଖେଳାଯାଏ। ଏଥିରେ ଖେଳାଳି 'ସେର୍ବା-୨୦' ସ୍ପେଶ୍‌କ୍ରାଫ୍ଟର କ୍ୟାପଟେନ ଚେୟାରରେ ରହିଥାଏ ଏବଂ ତା' ସାମ୍ନାରେ ଶତ୍ରୁ ହେଉଛି କୋଭିଡ୍-୧୯। ଲୁପୋ ଏହି ଗେମ୍ ତାଙ୍କ ସାଙ୍ଗମାନଙ୍କ ସହ ଖେଳୁଛନ୍ତି। ହେଲେ କିପରି ପ୍ରୋଗ୍ରାମିଂ କରାଯାଏ ତାହା ସେମାନଙ୍କୁ ଶିକ୍ଷାଦେବା ହେଉଛି ତାଙ୍କର ଲକ୍ଷ୍ୟ। ଲୁପୋଙ୍କୁ ପ୍ରୋଗ୍ରାମିଂ କରିବା ପାଇଁ ତାଙ୍କ ଶିକ୍ଷକମାନଙ୍କ ପକ୍ଷରୁ ମଧ୍ୟ ଅନୁରୋଧ କରାଯାଇଛି, ଯାହା କୌଣସି ଖେଳ ପାଇଁ ବରଂ ଆବଶ୍ୟକ କାମରେ ଆସିପାରିବ। ଲୁପୋଙ୍କ ଭିଡିଓ ଗେମ୍ ଭାଇରାଲ ହୋଇଥିବାରୁ ତାଙ୍କ ମା' ଫ୍ରାନ୍ସେସ୍କା ଜମ୍ବୋନିନ୍ ଖୁସି ବ୍ୟକ୍ତ କରିଛନ୍ତି। ଏଭଳି କାର୍ଯ୍ୟ ଲୁପୋଙ୍କୁ ଅଧିକ କିଛି କରିବାକୁ ଖୋରାକ ଯୋଗାଇବ ବୋଲି ସେ କହିଛନ୍ତି।

# ଆଜି ଶପଥ ନେବେ ହାଇକୋର୍ଟ ମୁଖ୍ୟ ବିଚାରପତି ମହମ୍ମଦ ରଫିକ୍

କଟକ ଅଫିସ୍,୨୬।୪

**ଲୋକସେବା ଭବନରେ ହେବ ଶପଥ ଉତ୍ସବ**


ମୁଖ୍ୟ ବିଚାରପତି ମହମ୍ମଦ ରଫିକ୍‌ଙ୍କୁ ବିମାନ ବନ୍ଦରରେ ସ୍ୱାଗତ କରି ନିଆଯାଉଛି।

ଓଡ଼ିଶା ହାଇକୋର୍ଟର ୩୧ତମ ନୂତନ ମୁଖ୍ୟ ବିଚାରପତି ଭାବେ ଜଷ୍ଟିସ୍ ମହମ୍ମଦ ରଫିକ୍ ସୋମବାର ଶପଥ ଗ୍ରହଣ କରିବେ। ଲୋକସେବା ଭବନ ରାଜ୍ୟ କନ୍‌ଭେନ୍‌ସନ୍ ହଲ୍‌ରେ ସକାଳ ୯ଟା ବେଳେ ଶପଥ ଗ୍ରହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ତାଙ୍କୁ ପଦ ଏବଂ ଗୋପନୀୟତାର ଶପଥ ପାଠ କରାଇବେ। ରବିବାର ଜଷ୍ଟିସ୍ ରଫିକ୍ ଏକ ସ୍ୱତନ୍ତ୍ର ବିମାନରେ ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ପହଞ୍ଚିଥିଲେ। ସେଠାରୁ ତାଙ୍କୁ କାର୍ଯ୍ୟକାରୀ ମୁଖ୍ୟବିଚାରପତି ସଞ୍ଜୁ ପଣ୍ଡା ଏବଂ ଅନ୍ୟମାନେ ସ୍ୱାଗତ କରିଥିଲେ। ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ୍ କେ.ଏସ୍.ଝାବେରୀ ଅବସର ଗ୍ରହଣ କରିବା ପରେ ଜାନୁୟାରୀ ୪ରୁ ବରିଷ୍ଠ ବିଚାରପତି କୁମାରୀ ସଞ୍ଜୁ ପଣ୍ଡା କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଭାବେ ଦାୟିତ୍ୱରେ ଥିଲେ। ରଫିକ୍ ମୁଖ୍ୟ ବିଚାରପତି ଭାବେ ଯୋଗଦେବା ପରେ ହାଇକୋର୍ଟ ବିଚାରପତିଙ୍କ ସଂଖ୍ୟା ୧୫ରେ ପହଞ୍ଚିବ।

ସୂଚନାଯୋଗ୍ୟ, ଜଷ୍ଟିସ୍ ରଫିକ୍ ଏହା ପୂର୍ବରୁ ମେଘାଳୟ ହାଇକୋର୍ଟର ମୁଖ୍ୟ ବିଚାରପତି ଥିଲେ। ଓଡ଼ିଶା ହାଇକୋର୍ଟକୁ ତାଙ୍କର ବଦଳି ପାଇଁ ସୁପ୍ରିମକୋର୍ଟଙ୍କ କଲେଜିୟମ୍ ଗତ ୧୮ତାରିଖରେ ସୁପାରିସ କରିଥିଲେ। ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ମୋହର ବାଜିବା ପରେ ୨୩ତାରିଖରେ ଏନେଇ କେନ୍ଦ୍ର ଆଇନ ମନ୍ତ୍ରଣାଳୟ ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଜଷ୍ଟିସ୍ ରଫିକ୍ ୨୦୦୬ ମେ'ରେ ରାଜସ୍ଥାନ ହାଇକୋର୍ଟର ବିଚାରପତି ଭାବେ ନିଯୁକ୍ତି ହୋଇଥିଲେ। ପରେ ଦୁଇଥର ରାଜସ୍ଥାନ ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଭାବେ ଦାୟିତ୍ୱ ସମ୍ଭାଳିଛନ୍ତି। ୨୦୧୯ ନଭେମ୍ବର ୧୩ ରେ ମେଘାଳୟ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ କାର୍ଯ୍ୟଭାର ଗ୍ରହଣ କରିଥିଲେ।

# ବଜ୍ରପାତରେ ୩ ନାବାଳକ ମୃତ

ନବରଙ୍ଗପୁର,୨୬।୪(ବି.ପ୍ର.)

ନବରଙ୍ଗପୁର ବ୍ଲକ ଚଟାହାଣ୍ଡି ପଞ୍ଚାୟତ ବଡସିଆଗୁଡା ଗ୍ରାମରେ ରବିବାର ବଜ୍ରପାତ ଘଟି ୩ଜଣ ନାବାଳକଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଗ୍ରାମର ଲଳିତ ବିନ୍ଧାଣି(୧୭), ମତିରାମ ବିନ୍ଧାଣି (୧୪) ଓ କଦମ ହରିଜନ(୧୬)। ଖବରରୁ ଜଣାପଡିଛି ଏହି ୩ଜଣ ସନ୍ଧ୍ୟାରେ ସାଥିହୋଇ ଜମିକୁ ଶୌଚ ହେବାକୁ ଯାଉଥିବା ବେଳେ ପବନ ବୋହି ଘଡଘଡି ସହ ବର୍ଷା ହୋଇଥିଲା। ହଠାତ୍ ବଜ୍ରପାତ ହେବାରୁ ଲଳିତ, ମତିରାମ ଓ କଦମ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ୧୦୮କୁ ଜଣାଇଥିଲେ। ତୁରନ୍ତ ୧୦୮ ଆମ୍ବୁଲାନ୍ସ ଯୋଗେ ସେମାନଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ମାତ୍ର ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ସମସ୍ତଙ୍କ ମୃତଦେହ ସୋମବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଜଣାପଡିଛି।

# ଚାଷ ପାଇଁ ପଡ଼ିଲା ମୂଳଦୁଆ, ଅକ୍ଷିମୁଠି ଅନୁକୂଳ କଲେ ଚାଷୀ

ଭୁବନେଶ୍ୱର,୨୬।୪(ବ୍ୟୁରୋ)

- ଚାଷୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା
- ପାଳନ ହେଲାନି ରାଜ୍ୟସ୍ତରୀୟ ଅକ୍ଷିମୁଠି ଅନୁକୂଳ
- ନୟାଗଡରେ ଅକ୍ଷିମୁଠି ଅନୁକୂଳ କଲେ କୃଷି ମନ୍ତ୍ରୀ
- ଆଠଗଡରେ ସମବାୟ ମନ୍ତ୍ରୀ, ଖୋର୍ଦ୍ଧାରେ ଜଟଣୀ ବିଧାୟକଙ୍କ ଅକ୍ଷିମୁଠି ଅନୁକୂଳ


କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ଅରୁଣ ସାହୁ ନୟାଗଡ଼ଠାରେ ଏକ ବିଲରେ ହଳ କରୁଛନ୍ତି।

ବିଶ୍ୱାସ ରହିଛି ପବିତ୍ର ଅକ୍ଷୟ ତୃତୀୟା ତିଥିରେ ସମସ୍ତ ଶୁଭ କାର୍ଯ୍ୟର ଅନୁକୂଳ କରାଯାଇଥାଏ। କେଉଁ ଅନାଦି କାଳରୁ ପ୍ରଚଳିତ ହୋଇ ଆସୁଥିବା ଏହି ପରମ୍ପରାକୁ ଆଖିରେ ରଖି ଏହି ଦିନ ଚାଷୀପୁଅ ଚାଷ କାର୍ଯ୍ୟ ଆରମ୍ଭ କରିଥାଏ। ଚଳିତ ବର୍ଷ ମହାମାରୀ କରୋନା(କୋଭିଡ-୧୯) ଯୋଗୁ ଲକ୍‌ଡାଉନ ଜାରି ରହିଥିବା ସତ୍ତ୍ୱେ ଚାଷୀ ଏହି ପବିତ୍ର ଦିନରେ ଅକ୍ଷିମୁଠି ଅନୁକୂଳ କରିଛି। ରାଜ୍ୟର ବିଭିନ୍ନ ସ୍ଥାନରେ ଚାଷୀମାନେ ଏହି ପବିତ୍ର ଦିନରେ ନିଜର ଇଷ୍ଟ ଦେବଙ୍କୁ ସ୍ମରଣ କରି ବିହନ ଅନୁକୂଳ କରିଛନ୍ତି। ରବିବାର ସକାଳୁ ସକାଳୁ ଗାଧୋଇ ଶୁଦ୍ଧପୂତ ହୋଇ ଧଳା ଲୁଗା ପିନ୍ଧି ମୁଣ୍ଡରେ ଧାନବିହନ ଥିବା ଅକ୍ଷିମୁଠି ବେତ୍ତୁଲିକୁ ଧରି ଚାଷୀମାନେ ବିଲକୁ ଯାଇ ଐଶାନ୍ୟ କୋଣରେ ମା' ଲକ୍ଷ୍ମୀଙ୍କୁ ପୂଜାର୍ଚ୍ଚନା କରି ଧାନ ଅନୁକୂଳ କରିଛନ୍ତି। ଗତ କିଛି ଦିନ ହେବ ରାଜ୍ୟରେ ବର୍ଷା ଲାଗି ରହିଛି। କେତେକ ସ୍ଥାନରେ ବିଲରେ ପାଣି ଜମି ରହିଥିବାରୁ ଚାଷୀମାନେ ହଳ ଲଙ୍ଗଳ ନ ନେଇ କୋଦାଳରେ ହାଣି ବିହନ ଅନୁକୂଳ କରିଛନ୍ତି। ଚଳିତ ବର୍ଷ ପାଗ ଅନୁକୂଳ ରହିଥିବାରୁ ଭଲ ଫସଲ ଅମଳ ଆଶା ରଖିଛି ଚାଷୀ। ଅନେକ ଉତ୍ସାହ ଉଦ୍ଦୀପନାରେ ଚାଷୀମାନେ ଏହି ପର୍ବକୁ ପାଳନ କରିଛନ୍ତି। ତେବେ ପୂର୍ବବର୍ଷ ଭଳି ଚଳିତ ବର୍ଷ କରୋନା ମହାମାରୀ ଯୋଗୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅକ୍ଷିମୁଠି ଅନୁକୂଳ କରିପାରିନାହାନ୍ତି। କିନ୍ତୁ ଏହି ପବିତ୍ର ଦିବସରେ ଚାଷୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ କୋଭିଡ-୧୯ ମହାମାରୀ ସଂକ୍ରମଣକୁ ପ୍ରତିହତ କରିବା ପାଇଁ ସାମାଜିକ ଦୂରତ୍ୱ ବଜାୟ ରଖିବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି।

ଲକ୍‌ଡାଉନ ଯୋଗୁ ସମସ୍ତ ପ୍ରକାର ସରକାରୀ କାର୍ଯ୍ୟକ୍ରମ ବନ୍ଦ ଥିବାରୁ, କେବଳ ପରମ୍ପରାକୁ ରକ୍ଷା କରିବା ସହ ଚାଷୀଙ୍କ ମନରେ ଉତ୍ସାହ ଭରିବା ପାଇଁ ବିଭିନ୍ନ ସ୍ଥାନରେ ରାଜନେତା ଓ ମନ୍ତ୍ରୀମାନେ ଅକ୍ଷିମୁଠିର ଶୁଭାରମ୍ଭ କରିଛନ୍ତି। ନୟାଗଡ଼ଠାରେ କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ଅରୁଣ ସାହୁ କ୍ଷେତକୁ ଯାଇ ପୂଜା ପାଠ କରି ହଳ ଲଙ୍ଗଳ ଧରି ଧାନ ବୁଣି ଚାଷୀଙ୍କ ସାଙ୍ଗରେ ଅକ୍ଷିମୁଠି ଅନୁକୂଳ କରିଛନ୍ତି। ସେହିପରି ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଆଠଗଡ ବ୍ଲକ ଗଦାଧରପୁରରେ ଅକ୍ଷିମୁଠି ଅନୁକୂଳ କରିଛନ୍ତି। ସାମାଜିକ ଦୂରତା ରକ୍ଷା କରି ବିଧି ଅନୁଯାୟୀ ରାସ୍ତା ପାର୍ଶ୍ୱରେ ଥିବା ଜଣେ ଚାଷୀଙ୍କ ବିଲରେ ଅକ୍ଷିମୁଠି ଅନୁକୂଳ କରିଛନ୍ତି। କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ ଖୋର୍ଦ୍ଧା ଜିଲାର ଜାମୁକୋଳି ପଞ୍ଚାୟତରେ ପୂଜାପାଠ କରି ଅକ୍ଷିମୁଠି ଅନୁକୂଳ କରିଛନ୍ତି। ଲକ୍‌ଡାଉନ ନିୟମକୁ ପାଳନ କରି ସାମାଜିକ ଦୂରତା ରକ୍ଷାକରି ମୁହଁକୁ କପଡ଼ାରେ ଘୋଡାଇ ବିଲରେ ପୂଜା କରୁଥିବା ଦେଖିବାକୁ ମିଳିଥିଲା। ଏଥିସହିତ କଂଗ୍ରେସ କୃଷକ ସେଲ୍ ପକ୍ଷରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଅକ୍ଷିମୁଠି ଅନୁକୂଳ କରାଯାଇଛି। ନୀଳଗିରି, ରିଆମାଳ, ନନକେରା, ବଳଦା, ସାଲେପୁର, କୁଲଝରିନି, ହିଲକାଟ ସମେତ ରାଜ୍ୟର ୬୫ଟି ସ୍ଥାନରେ ସାମାଜିକ ଦୂରତ୍ୱ ଏବଂ ଲକଡାଉନ ନିୟମ ପାଳନ କରାଯାଇ ଅକ୍ଷିମୁଠି ଅନୁକୂଳ କରାଯାଇଥିବା କୃଷକ ସେଲର ଅଧ୍ୟକ୍ଷ ଅମୀୟ ପଟ୍ଟନାୟକ ସୂଚନା ଦେଇଛନ୍ତି।



# କରୋନା ମୁକାବିଲା: ବରିଷ୍ଠ ଅଧିକାରୀଙ୍କ ମଧ୍ୟରେ ଦାୟିତ୍ୱ ବଣ୍ଟନ

**ଭୁବନେଶ୍ୱର,୨୬।୪(ବ୍ୟୁରୋ):** ରାଜ୍ୟରେ କରୋନା ମୁକାବିଲା ପାଇଁ ସରକାରଙ୍କ ପକ୍ଷରୁ ଆରମ୍ଭରୁ ସତର୍କତା ଅବଲମ୍ବନ କରାଯାଇଛି। ସାମାଜିକ ଦୂରତା ନିୟମକୁ ପାଳନ କରିବା ପାଇଁ ବିଧାନସଭା ବଜେଟ ଅଧିବେଶନକୁ ହ୍ରାସ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଅନ୍ୟ ଲୋକପ୍ରତିନିଧିମାନେ ବିଧାନସଭା ପରିସରରୁ ହାତଧୁଆ କାର୍ଯ୍ୟକ୍ରମ କରି ସଚେତନତାର ବାର୍ତ୍ତା ଦେଇଥିଲେ। ମୁଖ୍ୟ ଶାସନ ସଚିବ ଅସୀତ ତ୍ରିପାଠୀ ସମସ୍ତ ପ୍ରଶାସନିକ କାର୍ଯ୍ୟର ପ୍ରତିଦିନ ସମୀକ୍ଷା କରି ଆସୁଛନ୍ତି। ଅନୁରୂପଭାବେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଜିଲାୱାରି ଗସ୍ତକରି ସ୍ୱାସ୍ଥ୍ୟ ଭିତ୍ତିଭୂମି ସମୀକ୍ଷା ଜାରି ରଖିଛନ୍ତି। ଏତଦ୍‌ବ୍ୟତୀତ ଉନ୍ନୟନ କମିଶନର ସୁରେଶ ମହାପାତ୍ର ଏବଂ କୃଷି ବିଭାଗ ପ୍ରମୁଖ ସଚିବ ସୌରଭ ଗର୍ଗ ସ୍ୱତନ୍ତ୍ର କୋଭିଡ ହସ୍ପିଟାଲ ପ୍ରତିଷ୍ଠା ନେଇ କାର୍ଯ୍ୟ କରୁଛନ୍ତି। କୃଷି ଉତ୍ପାଦନ କମିଶନର ପ୍ରଦୀପ୍ତ ମହାପାତ୍ର ସାମାଜିକ ଦୂରତା, ଗୃହ ପ୍ରମୁଖ ସଚିବ ସଞ୍ଜୀବ ଚୋପ୍ରା ପ୍ରବାସୀ ଓଡ଼ିଆଙ୍କ ସମସ୍ୟାର ସମାଧାନ, ଶ୍ରମ ବିଭାଗର ପ୍ରମୁଖ ସଚିବ ଅନୁ ଗର୍ଗ କୋଭିଡ ସମ୍ପର୍କିତ ପ୍ରଶିକ୍ଷଣ ଏବଂ ପୂର୍ତ୍ତ ସଚିବ କ୍ରିଷନ କୁମାର ଅନ୍ୟ ରାଜ୍ୟରୁ ଫେରୁଥିବା ଓଡ଼ିଆଙ୍କ ପଞ୍ଜୀକରଣ କାର୍ଯ୍ୟର ତଦାରଖ କରୁଛନ୍ତି। ସେହିପରି ଜଳ ସମ୍ପଦ ବିଭାଗ ପ୍ରମୁଖ ସଚିବ ସୁରେନ୍ଦ୍ର କୁମାର ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ, ଶିଳ୍ପ ପ୍ରମୁଖ ସଚିବ ହେମନ୍ତ ଶର୍ମାଙ୍କୁ ଅତ୍ୟାବଶ୍ୟକ ମେଡିକାଲ ସାମଗ୍ରୀ ପ୍ରସ୍ତୁତି ଓ ଯୋଗାଣ ଦାୟିତ୍ୱ ପ୍ରଦାନ କରାଯାଇଛି। କ୍ରୀଡ଼ା ସଚିବ ବିଶାଲ ଦେବ ଏବଂ ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ଆର୍ ଯାଦବଙ୍କୁ ମୁଖ୍ୟ ଶାସନ ସଚିବଙ୍କ ଓଏସ୍‌ଡି ଭାବେ ନିଯୁକ୍ତ କରାଯାଇଛି। କ୍ରୀଡ଼ା ନିର୍ଦ୍ଦେଶକ ଆର୍ ଭିନିଲକ୍ରିଷ୍ଣାଙ୍କୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ)ର ମୁଖ୍ୟ ପରାମର୍ଶଦାତାଙ୍କ ଓଏସ୍‌ଡି ଭାବେ ନିଯୁକ୍ତି ଦିଆଯାଇଛି। ଏମାନଙ୍କ ବ୍ୟତୀତ ଓସେପା, ଏସ୍‌ପିଡି ବି.ଏସ. ପୁନିଆ, ସାମାଜିକ କଲ୍ୟାଣ ନିର୍ଦ୍ଦେଶକ ଅରବିନ୍ଦ ଅଗ୍ରୱାଲ, ୨୦୦୭ ବ୍ୟାଚର ଅଧିକାରୀ ସୋମେଶ କୁମାର ଉପାଧ୍ୟାୟ, ପି.ଅନ୍ୱେଷ ରେଡ୍ଡି, ହେମ୍ କାନ୍ତ ସାଏଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ ନିଯୁକ୍ତି ଦିଆଯାଇଛି। ସେହିପରି ଆଇପିଏସ୍ ଅଧିକାରୀ ଘନଶ୍ୟାମ ଉପାଧ୍ୟାୟ, ଜୟନାରାୟଣ ପଙ୍କଜ ଏବଂ ଅନିରୁଦ୍ଧ କୁମାର ସିଂଙ୍କୁ ସ୍ୱାସ୍ଥ୍ୟ ବିଭାଗରେ ବିଶେଷ ନିଯୁକ୍ତି ଦିଆଯାଇଛି।

# ରାଜେଶ ବର୍ମାଙ୍କୁ କର୍ପୋରେଟ ବ୍ୟାପାର

**ଭୁବନେଶ୍ୱର,୨୬।୪(ବ୍ୟୁରୋ):** ଓଡ଼ିଆ କ୍ୟାଡର ଆଇଏଏସ୍ ଅଧିକାରୀ ରାଜେଶ ବର୍ମାଙ୍କୁ କେନ୍ଦ୍ର ସରକାରଙ୍କ କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟର ସଚିବ ରୂପେ ନିଯୁକ୍ତି ଦିଆଯାଇଛି। ୧୯୮୭ ବ୍ୟାଚ୍‌ର ଏହି ଅଧିକାରୀ ଏଯାବତ୍ କେନ୍ଦ୍ରରେ କୃଷି, ସମବାୟ ଏବଂ କୃଷକ କଲ୍ୟାଣ ବ୍ୟାପାରର ସ୍ୱତନ୍ତ୍ର ସଚିବ ଭାବେ କାର୍ଯ୍ୟ କରୁଥିଲେ। କାର୍ମିକ ଏବଂ ପ୍ରଶିକ୍ଷଣ ବିଭାଗ ପକ୍ଷରୁ ଏ ନେଇ ରବିବାର ବିଜ୍ଞପ୍ତି ପ୍ରକାଶ ପାଇଥିବା ଜଣାପଡ଼ିଛି। ବର୍ମାଙ୍କ ପୂର୍ବରୁ ଓଡ଼ିଶା କ୍ୟାଡରର ଅନ୍ୟତମ ଅଫିସର ଆଇ. ଶ୍ରୀନିବାସ କର୍ପୋରେଟ ବ୍ୟାପାର ତୁଲାଉଥିଲେ। ସେହିପରି ୧୯୯୦ ବ୍ୟାଚ୍ ଓଡ଼ିଶା କ୍ୟାଡର ଅଧିକାରୀ ନୀତେନ ଚନ୍ଦ୍ରାଙ୍କୁ ଆଇନ ବ୍ୟାପାର ବିଭାଗର କେନ୍ଦ୍ରୀୟ ଏଜେନ୍ସି ସେକ୍ସନକୁ ବଦଳି କରାଯାଇଛି। ନୀତେନ ଚନ୍ଦ୍ର ଏହା ପୂର୍ବରୁ କେନ୍ଦ୍ରୀୟ ସୂଚନା କମିଶନ(ସିଆଇସି) ସଚିବ ଭାବେ କାର୍ଯ୍ୟ କରିଆସୁଥିଲେ। ଅପରପକ୍ଷରେ ଭାରତ ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରଣାଳୟ ସଚିବ ଭାବେ ଅରୁଣ ପଣ୍ଡା ଚଳିତ ମାସ ୩୦ରେ ସେବାନିବୃତ୍ତ ହେବାକୁ ଯାଉଛନ୍ତି। ତାଙ୍କ ସ୍ଥାନରେ କେନ୍ଦ୍ର ସରକାର ଗୁଜରାଟ କ୍ୟାଡର ଅଫିସର ଅରବିନ୍ଦ କୁମାର ଶର୍ମାଙ୍କୁ ନିଯୁକ୍ତ ଦେଇଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଖାଇ ମଙ୍ଗଳା ଚଣ୍ଡୀ;**
**ଭାତ ଖାଉନାହିଁ,**
**ପେଜ ଖାଉନାହିଁ,**
**କେମିତି ବଢ଼ିଚି ଗଣ୍ଡି।**

ସାଧାରଣତଃ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସୁଷମ ଖାଦ୍ୟର ଆବଶ୍ୟକତା ରହିଥାଏ। ଖିଆପିଆ ଠିକ୍ ଭାବେ ନ କଲେ ଶରୀର କ୍ରମଶଃ ରୁଗ୍‌ଣ ହୋଇଯାଇଥାଏ। ଏପରି ସ୍ଥଳେ ଖାଦ୍ୟ ଗ୍ରହଣ କରୁ ନ ଥିବା ବ୍ୟକ୍ତିର ଶରୀର ସୁସ୍ଥ ରହିଥିବାର ଦେଖିଲେ ଅନେକଙ୍କ ମନରେ ସନ୍ଦେହ ସୃଷ୍ଟି ହେବା ସ୍ୱାଭାବିକ ହୋଇଥିବା ସ୍ଥଳେ ଲୁଚେଇ ଚୋରେଇ ଖାଦ୍ୟ ଖାଉଥିବା ମହିଳା ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଅପାଇ ପାଇଚି ପିଲା**
**ସାଇ ଯାକ କିଲିବିଲା।**

ବଂଶ ରକ୍ଷା ପାଇଁ ସନ୍ତାନର ଆବଶ୍ୟକତା ରହିଥାଏ। ତେବେ ଯାହାର ସନ୍ତାନ ନ ଥାଏ ତାକୁ ଅନେକ ସମୟରେ ନାନା କଟୁକଥା ଶୁଣିବାକୁ ପଡ଼ିଥାଏ। ଏପରି ସ୍ଥଳେ ସନ୍ତାନଟିଏ ମିଳିଗଲେ ବଂଶରକ୍ଷା ହୋଇଗଲା ଜାଣି ମନ ଖୁସିରେ ଅଧୀର ହୋଇଯାଇଥାଏ। ପାଇବାର ଆଶା ନ ଥାଇ ଅଚାନକ ମିଳିଗଲେ ବ୍ୟକ୍ତି ଆତ୍ମହରା ହୋଇ ଖୁସି ଜାହିର କରିବସୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

| ରାଜ୍ୟ/ୟୁଟି | ମୋଟ ସଂକ୍ରମିତ | ଚିକିତ୍ସାଧୀନ | ଆରୋଗ୍ୟ | ମୃତ୍ୟୁ |
|---|---|---|---|---|
| ମହାରାଷ୍ଟ୍ର | ୮,୦୬୮ | ୬,୫୩୮ | ୧,୧୮୮ | ୩୪୨ |
| ଗୁଜରାଟ | ୩,୩୦୧ | ୨,୮୩୭ | ୩୧୩ | ୧୫୧ |
| ଦିଲ୍ଲୀ | ୨,୯୧୮ | ୧,୯୮୭ | ୮୭୭ | ୫୪ |
| ରାଜସ୍ଥାନ | ୨,୧୮୫ | ୧,୫୧୫ | ୬୨୯ | ୪୧ |
| ମଧ୍ୟପ୍ରଦେଶ | ୨,୦୯୦ | ୧,୬୮୫ | ୩୦୨ | ୧୦୩ |
| ତାମିଲନାଡୁ | ୧,୮୮୫ | ୮୪୧ | ୧,୦୨୦ | ୨୪ |
| ଉତ୍ତରପ୍ରଦେଶ | ୧,୮୭୩ | ୧,୫୧୬ | ୩୨୭ | ୩୦ |
| ଆନ୍ଧ୍ରପ୍ରଦେଶ | ୧,୦୯୭ | ୮୩୫ | ୨୩୧ | ୩୧ |
| ତେଲଙ୍ଗାନା | ୧,୦୦୧ | ୬୬୦ | ୩୧୬ | ୨୫ |
| ପଶ୍ଚିମବଙ୍ଗ | ୬୧୧ | ୪୮୮ | ୧୦୫ | ୧୮ |
| ଜମ୍ମୁ-କଶ୍ମୀର | ୫୨୩ | ୩୭୯ | ୧୩୭ | ୭ |
| କର୍ଣାଟକ | ୫୦୩ | ୩୦୨ | ୧୮୨ | ୧୯ |
| କେରଳ | ୪୬୯ | ୧୨୩ | ୩୪୨ | ୪ |
| ପଞ୍ଜାବ | ୩୨୨ | ୨୨୦ | ୮୪ | ୧୮ |
| ହରିୟାଣା | ୨୯୬ | ୯୪ | ୧୯୯ | ୩ |
| ବିହାର | ୨୭୪ | ୨୧୬ | ୫୬ | ୨ |
| ଓଡ଼ିଶା | ୧୦୩ | ୬୭ | ୩୫ | ୧ |
| ଝାଡ଼ଖଣ୍ଡ | ୮୨ | ୬୬ | ୧୩ | ୩ |
| ଉତ୍ତରାଖଣ୍ଡ | ୫୦ | ୨୪ | ୨୬ | - |
| ହିମାଚଳ ପ୍ରଦେଶ | ୪୦ | ୧୬ | ୨୨ | ୨ |
| ଛତିଶଗଡ଼ | ୩୭ | ୫ | ୩୨ | - |
| ଆସାମ | ୩୬ | ୮ | ୨୭ | ୧ |
| ଚଣ୍ଡିଗଡ଼ | ୩୬ | ୧୯ | ୧୭ | - |
| ଆଣ୍ଡାମାନ ଓ ନିକୋବର | ୩୩ | ୨୨ | ୧୧ | - |
| ଲଦାଖ | ୨୦ | ୪ | ୧୬ | - |
| ମେଘାଳୟ | ୧୨ | ୧୧ | - | ୧ |
| ପୁଡୁଚେରୀ | ୮ | ୪ | ୪ | - |
| ଗୋଆ | ୭ | | ୭ | - |
| ମଣିପୁର | ୨ | | ୨ | - |
| ତ୍ରିପୁରା | ୨ | | ୨ | - |
| ଅରୁଣାଚଳ ପ୍ରଦେଶ | ୧ | | ୧ | - |
| ମିଜୋରାମ | ୧ | ୧ | - | - |
| ମୋଟ | ୨୭,୮୮୬ | ୨୦,୪୮୩ | ୬,୫୨୩ | ୮୮୦ |

https://www.covid19india.org ତଥ୍ୟ ଅନୁଯାୟୀ(ରବିବାର ରାତି ୧୧ଟା ସୁଦ୍ଧା)

# ତଥ୍ୟ ଗୋପନୀୟତାକୁ ନେଇ ବଢ଼ୁଛି ସନ୍ଦେହ

**ମୁମ୍ବାଇ,୨୬।୪(ପିଟି)**

କରୋନା ଭାଇରସ୍ ସଂକ୍ରମଣକାରୀଙ୍କଠାରୁ ଲୋକଙ୍କୁ ଦୂରେଇ ରଖିବା ଉଦ୍ଦେଶ୍ୟରେ ଏପ୍ରିଲ ୨ତାରିଖରେ ଆରୋଗ୍ୟ ସେତୁ ଆପ୍ ଆରମ୍ଭ କରାଯାଇଥିଲା। ଏହା ୧୧ଟି ଆଞ୍ଚଳିକ ଭାଷାରେ ଉପଲବ୍ଧ। ଇଲେକ୍ଟ୍ରୋନିକ୍ସ ଆଣ୍ଡ ଇନ୍‌ଫରମେଶନ ଟେକ୍ନୋଲୋଜି ମନ୍ତ୍ରଣାଳୟ ଅଧିନରେ ଥିବା ନ୍ୟାଶନାଲ ଇନ୍‌ଫରମେଟିକ୍ସ ସେଣ୍ଟର(ଏନ୍‌ଆଇସି) ଏହାକୁ ବିକଶିତ କରିଛି। ଦ୍ୱିତୀୟ ପର୍ଯ୍ୟାୟ ଲକ୍‌ଡାଉନକୁ ମେ’ ୩ ପର୍ଯ୍ୟନ୍ତ ବୃଦ୍ଧି ଘୋଷଣା ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ଏହି ଆପ୍‌କୁ ଡାଉନଲୋଡ କରିବା ପାଇଁ ଅନୁରୋଧ କରିଥିଲେ। ଏହି ଆପ୍ ବିଷୟରେ ପ୍ରଧାନମନ୍ତ୍ରୀ ଘୋଷଣା କରିବା ମାତ୍ରେ ପ୍ରାୟ ୭.୫କୋଟି ଲୋକ ଏହାକୁ ଡାଉନଲୋଡ କରିଥିଲେ। ଆରୋଗ୍ୟ ସେତୁ ଆପ୍ ବ୍ୟବହାରକାରୀଙ୍କୁ କିଛି ନିର୍ଦ୍ଦିଷ୍ଟ ସୂଚନା ଦେଇଥାଏ। ଯଦି କୌଣସି କୋଭିଡ୍-୧୯ ସଂକ୍ରମିତ ବ୍ୟକ୍ତି ଏହି ଆପ୍ ୟୁଜର୍ସଙ୍କ ନିକଟତର ହୁଅନ୍ତି ତେବେ ଏହା ତତ୍‌କ୍ଷଣାତ୍ ସୂଚନା ଦେଇଥାଏ। ଏହା ମୋବାଇଲ ଫୋନର ବ୍ଲୁଟୁଥ ଏବଂ ଜିପିଏସ୍(ଗ୍ଲୋବାଲ୍ ପୋଜିଶନିଂ ସିଷ୍ଟମ୍)ବ୍ୟବସ୍ଥା ଦ୍ୱାରା କାର୍ଯ୍ୟକାରୀ ହୋଇଥାଏ। ଏହି ଆପ୍‌ର ଗୋପନୀୟତା ନୀତି ଅନୁସାରେ ଏହା ବ୍ୟବହାରୀଙ୍କୁ ସବୁଜ ଏବଂ ହଳଦିଆ ରଙ୍ଗର କୋଡିଂ ମିଳିଥାଏ। ଯେଉଁ ବ୍ୟବହାରକାରୀମାନେ ହଳଦିଆ ବର୍ଗରେ ଆସିବେ ସେମାନଙ୍କ ତଥ୍ୟ ସର୍ଭରରେ ଅପ୍‌ଲୋଡ ହେବ ଏବଂ ସବୁଜ ରଙ୍ଗର ବର୍ଗରେ ଆସୁଥିବା ବ୍ୟବହାରକାରୀଙ୍କୁ କମ୍ ବିପଦ ଗ୍ରୁପ୍‌ରେ ରଖାଯିବ। ଆପ୍ ପଞ୍ଜୀକରଣ ସମୟରେ ଏହା ବ୍ୟବହାରକାରୀଙ୍କ ବ୍ୟକ୍ତିଗତ ତଥ୍ୟ ଯଥା ନାମ, ଲିଙ୍ଗ, ବୟସ, ଫୋନ ନମ୍ବର, ବର୍ତ୍ତମାନର ଠିକଣା ଏବଂ ଟ୍ରାଭେଲ ହିଷ୍ଟ୍ରି ସଂଗ୍ରହ କରି ସରକାରୀ ସର୍ଭରରେ ଲୋଡ କରିଥାଏ। ଯେତେବେଳେ ଏହି ଆପ୍ ବ୍ୟବହାର କରୁଥିବା କୌଣସି ବ୍ୟକ୍ତି ପଜିଟିଭ ଚିହ୍ନଟ ହୁଅନ୍ତି, ତାଙ୍କ ନିକଟ ସଂସ୍ପର୍ଶରେ ଆସିଥିବା ଅନ୍ୟ ସମସ୍ତଙ୍କୁ ସଙ୍ଗେସଙ୍ଗେ ସୂଚନା ମିଳିଯିବ ଏବଂ ସେମାନଙ୍କୁ ସଙ୍ଗରୋଧରେ ରହିବାକୁ ପରାମର୍ଶ ଦିଆଯିବ।

**ଆରୋଗ୍ୟ ସେତୁ ଆପ୍**

Aarogya Setu
मैं सुरक्षित | हम सुरक्षित | भारत सुरक्षित

ତେବେ ଆରୋଗ୍ୟ ସେତୁ ଆପ୍ ଏହାର ବ୍ୟବହାରକାରୀଙ୍କୁ କେତେଦୂର ସହାୟକ ହେବ ତାକୁ ନେଇ ଏବେ ବିଭିନ୍ନ ପ୍ରଶ୍ନ ସୃଷ୍ଟି ହୋଇଛି। କରୋନା ମହାମାରୀ ଭଳି ଏକ ବିପଦ ସମୟରେ ଅନ୍ୟ କଣ୍ଟାକ୍ଟ ଟ୍ରେସିଂ ଟେକ୍ନୋଲୋଜିପରିଆରୋଗ୍ୟ ସେତୁଆପ୍‌ରେ ମଧ୍ୟ ବିଭିନ୍ନ ପ୍ରକାର ସମସ୍ୟା ଦେଖିବାକୁ ମିଳୁଛି। ସାଧାରଣତଃ ଆପ୍‌ଗୁଡ଼ିକର ସଫଳ କାର୍ଯ୍ୟକାରିତା ବ୍ୟବହାରକାରୀଙ୍କ ଉପରେ ନିର୍ଭର କରିଥାଏ। ଏହାର ବ୍ୟାପକ ବ୍ୟବହାର ଏବଂ ସ୍ୱତଃ ତଥ୍ୟ ପ୍ରଦାନ ଆବଶ୍ୟକ, ଯାହାଫଳରେ କୋଭିଡ-୧୯ ସଂକ୍ରମିତଙ୍କ ସମ୍ପର୍କରେ ସୂଚନା ଠିକ୍ ଭାବେ ମିଳିପାରିବ। ହେଲେ ଅନେକ ଆରୋଗ୍ୟ ସେତୁ ଆପ୍ ବ୍ୟବହାରକାରୀ ନିଜର ବ୍ୟକ୍ତିଗତ ଗୋପନୀୟ(ପ୍ରିଭେସି) ତଥ୍ୟ ଠିକ୍‌ଭାବେ ଦେଉ ନ ଥିବା ଜଣାପଡ଼ିଛି। ପୂର୍ବରୁ ସିଙ୍ଗାପୁରରେ ଏକ କଣ୍ଟାକ୍ଟ ଟ୍ରେସିଂ ଆପ୍ ସଫଳ ଭାବେ କାର୍ଯ୍ୟ କରିଥିଲେ। ତାକୁ ଲକ୍ଷ୍ୟ ରଖି କେନ୍ଦ୍ର ସରକାର ଆରୋଗ୍ୟ ସେତୁ ଆପ୍ କରିଥିବା ଜଣାପଡ଼ିଛି। ହେଲେ ଅନେକଙ୍କ ମତରେ ଏହି ଆପ୍ ଦ୍ୱାରା ଗୋପନୀୟ ତଥ୍ୟ ଚୋରି ହେବାର ସମ୍ଭାବନା ସୃଷ୍ଟି କରୁଥିବାରୁ ଏଥିରେ ବ୍ୟବହାରକାରୀମାନେ ଠିକ୍ ତଥ୍ୟ ପ୍ରଦାନ କରି ନ ପାରନ୍ତି ବୋଲି ଅନେକ ବିଶେଷଜ୍ଞ ଆଶଙ୍କା ପ୍ରକାଶ କରିଛନ୍ତି। ଅନ୍‌ଲାଇନରେ ବ୍ୟକ୍ତିଗତ ଗୋପନୀୟତା ବା ପ୍ରିଭେସି କିପରି ରକ୍ଷା କରାଯାଇପାରିବ ସେନେଇ ଆପ୍‌ରେ କୌଣସି ବିଷୟ ଉଲ୍ଲେଖ ନାହିଁ। ଆରୋଗ୍ୟ ସେତୁ ବ୍ୟବହାରକାରୀମାନେ ପ୍ରଥମେ ସରକାରଙ୍କ ଦ୍ୱାରା ବ୍ୟକ୍ତିଗତ ଗୋପନୀୟତା ନୀତିକୁ ଗ୍ରହଣ କରିବା ଆବଶ୍ୟକ ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି।

# ଶ୍ରୀମନ୍ଦିରରେ ଚନ୍ଦନ ଯାତ୍ରା

**ପୁରୀ ଅଫିସ,୨୬।୪**

ପବିତ୍ର ଅକ୍ଷୟ ତୃତୀୟା ତିଥିରେ ରବିବାର ମହାପ୍ରଭୁଙ୍କ ଚନ୍ଦନ ଯାତ୍ରା ଆରମ୍ଭ ହୋଇଛି। କରୋନା କଟକଣା ଯୋଗୁ ଏଥର ନରେନ୍ଦ୍ର ପୁଷ୍କରିଣୀ ପରିବର୍ତ୍ତେ ଶ୍ରୀମନ୍ଦିର ପରିସର ଜଳକ୍ରୀଡ଼ା ମଣ୍ଡପରେ ଚନ୍ଦନ ଯାତ୍ରାର ସମସ୍ତ ବିଧି ସମ୍ପନ୍ନ କରାଯାଇଛି। ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ପରେ ମହାଜନ ସେବକ ରାମ ଓ କୃଷ୍ଣଙ୍କୁ ଝୁଲଣ ମଣ୍ଡପ ତଳେ ପାଲିଙ୍କିରେ ବିଜେ କରାଇଥିଲେ। ମଦନମୋହନ, ଶ୍ରୀଦେବୀ ଓ ଭୂଦେବୀ ମଣି ବିମାନରେ ବିଜେ ହୋଇଥିଲେ। ଏହାପରେ ମାଳଫୁଲ ଲାଗିହୋଇ ଅପରାହ୍ନ ୫ଟା ୪୫ରେ ବାଜିଥିଲା ବିଜେ କାହାଳି। ବିମାନ ବଡୁମାନେ ଘଣ୍ଟ, ଛତା, କାହାଳୀ ସହ ଦେବଦେବୀଙ୍କୁ ଜଳକ୍ରୀଡ଼ା ମଣ୍ଡପକୁ ନେଇଥିଲେ। ତାଙ୍କ ପଛରେ ପଞ୍ଚ ମହାଦେବ ବିଜେ ହୋଇଥିଲେ। ପୂର୍ବରୁ ସେଠାରେ ଗ୍ରାନାଇଟ୍‌ରେ ୨ଟି ନୂଆକୁଣ୍ଡ ତିଆରି କରାଯାଇଥିଲା। ନନ୍ଦା ଓ ଭଦ୍ରା ଚାପର ପ୍ରତୀକାତ୍ମକ ଭାବେ ୨ଟି ଖଟ ପଡ଼ିଥିଲା।

ଭିତରଚ୍ଛ ମହାପାତ୍ର ଜଳଲାଗି କରିବା ପରେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା ଓ ପଞ୍ଚ ମହାଦେବଙ୍କୁ ଜଳକ୍ରୀଡ଼ା ମଣ୍ଡପ ତଳେ ପଡ଼ିଥିବା ୨ଟି ଖଟରେ ବିଜେ କରାଯାଇଥିଲା। ଗୋଟିଏ ଖଟରେ ରାମ, କୃଷ୍ଣ ଏବଂ ପଞ୍ଚମହାଦେବ (ଯମେଶ୍ୱର, ଲୋକନାଥ, ମାର୍କଣ୍ଡେଶ୍ୱର, କପାଳମୋଚନ, ନୀଳକଣ୍ଠେଶ୍ୱର) ବିଜେ ହୋଇଥିଲେ। ଅନ୍ୟ ଏକ ଖଟରେ ମଦନମୋହନ, ଶ୍ରୀଦେବୀ, ଭୂଦେବୀ ବିଜେ ହୋଇଥିଲେ। ପ୍ରତୀକାତ୍ମକ ଭାବେ ହୋଇଥିଲା ଚାପ କ୍ରୀଡ଼ା। ପରେ ମୁଦିରସ୍ତ ପ୍ରସାଦ ଲାଗି କରିଥିଲେ। ହଡ଼ପ ନାଏକ ଦଶ ଅବତାର ପଟି କାନ୍ଧରେ ପକାଇ ବିଡ଼ିଆ ମଣୋହି କରିଥିଲେ। ଦେବଦେବୀଙ୍କୁ ବନ୍ଦାପନା ଏବଂ ଚାମର ଆଲଟ ପରେ କୁଣ୍ଡରେ ସ୍ନାନ କରାଇଥିଲେ। ପରେ ବେଶ କରାଯାଇଥିଲା। ମହାଲକ୍ଷ୍ମୀଙ୍କ ରୋଷରେ ପ୍ରସ୍ତୁତ ମାଣ୍ଡୁଆ ଭୋଗ ସରିବା ପରେ ବିଡ଼ିଆ ମଣୋହୀ ହୋଇଥିଲେ। ପରେ ରାତି ଚାପ ସାରି ଦେବଦେବୀ ନିଜ ନିଜ ଆସ୍ଥାନକୁ ବାହୁଡ଼ିଥିଲେ।

**ଜଳକ୍ରୀଡ଼ା ମଣ୍ଡପରେ ସମ୍ପନ୍ନ ହେଲା ବିଧି**

ସୂଚନାଯୋଗ୍ୟ, ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହେଉଥିବା ଚନ୍ଦନ ଯାତ୍ରାରେ ମହାପ୍ରଭୁ ନିଜେ ବିଜେ ନ କରି ତାଙ୍କର ପ୍ରତିନିଧି ଭାବେ ରାମ, କୃଷ୍ଣ, ମଦନମୋହନ, ଶ୍ରୀଦେବୀ ଓ ଭୂଦେବୀ ବିଜେ କରନ୍ତି। ଏମାନଙ୍କ ସହିତ କ୍ଷେତ୍ରର ପଞ୍ଚ ମହାଦେବ ବିଜେ କରିଥାନ୍ତି। ନରେନ୍ଦ୍ର ପୁଷ୍କରିଣୀରେ ୨୧ ଦିନ ବ୍ୟାପୀ ଏହି ଚନ୍ଦନ ଯାତ୍ରା ହୁଏ। ଏହାକୁ ବାହାର ଚନ୍ଦନ ଯାତ୍ରା କୁହାଯାଏ। ବାହାର ଚନ୍ଦନଯାତ୍ରା ପରେ ପୁଣି ଶ୍ରୀମନ୍ଦିର ଭିତରେ ୨୧ ଦିନ ବ୍ୟାପୀ ଭିତର ଚନ୍ଦନ ଯାତ୍ରା ହୁଏ। କିନ୍ତୁ ଚଳିତବର୍ଷ କରୋନା ଯୋଗୁ ନରେନ୍ଦ୍ର ପୁଷ୍କରିଣୀକୁ ଯାଇ ନ ଥିଲେ ମହାପ୍ରଭୁଙ୍କ ଚଳନ୍ତି ପ୍ରତିମା। ମନ୍ଦିର ଭିତରେ ଜଳକ୍ରୀଡ଼ା ମଣ୍ଡପରେ ହିଁ ହୋଇଥିଲା ଚନ୍ଦନ ଯାତ୍ରାର ସମସ୍ତ ବିଧି। ମହାପ୍ରଭୁ ଦାରୁବ୍ରହ୍ମ ବିଗ୍ରହ ଧାରଣ କରିଥିଲେ ମଧ୍ୟ ଲୋକଙ୍କ ପରି ଅର୍ଥାତ ମାନବୀୟଲୀଳା କରୁଛନ୍ତି। ମଣିଷ ଗ୍ରୀଷ୍ମ ଉତ୍ତାପରୁ ମୁକ୍ତି ଲାଗି ଶୀତଳ ଉପଚାର କରିଥାନ୍ତି। ସେହିଭଳି ମହାପ୍ରଭୁ ବୈଶାଖ ଗ୍ରୀଷ୍ମ ଉତ୍ତାପରୁ ମୁକ୍ତି ଓ ଶୀତଳ ଉପଚାର ପାଇଁ ଚନ୍ଦନ ଯାତ୍ରାରେ ସାମିଲ ହୋଇଥାନ୍ତି ବୋଲି କୁହାଯାଏ।

## ପ୍ରଥମ ପୃଷ୍ଠାରୁ...

### ସୁନ୍ଦରଗଡ଼ରେ ଆଉ ୩ ...

ଆଉଜଣେ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଆକ୍ରାନ୍ତଙ୍କ ଘର ଭୁବନେଶ୍ୱରରେ। ସେ ଭୁବନେଶ୍ୱର ଏମ୍ସରେ ଚିକିତ୍ସିତ ହେଉଥିଲେ। ତାଙ୍କର ନମୁନା କରୋନା ନେଗେଟିଭ୍ ବାହାରିଛି। ତେବେ ସେ କରୋନାରୁ ମୁକ୍ତ ହୋଇଥିଲେ ମଧ୍ୟ ମେଡିକାଲରୁ ଡିସଚାର୍ଜ ହୋଇନାହାନ୍ତି। ଅନ୍ୟ ରୋଗରେ ଆକ୍ରାନ୍ତ ଥିବାରୁ ସମ୍ପୂର୍ଣ୍ଣ ଭଲ ହେବା ପରେ ତାଙ୍କୁ ମେଡିକାଲରୁ ଡିସ୍‌ଚାର୍ଜ କରାଯିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ତେବେ ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୧୦୩ ଆକ୍ରାନ୍ତଙ୍କ ମଧ୍ୟରୁ ୩୫ ଜଣ ସୁସ୍ଥ ହୋଇସାରିଥିବା ବେଳେ ସକ୍ରିୟ ସଂକ୍ରମିତଙ୍କ ସଂଖ୍ୟା ୬୭ ରହିଛି। ସବୁଠାରୁ ଅଧିକ ୪୬ ଆକ୍ରାନ୍ତ ରହିଛନ୍ତି ଖୋର୍ଦ୍ଧା ଜିଲାରେ। ଏହା ତଳକୁ ଯାଜପୁରରେ ୧୮, ଭଦ୍ରକ ୧୬, ସୁନ୍ଦରଗଡ ୬, କେନ୍ଦ୍ରାପଡ଼ା ୨, କଳାହାଣ୍ଡି ୨, ଢେଙ୍କାନାଳ, ପୁରୀ, କଟକରେ ଜଣେ ଲେଖାଏ ଆକ୍ରାନ୍ତ ରହିଛନ୍ତି। ରାଜ୍ୟ ୧୦ଟି କରୋନା ଆକ୍ରାନ୍ତ ଜିଲା ମଧ୍ୟରୁ କଳାହାଣ୍ଡି, କଟକ, ପୁରୀ ଓ ଢେଙ୍କାନାଳ ଆଦି ୪ ଜିଲା ବର୍ତ୍ତମାନ କରୋନା ମୁକ୍ତ ହୋଇଛି। ଜିଲାରେ ସମସ୍ତ ରୋଗୀ ସୁସ୍ଥ ହୋଇଛନ୍ତି।

### ଆରପାରିରେ ନାଟ୍ୟକାର ...

‘ତଟ ନିରଞ୍ଜନା’ ବିଭିନ୍ନ ଭାଷାରେ ଅନୁଦିତ ହୋଇଥିଲା। ଆକାଶବାଣୀ ଦ୍ୱାରା ‘ତଟ ନିରଞ୍ଜନା’ ଜାତୀୟ ପୁରସ୍କାର ପାଇବା ପରେ ତାଙ୍କ ପ୍ରତିଭା ଦିଗବିଦିଗ ପାଲଟିଥିଲା। ୧୯୩୬ ଜୁଲାଇ ୧୬ରେ ବାଲେଶ୍ୱର ଜିଲା ନୀଳଗିରିର ସନ୍ତରାଗଡ଼ିଆରେ ଜନ୍ମଗ୍ରହଣ କରିଥିବା ମିଶ୍ର ୨୦୧୮ ମସିହା ପାଇଁ ଓଡ଼ିଆ ଚଳଚ୍ଚିତ୍ର କ୍ଷେତ୍ରରେ ଦିଆଯାଉଥିବା ସର୍ବୋଚ୍ଚ ସମ୍ମାନ ‘ଜୟଦେବ ପୁରସ୍କାର’ ପାଇଥିଲେ। ସଂଳାପ ରଚନା ଓ ଚଳଚ୍ଚିତ୍ର ନିର୍ଦ୍ଦେଶନା କ୍ଷେତ୍ରରେ ଜୀବନବ୍ୟାପୀ ସାଧନା ପାଇଁ ତାଙ୍କୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା। ଏହାବ୍ୟତୀତ ସେ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର, ଓଡ଼ିଶା ସାହିତ୍ୟ ଏକାଡେମୀ ଓ ବାଇସ୍କୋପ ପୁରସ୍କାର ଭଳି ସମ୍ମାନଜନକ ପୁରସ୍କାରର ଅଧିକାରୀ ଥିଲେ। ତେବେ ସୋମବାର ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ ବୋଲି ପରିବାର ଲୋକେ କହିଛନ୍ତି।

**ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀଙ୍କ ଶୋକ**

ଡ. ବିଜୟ ମିଶ୍ରଙ୍କ ବିୟୋଗରେ ଓଡ଼ିଆ ନାଟ୍ୟ, ଚଳଚ୍ଚିତ୍ର ଓ ସାହିତ୍ୟ ଜଗତରେ ଏକ ଅପୂରଣୀୟ କ୍ଷତି ହୋଇଥିବାବେଳେ ବିଭିନ୍ନ ମହଲରେ ଶୋକପ୍ରକାଶ ପାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକବ୍ୟକ୍ତ କରିବା ସହ ତାଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜ୍ଞାପନ କରିଛନ୍ତି। ସମକାଳୀନ ନାଟ୍ୟଜଗତର ବିଜୟ ମିଶ୍ର ଜଣେ ଖ୍ୟାତନାମା ନାଟ୍ୟକାର ଥିଲେ। ଓଡ଼ିଆ ସାହିତ୍ୟ ଓ ଚଳଚ୍ଚିତ୍ର ଜଗତକୁ ତାଙ୍କର ଉଲ୍ଲେଖନୀୟ ଅବଦାନ ରହିଥିଲା ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ଶୋକବାର୍ତ୍ତାରେ ଉଲ୍ଲେଖ କରିଛନ୍ତି। ସେହିଭଳି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

### କିମ୍ ଜଙ୍ଗ୍ ଉନ୍‌ଙ୍କୁ ନେଇ...

ତାଙ୍କ ସାବତ ଭାଇ କିମ୍ ପ୍ୟୋଙ୍ଗ-ଇଲ୍ ରାଜଧାନୀ ପ୍ୟୋଙ୍ଗୟାଙ୍ଗରେ ଥିବା ଚାଇନା ନେତାଙ୍କ ସହାୟତାରେ କ୍ଷମତା ଦଖଲ କରିଥିବା ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ କିମ୍‌ଙ୍କ ଭଉଣୀ କିମ୍ ୟୋ ଜଙ୍ଗ୍ ପ୍ରଥମ ମହିଳା ଭାବେ ଉତ୍ତର କୋରିଆର ନେତୃତ୍ୱ ନେଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଏବଂ ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗଙ୍କ ସହ କିମ୍‌ଙ୍କ ଶିଖର ବୈଠକ ବେଳେ ତାଙ୍କ ଭଉଣୀ ପାଖରେ ଥିଲେ। ୨୦୧୮ ୱିଣ୍ଟର ଅଲିମ୍ପିକ୍ସ ପାଇଁ ଅନୁଷ୍ଠିତ ବୈଠକରେ ସେ ଉତ୍ତର କୋରିଆର ପ୍ରତିନିଧିତ୍ୱ କରିଥିଲେ ଓ ଉପରାଷ୍ଟ୍ରପତି ମାଇକ୍ ପେନ୍ସଙ୍କ ପଛରେ ବସିଥିବା ଦେଖାଯାଇଥିଲା। ଭାଇ କିମ୍‌ଙ୍କଠାରୁ ବ୍ୟକ୍ତିଗତ ବାର୍ତ୍ତା ନେଇ ସେ ଦକ୍ଷିଣ କୋରିଆ ରାଷ୍ଟ୍ରପତି ମୁନ୍ ଜାଏ-ଇନ୍‌ଙ୍କୁ ସମିଟ୍‌ରେ ଯୋଗଦେବା ଲାଗି ଆମନ୍ତ୍ରଣ କରିଥିଲେ। ସେଥିପାଇଁ ତାଙ୍କୁ ପରବର୍ତ୍ତୀ ନେତା କରାଯାଇପାରେ ବୋଲି କଳ୍ପନା ଜଳ୍ପନା ପ୍ରକାଶ ପାଇଛି। ଦକ୍ଷିଣ କୋରିଆ ଗଣମାଧ୍ୟମ ଏଭଳି ଅନ୍‌ଲାଇନ ଗୁଜବକୁ ଖଣ୍ଡନ କରିଛି। ତେବେ ଉତ୍ତରକୋରିଆ ମୁହଁ ଖୋଲୁ ନ ଥିବାରୁ ଏବଂ ବିଶ୍ୱର ସବୁଠୁ ଶକ୍ତିଶାଳୀ ଗୋଇନ୍ଦା ସଂସ୍ଥା ମଧ୍ୟ କିମ୍‌ଙ୍କ ଘନିଷ୍ଠ ସହଯୋଗୀ ସର୍କଲରେ ପଶିପାରୁ ନ ଥିବାରୁ ଗୁଜବକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇ ନ ପାରେ ବୋଲି ଦକ୍ଷିଣ କୋରିଆ କହିଛି। କିମ୍ ଶେଷ ଥର ପାଇଁ ଏପ୍ରିଲ ୧୧ରେ ସର୍ବସାଧାରଣରେ ଉପସ୍ଥିତ ହୋଇ ଏକ ପଲିଟିବ୍ୟୁରୋ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଦେଶର ପ୍ରତିଷ୍ଠାତା ତଥା କିମ୍‌ଙ୍କ ଅଜା କିମ୍ ଇଲ୍-ସଙ୍ଗଙ୍କ ଜନ୍ମଦିନ ଏପ୍ରିଲ ୧୫ ଧୂମ୍‌ଧାମରେ ପାଳିତ ହୋଇଥିଲା। ଏଥିରେ କିମ୍ ଯୋଗ ନ ଦେବାରୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ କଳ୍ପନା ଜଳ୍ପନା ପ୍ରକାଶ ପାଇଥିଲା।

### ଆଜି ୧୩ ଜିଲାରେ ...

ସୋନପୁର ଜିଲାରେ ଝଡ଼ତୋଫାନ ସହିତ ବଜ୍ରପାତ ହେବ। ଏସବୁ ଜିଲାରେ ୩୦ରୁ ୪୦କିମି ବେଗରେ ପବନ ବହିବ। ଏଥିପାଇଁ ଏସବୁ ସ୍ଥାନକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ମଙ୍ଗଳବାର ଦକ୍ଷିଣ ଉପକୂଳ ଓଡ଼ିଶା, ମାଲକାନଗିରି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର ଏବଂ ରାଜ୍ୟର ଆଉ କିଛି ସ୍ଥାନରେ ସ୍ୱଳ୍ପ ପରିମାଣର ବର୍ଷା ହେବା ସମ୍ଭାବନା ରହିଛି। ତେବେ କେନ୍ଦୁଝର, ମୟୂରଭଞ୍ଜ, ଗଞ୍ଜାମ, ଗଜପତି, ନବରଙ୍ଗପୁର, କୋରାପୁଟ, ମାଲକାନଗିରି, କନ୍ଧମାଳ ଓ କଳାହାଣ୍ଡି ଆଦି ଜିଲାରେ ଝଡ଼ତୋଫାନ ସହିତ ବଜ୍ରପାତ ହେବ ବୋଲି ପାଣିପାଗ କେନ୍ଦ୍ର ସତର୍କ ସୂଚନା ଜାରି କରିଛି। ଏସବୁ ଜିଲାରେ ୩୦ରୁ ୪୦କିମି ବେଗରେ ପବନ ବହିବ। ଏଥିପାଇଁ ଏସବୁ ସ୍ଥାନକୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

### ୧୫% ଗରିବଙ୍କୁ ...

ନାଫେଡ୍ ୧୦୦ରୁ ଊର୍ଦ୍ଧ୍ୱ ଡାଲି ମିଲ୍‌କୁ କାର୍ଯ୍ୟକ୍ଷମ କରିଛି। ଏଥିସକାଶେ ଦେଶବ୍ୟାପୀ ୧୬୫ ଗୋଦାମର ବ୍ୟବସ୍ଥା କରାଯାଇଛି। ଏହି ଗୋଦାମଗୁଡ଼ିକରେ ପ୍ରାୟ ୮.୫ ଲକ୍ଷ ଟନ ପେଷା ହୋଇ ନ ଥିବା ଶସ୍ୟ ପଡ଼ିରହିଛି। ଅନ୍ୟପକ୍ଷରେ ସରକାରଙ୍କ ନିଷ୍ପତ୍ତି ଅନୁସାରେ ରାଶନ କାର୍ଡଧାରୀଙ୍କୁ ୧ କେ.ଜି. ଲେଖାଏ ଡାଲି ଜାତୀୟ ଶସ୍ୟ ବଣ୍ଟନ କରାଯିବା ପର୍ଯ୍ୟାପ୍ତ ନୁହେଁ ବୋଲି ମତପ୍ରକାଶ ପାଇଛି। କାରଣ ଭାରତରେ ପ୍ରତି ପରିବାରରେ ହାରାହାରି ସଦସ୍ୟଙ୍କ ସଂଖ୍ୟା ୫। ଅର୍ଥାତ୍ ଗୋଟିଏ ପରିବାରକୁ କିଲେ ଶସ୍ୟ ମିଳିଲେ ମୁଣ୍ଡପିଛା ମାତ୍ର ୨୦୦ ଗ୍ରାମ ପଡ଼ିବ। ଏଥିରୁ ମାସ ସାରା ଜଣେ ବ୍ୟକ୍ତି କେତେ ପ୍ରୋଟିନ୍ ପାଇବ ବୋଲି ପ୍ରଶ୍ନ ଉଠିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** — ବୁଧାଦିତ୍ୟ ଯୋଗ ପ୍ରଭାବରେ ସାମାଜିକ ସ୍ତରରେ ବିଜ୍ଞ ବ୍ୟକ୍ତିମାନେ ଆପଣଙ୍କର ନିଃସ୍ୱାର୍ଥପର କାର୍ଯ୍ୟାବଳୀର ଭୂୟସୀ ପ୍ରଶଂସା କରିବେ । କୌଣସି ପ୍ରକାରର ପ୍ରତିବନ୍ଧକ ନ ଥାଇ ଆନୁଷ୍ଠାନିକ କାମ ସୁରୁଖୁରୁରେ ସମାପନ ହେବ । ଆଜି ଆବଶ୍ୟକତା ଅନୁସାରେ ଅର୍ଥର ଅଭାବ ରହିବ ନାହିଁ ।

**ବୃଷ** — ଶୁକ୍ର ଯୁକ୍ତ ଚନ୍ଦ୍ରଙ୍କ ଯୋଗୁ ସ୍ୱାସ୍ଥ୍ୟ ଭଲ ରହିଲେ ମଧ୍ୟ ମାନସିକ ସ୍ଥିରତା କେତେକାଂଶରେ ବ୍ୟାହତ ହେବାର ସୂଚନା ରହିଛି । ନିକଟ ସମ୍ପର୍କୀୟମାନେ ସହାନୁଭୂତି ପ୍ରକାଶ କରିବେ, ଯାହାଫଳରେ କାମ ଅଟକି ରହିବ ନାହିଁ । ଦୁଶ୍ଚିନ୍ତା ବୃଦ୍ଧି ପାଇପାରେ । ପ୍ରକାଶନ ତଥା ପ୍ରଶାସନିକ କ୍ଷେତ୍ରରେ କ୍ରମଶଃ ସ୍ଥିରତା ଫେରିପାଇବେ ।

**ମିଥୁନ** — ଏକାଦଶରେ ବୁଧ ସହ ରବି ହେତୁ କୌଣସି ଜରୁରୀ କାମ ସକାଶେ ପ୍ରତୀକ୍ଷା କରିଥିବା ବନ୍ଧୁଟିକୁ ପାଇ ଖୁସୀ ହେବେ । ସାଧାରଣ କଥାରେ ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ । ଧୈର୍ଯ୍ୟର ସହ ସମସ୍ୟାର ମୁକାବିଲା କରନ୍ତୁ କିଛି ସମୟ ପରେ ସଫଳତା ମିଳିବ । ଆଜି ଆପଣ ହଇରାଣ ହୋଇପାରନ୍ତି ।

**କର୍କଟ** — ଆଜିର ଗ୍ରହସ୍ଥିତି ଭଲ ହେତୁ ଯେଉଁ କାମ କରନ୍ତୁନା କାହିଁକି, କୌଣସି କ୍ଷେତ୍ରରେ ଅସୁବିଧା ରହିବ ନାହିଁ । ଆଲୋଚନା, ପରିବହନ, ଲୋକସମ୍ପର୍କ, ସଭାସମିତି କ୍ଷେତ୍ରରେ ପ୍ରାଥମିକ ଅବସ୍ଥାରେ ସାମାନ୍ୟ ହଳଚଳ ସୃଷ୍ଟି ହୋଇପାରେ । ପିଲାମାନଙ୍କ ବିଶୃଙ୍ଖଳିତ ଆଚରଣ ସକାଶେ ଚିନ୍ତିତ ରହିପାରନ୍ତି ।

**ସିଂହ** — ଉଚ୍ଚସ୍ଥ ରବି ପ୍ରଭାବରେ ସାଧାରଣ କେତେକ ବ୍ୟତିକ୍ରମକୁ ବାଦ୍ ଦେଲେ ଦିନଟି ପ୍ରାୟତଃ ଖୁସୀରେ ଅତିବାହିତ ହେବ । ସ୍ୱାସ୍ଥ୍ୟ ଭଲ ରହିବ ଏବଂ ପାରିବାରିକ କ୍ଷେତ୍ରରେ ମଧ୍ୟ କୌଣସି ଅସୁବିଧା ହେବ ନାହିଁ । କୌଣସି ଲୋକଙ୍କୁ ସାହାଯ୍ୟ କରିବାକୁ ଯାଇ ନିଜେ ଅସୁବିଧାର ସମ୍ମୁଖୀନ ହେବେ ।

**କନ୍ୟା** — ପରକଥାରେ ମନ ଦେଇ ନିଜ କାମକୁ ଅବହେଳା କରିପାରନ୍ତି, ଫଳତଃ ଘରେ ଉଚ୍ଚବାଚ ଘଟିପାରେ । ନିର୍ମାଣ, ପ୍ରଶାସନ, ମାଲିମକଦ୍ଦମା ଓ ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରୁ ସୁଫଳ ପାଇବେ । ବିଶିଷ୍ଟବ୍ୟକ୍ତିଙ୍କ ନିକଟତର ହେବାର ସୌଭାଗ୍ୟପ୍ରାପ୍ତ ହେବ, ଯାହାକି ବ୍ୟକ୍ତିଗତ ଭାବରେ ଉପକୃତ ହୋଇପାରିବେ ।

**ତୁଳା** — କର୍ମକ୍ଷେତ୍ର ଓ ପାରିବାରିକ ଜୀବନ ପୂର୍ଣ୍ଣ ଶାନ୍ତିପ୍ରଦ ରହିବ । ପଦସ୍ଥ ବ୍ୟକ୍ତିଙ୍କ ସାହାଯ୍ୟରେ କାମ ହାସଲ କରିବେ । ସଭାସମିତି, ଲେଖାପଢା, ଆଲୋଚନା, ଲୋକସମ୍ପର୍କ, ଆନୁଷ୍ଠାନିକ କାମ, ଯୋଗାଯୋଗ ଉନ୍ନତ ମାନର ଫଳ ପାଇବେ । ଶାରୀରିକ ଅସୁସ୍ଥତା ଅନୁଭବ କଲେ ମଧ୍ୟ ଘରକାମ କରିବାକୁ ବାଧ୍ୟ ହେବେ ।

**ବିଛା** — ରାଶିକୁ ଚନ୍ଦ୍ର ଓ ଶୁକ୍ର ଦେଖୁଥିବାରୁ ବିଶେଷ କିଛି ଅସୁବିଧା ନ ଥିଲେ ମଧ୍ୟ ବିଭିନ୍ନ ପ୍ରକାରର କଥା ଚିନ୍ତାକରି ମନ ଭାରାକ୍ରାନ୍ତ ରହିବ । ପଡୋଶୀଙ୍କ ସହ ବହୁଦିନର ମନାନ୍ତର ବନ୍ଧୁଙ୍କ ହସ୍ତକ୍ଷେପ ଫଳରେ ସମାଧାନ ହୋଇଯିବ । ପାରିବାରିକ ଜୀବନରେ ଉଚିତ ବୁଝାମଣା ହେତୁ କୌଣସି ମତାନ୍ତର କିମ୍ବା ମନାନ୍ତର ହେବନାହିଁ ।

**ଧନୁ** — ଶତ୍ରୁ ଉପଦ୍ରବ ସମ୍ପୂର୍ଣ୍ଣ ଭାବେ କମିଯାଇପାରେ, କିନ୍ତୁ ଆଶଙ୍କା ଲାଗି ରହିବ । କୋଣଭାବରେ ବୁଧ ଥିବା ହେତୁ ବ୍ୟବସାୟରେ ଲାଭ ମିଳିବ କିନ୍ତୁ ଟେନ୍ସନ ପୂର୍ଣ୍ଣମାତ୍ରାରେ ରହି ମନକୁ ବ୍ୟତିବ୍ୟସ୍ତ କରାଇପାରେ । ପରିବହନରେ କେତେକ ଆଧୁନିକୀକରଣ କରିପାରନ୍ତି । ନୂତନ ମନଲାଖି ଜିନିଷ କିଣିବା ସକାଶେ ମନ ବଳାଇପାରନ୍ତି ।

**ମକର** — ରାଶିରେ ଶନି ସହ ମଙ୍ଗଳ ଓ ବୃହସ୍ପତି ଯୋଗୁଁ କାମରେ ଅସ୍ଥିରତା ସୃଷ୍ଟି ହେଲେ ସୁଦ୍ଧା ଅନ୍ୟାନ୍ୟ କେତେକ ଦୃଷ୍ଟି କୋଣରୁ ମନ୍ଦ ହେବନି । ଅସମର୍ଥିତ ସୂତ୍ରରୁ ଆକସ୍ମିକ ଭାବରେ ଅଶୁଭ ଖବର ପାଇ ବିଚଳିତ ହୋଇପାରନ୍ତି । ଶିକ୍ଷା, ଆଲୋଚନା, ଗଠନମୂଳକ କାମ, ଲେଖାପଢା କ୍ଷେତ୍ରରୁ ଶୁଭଫଳ ମିଳିବ ।

**କୁମ୍ଭ** — ସ୍ୱାସ୍ଥ୍ୟାବସ୍ଥା କ୍ରମଶଃ ଭଲ ଦିଗକୁ ଗତି କରିବାରୁ ଆଶ୍ୱସ୍ତି ଲାଭ କରିବେ । ଉଚ୍ଚସ୍ଥ ମଙ୍ଗଳ ଯୋଗୁଁ ଅଫିସ୍ କାର୍ଯ୍ୟଗୁଡିକ ତ୍ୱରାନ୍ୱିତ ହେବ ଏବଂ ସମସ୍ୟା ଦୂରେଇ ଯିବ । ଗାଡିମୋଟର ସମ୍ପର୍କିତ ଦୁଶ୍ଚିନ୍ତା ଆସିବ, ମାତ୍ର ବିଶେଷ ଅସୁବିଧା ହେବ ନାହିଁ । କେତେକାଂଶରେ ଉପକୃତ ହେବେ ନତୁବା କଳହ ଭିତରକୁ ଟାଣି ହୋଇଯିବେ ।

**ମୀନ** — ବୃହସ୍ପତିଙ୍କ ଦୁର୍ବଳତା କାରଣରୁ ଦେହରେ କୌଣସି ବଡ ଧରଣର ରୋଗ ନ ଥାଇ ମଧ୍ୟ ଦୁର୍ବଳତା ଅନୁଭବ କରିବେ । ସତ୍‌ସଙ୍ଗ ଓ ଧର୍ମ, ସାହିତ୍ୟ ଚର୍ଚ୍ଚା ଦିଗକୁ ମନ ବଳାଇବେ । ସାୟାହ୍ନେ ଟେନସନ୍ କେତେକାଂଶରେ କମିଯିବ । ଦାମ୍ପତ୍ୟ ଜୀବନରେ ନିଜେ ଜଳି ଅନ୍ୟମାନଙ୍କ ହିତ ସାଧନରେ ନିଜକୁ ସାମିଲ କରିପାରନ୍ତି ।

ଆଜି ବୈଶାଖ ଶୁକ୍ଳ ଚତୁର୍ଥୀ ଯୁକ୍ତ ୫ମୀ ସୋମବାର, ଏପ୍ରିଲ ୨୭ ତାରିଖ, ରାଶି ନକ୍ଷତ୍ର-ମୃଗଶିରା । ବୃଷ, ଦିବା ଘ.୧୧.୪୫ମି. ଗତେ ମିଥୁନ ଚନ୍ଦ୍ର, ମିଥୁନ ରାଶିର ଘାତବାର, ଚତୁର୍ଥୀର ଏକୋଦ୍ଦିଷ୍ଟ ଶ୍ରାଦ୍ଧ, ଅଦ୍ୟ ବିବାହ, ନବବଧୂ ଯାତ୍ରା, ଜଳାଶୟ ଖନନ ଓ ପ୍ରତିଷ୍ଠା ପାଇଁ ଶୁଭଦିନ । ପ୍ରାତଃ ଘ.୦୫ .୨୩ମି. ଗତେ ଘ.୦୫.୦୭ମି. ମଧ୍ୟେ, ଦିବା ଘ.୧୦.୨୮ମି. ଗତେ ଘ.୦୧ .୦୦ମି. ମଧ୍ୟେ, ସନ୍ଧ୍ୟା ଘ.୦୬.୫୦ମି. ଗତେ ଘ.୦୯.୦୫ମି. ମଧ୍ୟେ ଅମୃତ ବେଳା । ଅପରାହ୍ନ ଘ.୦୩ .୩୨ମି. ଗତେ ଘ.୦୫.୧୪ମି. ମଧ୍ୟେ ମାହେନ୍ଦ୍ର ବେଳା । ସକାଳ ୦୬.୫୯ମି.ଗତେ ଘ.୦୮ .୩୪ମି. ମଧ୍ୟେ ରାହୁକାଳ ।

**ସଂକ୍ଷେପରେ**

## ସେବାରୁ ନିଲମ୍ବନ ହେଲେ ପୂଜାପଣ୍ଡା ସେବକ

### ପୋଲିସ ବାବୁଙ୍କୁ ଶ୍ରୀମନ୍ଦିର ପ୍ରବେଶ କରାଇବା ମହଙ୍ଗା ପଡ଼ିଲା

**ପୁରୀ ଅଫିସ, ୨୬।୪:** କୋଭିଡ-୧୯ ନିର୍ଦ୍ଦେଶାବଳୀକୁ ଉଲ୍ଲଂଘନ କରି ନିଲମ୍ବିତ ଯାଜପୁର ଜିଲା ବଡ଼ଚଣା ଥାନା ଆଇଆଇସି ଦୀପକ କୁମାର ଜେନାଙ୍କୁ ଶ୍ରୀମନ୍ଦିର ଭିତରେ ପ୍ରବେଶ କରାଇବାରେ ସହଯୋଗ କରିଥିବା ସେବାୟତ ଶ୍ୟାମା ଓରଫ ଲକ୍ଷ୍ମୀନାରାୟଣ ପୂଜାପଣ୍ଡାଙ୍କୁ ମହଙ୍ଗା ପଡ଼ିଛି। ରବିବାର ପୂଜାପଣ୍ଡା ନିଯୋଗ ତାଙ୍କୁ ମହାପ୍ରଭୁଙ୍କ ସେବାରୁ ନିଲମ୍ବନ କରିଛି। ଗତ ୧୯ ତାରିଖ ସନ୍ଧ୍ୟାରେ ଆଇଆଇସି ଜେନା ସପରିବାର ହଳଦିଆ ବତି ଲାଗିଥିବା ଗାଡ଼ିରେ ଶ୍ରୀମନ୍ଦିର ଦକ୍ଷିଣ ଦ୍ୱାରରେ ପହଞ୍ଚିବା ପରେ ଲକ୍ଷ୍ମୀନାରାୟଣ ପୂଜାପଣ୍ଡାଙ୍କ ସହିତ ମନ୍ଦିର ଭିତକୁ ଯାଇଥିଲେ। ଏହି ଘଟଣା ନେଇ ସିଂହଦ୍ୱାର ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ପୋଲିସ ଡିଜି ଏ ନେଇ ଆଇଆଇସି ଜେନାଙ୍କୁ ନିଲମ୍ବନ କରିଥିଲେ। ଗତ ମଙ୍ଗଳବାର ଲକ୍ଷ୍ମୀନାରାୟଣଙ୍କୁ ପୋଲିସ ପଚରାଉଚରା କରିବା ପରେ ନୋଟିସ୍ ଦେଇ ଛାଡ଼ିଥିଲା। ଏ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତାଙ୍କୁ କାରଣଦର୍ଶାଅ ନୋଟିସ୍ ଜାରି କରାଯାଇ ୭ଦିନ ମଧ୍ୟରେ ଉତ୍ତର ରଖିବାକୁ କୁହାଯାଇଥିଲା। ନିଯୋଗ ସମ୍ପାଦକ ମାଧବ ପୂଜାପଣ୍ଡା କହିଛନ୍ତି, ଲକ୍ଷ୍ମୀନାରାୟଣଙ୍କ ସମେତ ନିଯୋଗକୁ ମଧ ଶ୍ରୀମନ୍ଦିର ପ୍ରଶାସନ ନୋଟିସ୍ କରିଥିଲା। ଏହି ଆଧାରରେ ପଦକ୍ଷେପ ନିଆଯାଇଛି। ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ କହିଛନ୍ତି, ଏ ପର୍ଯ୍ୟନ୍ତ ଲକ୍ଷ୍ମୀନାରାୟଣ ପୂଜାପଣ୍ଡା ନୋଟିସ୍‌ର ଉତ୍ତର ରଖିନାହାନ୍ତି। ତେବେ ରବିବାର ପୂଜାପଣ୍ଡା ନିଯୋଗ ତାଙ୍କୁ ସେବା କାର୍ଯ୍ୟରୁ ନିଲମ୍ବନ କରିଥିବା ଶୁଣିଛି।

## ପୋଲିସକୁ କରୋନା ମହାଯୋଦ୍ଧା ସମ୍ମାନ

**ଭୁବନେଶ୍ୱର, ୨୬।୪(ବ୍ୟୁରୋ):** କରୋନା ମହାଯୁଦ୍ଧରେ ଅକ୍ଳାନ୍ତ ପରିଶ୍ରମ କରୁଥିବା ପୋଲିସ କର୍ମଚାରୀଙ୍କ ଗହଣରେ ନିଖିଳ ଓଡ଼ିଶା ପାଇକ ମହାସଂଘ ନିଆରା ଢଙ୍ଗରେ ଅକ୍ଷୟ ତୃତୀୟା ଉତ୍ସବ ପାଳନ କରିଛି। ଏହି ଅବସରରେ ମହାସଂଘ ପକ୍ଷରୁ ଭିଏସ୍‌ଏସ୍ ନଗର ଫାଣ୍ଡିରେ କାର୍ଯ୍ୟରତ କର୍ମଚାରୀଙ୍କୁ 'କରୋନା ମହାଯୋଦ୍ଧା ସମ୍ମାନ' ପ୍ରଦାନ ସହ ଉପଢୌକନ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଛି। ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରତ୍ୟେକ କର୍ମଚାରୀ ସାମାଜିକ ଦୂରତା ବଜାୟ ରଖି କରୋନା ମହାମାରୀ ରୋକିବା ପାଇଁ ସଚେତନତା ବାର୍ତ୍ତା ଦେଇଥିଲେ।

# ୩ ସପ୍ତାହରେ ଭାରତରେ ଅକ୍ସଫୋର୍ଡ ଟିକା ଉତ୍ପାଦନ

**ନୂଆଦିଲ୍ଲୀ,୨୬।୪**

ବ୍ରିଟେନ୍‌ର ଅକ୍ସଫୋର୍ଡ ୟୁନିଭର୍ସିଟି ଦ୍ୱାରା ବିକାଶିତ କୋଭିଡ୍-୧୯ ନିରୋଧୀ ଟିକାର ମାନବ ଶରୀରରେ ପରୀକ୍ଷଣ ଗତ ଗୁରୁବାର ଆରମ୍ଭ କରାଯାଇଥିଲା। ଏହି ପରୀକ୍ଷଣରେ ଉକ୍ତ ଟିକା ସଫଳ ହେବ ବୋଲି ତାହାକୁ ବିକାଶିତ କରିଥିବା ବୈଜ୍ଞାନିକମାନେ ଦୃଢ଼ ଆଶାବାଦୀ ଅଛନ୍ତି। ତେଣୁ ପରୀକ୍ଷଣ ରିପୋର୍ଟ ଆସିବା ପୂର୍ବରୁ ଏହି ଟିକାର ଉତ୍ପାଦନ ଆରମ୍ଭ କରାଯିବାକୁ ଉଦ୍ୟମ ଚାଲିଛି। ଅକ୍ସଫୋର୍ଡ ୟୁନିଭର୍ସିଟି ପକ୍ଷରୁ ପାର୍ଟନର ସଂସ୍ଥା ସହାୟତାରେ ବ୍ରିଟେନ, ଚାଇନା, ଭାରତ ସମେତ ୭ଟି ସ୍ଥାନରୁ ଏହି ଟିକାର ଉତ୍ପାଦନ କରାଯିବାକୁ ପ୍ରସ୍ତୁତି ଚାଲିଛି। ସେଥିମଧ୍ୟରୁ ଭାରତରେ ଆସନ୍ତା ୨ରୁ ୩ ସପ୍ତାହ ମଧ୍ୟରେ ଉତ୍ପାଦନ ଆରମ୍ଭ ହେବାକୁ ଯାଉଛି। ଏନେଇ ପୁଣେସ୍ଥିତ ଟିକା ପ୍ରସ୍ତୁତକାରୀ ସଂସ୍ଥା ସେରମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ (ସିଆଇଆଇ) ଯୋଜନାବଦ୍ଧ ଭାବେ କାର୍ଯ୍ୟ ଚଳାଇଛି। ମାନବ ଶରୀରରେ ଏହି ଟିକାର ପରୀକ୍ଷଣ ସଫଳ ହେଲେ ଆସନ୍ତା ସେପ୍ଟେମ୍ବର କିମ୍ବା ଅକ୍ଟୋବର ସୁଦ୍ଧା ବଜାରରେ ଅକ୍ସଫୋର୍ଡ ଟିକା ଉପଲବ୍ଧ ହେବ ବୋଲି ସିଆଇଆଇର ସିଇଓ ଆଡର ପୁନାୱାଲା କହିଛନ୍ତି। ତାଙ୍କ କହିବାନୁଯାୟୀ, ପୂର୍ବରୁ ସିଆଇଆଇ ସହଯୋଗିତାରେ ଅକ୍ସଫୋର୍ଡ ୟୁନିଭର୍ସିଟି ବୈଜ୍ଞାନିକମାନେ ମ୍ୟାଲେରିଆ ଟିକା ପ୍ରସ୍ତୁତ କରିଛନ୍ତି। ସେମାନେ ଦକ୍ଷ ବୈଜ୍ଞାନିକ। ଆମ ଟିମ୍ କୋଭିଡ୍-୧୯ ଟିକା ଉତ୍ପାଦନ ପାଇଁ ଅକ୍ସଫୋର୍ଡ ୟୁନିଭର୍ସିଟିର ଡ. ହିଲ୍‌ଙ୍କ ସହ ଯୋଗସୂତ୍ର ରଖି କାର୍ଯ୍ୟ କରୁଛି। ପ୍ରଥମ ୬ ମାସ ପର୍ଯ୍ୟନ୍ତ ମାସିକ ୫୦ ଲକ୍ଷ ଡୋଜ୍ ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରଖିଛୁ। ପରେ ଉତ୍ପାଦନ ପରିମାଣ ବଢ଼ାଇ ମାସିକ ୧ କୋଟି ଡୋଜ୍ ପ୍ରସ୍ତୁତ କରିବାକୁ ଆଶା ରଖିଛୁ ବୋଲି ପୁନାୱାଲା କହିଛନ୍ତି। ଅନ୍ୟପକ୍ଷରେ ଭାରତରେ ଆସନ୍ତା ୨ରୁ ୩ ସପ୍ତାହ ମଧ୍ୟରେ ଉକ୍ତ ଟିକାର ମାନବ ଶରୀରରେ ପରୀକ୍ଷା କରାଯିବାକୁ ଆଶା ରହିଛି। ଏନେଇ ସରକାରଙ୍କ ନିୟମ ଅନୁଯାୟୀ କାର୍ଯ୍ୟ ଚାଲିଛି। ଆମେ ଏବେ ରିସ୍କ ନେଇ ଟିକା ଉତ୍ପାଦନ କରିବାକୁ ଯାଉଛୁ। କ୍ଲିନିକାଲ ପରୀକ୍ଷଣରେ ସଫଳତା ମିଳିବାବେଳକୁ ଯଥେଷ୍ଟ ପରିମାଣର ଟିକା ଉପଲବ୍ଧ କରାଇବା ଉଦ୍ଦେଶ୍ୟରେ ଏଭଳି ରିସ୍କ ନେଇଛୁ ବୋଲି ପୁନାୱାଲା କହିଛନ୍ତି।

**କୋଭିଡ୍-୧୯ ମୁକାବିଲା**



- ପୁଣେର ସେରମ୍ ଇନ୍‌ଷ୍ଟିଚ୍ୟୁଟ୍ ଚଳାଇଛି ପ୍ରସ୍ତୁତି
- ଚାଲିଛି ମାନବ ଶରୀରରେ ଟିକାର ପରୀକ୍ଷଣ
- ସଫଳତା ନେଇ ବୈଜ୍ଞାନିକମାନେ ଆଶାବାଦୀ
- ଅକ୍ଟୋବର ସୁଦ୍ଧା ବଜାରରେ ଉପଲବ୍ଧ ହୋଇପାରେ

# ମନ୍ଦିର ଭିତରେ ହେଲା ରଥ ନିର୍ମାଣ ଅନୁକୂଳ

**ପୁରୀ ଅଫିସ, ୨୬।୪**

ଶ୍ରୀମନ୍ଦିର ଇତିହାସରେ ଯୋଡ଼ିହେଲା ନୂଆ ଅଧ୍ୟାୟ। ହଜାର ହଜାର ବର୍ଷ ପରମ୍ପରାରେ ଯାହା କେବେ ଘଟି ନ ଥିଲା ତାହା ଘଟିଲା। ଶ୍ରୀମନ୍ଦିର ଭିତରେ ହେଲା ଅକ୍ଷୟ ତୃତୀୟା ବିଧି। ତିନିରଥ ନିର୍ମାଣ ଲାଗି ଅନୁକୂଳ ହେଲା। ଏଥିସହ ମନ୍ଦିର ପରିସରରେ ବି ହେଲା ବାହାର ଚନ୍ଦନ ଯାତ୍ରା। କେହି କେବେ ଏମିତି ଶୁଣି ନ ଥିଲେ କି ଏପରି ସମୟ ଆସିବ ବୋଲି ଭାବି ନ ଥିଲେ। ହେଲେ ମହାମାରୀ କରୋନା ଶ୍ରୀମନ୍ଦିର ଇତିହାସରେ ଏଭଳି ଏକ ନୂଆ ଅଧ୍ୟାୟ ଯୋଡ଼ିଦେଲା।

ଜୁନ୍ ୨୩ ତାରିଖରେ ରଥଯାତ୍ରା। କରୋନା ପାଇଁ ରଥଯାତ୍ରା ହେବ କି ନାହିଁ ସେ ନେଇ କିଛି ସ୍ପଷ୍ଟ ହୋଇ ନ ଥିବାବେଳେ ପରମ୍ପରା ମୁତାବକ ରବିବାର ପବିତ୍ର ଅକ୍ଷୟ ତୃତୀୟାରେ ତିନିରଥ ନିର୍ମାଣ ଅନୁକୂଳ ହୋଇଛି । ତାହା ପୁଣି ରଥଖଳାରେ ନୁହେଁ ଶ୍ରୀମନ୍ଦିର ଭିତରେ। ଲକ୍‌ଡାଉନ କଟକଣା ଯୋଗୁ ଅକ୍ଷୟ ତୃତୀୟା ନୀତି ମନ୍ଦିର ପରିସରରେ ହିଁ ସମ୍ପନ୍ନ ହୋଇଛି। ସ୍ନାନବେଦି ଏବଂ ଚାହାଣି ମଣ୍ଡପ ମଧ୍ୟଭାଗରେ ମହାପ୍ରଭୁଙ୍କ ଆଜ୍ଞାମାଳ ଆସି ବିଜେ ହେବା ପରେ ରଥ ନିର୍ମାଣ ଅନୁକୂଳ କରାଯାଇଛି।

ଦେଉଳ ପୁରୋହିତ ଓ ଶ୍ରୋତ୍ରୀୟ ବ୍ରାହ୍ମଣ ରବିବାର ଅପରାହ୍ନରେ ବନଯାଗର ସଂକ୍ଷିପ୍ତ ପଦ୍ଧତିରେ ରଥକାଠ ଅନୁକୂଳ ନୀତି କରିଥିଲେ। ଶ୍ରୀମନ୍ଦିରରୁ ବୈଷ୍ଣବାଗ୍ନୀ ଅଣାଯାଇ ହୋମରେ ଅଗ୍ନି ସ୍ଥାପନା କରାଯାଇ ନୃସିଂହ ମନ୍ତ୍ରରେ ଆହୂତି ଦିଆଯାଇଥିଲା। ଏହାପରେ ମା' ଦକ୍ଷିଣ କାଳୀଙ୍କ ମନ୍ତ୍ରରେ ନୂତନ ଭାବେ ଅଣାଯାଇଥିବା ୩ଟି କୁରାଢି ଅଭିମନ୍ତ୍ରିତ କରି ପୂଜା କରାଯାଇଥିଲା। ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ବଢିବା ପରେ ଅପରାହ୍ନ ୫ଟା ୧୦ରେ ମହାଜନ ସେବକ ଦୁଇ ଦେବ ରାମ ଓ କୃଷ୍ଣଙ୍କୁ ହାତରେ ବିଜେ କରାଇ ଆଣି ଝୁଲଣମଣ୍ଡପ ତଳେ ପାଲିଙ୍କିରେ ବିଜେ କରାଇଥିଲେ। ମଦନମୋହନ, ଶ୍ରୀଦେବୀ ଓ ଭୂଦେବୀଙ୍କୁ ମଣି ବିମାନରେ ବିଜେ କରାଇଥିଲେ। ଏହାପରେ ମାଳଫୁଲ ଲାଗି ବିଜେ କାହାଳି ବାଜିଥିଲା। ତିନିଜଣ ପୂଜାପଣ୍ଡା ସାମନ୍ତ ୫ଟା ୧୫ରେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରୁ ୩ ଗୋଟା ଆଜ୍ଞାମାଳ ଆଣିଥିଲେ। ୫ଟା ୪୫ରେ ବିମାନ ବଡୁମାନେ ଘଣ୍ଟ, ଛତା, କାହାଳୀ ଶୋଭାଯାତ୍ରାରେ ପାଲିଙ୍କି ଓ ବିମାନରେ ଠାକୁରଙ୍କୁ ଜଳକ୍ରୀଡ଼ା ମଣ୍ଡପ ଅଭିମୁଖେ ନେଇଥିଲେ। ସେମାନଙ୍କ ପଛେ ପଛେ ବିମାନରେ ପଞ୍ଚ ମହାଦେବ (ଯମେଶ୍ୱର, ଲୋକନାଥ, ମାର୍କଣ୍ଡେଶ୍ୱର, କପାଳମୋଚନ ଓ ନୀଳକଣ୍ଠେଶ୍ୱର) ଯାଇଥିଲେ। ଏହାପରେ ତିନିଠାକୁରଙ୍କ ୩ ଗୋଟା ଆଜ୍ଞାମାଳ ଆଣି ପୂଜାପଣ୍ଡା ସାମନ୍ତ ୩ ଖଣ୍ଡ କାଠରେ ବିଜେ କରାଇଥିଲେ। ଦେଉଳ ପୁରୋହିତ ପୂଜା ହୋଇଥିବା କୁରାଢିରେ ସ୍ପର୍ଶ କରି ରଥ ନିର୍ମାଣର ଅନୁକୂଳ କରିଥିଲେ।

ବନଯାଗ ପ୍ରକ୍ରିୟାରେ ରଥ ନିର୍ମାଣ ଅନୁକୂଳ ଲାଗି ସମସ୍ତ ବିଧି କରାଯାଇଥିଲା। ଏହି ଅବସରରେ ରଥକାର୍ଯ୍ୟ ନିମନ୍ତେ ବିଶ୍ୱକର୍ମାମାନଙ୍କୁ ବରଣ କରାଯାଇଥିଲା। ଦେଉଳକରଣଙ୍କ ଉପସ୍ଥିତିରେ ଛତିଶା ନିଯୋଗ ନାୟକ ଜନାର୍ଦ୍ଦନ ପାଟ୍ଟଯୋଶୀ ମହାପାତ୍ର ବିଶ୍ୱକର୍ମାଙ୍କୁ ଶାଢି ବାନ୍ଧିଥିଲେ। ତିନିବାଡ଼ର ବିଶ୍ୱକର୍ମା ନନ୍ଦିଘୋଷ ରଥର ବିଜୟ କୁମାର ମହାପାତ୍ର, ଶ୍ୟାମସୁନ୍ଦର ମହାରଣା, ସନାତନ ମହାପାତ୍ର, ବଡଠାକୁରଙ୍କ ତାଳଧ୍ୱଜ ରଥର ନରସିଂହ ମହପାତ୍ର, ରଘୁନାଥ ସୁବୁଦ୍ଧି ଓ ଶ୍ୟାମସୁନ୍ଦର ମହାରଣା, ସୁଭଦ୍ରାଙ୍କ ଦର୍ପଦଳନ ରଥର କୃଷ୍ଣଚନ୍ଦ୍ର ମହାରଣା ଏବଂ ସୁରେନ୍ଦ୍ର ମହାରଣା ଶାଢି ବନ୍ଧାଇଥିଲେ। ସେହିପରି ରଥ ଅମିନ ଲକ୍ଷ୍ମଣ ମହାପାତ୍ର ଏବଂ ଭୋଇ ସେବକ ମଧ ଶାଢି ବନ୍ଧାଇଥିଲେ। ତିନି ଆଜ୍ଞାମାଳ ରଥ କାଠରେ ଲାଗି ହେବା ପରେ ତିନିବାଡ଼ର ବିଶ୍ୱକର୍ମା ଉକ୍ତ ଆଜ୍ଞାମାଳ ନେଇ ଶ୍ରୀମନ୍ଦିର କାର୍ଯ୍ୟାଳୟ ନିକଟ ଚର୍ଚ୍ଚିକା ଠାକୁରାଣୀଙ୍କୁ ପ୍ରଦାନ କରିଥିଲେ। ରଥ ନିର୍ମାଣ ଅନୁକୂଳ ବେଳେ ଶ୍ରୀମନ୍ଦିର ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା, ସୁରକ୍ଷା ପ୍ରଶାସକ ଶରତ କୁମାର ମିଶ୍ର, ଶ୍ରୀମନ୍ଦିର ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା, ନୀତିପରାମର୍ଶଦାତା ରବୀନ୍ଦ୍ର ନାଥ ଦାସ, ମୁଖ୍ୟ ତତ୍ତ୍ୱାବଧାରକ ସୁଦର୍ଶନ ମେକାପ ପ୍ରମୁଖ ଉପସ୍ଥିତ ଥିଲେ।



ଅନୁକୂଳ ସାରି ଶାଢିବନ୍ଧା ମହାରଣା, କମାର, ଚିତ୍ରକାର ସେବାୟତମାନେ ଫେରୁଛନ୍ତି।

**ଶ୍ରୀମନ୍ଦିର ଇତିହାସରେ ନୂଆ ଅଧ୍ୟାୟ**

# ୨୨ ଆଇଏଏସ୍‌ଙ୍କୁ ବିଭିନ୍ନ ଜିଲା ଦାୟିତ୍ୱ

**କୋଭିଡ୍-୧୯ ପରିଚାଳନା**

**ଭୁବନେଶ୍ୱର,୨୬।୪(ବ୍ୟୁରୋ)**

କରୋନା ମୁକାବିଲା ପାଇଁ ବିଭିନ୍ନ ସଂକ୍ରମିତ, ଅଣସଂକ୍ରମିତ ସ୍ଥାନର ସମସ୍ତ ପ୍ରଶାସନିକ କାର୍ଯ୍ୟର ତଦାରଖ ପାଇଁ ୧୨ ଜଣ ଆଇଏଏସ୍ ଅଧିକାରୀଙ୍କୁ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ଦିଆଯାଇଛି।

ରବିବାର ସନ୍ଧ୍ୟାରେ ପ୍ରକାଶ ପାଇଥିବା ବିଜ୍ଞପ୍ତି ଅନୁଯାୟୀ, ଆଇଏଏସ୍ ଅଧିକାରୀ ଅନୁ ଗର୍ଗ ଏବଂ ତିରୁମାଲ୍ଲା ନାୟକଙ୍କୁ ଭୁବନେଶ୍ୱର ଦାୟିତ୍ୱ ଦିଆଯାଇଛି। ସେହିପରି ମଧୁସୂଧନ ପାଢ଼ୀ ଏବଂ ରତ୍ନାକର ରାଉତଙ୍କୁ ବାଲେଶ୍ୱର ଓ ଭଦ୍ରକ, ସୌରଭ ଗର୍ଗ ଏବଂ ସୁଶାନ୍ତ ମହାପାତ୍ରଙ୍କୁ କଟକ ସହର ଓ ସଦର, ସୁରେନ୍ଦ୍ର କୁମାର ଏବଂ ଶ୍ରୀକାନ୍ତ ପୃଷ୍ଟିଙ୍କୁ ମୟୂରଭଞ୍ଜ ଓ କେନ୍ଦୁଝର, ଜି.ମାଥିଭାଥନନ୍ ଏବଂ କ୍ରିଷନ୍ କୁମାରଙ୍କୁ ଗଞ୍ଜାମ ଓ ଗଜପତି ଜିଲା ଦାୟିତ୍ୱ ଦିଆଯାଇଛି। ହେମନ୍ତ ଶର୍ମା ଏବଂ ସୁରେଶ ଚନ୍ଦ୍ର ଦଳାଇଙ୍କୁ ଯାଜପୁର, ଜଗତସିଂହପୁର ଏବଂ କେନ୍ଦ୍ରାପଡ଼ା, ବିଷ୍ଣୁପଦ ସେଠୀ ଏବଂ ଗୋପବନ୍ଧୁ ଶତପଥୀଙ୍କୁ ଅନୁଗୋଳ, ଦେବଗଡ଼ ଏବଂ ଢେଙ୍କାନାଳ, ସୁଶୀଲ କୁମାର ଲୋହାନୀ ଏବଂ ବେଣୁଧର ବେହେରାଙ୍କୁ ବଲାଙ୍ଗୀର, ନୂଆପଡ଼ା ଏବଂ ବରଗଡ଼ ଦାୟିତ୍ୱ ଦିଆଯାଇଛି। ଶାଶ୍ୱତ ମିଶ୍ର ଏବଂ ବିଷ୍ଣୁପଦ ମିଶ୍ରଙ୍କୁ କଳାହାଣ୍ଡି, କନ୍ଧମାଳ ଓ ବୌଦ୍ଧ ଜିଲା ଦାୟିତ୍ୱ ଦିଆଯାଇଛି। ବୀରବିକ୍ରମ ଯାଦବ ଏବଂ ରସିଦ୍ ଖାନ୍‌ଙ୍କୁ କୋରାପୁଟ, ମାଲକାନଗିରି, ନବରଙ୍ଗପୁର ଏବଂ ରାୟଗଡ଼ା ଜିଲା ଦାୟିତ୍ୱ ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଅନିଲ କୁମାର ସାମଲଙ୍କୁ ପୁରୀ, ନୟାଗଡ଼, କଟକ ଓ ଖୋର୍ଦ୍ଧା ଗ୍ରାମାଞ୍ଚଳ ଦାୟିତ୍ୱ ଦିଆଯାଇଛି। ସେହିଭଳି ନିରଞ୍ଜନ ସାହୁଙ୍କୁ ସମ୍ବଲପୁର, ସୋନପୁର, ଝାରସୁଗୁଡ଼ା ଏବଂ ସୁନ୍ଦରଗଡ଼ ଦାୟିତ୍ୱ ଦିଆଯାଇଛି।

## ପ୍ରଦୀପ୍ତ ମହାପାତ୍ରଙ୍କୁ ସ୍ୱାସ୍ଥ୍ୟ, ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ଦାୟିତ୍ୱ

ଓଡ଼ିଶା ସରକାରଙ୍କ କୃଷି ଉତ୍ପାଦନ କମିଶନର (ଏପିସି) ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ(ଏସିଏସ୍) ପାହ୍ୟା ଅଧିକାରୀ ପ୍ରଦୀପ୍ତ ମହାପାତ୍ରଙ୍କୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ଦାୟିତ୍ୱ ମଧ୍ୟ ପ୍ରଦାନ କରାଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ କୋଭିଡ-୧୯ ମୁକାବିଲା ସମ୍ପର୍କିତ ପ୍ରକାଶିତ ଏକ ବିଶେଷ ବିଜ୍ଞପ୍ତିରେ ଏହା ଉଲ୍ଲେଖ କରାଯାଇଛି। ଏହା ପୂର୍ବରୁ ସେ ରାଜସ୍ୱ ଓ ପରିଚାଳନା ବିଭାଗର ମଧ ଅତିରିକ୍ତ ଦାୟିତ୍ୱ ତୁଲାଇ ଆସୁଥିଲେ। ପ୍ରଦୀପ୍ତଙ୍କ ନିଯୁକ୍ତି ସତ୍ତ୍ୱେ ପୂର୍ବ ପରି ଆଇଏଏସ୍ ଅଧିକାରୀ ନିକୁଞ୍ଜ ଧଳ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପ୍ରମୁଖ କାର୍ଯ୍ୟ କରିବେ। ପ୍ରଦୀପ୍ତ କରୋନା ମୁକାବିଲା ସମ୍ପର୍କିତ କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବେ।

# କ'ଣ ଖୋଲିବ, କ'ଣ ବନ୍ଦ ରହିବ: ସ୍ପଷ୍ଟ କଲା ସିଏମ୍‌ସି

**କଟକ ଅଫିସ୍,୨୬।୪**

ଲକ୍‌ଡାଉନ୍ ଯୋଗୁ କଟକ ସହରର ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ଦୀର୍ଘ ଦିନ ହେଲା ବନ୍ଦ ରହିଛି। ତେବେ ଦୋକାନ ବଜାର ଖୋଲିବା ନେଇ ଶୁକ୍ରବାର ବିଳମ୍ବିତ ରାତିରେ ପ୍ରଥମେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଏବଂ ପରେ ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ତରଫରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। କିନ୍ତୁ ଚୂଡ଼ାନ୍ତ ନିଷ୍ପତ୍ତି ସ୍ଥାନୀୟ ପ୍ରଶାସନ ନେବ ବୋଲି କୁହାଯାଇଛି। ରବିବାର କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ଏ ସମ୍ପର୍କରେ ସ୍ପଷ୍ଟ ନିର୍ଦ୍ଦେଶନାମା ପ୍ରକାଶ ପାଇଛି। ଜାରି ନିର୍ଦ୍ଦେଶରେ କୁହାଯାଇଛି, କଟକର ସ୍ଥିତି ନେଇ ସମୀକ୍ଷା କରାଯାଇଛି। ଅଣ-ଅତ୍ୟାବଶ୍ୟକ ସାମଗ୍ରୀ ବିକ୍ରି କରୁଥିବା ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଛି । ଓଡ଼ିଶା ଶପ୍ ଆଣ୍ଡ କମର୍ସିଆଲ୍ ଏଷ୍ଟାବ୍ଲିଶମେଣ୍ଟ ଆକ୍ଟ-୧୯୫୬ରେ ପଞ୍ଜୀକୃତ ତଥା ଏକକ ଦୋକାନ, ଆବାସିକ କମ୍ପ୍ଲେକ୍ସରେ ଥିବା ଦୋକାନ ଖୋଲା ରହିବ। କିନ୍ତୁ ଏକ କିମ୍ବା ବହୁ ବ୍ରାଣ୍ଡ ବିକ୍ରି କରୁଥିବା ମଲ୍ ଏବଂ ମାର୍କେଟ୍ କମ୍ପ୍ଲେକ୍ସ ବନ୍ଦ ରହିବ। ରେଷ୍ଟୁରାଣ୍ଟରୁ କେବଳ ପାର୍ସଲ୍ ପାଇଁ ହିଁ ଅନୁମତି ଦିଆଯିବ। ଗ୍ରାହକମାନେ ସେଠାରେ ଖାଇପାରିବେ ନାହିଁ । ସେହିଭଳି ଅଳଙ୍କାର ଦୋକାନ ଏବଂ ଶୋ'ରୁମ୍, ସୁଇମିଂପୁଲ୍, ସେଲୁନ୍ ଏବଂ ଜିମ୍‌କୁ ବନ୍ଦ ରଖାଯିବ। ଇ-କମର୍ସ ବ୍ୟବସ୍ଥା ଚାଲୁ ରହିବ। କିନ୍ତୁ କେବଳ ଅତ୍ୟାବଶ୍ୟକ ସାମଗ୍ରୀ ହିଁ ବିକ୍ରି ହୋଇପାରିବ । ମାଦକ ଦ୍ରବ୍ୟ, ତମାଖୁ, ପାନ, ସୁପାରି ବିକ୍ରି କରୁଥିବା ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକୁ ବନ୍ଦ ରଖାଯିବ ବୋଲି ସିଏମ୍‌ସି ତରଫରୁ କୁହାଯାଇଛି ।

ଅପରପକ୍ଷେ ଅଣ-ଅତ୍ୟାବଶ୍ୟକ ସାମଗ୍ରୀ ବିକ୍ରି କରୁଥିବା ତଥା ଉପରୋକ୍ତ ରିଟେଲ୍ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ପୂର୍ବାହ୍ନ ୧୧ରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଖୋଲା ରହିବ। କିନ୍ତୁ ହୋଲ୍‌ସେଲ୍ ଦୋକାନଗୁଡ଼ିକ ସକାଳ ୬ରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ଖୋଲାଯିବ। ଯେଉଁ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକରେ ଉଭୟ ହୋଲ୍‌ସେଲ୍ ଏବଂ ରିଟେଲ୍ ରହୁଛି, ସେଗୁଡ଼ିକୁ ସକାଳ ୬ରୁ ପୂର୍ବାହ୍ନ ୧୧ଟା କିମ୍ବା ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ, ଗୋଟିଏ ସମୟରେ ହିଁ ଖୋଲା ରହିବ। ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ ୫୦ପ୍ରତିଶତ କର୍ମଚାରୀଙ୍କୁ ନେଇ କାର୍ଯ୍ୟ କରିବ। ସାମାଜିକ ଦୂରତା ପାଳନ କରାଯିବ। କର୍ମଚାରୀମାନେ ମାସ୍କ ପିନ୍ଧିବାକୁ ବାଧ ହେବେ। ଦୋକାନଗୁଡ଼ିକୁ ନିୟମିତ ସାନିଟାଇଜ୍ ଉପରେ ଗୁରୁତ୍ୱ ଦିଆଯିବ। ତେବେ ଟ୍ରାଫିକ କଟକଣା ବଳବତ୍ତର ରହୁଥିବା ଯୋଗୁ ଦୋକାନୀ ଏବଂ କର୍ମଚାରୀମାନେ ବୈଧ ପରିଚୟପତ୍ର ଯଥା ଟ୍ରେଡ୍ ଲାଇସେନ୍ସ, ହୋଲ୍‌ଡିଂ ଟ୍ୟାକ୍ସ ରସିଦ୍ କିମ୍ବା ପଞ୍ଜୀକରଣ ଫର୍ମ ଧରିବାକୁ ସିଏମ୍‌ସି ପକ୍ଷରୁ କୁହାଯାଇଛି ।

# ଆଶା, ଅଙ୍ଗନୱାଡି କର୍ମୀ ସମ୍ବର୍ଦ୍ଧିତ

**କଟକ ରୋଡ,୨୬।୪(ଡି.ଏନ.ଏ.)**

କରୋନା ଭୂତାଣୁ ବ୍ୟାପିବା ଭୟ ଲୋକଙ୍କୁ ଆତଙ୍କିତ କରିଛି। ଏଭଳି ପରିସ୍ଥିତିରେ ଆଶା ଓ ଅଙ୍ଗନୱାଡି କର୍ମୀ ଘରକୁ ଘର ବୁଲି ରୋଗ ବାବଦରେ ଲୋକଙ୍କୁ ସଚେତନ କରିବା ସହ ଆବଶ୍ୟକ ଅନୁଯାୟୀ ପଦକ୍ଷେପ ନେଉଛନ୍ତି। ଏଭଳି ୧୦ଜଣ ଆଶା ଓ ଅଙ୍ଗନୱାଡି କର୍ମୀଙ୍କୁ ଭୁବନେଶ୍ୱର ଲକ୍ଷ୍ମୀସାଗରସ୍ଥିତ ଗୋପବନ୍ଧୁ କ୍ଲବ ପକ୍ଷରୁ ରବିବାର ସମ୍ବର୍ଦ୍ଧିତ କରାଯାଇଛି। ଏମାନଙ୍କୁ କ୍ଲବ ପରିସରରେ ଫୁଲମାଳ ପିନ୍ଧାଇ କର୍ମକର୍ତ୍ତା ସ୍ୱାଗତ କରିବା ସହ ସେମାନଙ୍କ କାର୍ଯ୍ୟକୁ ସାଧୁବାଦ ଜଣାଇଥିଲେ। ଏଥିରେ କ୍ଲବର ରଘୁନାଥ ମନ୍ତ୍ରୀ, ଅକ୍ଷୟ ପରିଡା, ଯୋଗେନ୍ଦ୍ର ସାହୁ, ଅଭିମନ୍ୟୁ ନାୟକ, ରାକେଶ ପାତ୍ର, ଲିଙ୍ଗରାଜ ସାହୁଙ୍କ ସହ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ଗୁଜରାଟ, ମହାରାଷ୍ଟ୍ରରୁ ବସ୍‌ରେ ଫେରିବେ ଓଡ଼ିଆ ଶ୍ରମିକ




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ସହ ଆଲୋଚନା କରୁଛନ୍ତି।

- ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କଲେ ନବୀନ ପଟ୍ଟନାୟକ
- ଉଭୟ ରାଜ୍ୟର ଅଧିକାରୀଙ୍କୁ ନେଇ ଗଠନ ହେବ ସମନ୍ୱୟ କମିଟି

**ଭୁବନେଶ୍ୱର, ୨୬।୪(ବ୍ୟୁରୋ)**

କରୋନା କଟକଣା ଓ ଲକ୍‌ଡାଉନ୍ ଯୋଗୁ ଦେଶର ବିଭିନ୍ନ ରାଜ୍ୟରେ ଲକ୍ଷ ଲକ୍ଷ ଓଡ଼ିଆ ଫସି ରହିଥିବାବେଳେ ସେମାନଙ୍କୁ ସୁରକ୍ଷିତ ଭାବେ ଫେରାଇ ଆଣିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଜନା ଚାଲିଛି। ଏହି ପରିପ୍ରେକ୍ଷୀରେ ରବିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁଜରାଟ ଓ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା କରିଛନ୍ତି। ଏହି ଦୁଇ ରାଜ୍ୟରୁ ପ୍ରବାସୀ ଓଡ଼ିଆ ଶ୍ରମିକଙ୍କୁ ବସ୍ ଯୋଗେ ଆଣିବା ପାଇଁ ନିଷ୍ପତ୍ତି ହୋଇଛି।

ପ୍ରଥମେ ଗୁଜରାଟ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀ ଓ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମଧ୍ୟରେ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଆଲୋଚନା ହୋଇଥିଲା। ନିଷ୍ପତ୍ତି ଅନୁଯାୟୀ, ଏଥିପାଇଁ ଦୁଇ ରାଜ୍ୟରୁ ଦୁଇଜଣ ଲେଖାଏ ବରିଷ୍ଠ ଅଧିକାରୀଙ୍କୁ ନେଇ ଏକ ସମନ୍ୱୟ କମିଟି ଗଠନ କରାଯିବ। ପ୍ରାଥମିକ ପର୍ଯ୍ୟାୟରେ ମୁଖ୍ୟତଃ ସେମାନଙ୍କୁ ବସ୍ ଯୋଗେ ଫେରାଇ ଆଣିବା ପାଇଁ ବ୍ୟବସ୍ଥା କରାଯିବ। ଏହା ବ୍ୟତୀତ ଅନ୍ୟ ପରିବହନ ମାଧ୍ୟମ ସମ୍ପର୍କରେ ଅନୁଧ୍ୟାନ କରି ନିଷ୍ପତ୍ତି ନିଆଯିବ। ଗୁଜରାଟରୁ ଶ୍ରମିକମାନଙ୍କୁ ନେଇ ଫେରିବାକୁ ଥିବା ବସ୍‌ର ରୋଡ୍ ଟ୍ୟାକ୍ସ ଛାଡ଼ କରିବା ପାଇଁ ମହାରାଷ୍ଟ୍ର, ମଧ୍ୟପ୍ରଦେଶ ଓ ଛତିଶଗଡ଼ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ସେହିଭଳି ଅନ୍ୟ ଏକ ଭିଡ଼ିଓ କନ୍‌ଫରେନ୍ସିଂରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କ ସହିତ ଆଲୋଚନା କରିଥିଲେ। ମହାରାଷ୍ଟ୍ରରେ କାମ କରୁଥିବା ଓଡ଼ିଆ ଭଉଣୀ ଭାଇମାନଙ୍କୁ ନିରାପଦ ଓ ଶୃଙ୍ଖଳିତ ଭାବରେ ଓଡ଼ିଶା ଫେରାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି। ମହାରାଷ୍ଟ୍ରରୁ ଶ୍ରମିକମାନଙ୍କୁ ନେଇ ଫେରୁଥିବା ବସ୍ ଉପରୁ ସମସ୍ତ ପ୍ରକାର ଟିକସ ଛାଡ କରାଯିବ ବୋଲି ଉଦ୍ଧବ ଠାକ୍‌ରେ ପ୍ରତିଶ୍ରୁତି ଦେଇଛନ୍ତି।

ତେବେ ଓଡ଼ିଶା ଫେରିବାକୁ ଚାହୁଁଥିବା ସମସ୍ତଙ୍କ ପାଇଁ ପଞ୍ଜୀକରଣ ବାଧ୍ୟତାମୂଳକ ବୋଲି ଅବଗତ କରାଯାଇଛି। ଉପରୋକ୍ତ ଦୁଇଟି ଆଲୋଚନାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭିଡିଓ କନ୍‌ଫରେନ୍ସ ଜରିଆରେ ଦିଲ୍ଲୀରୁ ଯୋଗ ଦେଇଥିଲେ। ସେ ମଧ ଓଡ଼ିଆ ଭଉଣୀଭାଇମାନଙ୍କ ପଞ୍ଜୀକରଣ ଉପରେ ଗୁରୁତ୍ୱାରୋପ କରିଥିଲେ।

# ଆଧାର ବାଧ୍ୟତାମୂଳକ ନ କରିବାକୁ ଦାବି

**କଟକ ଅଫିସ୍,୨୬।୪**

- ଫେରନ୍ତା ଶ୍ରମିକଙ୍କ ପଞ୍ଜୀକରଣ
- ବିଭିନ୍ନ ସଂଗଠନର ସମାଲୋଚନା

ଲକ୍‌ଡାଉନ୍ ପରେ ପ୍ରବାସୀ ଶ୍ରମିକମାନେ ବହୁ ଅସୁବିଧାରେ ରହିଛନ୍ତି। ରହୁଥିବା ସ୍ଥାନରେ ସମସ୍ୟା ଦେଖାଦେବାରୁ ସେମାନେ ଭିଟାମାଟିକୁ ଫେରିବାକୁ ଚାହୁଁଛନ୍ତି। ଓଡ଼ିଶା ସରକାର ମଧ ଏନେଇ ବିଭିନ୍ନ ରାଜ୍ୟ ସରକାରଙ୍କ ସହ ନିୟମିତ ଆଲୋଚନା କରୁଛନ୍ତି । ତେବେ ଯେଉଁ ଶ୍ରମିକମାନେ ଫେରୁଛନ୍ତି କିମ୍ବା ଭବିଷ୍ୟତରେ ଫେରିବେ, ସେମାନଙ୍କୁ ନାମ ପଞ୍ଜୀକରଣ କରିବାକୁ ହେବ। ଏଥି ପାଇଁ ଆଧାର କାର୍ଡ ବାଧ୍ୟତାମୂଳକ କରାଯାଇଛି। ଏହାକୁ କଟକର ବିଭିନ୍ନ ସଂଗଠନ ସଦସ୍ୟମାନେ ସମାଲୋଚନା କରିଛନ୍ତି ।

କଟକ ମହାନଗର ନାଗରିକ ମଞ୍ଚ ଆବାହକ ଚିତ୍ତରଞ୍ଜନ ମହାନ୍ତି, ବରିଷ୍ଠ ଖବରଦାତା ସତ୍ୟ ରାୟ, ସଂଗ୍ରାମୀ ଫୋରମ ନେତା ପ୍ରଶାନ୍ତ ଦାସ, ବାମପନ୍ଥୀ ନେତା ବିଶ୍ୱାବସୁ ଦାସ, ସମ୍ପୂର୍ଣ୍ଣ କ୍ରାନ୍ତି ଅଭିଯାନ ସଭାପତି ଶିଶିର ଦାସ, ସମ୍ପାଦକ ଯୁଗଳ କିଶୋର ନାୟକ, ବସ୍ତିବାସିନ୍ଦା ମିଳିତ ମଞ୍ଚର ଆବାହକ ଖଗେଶ୍ୱର ସେଠୀ, ସାମାଜିକକର୍ମୀ ଡଲି ଦାସ, ଶ୍ରମିକ ନେତା ରାଜକିଶୋର ମଲ୍ଲିକ ପ୍ରମୁଖ କହିଛନ୍ତି, କରୋନା ସଂକ୍ରମଣ ପରିସ୍ଥିତିକୁ ମୁକାବିଲା ପାଇଁ ଯେତେବେଳେ କେନ୍ଦ୍ର ଓ ରାଜ୍ୟ ସରକାର ଲକଡାଉନ୍ ଘୋଷଣା କଲେ, ସେତେବେଳେ ଯେଉଁ ଦିଗ ପ୍ରତି ଦୃଷ୍ଟି ଦେବା କଥା ତାହା କରି ନ ଥିଲେ । ବିଭିନ୍ନ ରାଜ୍ୟରେ ଥିବା ପ୍ରବାସୀ ଶ୍ରମିକମାନେ କାମଧନ୍ଦା ହରାଇବା ଫଳରେ ଖାଦ୍ୟ ଓ ବାସ ପାଇଁ ହାହାକାର ହୋଇପଡ଼ିଛନ୍ତି। ଲକ୍ଷାଧିକ ଶ୍ରମିକ ଗଛମୂଳେ ଏବଂ ଅନ୍ୟାନ୍ୟ ସ୍ଥାନରେ ଖାଦ୍ୟ ପାଇଁ ଅସହାୟ ଅବସ୍ଥାରେ ରହିଛନ୍ତି। କାମ ନାହିଁ କି ପଇସା ନାହିଁ। ଏପରିସ୍ଥଳେ ଭୋକ ସହି ନ ପାରି ଶହଶହ କି.ମି. ଗ୍ରାମ ଅଭିମୁଖେ ଚାଲିବା ଆରମ୍ଭ କଲେ। ତାଙ୍କ ଭିତରୁ କେତେଜଣଙ୍କର ମୃତ୍ୟୁ ଘଟିଛି। ଏ ଭଳି ଘଟିବ ବୋଲି ସରକାର ଚିନ୍ତା କରିବାର ଥିଲା। ଶ୍ରମିକମାନଙ୍କ ସେହି ଦୟନୀୟ ପରିସ୍ଥିତିରେ ଉଭୟ ସରକାର ସେମାନଙ୍କ ଖାଇବା ଓ ରହିବା ପାଇଁ ବ୍ୟବସ୍ଥା କଲେ ନାହିଁ। ବର୍ତ୍ତମାନ ଲକ୍‌ଡାଉନ୍‌କୁ ମାସେ ଏକ ସପ୍ତାହ ପୂରିବାକୁ ଯାଉଛି। ମେ' ୩ ପରେ ଶ୍ରମିକମାନେ ନିଜ ରାଜ୍ୟକୁ ଫେରିବେ। ରାଜ୍ୟରୁ ଗାଁକୁ ଯାଇ କ୍ୱାରାଣ୍ଟାଇନ୍‌ରେ ରହିବେ। ଏଣୁ ରାଜ୍ୟ ସରକାର କେତେକ ନିୟମ କରିଛନ୍ତି। ଯେଉଁ ଶ୍ରମିକମାନେ ବାହାର ରାଜ୍ୟରୁ ଆସିବେ, ସେମାନେ ଆଧାର କାର୍ଡ ଦେଖାଇ ପଞ୍ଜୀକୃତ କରିବାକୁ ହେବ। ଆଧାର କାର୍ଡ ସମ୍ପର୍କରେ ସୁପ୍ରିମକୋର୍ଟ ଯେଉଁ ରାୟ ଦେଇଛନ୍ତି, ସରକାରଙ୍କର ଏଭଳି ନିଷ୍ପତ୍ତି ଏହି ରାୟ ବିରୋଧରେ ଯାଉଛି। ଦୀର୍ଘ ଦେଢମାସରୁ ଊର୍ଦ୍ଧ୍ୱ ସମୟ ହେଲା ଭୋକ ଉପାସରେ ରହି ଶ୍ରମିକମାନେ କଷଣ ଭୋଗିଛନ୍ତି। ଗାଁକୁ କଷ୍ଟରେ ଫେରି ଆସୁଛନ୍ତି। ସେତେବେଳେ ସରକାରଙ୍କ କର୍ତ୍ତବ୍ୟ ହେଉଛି, ବଞ୍ଚିବା ଦାୟିତ୍ୱ ସହ ତାଙ୍କପାଇଁ କର୍ମ ସଂସ୍ଥାନ ଯୋଜନା କରିବା। ତାହା ନ କରି ଆଧାର କାର୍ଡ ଦେଖାଇ ପଞ୍ଜୀକୃତ ହେବାପାଇଁ ଘୋଷଣା କରିବା ଅତ୍ୟନ୍ତ ଅମାନବୀୟ ଓ ନିନ୍ଦନୀୟ। ରାଜ୍ୟ ସରକାରଙ୍କ ଏ ପ୍ରକାର ଜନବିରୋଧୀ ଓ ଶ୍ରମିକ ବିରୋଧୀ ନୀତିକୁ ସେମାନେ ସମାଲୋଚନା କରିବା ସହ ତୁରନ୍ତ ଏହାକୁ ପ୍ରତ୍ୟାହାର କରିବା ଏବଂ ପଞ୍ଜୀକରଣକୁ ସରଳୀକରଣ କରିବାକୁ ଦାବି କରିଛନ୍ତି ।

## ପଞ୍ଜୀକରଣରେ ଆଧାର କାର୍ଡ ବାଧ୍ୟତାମୂଳକ ନ କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

**ଭୁବନେଶ୍ୱର,୨୬।୪(ବ୍ୟୁରୋ):** ରାଜ୍ୟ ବାହାରେ ଥିବା ୫ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରମିକ ଲକ୍‌ଡାଉନ୍ ଶେଷ ହେବା ପରେ ଓଡ଼ିଶାକୁ ଫେରିବେ। ସରକାର ସେମାନଙ୍କ ନାମ ପଞ୍ଜୀକରଣ ପାଇଁ ଆଧାରକାର୍ଡକୁ ବାଧ୍ୟତାମୂଳକ କରିଛନ୍ତି। ଏହାକୁ ନେଇ ଏବେ ସମସ୍ୟା ସୃଷ୍ଟି ହୋଇଛି। ଯାହାଙ୍କ ଆଧାରକାର୍ଡ ନାହିଁ ସେମାନେ କ'ଣ କରିବେ ବୋଲି ଚିନ୍ତା ବଢ଼ିଛି। ତେଣୁ ଏହାକୁ ବଧ୍ୟତାମୂଳକ ନ କରିବା ପାଇଁ ସିଟିଜେନ୍ସ ଫୋରମ୍ ଓଡ଼ିଶା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଛି।

ଯେଉଁମାନେ ସତ୍ୟ ପଥରେ ଚାଲିବା ପାଇଁ ପ୍ରସ୍ତୁତ ହୋଇଛନ୍ତି–ସେମାନେ ଗୋଟିଏ ପରେ ଗୋଟିଏ ଆଘାତକୁ ଅପେକ୍ଷା କରନ୍ତି। କାରଣ ସେମାନେ ଜାଣନ୍ତି ଯେ, ଭଗବାନ ଆଘାତ ମଧ୍ୟରେ ହିଁ ସେମାନଙ୍କୁ ସାହାଯ୍ୟ କରିଥାନ୍ତି। –ଶ୍ରୀମା



# ନୂତନତ୍ୱର ସ୍ଥାନ ନାହିଁ

କରୋନା ଭୂତାଣୁ ସଂକ୍ରମଣ ଯୋଗୁ ଭାରତୀୟ ଅର୍ଥନୀତି ଘୋର ପ୍ରଭାବିତ ହୋଇଛି। ଲକ୍‌ଡାଉନ ଉଠିବା ପରେ ତତ୍‌କ୍ଷଣାତ୍ ଏଥିରେ ସୁଧାର ଆସିବ ବୋଲି ଆଶା କରାଯାଉ ନାହିଁ। ଆଗକୁ କିଭଳି ପଦକ୍ଷେପ ନେଲେ ଭାରତୀୟ ଅର୍ଥ ବ୍ୟବସ୍ଥା ସୁଦୃଢ଼ ହୋଇପାରିବ ସେଥିଲାଗି ସରକାରୀ ସ୍ତରରେ ଚିନ୍ତା କରାଯାଉଛି। ଏଭଳି ସ୍ଥଳେ ୫୦ ଜଣ ବରିଷ୍ଠ ଭାରତୀୟ ରାଜସ୍ୱ ସେବା (ଆଇଆର୍‌ଏସ୍) ଅଫିସର କେନ୍ଦ୍ରୀୟ ପ୍ରତ୍ୟକ୍ଷ କର ବୋର୍ଡ (ସିବିଡିଟି)କୁ ଅଧିକ ରାଜସ୍ୱ ସଂଗ୍ରହ ନେଇ ଏକ ପ୍ରସ୍ତାବ ଦେଇଛନ୍ତି। ସେମାନେ ସୁପାରିସ କରିଛନ୍ତି ଯେ, ସମାଜର ଅତି ଧନୀ ବା ସୁପର ରିଚ୍ ବର୍ଗଙ୍କ ଉପରେ ଅଧିକ ଟିକସ ବସାଯାଇପାରିଲେ ଅର୍ଥନୀତିକୁ ଅନେକାଂଶରେ ଆଶ୍ୱସ୍ତି ମିଳିପାରିବ। କୋଭିଡ୍‌–୧୯ ମହାମାରୀ ମୁକାବିଲା ଲାଗି ଫିସ୍‌କାଲ୍ ଅପ୍ସନ୍ସ ଆଣ୍ଡ୍ ରେସ୍‌ପନ୍ସ ଟୁ କୋଭିଡ୍‌– ୧୯ ଏପିଡେମିକ୍ (ଏଫ୍‌ଓଆର୍‌ସିଇ) ନାମକ ଏହି ପଲିସି ପେପରରେ କୁହାଯାଇଛି ଯେ, ଅତି ଧନୀଙ୍କ ଆୟ ଉପରେ ୪୦ ପ୍ରତିଶତ ଟିକସ ବସାଯିବା ଉଚିତ। କିମ୍ବା ଯାହାଙ୍କ ନେଟ୍‌ୱର୍ଥ ବା ମୂଳ ସମ୍ପତ୍ତି ୫ କୋଟି କିମ୍ବା ତଦୂର୍ଦ୍ଧ୍ୱ ହୋଇଥିବ ତାଙ୍କ ଉପରେ ସମ୍ପତ୍ତି କର ବସାଯିବା ଦରକାର।

ଗତ କିଛି ବର୍ଷ ହେବ ଭାରତୀୟ ଅର୍ଥନୀତିକୁ ଦେଖିଲେ ତାହାର ସ୍ୱରୂପ ବଦଳିବାରେ ଲାଗିଛି। ନଗଦ କାରବାର ଉପରେ ପର୍ଯ୍ୟବସିତ ଏହି ଅର୍ଥନୀତିକୁ ୮ ନଭେମ୍ବର ୨୦୧୬ରେ କେନ୍ଦ୍ର ସରକାରଙ୍କ ବିମୁଦ୍ରୀକରଣ ପ୍ରଥମେ ମାଡ଼ କରିଥିଲା। ସମସ୍ତେ ଜାଣନ୍ତି ଯେ, ଆର୍‌ବିଆଇ ଭାରତୀୟ ମୁଦ୍ରା ଛାପିଥାଏ ଓ ଏହା ସମ୍ପୂର୍ଣ୍ଣ ସରକାରଙ୍କ ତତ୍ତ୍ୱାବଧାନରେ ଚାଲେ। ଯେତେବେଳେ ଦୁଇଟି ବଡ଼ ନୋଟ୍‌କୁ ରାତାରାତି ଅଚଳ କରିଦିଆଗଲା, ତାହାର ସିଧାସଳଖ ପ୍ରଭାବ କ୍ଷୁଦ୍ର ଓ ମଧ୍ୟ ଶିଳ୍ପ ଉପରେ ପଡ଼ିଲା। ଫଳରେ ଅନେକ ଶିଳ୍ପରେ ତାଲା ପଡ଼ିଗଲା ଏବଂ ବେରୋଜଗାରି ଆରମ୍ଭ ହେଲା। ଯେଉଁ କେତେକ ଶିଳ୍ପ କାର୍ଯ୍ୟକ୍ଷମ ଥିଲେ ବିମୁଦ୍ରୀକରଣର କିଛି ମାସ ପରେ ସେଗୁଡ଼ିକ ଉପରେ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ଲାଗୁ କରିଦିଆଗଲା। 'ଗୋଟିଏ ଦେଶ, ଏକ ଟିକସ' ବ୍ୟବସ୍ଥା ବୋଲି କୁହାଯାଉଥିଲେ ମଧ୍ୟ ଏହାର କ୍ଲିଷ୍ଟ ହିସାବ ବୁଝି ନ ପାରି ଅନେକ ଶିଳ୍ପ ଆର୍ଥିକ କ୍ଷତି ସହିବାରେ ଲାଗିଲେ। ଅର୍ଥନୀତିର ମେରୁଦଣ୍ଡ ସଳଖ ହେବା ପୂର୍ବରୁ ଏବର କରୋନା ମାଡ଼ ଏହାକୁ ଧରାଶାୟୀ କରିଦେଇଛି। ଫଳରେ ଉଦ୍ୟୋଗଗୁଡ଼ିକ ଛିଡ଼ା ହେବା ପାଇଁ ସକ୍ଷମ ହୋଇପାରୁ ନାହାନ୍ତି। କାରଣ ଶ୍ରମିକମାନେ କୋଭିଡ୍‌–୧୯ ଯୋଗୁ ଲାଗୁ ହୋଇଥିବା ଲକ୍‌ଡାଉନ୍‌ରେ ଛିନ୍ନଛତର ହୋଇଯାଇଛନ୍ତି। ପୁଣି ଅର୍ଥ ସଙ୍କଟ ଯୋଗୁ ବଜାରରେ ଗ୍ରାହକଙ୍କ ଅଭାବ ଦେଖାଦେଇଛି। ସାମଗ୍ରୀ କିଣିବା ଲାଗି କେହି ନ ଥିବାରୁ ତାହା କାରଖାନାରେ ପଡ଼ି ରହିଛି। ଏଥିରୁ ବୁଝିବାକୁ ହେବ ଯେ, ଦିନେ ଯେଉଁ ଶିଳ୍ପ ପ୍ରଚୁର ଲାଭ କରୁଥିଲା, ଆଜି ବିଭିନ୍ନ ପ୍ରକାର କାରଣରୁ କ୍ଷତି କରି ଭୂଇଁରେ ମୁଣ୍ଡ ବାଡ଼ଉଛି। ଏଭଳି ସ୍ଥଳେ ଆଉ କେତେ ଅଧିକ ଧନୀ ଯେ ଅଛନ୍ତି, ଯେଉଁମାନଙ୍କ ଉପରେ ସରକାର ଅଧିକ ଟିକସ ବସାଇବାକୁ ଚିନ୍ତା କରୁଛନ୍ତି ଭାବିଲେ ଆଶ୍ଚର୍ଯ୍ୟ ଲାଗୁଛି।

ଏଠାରେ ଆୟକର ଅଧିକାରୀଙ୍କ ନଜର କେବଳ ଏବକାର କରଦାତାଙ୍କ ଉପରେ ସୀମିତ ରହିଯାଇଛି। ଘରୁ କାମ କରୁଥିବା ଏହି ଅଧିକାରୀମାନଙ୍କଠାରୁ କୌଣସି ନୂଆ ଚିନ୍ତା ଆଶା କରାଯିବା ସ୍ୱାଭାବିକ। ପରିତାପର ବିଷୟ ଯେ, ସେମାନେ ନିଜ ବୁଦ୍ଧି ଖର୍ଚ୍ଚ କରି କୌଣସି ନୂତନ ଆୟର ବିକଳ୍ପ ଭାବିବାରେ ସକ୍ଷମତା ପ୍ରଦର୍ଶନ କରି ନାହାନ୍ତି। ଗତାନୁଗତିକ ପଦ୍ଧତିରେ ଯେଉଁ ବ୍ୟକ୍ତିବିଶେଷ ବା କମ୍ପାନୀ ପୂର୍ବରୁ ଟିକସ ଦେଉଛନ୍ତି ତାଙ୍କରି ଉପରେ 'ବୋଝ ଉପରେ ନଳିତା ବିଡ଼ା' ଭଳି ଅଧିକ କର ଲଦି ଦିଆଯାଉଛି। ଏହା ହେଉଛି ଭାରତୀୟ ଅମଲାତନ୍ତ୍ରର ସାଧାରଣ ବ୍ୟବହାର। ଉକ୍ତ ଅଧିକାରୀମାନଙ୍କ ପୁରାତନ ଚିନ୍ତାକୁ କାର୍ଯ୍ୟକାରୀ କଲେ, କେନ୍ଦ୍ର ସରକାର ମାତ୍ର ୫୦ ହଜାର କୋଟି ଟଙ୍କା ଅଧିକ ରାଜସ୍ୱ ପାଇ ପାରିବେ। ଏଠାରେ ଏକ ତୁଳନା କରାଯାଉ। ୨୦୨୦–୨୧ ବଜେଟକୁ ଦେଖିଲେ କେନ୍ଦ୍ର ସରକାର ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କେବଳ ୬୧,୫୦୦ କୋଟି ଟଙ୍କା ବ୍ୟୟ ଅଟକଳ କରିଛନ୍ତି। ଏହାର ଅର୍ଥ ହେଲା ଏହି ସୁପାରିସ କାର୍ଯ୍ୟକାରୀ କଲେ କେନ୍ଦ୍ରର ପେଟ ଭରିବନି କିମ୍ବା ଦେଶରେ ଲାଗିରହିଥିବା କୋଭିଡ୍‌–୧୯ ସମ୍ପର୍କିତ ଅର୍ଥନୈତିକ କ୍ଷତି ଭରଣା ହେବ ନାହିଁ।

ଏଥିସହିତ ଆଇଆର୍‌ଏସ୍ ଅଧିକାରୀଙ୍କ ସୁପାରିସ ଅନୁଯାୟୀ ଆସନ୍ତା ୧୨ ମାସ ପାଇଁ ଭାରତରେ ଥିବା ବିଦେଶୀ କମ୍ପାନୀଗୁଡ଼ିକ ଉପରେ ଏବେକାର ୨ ପ୍ରତିଶତରୁ ୫ ପ୍ରତିଶତ ଟିକସ ବଢ଼ିବା ଦରକାର। ଏହା ସମ୍ପର୍କରେ ଚିନ୍ତା କଲେ ବୁଝାପଡ଼ିବ ଯେ, ଅନ୍ତର୍ଜାତୀୟ ସ୍ତରରେ ଚାଇନା ଉପରେ ଯେଉଁ ବିରକ୍ତିଭାବ ସୃଷ୍ଟି ହୋଇଛି ସେଥିପାଇଁ ଅନେକ ବିକଶିତ ଦେଶ ଯଥା– ଜାପାନ, ଆମେରିକା ଏବଂ ୟୁରୋପୀୟ ରାଷ୍ଟ୍ର ଚାଇନାରୁ ନିଜର କାରଖାନା ଉଠାଇନେଇ ଅନ୍ୟ ଦେଶରେ ସ୍ଥାପନ କରିବାକୁ ଚିନ୍ତା ଆରମ୍ଭ କଲେଣି। ସେମାନଙ୍କ ଦୃଷ୍ଟିରେ ଥିବା କେତୋଟି ଦେଶ ମଧ୍ୟରୁ ଭାରତ ଅନ୍ୟତମ। ଯଦି ଏହି ଆଇଆର୍‌ଏସ୍ ଅଫିସରଙ୍କ ସୁପାରିସକୁ ସରକାର ମଞ୍ଜୁରୀ ଦିଅନ୍ତି, ତେବେ ଭାରତକୁ ଆସିବାକୁ ଥିବ ସମ୍ଭାବ୍ୟ ବିଦେଶୀ କମ୍ପାନୀଗୁଡ଼ିକ ମୁହଁ ମୋଡ଼ିଦେବେ। ଅନ୍ୟଏକ କୌତୂହଳ କଥା ହେଲା, ଏପ୍ରିଲ ୨୩ରେ ଦିଆଯାଇଥିବା ଦଲିଲରେ ଅଫିସରମାନେ ଉଲ୍ଲେଖ କରିଛନ୍ତି ଯେ, ଯେଉଁ କରଦାତା ସଚ୍ଚୋଟ ଭାବେ ଏବଂ ସମୟ ମଧ୍ୟରେ ସେମାନଙ୍କର ଟିକସ ପୂର୍ବରୁ ପଇଠ କରିଆସିଛନ୍ତି, ସେମାନଙ୍କୁ ରିହାତି ମିଳିବା ଉଚିତ। ଅର୍ଥାତ୍ କିଏ ସଚ୍ଚୋଟ ଓ କାହାକୁ ରିହାତି ମିଳିବ, ସେ ନିଷ୍ପତ୍ତି ଆୟକର ବିଭାଗର କନିଷ୍ଠ ଅଧିକାରୀଙ୍କ ଉପରେ ନିର୍ଭର କରେ। ଏହା ଯଦି କାର୍ଯ୍ୟକାରୀ ହୁଏ ତେବେ ବିଭାଗରେ ପ୍ରବଳ ମାତ୍ରାରେ ଦୁର୍ନୀତି ଘଟିବାର ସବୁ ଆଶଙ୍କା ରହିଛି। ଯଦି କନିଷ୍ଠ ଅଧିକାରୀ ରିହାତି ପ୍ରଦାନ ନ କରନ୍ତି, ତେବେ ପାହାଚ ପାହାଚ ଉପରକୁ ଚଢ଼ି କରଦାତା ନିଜକୁ ଆତ୍ମରକ୍ଷା କରିବା ପାଇଁ ଅଧିକାରୀ ଖୋଜିବେ। ଅନ୍ୟପଟେ ଏହି ଦଲିଲରେ ଉଲ୍ଲେଖ କରାଯାଇଛି ଯେ, ଯେଉଁ କରଦାତା ଠିକ୍ ସମୟରେ ଆୟକର ରିଟର୍ନ ଦେଉ ନାହାନ୍ତି କିମ୍ବା ଟିଡିଏସ୍ ଭରଣା କରୁ ନାହାନ୍ତି, ତା' ହେଲେ ସେମାନଙ୍କୁ କଠୋର ଦଣ୍ଡ ଦିଆଯିବ। ଏଥିରୁ ବୁଝିବାକୁ ହେବ ଯେ ଦଣ୍ଡ ଦେବାର କ୍ଷମତା ରଖିଥିବା ଅଧିକାରୀ ଚାହିଁଲେ କରଦାତାଙ୍କୁ ଧମକାଇ ପାରିବେ। ଧମକ ଦେବାର ମାନସିକତା ଯୋଗୁ ଭାରତରେ ଟିକସ ଆଦାୟ କରୁଥିବା ସଂସ୍ଥାଗୁଡ଼ିକ କର ଆଦାୟ ପରିସରକୁ ବ୍ୟାପକ କରିପାରୁ ନାହାନ୍ତି। ସେଥିପାଇଁ ଅଧିକ କରଦାତା ସୃଷ୍ଟି କରିବା ପରିବର୍ତ୍ତେ ଏହି ପୁରୁଣା ମାନସିକତା ରଖିଥିବା ବରିଷ୍ଠ ଅଫିସରମାନେ କେବଳ କର ଦେଉଥିବା ବ୍ୟକ୍ତି ବା କମ୍ପାନୀ ଉପରେ ବୋଝ ଲଦି ଚାଲିଛନ୍ତି।

ଏହିଭଳି ଅନେକ ସୁପାରିସ ଏବେ ଭାରତ ସରକାରଙ୍କୁ ମିଳିବା ସ୍ୱାଭାବିକ। ଦୁଃଖର ବିଷୟ ହେଲା, ଏହି ଦେଶରେ କୌଣସି କ୍ଷେତ୍ରରେ ନୂତନ ରାସ୍ତା ଖୋଜିବାକୁ କେହି ଚେଷ୍ଟା କରନ୍ତି ନାହିଁ। ଅନ୍ୟ ରାଷ୍ଟ୍ରଗୁଡ଼ିକରେ କୋଭିଡ୍‌–୧୯ ପରେ କେଉଁଭଳି ଅର୍ଥନୈତିକ ପରିସ୍ଥିତି ସୃଷ୍ଟି ହେବ ଓ ତାହାର ମୁକାବିଲା କରିବା ପାଇଁ କେଉଁସବୁ ରାସ୍ତା ଖୋଲିପାରେ ସେ ସମ୍ପର୍କରେ ଚିନ୍ତା ଆରମ୍ଭ ହୋଇସାରିଲାଣି। କିନ୍ତୁ ଭାରତରେ ଅମଲାତନ୍ତ୍ରୀଙ୍କ ବ୍ୟତୀତ ପ୍ରଶାସନିକ ବ୍ୟବସ୍ଥାରେ ସମାଜରେ ଅନ୍ୟ କୌଣସି ବର୍ଗଙ୍କୁ ପ୍ରବେଶ କରାଇ ଦିଆଯାଏ ନାହିଁ। ଘୋଡ଼ା ତାହାର ଘୋଡ଼ାଶାଳକୁ ଆପଣାଛାଏଁ ଚାଲିଯାଏ। ସେହିଭଳି ଭାବେ ଅମଲାତନ୍ତ୍ରୀ ଗତାନୁଗତିକ ପଦ୍ଧତିରେ ଚଳାଉଥିବାରୁ ନୂତନ ଚିନ୍ତାଧାରା ପ୍ରବେଶ କରିପାରୁ ନାହିଁ। ଯେଉଁ ସମାଜରେ ଏଭଳି ଜରୁରିକାଳୀନ ସ୍ୱାସ୍ଥ୍ୟ ପରିସ୍ଥିତିରେ ନୂତନ ବ୍ୟବସ୍ଥା ସୃଷ୍ଟି କରାଯାଇପାରିବ ନାହିଁ, ସେହି ସମାଜର ଭବିଷ୍ୟତ ଅନ୍ଧକାରମୟ ହେବା ଆଶଙ୍କା ଅଛି।

# ଗବେଷଣାକୁ ଅଣଦେଖା


କୁମାରସମ୍ଭବ ଶ୍ରୀବାସ୍ତବ


ନୀତିନ ସେଠୀ

ବିଶ୍ୱରେ କୋଭିଡ୍‌–୧୯ ମହାମାରୀର ପ୍ରଭାବକୁ କମ୍ କରିବା ପାଇଁ ମେ' ୩ ଯାଏ ଲକ୍‌ଡାଉନ ବୃଦ୍ଧିକରାଯାଇଛି। ତେବେ ଏହି ଲକ୍‌ଡାଉନର ଭିତିରି କଥା ହୁଏତ ଖୁବ୍ କମ୍ ଜାଣିଥିବେ। କୋଭିଡ–୧୯ ମୁକାବିଲା କରିବା ଲାଗି ନିଜକୁ ପ୍ରସ୍ତୁତ କରିବାରେ ସରକାର ଏକ ମାସରୁ ଅଧିକ ସମୟ ନଷ୍ଟ କରିଛନ୍ତି। ଏପରି କି ମହାମାରୀ ପାଇଁ ପ୍ରସ୍ତୁତ ରହିବା ପାଇଁ ବୈଜ୍ଞାନିକମାନେ ଦେଇଥିବା ପରାମର୍ଶକୁ ମଧ୍ୟ ଅଣଦେଖା କରିଛନ୍ତି। ଅପରପକ୍ଷରେ ସଂକ୍ରମଣର ମୁକାବିଲା କରିବାକୁ ସରକାର ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କୁ ନେଇ ଗଠନ କରିଥିବା ଟାସ୍କଫୋର୍ସ ଗଠନ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୪ ମାର୍ଚ୍ଚରେ ଲକ୍‌ଡାଉନ ଘୋଷଣା କରିବାର ୪ ଦିନ ପରେ ଅର୍ଥାତ୍ ମାର୍ଚ୍ଚ ୨୯ରେ ଟାସ୍କଫୋର୍ସର ବୈଠକ ଦିଲ୍ଲୀ ଏଆଇଆଇଏମ୍‌ଏସ୍‌ରେ ଅନୁଷ୍ଠିତ ହୋଇଥିଲା । ଲକ୍‌ଡାଉନର ୪ ଦିନ ପରେ ଏଭଳି ବୈଠକର ଗୁରୁତ୍ୱ ମଧ୍ୟ ରହିଥିଲା। ଏହାର ସଦସ୍ୟମାନଙ୍କୁ ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ ଅଫ୍ ମେଡିକାଲ ସାଇନ୍ସ (ଏଆଇଆଇଏମ୍‌ଏସ୍)ର ମୁଖ୍ୟ ନଭିତ ୱିଗ୍ କହିଥିଲେ ଯେ ଯଦି ଆପଣମାନେ ଠିକ୍ ସମୟରେ ପଦକ୍ଷେପ ନେଇଥାନ୍ତେ ତେବେ ସବୁକିଛି ଠିକ୍‌ଠାକ୍ ହୋଇଯାଇଥାନ୍ତା। ଏଠାରେ ୱିଗ୍ ବାସ୍ତବ କଥାକୁ ପଦାକୁ ଆଣିବାକୁ ଚାହିଁଥିଲେ। ସେ କହିଥିଲେ ଆମେ ଯଦି ସତ କଥା ମୁମ୍ବାଇ, ପୁଣେ, ଦିଲ୍ଲୀ କିମ୍ବା ବେଙ୍ଗାଲୁରୁର ଲୋକମାନଙ୍କୁ ସେମାନଙ୍କ ସହରରେ କ'ଣ ଘଟୁଛି ତାହା ନ କହିବା ତେବେ ଦେଶର ୭୦୦ ଜିଲାକୁ କି ସନ୍ଦେଶ ଦେବା । ଏହି ବୈଠକରେ ଇଣ୍ଡିଆନ କାଉନ୍‌ସିଲ ଅଫ୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍‌ଆର୍)ର ଏପିଡେମିଓଲୋଜି ଆଣ୍ଡ୍ କମ୍ୟୁନିକେବଲ ଡିଜିଜ୍ ଡିଭିଜନ ମୁଖ୍ୟ ରମଣ ଗଙ୍ଗଖେଡକରଙ୍କ ସମେତ କରୋନା ମୁକାବିଲାରେ ଜଡିତ ଶୀର୍ଷ ବିଜ୍ଞାନ ଅନୁଷ୍ଠାନ ଏବଂ ଶୀର୍ଷ ଚିକିତ୍ସା ବିଶେଷଜ୍ଞମାନେ ଉପସ୍ଥିତ ରହିଥିଲେ। ଏମାନେ ସମସ୍ତେ ବିନା ଯୋଜନାରେ ବିଭଳି ଲକ୍‌ଡାଉନ ଲାଗୁ କରାଗଲା ସେ ସମ୍ପର୍କରେ ସମୀକ୍ଷା କରିଥିଲେ। ଲୋକମାନଙ୍କୁ ପରୀକ୍ଷା କରାଯିବାର କୌଣସି ବ୍ୟବସ୍ଥା କରାଯାଇ ନ ଥିବା ମଧ୍ୟ ସେମାନେ ଉପଲବ୍ଧି କରିଥିଲେ। କରୋନା ମୁକାବିଲା ପାଇଁ ସେମାନେ ସରକାରଙ୍କୁ ପରାମର୍ଶ ଦେଇଥିଲେ ବି ତାହାକୁ କାର୍ଯ୍ୟକାରୀ କରିବା ବଦଳରେ ସରକାରଙ୍କ ଏଭଳି ପଦକ୍ଷେପରେ ବିଶେଷଜ୍ଞମାନେ ହତାଶଭାବ ପ୍ରକାଶ କରିଥିଲେ।

ସେମାନେ ସମୀକ୍ଷା କରିବା ସମୟରେ ଲକ୍‌ଡାଉନ ଲାଗୁ କରାଯିବାବେଳେ ସରକାର ବୈଜ୍ଞାନିକମାନଙ୍କ ପରାମର୍ଶକୁ ଅଣଦେଖା କରିଥିବା କଥା ପଦାକୁ ଆସିଥିଲା। ଲକ୍‌ଡାଉନ ବଦଳରେ କମ୍ୟୁନିଟି ଏବଂ ସିଭିଲ୍ ସୋସାଇଟି ଦ୍ୱାରା କ୍ୱାରାଣ୍ଟାଇନ ଓ ସେଲ୍ଫ ମନିଟରିଂ ପାଇଁ ଫେବୃୟାରୀ ୨୦୨୦ରେ ବୈଜ୍ଞାନିକମାନେ ପରାମର୍ଶ ଦେଇଥିଲେ। କିନ୍ତୁ ସରକାର ଏହାକୁ ବିଚାରକୁ ନେଇ ନ ଥିଲେ। କରୋନା ଭୂତାଣୁ ସଂକ୍ରମଣ ଭାରତରେ ଅଧିକ ବ୍ୟାପିବ ବୋଲି ସେମାନେ ସରକାରଙ୍କୁ ସତର୍କ କରିଦେଇଥିଲେ ଓ ସରକାର ନେଇଥିବା ପଦକ୍ଷେପ ଏଥିପାଇଁ ପର୍ଯ୍ୟାପ୍ତ ନୁହେଁ ବୋଲି ସୂଚନା ମଧ୍ୟ ପ୍ରଦାନ କରିଥିଲେ। ଲୋକମାନଙ୍କୁ ପରୀକ୍ଷା କରିବା ପାଇଁ ପ୍ରସ୍ତୁତ ରହିବା ଏବଂ କ୍ୱାରାଣ୍ଟାଇନ ସୁବିଧା ଏବଂ ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କ ପାଇଁ ସୁରକ୍ଷା ସଂସାଧନ ଉପଲବ୍ଧ କରିବା ତଥା ଏସବୁର ପରିଚାଳନା କରିବାକୁ ସୁପାରିସ୍ କରିଥିଲେ। ମୁଖ୍ୟ କଥା ହେଉଛି ଏହି ବୈଜ୍ଞାନିକମାନେ ଟାସ୍କ ଫୋର୍ସର ସଦସ୍ୟ ରହିଛନ୍ତି। ଏକ ମାସରୁ ଊର୍ଦ୍ଧ୍ୱ ଧରି ଗବେଷଣା କରିବା ପରେ ସରକାରଙ୍କୁ ପ୍ରଦାନ କରାଯାଇଥିବା ପରାମର୍ଶକୁ ଉପେକ୍ଷା କରାଯାଇଥିଲା। ଅପର ପକ୍ଷରେ ମାତ୍ର ୪ ଘଣ୍ଟିଆ ନୋଟିସ ବଳରେ ବିନା ପ୍ରସ୍ତୁତିରେ ଓ ବିନା ବୈଜ୍ଞାନିକ ରଣନୀତିରେ ସରକାର ସାରା ଦେଶରେ ଲକ୍‌ଡାଉନ ଲାଗୁ କରିବା ଦ୍ୱାରା ଜୀବିକା ପ୍ରଭାବିତ ହେଲା ଓ ଗରିବଙ୍କ ମଧ୍ୟରେ ଖାଦ୍ୟ ସଂକଟ ଦେଖାଦେଲା।

ଲକ୍‌ଡାଉନ ଲାଗୁ ହେବା ପରେ ଏପ୍ରିଲ୍ ପ୍ରଥମ ସପ୍ତାହରେ ସରକାରଙ୍କ ଶୀର୍ଷ ସ୍ୱାସ୍ଥ୍ୟ ପରାମର୍ଶଦାତା ତଥା ନୀତି ଆୟୋଗ ସଦସ୍ୟ ବିନୋଦ କେ.ପଲ୍ ଲକ୍‌ଡାଉନକୁ ସଫଳ କରିବାକୁ ବିଜ୍ଞାନଭିତ୍ତିକ ଯୋଜନା ପ୍ରସ୍ତୁତ କରିବା ପାଇଁ ସମୟ ନେବାର ଥିଲା ବୋଲି କହିଥିଲେ। ଗରିବଙ୍କ ଘରକୁ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ,ସଂକ୍ରମିତଙ୍କୁ ଶୀଘ୍ର ଖୋଜି ବାହାର କରିବା, ପ୍ରତି ଜିଲାରେ କୋଭିଡ୍‌–୧୯ ସଂକ୍ରମଣର ଆକଳନ ଏବଂ ହସ୍ପିଟାଲରେ ଆଇସିୟୁ ଓ ବେଡ୍ ସଂଖ୍ୟା ବୃଦ୍ଧି କରିବା ଏହି ଯୋଜନାରେ ସାମିଲ ଥିଲା। ପଲ୍ ଏ କଥା ମଧ୍ୟ କହିଥିଲେ ଯେ, ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରିବାକୁ ଆଉ ଗୋଟିଏ ସପ୍ତାହ ଦରକାର ଥିଲା। ରେକର୍ଡରୁ ଜଣାପଡିଲା ଯେ, ପଲ ଯେଉଁ ଆକ୍ସନ ପ୍ଲାନ ପାଇଁ ପ୍ରସ୍ତାବ ଦେଇଥିଲେ ତାହା ନୂଆ ନଥିଲା ; ବରଂ ଫେବୃୟାରୀରେ ବୈଜ୍ଞାନିକମାନେ ଅନୁଧ୍ୟାନ କରି ପ୍ରଦାନ କରିଥିବା ରିପୋର୍ଟ ଉପରେ ଆଧାରିତ ଥିଲା। ବୈଜ୍ଞାନିକମାନେ ଆକଳନ କରିଥିଲେ ଯେ,କୋଭିଡ୍‌–୧୯ ଲକ୍ଷଣ ଚିହ୍ନଟ ହୋଇଥିବା ୨ଜଣଙ୍କ ମଧ୍ୟରୁ ଜଣଙ୍କୁ ୪୮ ଘଣ୍ଟା ମଧ୍ୟରେ କ୍ୱାରାଣ୍ଟାଇନରେ ରଖାଯିବାର ବ୍ୟବସ୍ଥା କରାଗଲେ ସଂକ୍ରମଣ ୬୨ ପ୍ରତିଶତ ହ୍ରାସ ପାଇବ। ଏହା ପାଳନ କରାଗଲେ ଭାରତରେ ନିଶ୍ଚିତ ଭାବେ ସଂକ୍ରମିତଙ୍କ ସଂଖ୍ୟା ହ୍ରାସ ପାଇବ ବୋଲି ସେମାନେ ଯୁକ୍ତି ବାଢିଥିଲେ। କିନ୍ତୁ ସରକାର ବୈଜ୍ଞାନିକମାନଙ୍କ ପରାମର୍ଶକୁ ବିଚାର କରିବା ପାଇଁ ୧ ମାସ ସମୟ ନେଇଥିଲେ ବି ତାହାକୁ ପାଳନ କରିବାରେ ଅସମର୍ଥ ହୋଇଥିଲେ।

ଜାନୁୟାରୀ ସୁଦ୍ଧା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସାରା ବିଶ୍ୱକୁ ସତର୍କ କରିଦେବା ପରେ ଏବଂ ଜାନୁୟାରୀ ୩୦ରେ ପ୍ରଥମ କରୋନା ପଜିଟିଭ କେସ୍ ମିଳିବା ପୂର୍ବରୁ ଆଇସିଏମ୍‌ଆର୍ ଓ ଅନ୍ୟ ସଂସ୍ଥାର ବୈଜ୍ଞାନିକମାନେ ମିଳିତ ଭାବେ କରୋନା ମହାମାରୀରେ ଭାରତର ଭୂମିକା କ'ଣ ହେବା ଦରକାର ତା'ଉପରେ ଆକଳନ କରି ଫେବୃୟାରୀ ଶେଷ ସପ୍ତାହ ସୁଦ୍ଧା ଦୁଇଟି ତଥ୍ୟ ଭିତ୍ତିକ ଅଭିପତ୍ର ପ୍ରସ୍ତୁତ କରିଥିଲେ। ଏହା ଇଣ୍ଡିଆନ୍ ଜର୍ନାଲ ଅଫ୍ ମେଡିକାଲ ରିସର୍ଚ୍ଚରେ ପ୍ରକାଶ ପାଇଥିଲା। ଏହା ସରକାରଙ୍କ ପାଖରେ ବି ଥିଲା। ଭାରତରେ ଚାଇନା ଭଳି ଲକ୍‌ଡାଉନ କରାଯିବା ଠିକ୍ ନୁହେଁ ବୋଲି ବୈଜ୍ଞାନିକମାନେ ପ୍ରଥମ ଅଭିପତ୍ରରେ ସତର୍କ କରିଦେଇଥିଲେ। ଏହା ବଦଳରେ କମ୍ୟୁନିଟି ଓ ସିଭିଲ ସୋସାଇଟି ଦ୍ୱାରା ସେଲ୍ଫ କ୍ୱାରାଣ୍ଟାଇନ ଓ ସେଲ୍ଫ ମନିଟରିଂ ମହାମାରୀ ସମୟରେ ଫଳପ୍ରଦ ହେବ ବୋଲି ଦର୍ଶାଇଥିଲେ। ଦ୍ୱିତୀୟ ଅଭିପତ୍ର ମ୍ୟାଥ୍‌ମେଟିକାଲ ମଡେଲ ଆଧାରରେ ପ୍ରସ୍ତୁତ କରାଯାଇଥିଲା। ଏଥିରେ ଦିଲ୍ଲୀ,କୋଲକାତା, ମୁମ୍ବାଇ ଏବଂ ବେଙ୍ଗାଲୁରୁ ଭଳି ମହାନଗରରେ ସମ୍ଭାବ୍ୟ କୋଭିଡ୍ ସଂକ୍ରମଣ ସମ୍ପର୍କରେ ଉଲ୍ଲେଖ କରାଯାଇଥିଲା। ଦିଲ୍ଲୀରେ କେବଳ ୧.୫ ମିଲିୟନଙ୍କ ଠାରେ କୋଭିଡ୍‌–୧୯ ଲକ୍ଷଣ ପ୍ରକାଶ ପାଇବାର ସମ୍ଭାବନା ରହିଥିବା ଏଥିରେ ସୂଚନା ଦିଆଯାଇଥିଲା । ଅଭିପତ୍ର ପ୍ରସ୍ତୁତିରେ ଜଡିତ ଥିବା ସର୍‌କର, ଗଙ୍ଗଖେଡକର, ମୁହେକର ଏବଂ ତରୁଣ ଭଟ୍ଟନଗରଙ୍କ ଭଳି ବୈଜ୍ଞାନିକମାନେ ସରକାରଙ୍କ ୨୧ ଜଣିଆ କୋଭଡ୍‌–୧୯ ଟାସ୍କ ଫୋର୍ସର ସଦସ୍ୟ । ସର୍‌କର ଆଇସିଏମଆର୍‌ର ଅଧ୍ୟକ୍ଷ ଥିବାବେଳେ ଗଙ୍ଗଖେଡ୍‌କର ଟାସ୍କଫୋର୍ସ ସଦସ୍ୟ ସଚିବ ତଥା ସରକାରଙ୍କ ମୁଖ୍ୟ ବୈଜ୍ଞାନିକ ପରାମର୍ଶଦାତା ରହିଛନ୍ତି। ସେ ମଧ୍ୟ ଦୈନିକ କରୋନା ମହାମାରୀ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ପ୍ରଦାନ କରୁଛନ୍ତି। ଏହି ଅଭିପତ୍ର ପ୍ରସ୍ତୁତ କରିବାରେ ସଂଶ୍ଳିଷ୍ଟ ଆଉଜଣେ ବୈଜ୍ଞାନିକ କହିଛନ୍ତି ଯେ, ଭାରତରେ ଏଭଳି ଲକ୍‌ଡାଉନ ଜନବହୁଳ ଅଞ୍ଚଳଠାରୁ ଦୂରରେ ତଥା ବଡ କୋଠାରେ ରହୁଥିବା ଧନୀ ପରିବାରକୁ ସାମାଜିକ ଦୂରତ୍ୱ ପାଳନ କରିବା ସହଜ ହେବ ଓ ସଂକ୍ରମଣ ରୋକିବାରେ ଏମାନେ କିଛି ମାତ୍ରାରେ ସଫଳ ହୋଇପାରିବେ। କିନ୍ତୁ ଜନବହୁଳ କିମ୍ବା ବସ୍ତିରେ ରହୁଥିବା ଗରିବ ପରିବାରଙ୍କ ପାଇଁ ଏହା ସମ୍ଭବ ହୋଇପାରିବନାହିଁ। କାରଣ ଏଠାରେ ଲୋକ ଚଳିବା ପାଇଁ କମ୍ ଜାଗା ରହିଛି, ଗୋଟିଏ ପାଇଖାନାକୁ ଶହଶହ ଲୋକ ବ୍ୟବହାର କରନ୍ତି। ଏଣୁ ଏଠାରେ ପ୍ରତ୍ୟେକ ଘର ଯାଞ୍ଚ କରି ପିଜିଟିଭ ମିଳିବା କ୍ଷଣି କ୍ୱାରାଣ୍ଟାଇନରେ ରଖାଯିବା ବ୍ୟବସ୍ଥା କରାନଗଲେ କୋଭିଡ୍‌–୧୯ ସଂକ୍ରମଣ ବ୍ୟାପିବ। ତବେ ସରକାର ବୈଜ୍ଞାନିକମାନଙ୍କ ଏହି ସବୁ ଗବେଷଣାତ୍ମକ ତଥ୍ୟକୁ ଲକ୍‌ଡାଉନ ପୂର୍ବରୁ ବିଚାରକୁ ନେଲେ ନାହିଁ।

ଏବେ ଆସିବା ଟାସ୍କ ଫୋର୍ସ ଓ ଲକ୍‌ଡାଉନ କଥାକୁ। ବୈଜ୍ଞାନିକ, ସ୍ୱାସ୍ଥ୍ୟବିଶେଷଜ୍ଞ ଓ ନୀତି ଆୟୋଗ ଅଧିକଙ୍କୁ ନେଇ ୧୮ ମାର୍ଚ୍ଚରେ ସରକାର ଟାସ୍କଫୋର୍ସ ଗଠନ କଲେ। ୨୪ ମାର୍ଚ୍ଚରେ ଟାସ୍କଫୋର୍ସର ପରାମର୍ଶ କ୍ରମେ ପ୍ରଧାନମନ୍ତ୍ର ୨୧ ଦିନିଆ ଲକ୍‌ଡାଉନ ଘୋଷଣା କଲେ। ଏହାର ୪ ଦିନ ପରେ ପୁଣି ଟାସ୍କଫୋର୍ସର ସଦସ୍ୟମାନେ ବୈଠକରେ ମିଳିତ ହେଲେ। କେରାନା ମହାମାରୀରେ ଟାସ୍କଫୋର୍ସର ଭୂମିକା କ'ଣ ଓ ଏହା କ'ଣ କରୁଛି ବୋଲି ଏଠାରେ ୱିଗ୍ ପ୍ରଶ୍ନ ଉତ୍ଥାପନ କରିଥିଲେ। ଟାସ୍କଫୋର୍ସର ସଦସ୍ୟ ସଚିବ ଗଙ୍ଗଖେଡ୍‌କର ୱିଗଙ୍କ ପ୍ରଶ୍ନକୁ ସମର୍ଥନ କରିଥିଲେ ସୁଦ୍ଧା ସେ ଏହାର ଅଧ୍ୟକ୍ଷ ନୁହନ୍ତି କିମ୍ବା କିଛି କରିପାରିବେନି ବୋଲି ଉତ୍ତର ଦେଇଥିଲେ। ମୁଖ୍ୟ କଥା ହେଉଛି ଏହି ବୈଠକରେ ଟାସ୍କଫୋର୍ସ ପୁରଭାଗରେ ରହିଥିବା ବି. କେ.ପଲ୍, କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ପ୍ରୀତି ସୁଦାନ ଏବଂ ଆଇସିଏମଆର୍ ମହାନିର୍ଦ୍ଦେଶକ ଭାର୍ଗଭ ବୈଠକରେ ଉପସ୍ଥିତ ନ ଥିଲେ। ସିଭିୟର ଆକ୍ୟୁଟ ରେସିପିରେଟୋରି ଇଲ୍‌ନେସ(ଏସ୍‌ଏଆର୍‌ଆଇ) ଉପରେ ନିରୀକ୍ଷଣ କରାଯାଉଥିଲେ ବି ଲୋକମାନେ ଲକ୍‌ଡାଉନ ଯୋଗୁ ହସ୍ପିଟାଲ ଆସୁ ନ ଥିଲେ। ପ୍ରତି ଘରକୁ ଯାଇ ଏହା କରାଯିବାର ଆବଶ୍ୟକତା ଥିଲେ ବି କରାଯାଇନଥିଲା। ଏ କ୍ଷେତ୍ରରେ ଇଣ୍ଟିଗ୍ରେଟେଡ୍ ଡିଜିଜ୍ ସର୍ଭିଲାନ୍ସ ପ୍ରୋଗ୍ରାମ(ଆଇଏସ୍‌ଡିପି) କିମ୍ବା ଜିଲା ପ୍ରଶାସନର ଭୂମିକା ଉପରେ ପ୍ରଶ୍ନ ଉଠିଥିଲା। ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ, ମାର୍ଚ୍ଚ ଶେଷସୁଦ୍ଧା ସଂକ୍ରମିତଙ୍କୁ ଚିହ୍ନଟ କରିବା ପାଇଁ ସରକାର ଅଧିକ ନିରୀକ୍ଷଣ କରିପାରିନଥିଲେ। ଏହାକୁ କିଭଳି ବ୍ୟାପକ କରାଯିବ ତା' ଉପରେ କାହାର ବି ଧାରଣା ନ ଥିଲା ଓ ଯେଉଁ ଢଙ୍ଗରେ ପରୀକ୍ଷା କରାଯାଉଛି ତାହା ଠିକ୍ ଭାବେ କରାଯାଉନାହିଁ ବୋଲି ଗଙ୍ଗଖେଡକର ମତ ଦେଇଥିଲେ। ଏପ୍ରିଲରେ ଲକ୍‌ଡାଉନ ସମୟରେ ନୀତି ଆୟୋଗ ସଦସ୍ୟ ପଲ୍ ଫେବୃୟାରୀରେ ବୈଜ୍ଞାନିକମାନଙ୍କ ଦ୍ୱାରା କରାଯାଇଥିବା ଅନୁଧ୍ୟାନଭିତ୍ତିକ ସୁପାରିସକୁ ଆଧାର କରି ଗୋଷ୍ଠୀ ଯାଞ୍ଚ ଓ ପରୀକ୍ଷା ଲାଗି ପରାମର୍ଶ ଦେଇଥିଲେ । ପୁଣି ୬ ଏପ୍ରିଲରେ ଲକ୍‌ଡାଉନରେ କେଉଁ କାର୍ଯ୍ୟକୁ ପ୍ରାଥମିକତା ଦିଆଯିବ ତାହା ଜାଣିବା ପାଇଁ ରିସର୍ଚ୍ଚ ଗ୍ରୁପ୍ ମଧ୍ୟ ଗଠନ କରାଯାଇଥିଲା। କିନ୍ତୁ ଅନୁଧ୍ୟାନ ସମ୍ପର୍କିତ ତଥ୍ୟ ଆସିବା ପୂର୍ବରୁ ୧୪ ଏପ୍ରିଲରେ ପୁଣି ଲକ୍‌ଡାଉନକୁ ୩ ମେ' ଯାଏ ବୃଦ୍ଧି କରାଯାଇଥିଲା। ସେତେବେଳକୁ ଘରକୁ ଘର ଯାଇ ନିରୀକ୍ଷଣ କରିବା ଲାଗି ଦେଶ ପ୍ରସ୍ତୁତ ହୋଇ ନ ଥିଲା।

(ସୌଜନ୍ୟ: ହଫ୍‌ପୋଷ୍ଟ ଇଣ୍ଡିଆ)

# କୋଭିଡ୍‌–୧୯ ପୃଷ୍ଠଭୂମିରେ ଧର୍ମର ସ୍ୱରୂପ

ବିନୟ ଭୂଷଣ ପାଣିଗ୍ରାହୀ

ସମାଜରେ ବସବାସ କରୁଥିବା ନାରୀ ଓ ପୁରୁଷମାନଙ୍କ ମଧ୍ୟରୁ ଯେଉଁମାନେ ସାମାଜିକ ନୀତିନିୟମ, ରୀତିନୀତି, ପାରସ୍ପରିକ ବିଶ୍ୱାସ ଓ ସହନଶୀଳତା ଆଦି ପାଳନ ପୂର୍ବକ ସାମଗ୍ରିକ ଭାବେ ସମାଜକୁ ସୁସ୍ଥ ଜୀବନଯାପନ ନିମନ୍ତେ ଉପଯୋଗୀ କରିବାରେ ସହଯୋଗ କରିଥାନ୍ତି ସେଇମାନଙ୍କୁ ସାମାଜିକ ପ୍ରାଣୀ କୁହାଯାଏ। ଯଦି କେବଳ 'ମଣିଷ ଏକ ସାମାଜିକ ପ୍ରାଣୀ' ଉକ୍ତିଟିକୁ ଭିତ୍ତିକରି ସମାଜ ଭିତରେ ରହି ସମାଜକୁ ବିପନ୍ନ କରୁଥିବା ସବୁ ମଣିଷଙ୍କୁ ସାମାଜିକ ପ୍ରାଣୀ କୁହାଯିବ ତେବେ ପୋଲିସ ବ୍ୟବସ୍ଥା, ନ୍ୟାୟାଳୟ, ଦଣ୍ଡବିଧି ଆଇନ, ବନ୍ଦୀଶାଳା, ସୁଧାର ଗୃହ ଇତ୍ୟାଦିର ସାମାନ୍ୟତମ ଆବଶ୍ୟକତା ରହିବ ନାହିଁ। ତେଣୁ, ମୁଖ୍ୟ ବିଷୟବସ୍ତୁ ଉପରେ ଆଲୋଚନା କରିବା ଆଗରୁ ଆମେ ନିଶ୍ଚିନ୍ତ ହୋଇଯିବା ଉଚିତ ଯେ ସମାଜରେ ଦୁଇ କିସମର ମଣିଷ ବସବାସ କରନ୍ତି ଯଥା ; ସାମାଜିକ ଓ ଅସାମାଜିକ ମଣିଷ।

ନିଜ ଘର–ପରିବାର, ନିଜ ନିକଟତମ ପରିବେଷ୍ଟନୀ, ଅନୁସୃତ ଧର୍ମୀୟ ଭାବନା, ନିଜନିଜର ମାନସିକ ଭିତ୍ତିଭୂମି ଆଦି ଅନେକ ଉତ୍ସରୁ ପ୍ରାପ୍ତ ହେଉଥିବା ସଂସ୍କାର ଏବଂ ସେଇ ସଂସ୍କାରର ସୁପରିଚାଳନା ମଣିଷ ଭିତରେ ସାମାଜିକତାର ଢାଞ୍ଚା ତିଆରି କରିଥାଏ। ସର୍ବଜନାଦୃତ ସାମାଜିକତା ମନୁଷ୍ୟକୁ ସଫଳ ଜୀବନଯାପନ ପାଇଁ ପଥ ପ୍ରଦର୍ଶନ କରିବା ସହିତ ଧୀରେ ଧୀରେ ଏକ ନୈସର୍ଗିକ ବନ୍ଧନରେ ସମାଜକୁ ବାନ୍ଧି ରଖିବାର ସୂତ୍ର ପାଲଟିଯାଏ, ଯାହାକୁ ଆମେ ସଂକ୍ଷେପରେ 'ଧର୍ମ' ବୋଲି କହିଥାଉ। 'ଧର୍ମ'ର ଅନେକ ସଂଜ୍ଞା ଓ ବ୍ୟାଖ୍ୟା ମାନ ରହିଛି, ଯାହା ବର୍ତ୍ତମାନ ଆଲୋଚ୍ୟ ବିଷୟବସ୍ତୁ ପରିପ୍ରେକ୍ଷୀରେ ବିଶ୍ଳେଷଣ କରିବା ଅପରିହାର୍ଯ୍ୟ ନୁହେଁ। ତେବେ, ମୋ ଦ୍ୱାରା ପ୍ରଦତ୍ତ ଉପରୋକ୍ତ ସଂଜ୍ଞାଟିକୁ ଯଥାର୍ଥ ତର୍କ ଦ୍ୱାରା ସମ୍ପୂର୍ଣ୍ଣ ଭୁଲ୍ ସାବ୍ୟସ୍ତ କରିବା ସେତେଟା ସହଜ କଥା ବୋଲି ମୁଁ ଭାବୁନାହିଁ। ଏକଥା ମଧ୍ୟ ଆପଣମାନଙ୍କୁ ସ୍ୱୀକାର କରିବାରେ କୌଣସି ଅସୁବିଧା ନାହିଁ ଯେ ଧର୍ମ ମଣିଷକୁ ଉଚିତ–ଅନୁଚିତ, ଭଲ–ଭେଲ, କରଣୀୟ–ଅକାର୍ଯ୍ୟ, ଗ୍ରହଣୀୟ–ବର୍ଜନୀୟ ଭିତରେ ଥିବା ପାର୍ଥକ୍ୟକୁ ବୁଝିବା ପାଇଁ ସମର୍ଥ କରାଏ ଏବଂ ସର୍ବଶ୍ରେଷ୍ଠ କର୍ତ୍ତବ୍ୟ ସମ୍ପାଦନ କରିବା ପାଇଁ ସତତ ଅନୁପ୍ରେରିତ କରାଇଥାଏ। ବୁଭୁକ୍ଷୁକୁ ଖାଦ୍ୟ ପ୍ରଦାନ କରିବା, ରୋଗୀକୁ ସେବା ଶୁଶ୍ରୂଷା ଯୋଗାଇଦେବା, ନିରାଶ୍ରୟକୁ ଆଶ୍ରୟ ପ୍ରଦାନ କରିବା, ଅନ୍ଧର ମାର୍ଗ ଦର୍ଶନ କରେଇବା, ଅଜ୍ଞ ଜନଙ୍କୁ ଜ୍ଞାନ ବିତରଣ, କୁପଥଗାମୀ ଓ ବିପଥଗାମୀମାନଙ୍କୁ ସାମାଜିକ ମୁଖ୍ୟସ୍ରୋତରେ ସାମିଲ କରେଇବା ପାଇଁ ସେମାନଙ୍କର ବୌଦ୍ଧିକ ବିକାଶ ସାଧନ କରିବା ଇତ୍ୟାଦି ସକଳ ସକାରାତ୍ମକ ଭାବନା ପ୍ରଣୋଦିତ କାର୍ଯ୍ୟ ଅନୁସୃତ ଧର୍ମ ଓ ଧର୍ମୀୟ ଭାବନାର ନିଚ୍ଛକ ପ୍ରତିଫଳନ।

ଯେଉଁ ଧର୍ମ ଯେତେ ପୁରାତନ ସେ ଧର୍ମ ସେତେ ପରିପୁଷ୍ଟ, ପରିପକ୍ୱ, ଅନୁଭବୀ ଏବଂ ସେଇ ଅନୁସାରେ ଅଧିକ ପ୍ରଭାବୀ ମଧ୍ୟ ହୋଇଥାଏ ; ଏହା ଅନସ୍ୱୀକାର୍ଯ୍ୟ ହୋଇଥିଲେ ମଧ୍ୟ ଆମେ ଆଖିବୁଜି କହିପାରିବା ନାହିଁ ଯେ ସଦ୍ୟଜାତ ଏବଂ ଅପରିପକ୍ୱ ଯେତେସାରା ଧର୍ମ ପୃଥିବୀରେ ଅଛନ୍ତି ସେଇସବୁ ଧର୍ମମାନେ ସେମାନଙ୍କର ଅନୁଗାମୀମାନଙ୍କୁ ସାମାଜିକତା ସମ୍ବନ୍ଧରେ ବହୁତ ଭିନ୍ନ ଅବଧାରଣା ପ୍ରଦାନ କରନ୍ତି ବୋଲି। ତେବେ, କୌଣସି ଗୋଟିଏ ନିର୍ଦ୍ଦିଷ୍ଟ ଧର୍ମାବଲମ୍ବନ କରୁଥିବା ଲୋକମାନଙ୍କ ଭିତରୁ ବହୁସଂଖ୍ୟକ ଲୋକ ଯେତେବେଳେ ଉଦ୍ଦେଶ୍ୟ ପ୍ରଣୋଦିତ ହୋଇ ସୁସ୍ଥ ସାମାଜିକ ବିଚାରଧାରାର ଖୋଲାଖୋଲି ଉଲ୍ଲଂଘନ କରୁଥିଲାବେଳେ ଯଦି ସେଇ ଧର୍ମର ଅନୁପାଳନ ଓ ପୃଷ୍ଠପୋଷକତା କରୁଥିବା ଅନେକ ଲୋକ ସେଇ ଉଚ୍ଛୃଙ୍ଖଳ ବ୍ୟକ୍ତିବିଶେଷମାନଙ୍କ ପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ସେମାନଙ୍କ ସପକ୍ଷବାଦୀ ହୋଇ ସେମାନଙ୍କୁ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ସହଯୋଗ ଓ ସମର୍ଥନ କରନ୍ତି ସେତେବେଳେ ସବୁ ଦୋଷ ସେଇ ବ୍ୟକ୍ତିମାନଙ୍କ ଦ୍ୱାରା କରାଯାଉଥିବା ଅସାମାଜିକ , ଅମାନବୀୟ ଏବଂ ମାନବଧର୍ମ ପରିପନ୍ଥୀ କାର୍ଯ୍ୟ ପାଇଁ ସେମାନଙ୍କର ଧର୍ମ, ଧର୍ମୀୟ ଭାବନା ଓ ଧାର୍ମିକ ଶିକ୍ଷାର କାନ୍ଧ ଉପରେ ଲଦାଯିବା ଅତ୍ୟନ୍ତ ସ୍ୱାଭାବିକ କଥା।

ଆଲୋଚନାର ପରିସରକୁ ସଙ୍କୁଚିତ କରି, ସାମ୍ପ୍ରତିକ ସମୟରେ ସାରା ବିଶ୍ୱ ସମେତ ଆମ ଦେଶ ଭାରତବର୍ଷ ବୈଶ୍ୱିକ ବିପଦ ମହାମାରୀ କରୋନା ବିପକ୍ଷରେ 'କର ଅବା ମର' ଲଢ଼େଇର ପୃଷ୍ଠଭୂମିରେ କେନ୍ଦ୍ରିତ କରି ଏକ ପରୀକ୍ଷଣ କରିବା ନିଶ୍ଚିତ ଭାବରେ ସମୀଚୀନ ହେବା ସହିତ ସମୟୋଚିତ ମଧ୍ୟ ହେବ। କରୋନା ଭୂତାଣୁଜନିତ ମହାମାରୀ କୋଭିଡ୍‌–୧୯ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ତୃତୀୟ ବିଶ୍ୱ ସମ୍ମୁଖରେ ସବୁଠାରୁ ବଡ଼ ସମସ୍ୟା ଭାବରେ ଉଭାହୋଇ ଶତାବ୍ଦୀ ଶତାବ୍ଦୀ ଧରି ମଣିଷ ସଜାଡିଥିବା ପ୍ରତ୍ୟେକ ବ୍ୟବସ୍ଥାକୁ ଅପ୍ରମିତ ଭାବେ କ୍ଷତିଗ୍ରସ୍ତ କରିଚାଲିଥିବା ବେଳେ ଉନ୍ନତ, ଅନୁନ୍ନତ ଓ ପ୍ରଗତିଶୀଳ ପ୍ରତ୍ୟେକ ରାଷ୍ଟ୍ର ତ୍ରାହି ତ୍ରାହି ଡାକୁଛନ୍ତି। ସେତିକି ବେଳେ ପାଖାପାଖି ୧୩୫ କୋଟି ଜନସଂଖ୍ୟା ବିଶିଷ୍ଟ ଧର୍ମନିରପେକ୍ଷ ଜନମଙ୍ଗଳକାରୀ ରାଷ୍ଟ୍ର ଭାରତ ସରକାର ଜନସାଧାରଣଙ୍କ ଜୀବନକୁ ସୁରକ୍ଷିତ ରଖିବା ସହିତ ଏ ମହାସମରକୁ ଜିତିବା ପାଇଁ ଛାତିରେ ପଥର ଲଦି ନିଜର ବିକାଶଶୀଳ ଅର୍ଥନୀତିକୁ ଗୋଟାପଣ ବାଜିରେ ଲଗାଇ ଦେଇଛନ୍ତି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ।

mailto:binayabhusan_s@yahoo.co.in

## ଏଇ ଭାରତରେ

ଲକ୍‌ଡାଉନ ସମୟରେ ପିଲାମାନେ ଅନ୍‌ଲାଇନ କ୍ଲାସ୍ କରୁଥିବା ସମୟରେ ପୁଣେର ଛାତ୍ରମାନେ କିନ୍ତୁ ସେଠାକାର ବରିଷ୍ଠ ନାଗରିକମାନଙ୍କୁ ଏକୁଟିଆ ଅନୁଭବ କରିବାକୁ ଦେଉନାହାନ୍ତି। ଛାତ୍ରମାନେ ସେମାନଙ୍କ ଅଞ୍ଚଳର ପରିବାରଗୁଡିକୁ ବିନା ଦେୟରେ ଆବଶ୍ୟକ ସାମଗ୍ରୀଠାରୁ ଆରମ୍ଭ କରି ଔଷଧ ଯୋଗାଇ ଦେଉଛନ୍ତି। ପୁଣେର ୬୦ ହଜାର ଛାତ୍ର ଏଭଳି ମହତ କାର୍ଯ୍ୟରେ ଲାଗିଛନ୍ତି। ସାବିତ୍ରୀବାଇ ଫୁଲେ ପୁଣେ ୟୁନିଭର୍ସିଟି(ଏସ୍‌ପିପିୟୁ)ର ନ୍ୟାଶନାଲ ସର୍ଭିସ ସ୍କିମ୍(ଏନ୍‌ଏସ୍‌ଏସ୍)ର ଭୂମିକା ଏ କ୍ଷେତ୍ରରେ ଅଧିକ । ଏହା ଛାତ୍ରମାନଙ୍କ ମଧ୍ୟରେ ସଂଯୋଜକ ଭାବେ କାର୍ଯ୍ୟ କରୁଛି। ପ୍ରତ୍ୟେକ ଛାତ୍ର ତାଙ୍କ ଅଞ୍ଚଳରେ ରହୁଥିବା କେତୋଟି ପରିବାରକୁ ପୋଷ୍ୟ ଭାବେ ଗ୍ରହଣ କରି ମହାମାରୀର ଦୁର୍ଦ୍ଦିନରେ ପରିବାରଗୁଡିକୁ ସବୁ ପ୍ରକାର ସାହାଯ୍ୟ ଯୋଗାଇ ଦେଉଛନ୍ତି। ପ୍ରତ୍ୟେକ ଛାତ୍ର ସେମାନଙ୍କ ଅଞ୍ଚଳରେ ଅତି କମ୍‌ରେ ୧୦ଟି ପରିବାରକୁ ପୋଷ୍ୟଭାବେ ଗ୍ରହଣ କରୁଛନ୍ତି। ୨୪ ଏପ୍ରିଲ ସୁଦ୍ଧା ଏମାନେ ୧,୯୯,୦୦୫ ପରିବାରକୁ ସାହାଯ୍ୟ ଯୋଗାଇ ଦେଇ ସାରିଛନ୍ତି। ଆବଶ୍ୟକ ସାମଗ୍ରୀ କିଣିବା ଲାଗି ଛାତ୍ରମାନଙ୍କୁ ୟୁନିଭର୍ସିଟି ଆର୍ଥିକ ସହାୟତା ଯୋଗାଇ ଦେଉଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୭ ଏପ୍ରିଲ ୧୯୯୫

- ନ୍ୟୁଜପ୍ରିଣ୍ଟ ଉପରୁ କଣ୍ଟ୍ରୋଲ ବ୍ୟବସ୍ଥା ଉଠାଇ ନେଇ ଏହାକୁ ମୁକ୍ତ ସାଧାରଣ ଲାଇସେନ୍ସଭୁକ୍ତ କରିବାକୁ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି।
- କୁଆଖିଆ ନିକଟରେ ଏକ ଟ୍ରେକର ଓ ଟ୍ରକ ମଧ୍ୟରେ ମୁହାଁମୁହିଁ ସଂଘର୍ଷ ଘଟି ୧୫ଜଣଙ୍କ ମୃତ୍ୟୁ।

## ଚିରନ୍ତନୀ

ଗାଏ ତା'ର ଯଶ କବି, ସେ ଯେ ନିତ୍ୟ ମୁକ୍ତିର ବନ୍ଧନ
ଏକ ସଙ୍ଗେ ଅପରର ମୁକ୍ତି ତହିଁ ପରମ ସାଧନ।
ଏହି ଚକ୍ରବାକର ଦମ୍ପତି–ନାହିଁ ତହିଁ ସ୍ୱାର୍ଥ ଆଶା ଦୁଇ
ଲୋଡ଼େ ଦୁଇର ମୁକତି। (ଚକ୍ରବାକ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସାପ୍ତାହିକ ପଞ୍ଜିକା

**ଏପ୍ରିଲ୍ ୨୦:** ମୁମ୍ବାଇରେ ୫୩ ଜଣ ଗଣମାଧ୍ୟମ ପ୍ରତିନିଧି କରୋନା ସଂକ୍ରମିତ ଥିବା ପରୀକ୍ଷାରୁ ଜଣାପଡ଼ିଛି।

**ଏପ୍ରିଲ୍ ୨୧:** ରାଜ୍ୟରେ କରୋନା ପଜିଟିଭଙ୍କ ସଂଖ୍ୟା ୭୯ରେ ପହଞ୍ଚିଲା।

**ଏପ୍ରିଲ ୨୨:** ଭାରତରେ ସଂକ୍ରମିତଙ୍କ ସଂଖ୍ୟା ୨୧,୩୫୦ରେ ପହଞ୍ଚିଲା।

**ଏପ୍ରିଲ୍ ୨୩:** ବ୍ରିଟେନର ଅକ୍ସଫୋର୍ଡ ୟୁନିଭର୍ସିଟି ପକ୍ଷରୁ ପ୍ରସ୍ତୁତ କୋଭିଡ୍‌–୧୯ ଟିକାର ମାନବ ଶରୀରରେ ପରୀକ୍ଷା ଆରମ୍ଭ ହୋଇଛି।

**ଏପ୍ରିଲ୍ ୨୪:** ଦେଶରେ ସଂକ୍ରମିତଙ୍କ ସଂଖ୍ୟା ୨୬,୧୩୧କୁ ବୃଦ୍ଧି ହେବା ସହ ଏଥିରେ ୮୩୨ ଜଣଙ୍କ ଜୀବନ ଯାଇଛି।

## ସୁ–ଡୋ–କୁ

su|do|ku
Puzzles by Srikant Ghosh



ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।



ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବିଦ୍ୟାଳୟରେ ଉପସ୍ଥିତି ଓ ବିଦାୟ ସମୟରେ ଗଣତି ଆବଶ୍ୟକ

ମହାଶୟ,

ଆଜିକାଲି ଅନେକ ବିଦ୍ୟାଳୟ (ଉଭୟ ରାଜ୍ୟ, କେନ୍ଦ୍ରୀୟ)ରେ ଛାତ୍ରୀଛାତ୍ର ପ୍ରବେଶ ପରେ ଗେଟ୍ ବନ୍ଦ ହୁଏ। ଉପସ୍ଥାନ ଯୋଗୁଁ ଛାତ୍ରୀଛାତ୍ରଙ୍କର ଉପସ୍ଥିତି ପ୍ରମାଣିତ ହୋଇଥାଏ। ମାତ୍ର ବିଦ୍ୟାଳୟ ବନ୍ଦ ହେବା ସମୟରେ ଉପସ୍ଥାନ ନିଆଯାଏନି, ଯଦ୍ୱାରା ଅନେକ ସମୟରେ କେତେକ ଛାତ୍ରୀଛାତ୍ର ନିରୁଦ୍ଦିଷ୍ଟ ହୋଇଥାନ୍ତି। ଏଣୁ ବିଦ୍ୟାଳୟ ଅଧ୍ୟକ୍ଷ, ଅଭିଭାବକ ଦୃଷ୍ଟିଦେବା ଆବଶ୍ୟକ। ଛାତ୍ରୀଛାତ୍ର ଯାତାୟାତ କରୁଥିବା ଯାନର ଡ୍ରାଇଭର/ହେଲ୍‌ପରଙ୍କ ସମ୍ବନ୍ଧରେ ସବିଶେଷ ତଥ୍ୟ ସହିତ ପରିଚୟ ପଞ୍ଜୀକରଣ କରାଯାଇପାରେ। ରାସ୍ତାରେ ଛାତ୍ରୀଛାତ୍ର ବଜାରର ଆଇସକ୍ରିମ୍, ଗୁପ୍‌ଚୁପ୍ ଆଦି ଖାଇ ରୋଗାକ୍ରାନ୍ତ ହୋଇପାରନ୍ତି। ଏଣୁ ସାବଧାନତା ଅବଲମ୍ବନ କରିବା ଉଚିତ।

ଶ୍ରୀରାମଚନ୍ଦ୍ର ଦାଶ,ଗୁଆଳିଗୋରଡ଼ା,ଗବକୁଣ୍ଡ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ବଡ଼ବାଲିପଡ଼ାରେ ଅଖିମୁଠି ଅନୁକୂଳ



ବାରଙ୍ଗ,୨୬।୪(ଡି.ଏନ.ଏ.): କୃଷିଭିତ୍ତିକ ପର୍ବ ଅକ୍ଷୟ ତୃତୀୟାରେ ରାଜଧାନୀ ଉପକଣ୍ଠ ବଡବାଲିପଡା ଗାଁରେ ଅଖିମୁଠି ଅନୁକୂଳ ରବିବାର କରାଯାଇଛି। ଲକ୍‌ଡାଉନର କଟକଣା ଭିତରେ ସାମାଜିକ ଦୂରତ୍ୱକୁ ବଜାୟ ରଖି ହାତଗଣତି ଚାଷୀ ଏହାକୁ ପାଳିଛନ୍ତି। ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତଙ୍କ ସହଯୋଗରେ ଭୁବନେଶ୍ୱର ବିଜୁ କୃଷକ ଜନତା ଦଳର ସଭାପତି ଭଗବାନ ଜେନାଙ୍କ ପୌରୋହିତ୍ୟରେ ନିରାଡମ୍ବର ଭାବେ ଅଖିମୁଠି ଅନୁକୂଳ କରାଯାଇଥିଲା। ପରମ୍ପରା ମୁତାବକ ଚାଷ ଜମି ମାଟି ମାଆକୁ ପୂଜାର୍ଚ୍ଚନା ସହ ହୋମ କରାଯାଇଥିଲା। ପରେ ଚାଷୀମାନେ ଅଖିମୁଠି ଅନୁକୂଳ କରିଥିଲେ। ଏହି ଅବସରରେ ନନ୍ଦନକାନନ ଥାନା ଏସ୍‌ଆଇ ନବଘନ ମଲ୍ଲିକଙ୍କୁ ଚାଷୀମାନେ ସମ୍ମାନିତ କରିଥିଲେ। ଏଥିରେ କାଳନ୍ଦି ପରିଡା, ମହେନ୍ଦ୍ର ପ୍ରଧାନ, ଜନକ ମାଝି, କାଙ୍ଗାଳି ପରିଡା, ସୁରେଶ ଜେନା, ଲଳିତେନ୍ଦୁ ପ୍ରଧାନ, ରାଧେଶ୍ୟାମ ରାଉତ ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ।

### ବୋମାମାଡ଼: ଅଟକ ୪ ଜଣଙ୍କ ନମୁନା ସଂଗ୍ରହ

ପୁରୀ ଅଫିସ/କୋଣାର୍କ (ଡି.ଏନ.ଏ.),୨୬।୪: ଏକ ବୈଦ୍ୟୁତିକ ଗଣମାଧ୍ୟମର ପ୍ରତିନିଧି ସଞ୍ଜୟ ପତିଙ୍କ କୋଣାର୍କ ଏନ୍‌ଏସି ୪ ନଂ. ୱାର୍ଡର ବାଲିସାହିସ୍ଥିତ ବାସଭବନ ଉପରେ ଗତ ଗୁରୁବାର ବିଳମ୍ବିତ ରାତିରେ ବୋମାମାଡ଼ ହୋଇଥିଲା। ୨ଟି ବୋମା ଘର ସମ୍ମୁଖରେ ପଡିଥିବା ବେଳେ ଗୋଟିଏ ତାଙ୍କ ଗୁହାଳ ଘର ଆଜବେଷ୍ଟସ ଉପରେ ପଡିବାରୁ ଆଜବେଷ୍ଟସ କିଛି ଭାଙ୍ଗିଯାଇଥିଲା। ଏଥିରେ ତାଙ୍କ ପରିବାରର କାହାର କିଛି କ୍ଷତି ହୋଇ ନ ଥିଲା। ତେବେ ଘଟଣାକୁ ବେଶ୍ ଗୁରୁତ୍ୱର ସହ ନେଇଛି ପୋଲିସ। ଏହି ଘଟଣାରେ ପୁରୀ ସ୍ପେଶାଲ ସ୍କ୍ୱାଡ୍ ୪ଜଣଙ୍କୁ ଧରି ଅଟକ ରଖିଛି। ଏମାନଙ୍କ ମଧ୍ୟରେ ଜଣେ ଜନପ୍ରତିନିଧି ରହିଛନ୍ତି। ତେବେ ଏ ନେଇ କୋଣାର୍କ ପୋଲିସ ମୁହଁ ଖୋଲୁନାହିଁ। ପୁରୀର ଜଣେ ପୋଲିସ ଅଧିକାରୀ କହିଛନ୍ତି, ବୋମାମାଡ଼ ଘଟଣାରେ ଜଣେ ଜନପ୍ରତିନିଧିଙ୍କ ସମେତ ୪ଜଣଙ୍କୁ ଅଟକ ରଖାଯାଇଛି। ସେମାନେ ତାଙ୍କର ଦୋଷ ସ୍ୱୀକାର କରିଛନ୍ତି। ସମସ୍ତଙ୍କର ସାମ୍ପଲ ସଂଗ୍ରହ କରାଯାଇ କରୋନା ଟେଷ୍ଟ ପାଇଁ ଭୁବନେଶ୍ୱର ପଠାଯାଇଛି। ତିନିଦିନ ପରେ ରିପୋର୍ଟ ଆସିବ। ଏହାପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ତେବେ ଅଭିଯୁକ୍ତମାନଙ୍କୁ କେଉଁଠି ଅଟକ ରଖାଯାଇଛି ସେ ସମ୍ପର୍କରେ କୌଣସି ସୂଚନା ଦିଆଯାଇ ନାହିଁ।

# ୧୨ ଆକ୍ରାନ୍ତଙ୍କ ମଧ୍ୟରୁ ୯ ପଶ୍ଚିମବଙ୍ଗ ଫେରନ୍ତା

## ୧୨ ଆକ୍ରାନ୍ତଙ୍କ ଟ୍ରାଭେଲ ହିଷ୍ଟ୍ରି ଜାରି

- ୨ଜଣ ହୋଇଛନ୍ତି ସଂକ୍ରମିତ, କୌଣସି ଲକ୍ଷଣ ନ ଥିଲା
- ୯୪ନମ୍ବର ଆକ୍ରାନ୍ତ କୋଲକାତାରୁ ଚାଲି ଚାଲି ଆସିଛନ୍ତି

ଭୁବନେଶ୍ୱର, ୨୬।୪(ବ୍ୟୁରୋ)

ଆଗକୁ ପଶ୍ଚିମବଙ୍ଗ ଫେରନ୍ତା ଶ୍ରମିକ ଓଡ଼ିଶା ପାଇଁ କାଳ ସାଜିବେ ବୋଲି ଏବେଠୁ ଆଶଙ୍କା ପ୍ରକାଶ ପାଇଲାଣି। କାରଣ ଗତ କିଛିଦିନ ଭଳି ରବିବାର ମଧ୍ୟ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ୧୨ଜଣ କରୋନା ଆକ୍ରାନ୍ତଙ୍କ ଟ୍ରାଭେଲ ହିଷ୍ଟ୍ରି ଜାରି କରାଯାଇଛି। ଏଥିରେ ଯାଜପୁରର ୬ଜଣ ଥିବାବେଳେ ଭଦ୍ରକର ୪ ଓ ସୁନ୍ଦରଗଡ଼ର ୨ଜଣ ରହିଛନ୍ତି। ଏମାନଙ୍କ ମଧ୍ୟରୁ ୯ଜଣ ହେଉଛନ୍ତି କୋଲକାତା ଫେରନ୍ତା। ଆଉ ଦୁଇଜଣ ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବାବେଳେ ସନ୍ଦିଗ୍ଧ ଥିଲେ। ଏମାନଙ୍କ ପାଖରେ ବି କୌଣସି ଲକ୍ଷଣ ଦେଖାଯାଇ ନ ଥିଲା।

ଭଦ୍ରକ ଜିଲାର ୯୧, ୯୩ ଓ ୯୪ନମ୍ବର ଆକ୍ରାନ୍ତ କୋଲକାତାରୁ ଫେରିଛନ୍ତି। ତିହିଡ଼ି ବ୍ଲକ୍ ଅନ୍ତର୍ଗତ ମଠସାହିର ୪୦ବର୍ଷୀୟ ବ୍ୟକ୍ତି ତଥା ୯୧ନଂ. ଆକ୍ରାନ୍ତ ଗତ ୧୮ ତାରିଖରେ ବାଇକ୍ ଯୋଗେ ଜଣେ ସାଙ୍ଗ ସହିତ କୋଲକାତାରୁ ଆସିଥିଲେ। ଭଦ୍ରକ ଟାଉନ୍‌ରେ ୧୮ରୁ ୧୯ ତାରିଖ ପର୍ଯ୍ୟନ୍ତ ସାଙ୍ଗଙ୍କ ଘରେ ରହି ୨୦ରେ ସାଇକେଲରେ ଘର ପହଞ୍ଚିଥିଲେ। ସେହିଦିନ ତାଙ୍କୁ ସରକାରୀ କ୍ୱାରାଣ୍ଟାଇନ୍‌ରେ ଭର୍ତ୍ତି କରାଯାଇଥିଲା। ୨୪ ତାରିଖରେ ତାଙ୍କ ନମୁନା ପଜିଟିଭ ବାହାରିଥିଲା। ୯୨ନଂ. ଆକ୍ରାନ୍ତ ଜଣକ କରୋନା ସନ୍ଦିଗ୍ଧ ଥିଲେ। ୯୩ ନଂ. ଆକ୍ରାନ୍ତ ୨୯ବର୍ଷୀୟ ଯୁବକ ମାର୍ଚ୍ଚ ୨୭ରେ ଏକ ଗାଡ଼ି ଭଡ଼ା କରି କୋଲକାତାରୁ ତାଙ୍କ ବାପା ଓ ଅନ୍ୟ ୬ଜଣଙ୍କ ସହ ଭଦ୍ରକ ଧାମନଗରରକୁ ଫେରିଥିଲେ। ସେଠାରୁ ଏକ ବାଇକ୍‌ରେ ବାପାଙ୍କ ସହିତ ଘରେ ପହଞ୍ଚିଥିଲେ। ମାର୍ଚ୍ଚ ୨୮ରୁ ଏପ୍ରିଲ ୨୪ ପର୍ଯ୍ୟନ୍ତ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିଥିବାବେଳେ କୋଲକାତାରୁ ଫେରିଥିବାରୁ ୨୪ ତାରିଖରେ ନମୁନା ପରୀକ୍ଷଣ ହୋଇଥିଲା ଓ ପଜିଟିଭ୍ ବାହାରିଥିଲା। ଧାମନଗରର କଲ୍ୟାଣୀ ଗ୍ରାମର ୨୪ବର୍ଷୀୟ ଯୁବକ ତଥା ୯୪ ନଂ. ଆକ୍ରାନ୍ତ ଜଣକ ଗତ ୧୬ ତାରିଖରେ କୋଲକାତାରୁ ଚାଲି ଚାଲି ଆସି ୨୦ରେ ଘରେ ପହଞ୍ଚିଥିଲେ। ୨୧ରେ ସରକାରୀ କ୍ୱାରାଣ୍ଟାଇନ୍‌ରେ ଥିଲେ। ୨୪ରେ ନମୁନା ପଜିଟିଭ୍ ବାହାରିଥିଲା। ଭଦ୍ରକର ସମସ୍ତ ଆକ୍ରାନ୍ତଙ୍କୁ କଟକର ଅଶ୍ୱିନୀ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ସେହିପରି ଯାଜପୁର ଜିଲାର ୬ ଆକ୍ରାନ୍ତ ପଶ୍ଚିମବଙ୍ଗ ଫେରନ୍ତା। ୯୫, ୯୬, ୯୭ ଓ ୯୮ ନମ୍ବର ଆକ୍ରାନ୍ତ ଯାଜପୁର ଜିଲା ଦଶରଥପୁର କଟିକଟାର ବାସିନ୍ଦା। ସେମାନେ ମାର୍ଚ୍ଚ ୨୯ରେ କୋଲକାତା ବଡ଼ବାଜାର ମଲ୍ଲିକ ଷ୍ଟ୍ରିଟ୍‌ରୁ ବୋଲେରୋ ଭଡ଼ା କରି କଟିକଟାରେ ପହଞ୍ଚିଥିଲେ। ଗାଡ଼ିରେ ମୋଟ ୭ଜଣ ଯାତ୍ରୀ ଥିଲେ। ମାର୍ଚ୍ଚ ୩୦ରୁ ଏପ୍ରିଲ ୧୨ ପର୍ଯ୍ୟନ୍ତ ପଞ୍ଚାୟତ ସରକାରୀ କ୍ୱାରାଣ୍ଟାଇନ ସେଣ୍ଟରରେ ଥିଲେ। ୧୩ରୁ ୨୫ ଯାଏ ଘରେ ରହିଥିଲେ। ୨୫ରେ ସେମାନଙ୍କ ରିପୋର୍ଟ ପଜିଟିଭ ଆସିବା ପରେ ୨୬ ତାରିଖରେ ସେମାନଙ୍କୁ କଳିଙ୍ଗନଗର ଟାଟା କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେପଟେ ଦଶରଥପୁର ମହାନ୍ତି ପାଟଣାର ୯୯ ନଂ. ଆକ୍ରାନ୍ତ ମଧ୍ୟ ମାର୍ଚ୍ଚ ୨୯ରେ କୋଲକାତାରୁ ବୋଲେରୋ ଭଡ଼ା କରି ୮ ଜଣଙ୍କ ସହ ଆସିଥିଲେ। ୧୦୦ ନଂ. ଆକ୍ରାନ୍ତ କୋଲକାତା ବଡ଼ବାଜାରରୁ ମିନିଟ୍ରକରେ ୨୦ ଜଣଙ୍କ ସହ ଆସିଥିଲେ।

ସେପଟେ ସୁନ୍ଦରଗଡ଼ ଜିଲା ବିଶ୍ରା ଗୁଡ଼ଗୁଡ଼ଯୋରର ୧୦୧ ଓ ୧୦୨ ନମ୍ବର ଆକ୍ରାନ୍ତ ୬୯ ନମ୍ବର ଆକ୍ରାନ୍ତଙ୍କ ଦ୍ୱାରା ସଂକ୍ରମିତ ହୋଇଥିବା ଅନୁମାନ କରାଯାଉଛି। ୧୦୧ ନଂ. ଆକ୍ରାନ୍ତ ତାଙ୍କ ନିକଟ ସମ୍ପର୍କୀୟ ହୋଇଥିବାବେଳେ ୧୦୨ ନଂ. ତାଙ୍କ ପଡ଼ୋଶୀ। ତେବେ ୧୦୩ ନଂ. ଆକ୍ରାନ୍ତ ସୁନ୍ଦରଗଡ଼ର ୬୦ ବର୍ଷୀୟ ବ୍ୟକ୍ତିଙ୍କ ଗସ୍ତ ବିବରଣୀ ଏପର୍ଯ୍ୟନ୍ତ ପ୍ରକାଶ କରାଯାଇନାହିଁ।

# ରାଜସ୍ଥାନରେ ଓଡ଼ିଆ ଯବାନ ରାଜେଶଙ୍କ ମୃତ୍ୟୁ

ନିମାପଡା, ୨୬। ୪(ଡି.ଏନ୍.ଏ.)



## ନିମାପଡ଼ାରେ ଶୋକାକୁଳ ପରିବେଶ

ଭାରତୀୟ ସୈନ୍ୟବାହିନୀରେ ରାଜସ୍ଥାନ ଯୋଧପୁରଠାରେ କାର୍ଯ୍ୟରତ ଜଣେ ଓଡ଼ିଆ ଯବାନଙ୍କ ଗୁଳିମାଡରେ ଶନିବାର ରାତିରେ ମୃତ୍ୟୁ ଘଟିଥିବା ପରିବାର ଲୋକଙ୍କୁ ଜଣାଯାଇଛି। ମୃତ ଯବାନ ରାଜେଶ କୁମାର ସାହୁ(୨୯)ଙ୍କ ଘର ପୁରୀ ଜିଲା ନିମାପଡା ଥାନା ଅମୁଣିଆପାଟଣା ଗାଁର। ସୈନ୍ୟବାହିନୀ କ୍ୟାମ୍ପର ସୁବେଦାର ରାଜେଶଙ୍କ ମୃତ୍ୟୁ ସମ୍ପର୍କରେ ପରିବାର ଲୋକଙ୍କୁ ଫୋନ୍ କରି ରବିବାର ଜଣାଇଛନ୍ତି। ତାଙ୍କ ମୃତ୍ୟୁ ଗୁଳିମାଡରେ ହୋଇଥିବା ପରିବାର ଲୋକଙ୍କୁ କୁହାଯାଇଛି। ତାଙ୍କ ମୃତ୍ୟୁରେ ପରିବାର ଲୋକ ଭାଙ୍ଗି ପଡିଥିବା ବେଳେ ନିମାପଡା ଏନ୍‌ଏସି ଅଞ୍ଚଳରେ ଏହା ପ୍ରଚାରିତ ହେବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ରାଜେଶଙ୍କ ମୃତ୍ୟୁ ଗୁଳିମାଡରେ ହୋଇଥିଲେ ହେଁ କେଉଁ ପରିସ୍ଥିତିରେ ହୋଇଛି ତାହାର କାରଣ ଅସ୍ପଷ୍ଟ ରହିଛି। ଏ ସମ୍ପର୍କରେ ଥାନା ଅଧିକାରୀ ଜନାର୍ଦ୍ଦନ ପାତ୍ରଙ୍କୁ ପଚାରିବାରେ ଯବାନଙ୍କ ମୃତ୍ୟୁ ସମ୍ପର୍କରେ ଅଦ୍ୟାବଧି କୌଣସି ସ୍ପଷ୍ଟ ସୂଚନା ଆମ ପାଖକୁ ଆସିନାହିଁ ବୋଲି ସେ କହିଛନ୍ତି। ସ୍ଥାନୀୟ ବିଧାୟକ ତଥା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କୁ ପଚାରିବାରେ ଯବାନ ରାଜେଶଙ୍କ ମୃତ୍ୟୁ ଖବର ତାଙ୍କ ପରିବାର ଲୋକଙ୍କଠାରୁ ପାଇବା ପରେ ତାଙ୍କ ମୃତଦେହକୁ ନିମାପଡାକୁ ଅଣାଯିବା ସମ୍ପର୍କରେ ମୁଖ୍ୟଶାସନ ସଚିବଙ୍କୁ ଅବଗତ କରିଛି ବୋଲି ମନ୍ତ୍ରୀ ଦାଶ କହିଛନ୍ତି। ଅନ୍ୟପକ୍ଷରେ ରାଜେଶ କାର୍ଯ୍ୟରତ ସମୟରେ ଆତଙ୍କବାଦୀଙ୍କ ଗୁଳିମାଡରେ ମୃତ୍ୟୁ ହୋଇଥିବା ବାପା ବିଜୟ, ଭାଇ ରାଜା, ଅଲେଖ, ସତ୍ୟବ୍ରତ ପ୍ରମୁଖ କହୁଛନ୍ତି। ପ୍ରାୟ ୧୦ବର୍ଷ ହେଲା ସେ ସୈନ୍ୟବାହିନୀରେ ଯୋଗ ଦେଇଥିଲେ। ଦେଶ ମାତୃକା ପାଇଁ ସେ ପ୍ରାଣ ବଳି ଦେଇଛନ୍ତି ବୋଲି ପରିବାର ଲୋକେ କହିଛନ୍ତି। ପରିବାର ଲୋକଙ୍କୁ ସମସ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ଲୋକେ ପ୍ରଶାସନ ନିକଟରେ ଦାବି କରିଛନ୍ତି।



ଖୋର୍ଦ୍ଧା ଟାଙ୍ଗିଆପଡ଼ାଠାରେ ଏକ ବିଲରେ ଅଖିମୁଠି ଅନୁକୂଳ ପାଇଁ ପୂଜାର୍ଚ୍ଚନା ଚାଲିଛି।

# ଅଖିମୁଠି ଅନୁକୂଳ କଲେ ଚାଷୀ

ଖୋର୍ଦ୍ଧା ଅଫିସ,୨୬।୪

କରୋନା ସଂକ୍ରମଣକୁ ରୋକିବାକୁ ଯାଇ ଦେଶରେ ଲକ୍‌ଡାଉନ ଜାରି ରହିଛି। ଏହାକୁ ଦୃଷ୍ଟିରେ ରଖି ଅକ୍ଷୟ ତୃତୀୟା ଅବସରରେ ଖୋର୍ଦ୍ଧା ଜିଲାରେ ଚାଷୀମାନେ ସାମାଜିକ ଦୂରତା ରକ୍ଷା କରି ଅକ୍ଷିମୁଠି ଅନୁକୂଳ ରବିବାର କରିଛନ୍ତି। ଖୋର୍ଦ୍ଧା ବ୍ଲକର ଟାଙ୍ଗିଆପଡା ପଞ୍ଚାୟତର ଉଇଲକିଶନନଗରରେ ଅକ୍ଷୟ ତୃତୀୟା ପାରମ୍ପରିକ ରୀତିନୀତିରେ ଅନୁଷ୍ଠିତ ହୋଇଥିଲା। ଗାଁର ଚାଷୀ ସନାତନ ବିଶ୍ୱାଳ, ନୀଳକଣ୍ଠ ପ୍ରଧାନ, ନରେନ୍ଦ୍ର ସ୍ୱାଇଁ, ଲମ୍ବୋଦର ସ୍ୱାଇଁ, ସୁରେଶ ଚନ୍ଦ୍ର ରାଉତରାୟ ପ୍ରମୁଖ କ୍ଷେତରେ ଅକ୍ଷିମୁଠି ଚଳାଇ ଥିଲେ। ଗୋପାଳ କୃଷ୍ଣ ପ୍ରଧାନ କହିଥିଲେ, ରବିବାର ପାଗ ଅନୁକୂଳ ରହିଥିଲା। ଚାଷୀମାନେ ହଳ ଲଙ୍ଗଳ ଧରି କ୍ଷେତରେ ପହଞ୍ଚି ଚାଷ କରିବା ସହ ଧାନ ବୁଣିଥିଲେ। ସେହିପରି ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ଖୋର୍ଦ୍ଧା ବ୍ଲକର ଗୋଲବାଇଶାସନଠାରେ ଅକ୍ଷିମୁଠି ଅନୁକୂଳ କରାଯାଇଥିଲା। ଗାଁର ଅଗ୍ରଣୀ ଚାଷୀ ରମାକାନ୍ତ ଜେନାଙ୍କ କ୍ଷେତରେ ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ଉପସଭାପତି ଶ୍ରୀରଞ୍ଜନ ମଙ୍ଗରାଜ ଅକ୍ଷିମୁଠି ଅନୁକୂଳ କରିଥିଲେ। ସ୍ଥାନୀୟ ସରପଞ୍ଚ ବିପିନି ସେଠୀ, ଚାଷୀ ସୀତାରାମ ରାଉତରାୟ, କିଶୋର ବରାଳ ପ୍ରମୁଖ ଉପସ୍ଥିତ ଥିଲେ। ସାମାଜିକ ଦୂରତା ଓ ମାସ୍କ ପରିଧାନ କରି ଚାଷୀମାନେ କ୍ଷେତରେ ପୂଜାର୍ଚ୍ଚନା ସହ ହଳ ପରେ ଧାନ ବୁଣିଥିଲେ।

## ଇମ୍ପୋର୍ଟେଡ୍ ମଦ ସହ କାର୍ ଜବତ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୬।୪ (ବ୍ୟୁରୋ)

ନୟାପଲ୍ଲୀ ଥାନା ପୋଲିସ ଏବଂ କ୍ୟୁଏଟି ଚଢ଼ାଉ କରି ରବିବାର ଅପରାହ୍ନରେ ଏକ କାର୍‌ରୁ ଇମ୍ପୋର୍ଟେଡ୍ ମଦ ସହ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ନୟାପଲ୍ଲୀ ଥାନା ଅନ୍ତର୍ଗତ ନୀଳକଣ୍ଠ ନଗରର ବିଶ୍ୱଜିତ ନାୟକ। ତାଙ୍କଠାରୁ ୫୧. ୩ ଲିଟର ବିଦେଶୀ ସ୍କଚ୍ , ୨୮ ହଜାର ଟଙ୍କା ଓ ମହିନ୍ଦ୍ରା ଏକ୍ସୟୁଭି(ଓଡି ୦୨ ଏଚ୍ ୭୧୧୭) କାର ଜବତ କରାଯାଇଛି। ସୂଚନା ମୁତାବକ, ରାଜଧାନୀର ବିଭିନ୍ନ ଭିଆଇପିଙ୍କ ପାଇଁ ନାମୀଦାମୀ କାରରେ ମଦ ଯୋଗାଇ ଦିଆଯାଉଛି। ବିଭିନ୍ନ ଛକରେ କେବଳ ଗାଡ଼ି ପାସ୍ ଯାଞ୍ଚ କରାଯାଉଥିବାରୁ ଅନେକ ବ୍ୟକ୍ତି ଏହାର ଫାଇଦା ଉଠାଉଛନ୍ତି। ନୟାପଲ୍ଲୀ ତଥା ଆଖପାଖରେ ରହୁଥିବା ବଡ଼ବଡ଼ିଆଙ୍କୁ ୪ ଗୁଣା ଚଢ଼ାଦରରେ ଏହି ସ୍କଚ୍ ହୋମ୍ ଡେଲଭରି କରାଯାଉଥିଲା। ଏ ନେଇ କ୍ୟୁଏଟି ନିକଟରେ ଖବର ପହଞ୍ଚିବା ପରେ ନୟାପଲ୍ଲୀ ପୋଲିସ ଓ କ୍ୟୁଏଟି ଟିମ୍ ଅଭିଯୁକ୍ତଙ୍କୁ ଧରିବା ପାଇଁ ଜାଲ ବିଛାଇଥିଲେ।



# କଡ଼ାକଡ଼ି ହେଲା ତଟ ସୁରକ୍ଷା

ଭୁବନେଶ୍ୱର,୨୬।୪ (ବ୍ୟୁରୋ)

## ବୋଟ୍‌ରେ ଚେନ୍ନାଇରୁ ଫେରିବା ଘଟଣା

- ଫୋକସ୍‌ରେ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା
- ସମସ୍ତ ସାମୁଦ୍ରିକ ଥାନାକୁ ହାଇଆଲର୍ଟ କଲେ ଏଡିଜି

ଚେନ୍ନାଇରୁ ବୋଟ୍ ଯୋଗେ ୨୮ ଜଣ ଶ୍ରମିକ ଶନିବାର ଗଞ୍ଜାମ ଫେରିବା ପରେ ସମୁଦ୍ର ତଟ ଅଞ୍ଚଳର ସୁରକ୍ଷାକୁ ବଢ଼ାଇ ଦିଆଯାଇଛି। ତଟବର୍ତ୍ତୀ ସମସ୍ତ ଥାନାକୁ ହାଇଆଲର୍ଟ ଜାରିକରିଛନ୍ତି ରେଲୱେ ଏଡିଜି ତଥା ତଟ ସୁରକ୍ଷା ଦାୟିତ୍ୱରେ ଥିବା ପ୍ରଣବିନ୍ଦୁ ଆଚାର୍ଯ୍ୟ। ଏହାସହ ବୋଟ୍ ରହଣି ସ୍ଥାନରେ ପୋଲିସ ମୁତୟନ ସହ ସ୍ଥାନୀୟ ଗ୍ରାମବାସୀଙ୍କୁ ମଧ୍ୟ ସତର୍କ କରାଯାଇଛି। ଯଦି ସମୁଦ୍ର ପଥରେ କେହି ଆସିବା ଖବର ପାଆନ୍ତି ତେବେ ତୁରନ୍ତ ନିକଟସ୍ଥ ଥାନାକୁ ଜଣାଇବାକୁ କୁହାଯାଇଛି। ଗ୍ରାମର କେହି ଲୋକ ଯଦି ଆସନ୍ତି ତେବେ ତାଙ୍କୁ ଚିହ୍ନଟ କରି କ୍ୱାରାଣ୍ଟାଇନ୍‌ରେ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଡିଜି କହିଛନ୍ତି ଯେ, ଏହି କାର୍ଯ୍ୟରେ ଗ୍ରାମବାସୀ ଆମକୁ ସହଯୋଗ କରୁଛନ୍ତି। ସେମାନେ ସମୁଦ୍ରକୂଳ ଥାନା ଅଞ୍ଚଳ ଗ୍ରାମକୁ ବାଉଁଶରେ ସିଲ୍ କରି ଦେଇଛନ୍ତି। ଯେପରି ଗ୍ରାମ ଭିତରକୁ କେହି ଯାଇ ପାରିବେନି କି ଆସିପାରିବେନି।

ଫୋକସରେ ବାଲେଶ୍ୱର, ଭଦ୍ରକ ଓ କେନ୍ଦ୍ରାପଡ଼ା ତଟ ଅଞ୍ଚଳ ରହିଥିବା ଏଡିଜି କହିଛନ୍ତି। ପଶ୍ଚିମବଙ୍ଗରୁ ଏକାଧିକ ଶ୍ରମିକ ଜଳପଥରେ ଓଡ଼ିଶା ଫେରୁଥିବାରୁ ସେମାନଙ୍କ ଉପରେ ନଜର ରଖାଯାଇଛି। ଯଦି ସେଭଳି କିଛି ସନ୍ଦିଗ୍ଧ ଜଳପଥରେ ଆସନ୍ତି ତେବେ ସେମାନଙ୍କୁ ସ୍ଥାନୀୟ ପ୍ରଶାସନଙ୍କ ସହଯୋଗରେ କ୍ୱାରାଣ୍ଟାଇନ୍‌ରେ ରଖାଯିବ।

ସାମୁଦ୍ରିକ ଥାନା ପାଇଁ ଆଗାମୀ ଦିନରେ ଏହା ଏକ ଚ୍ୟାଲେଞ୍ଜ ହେବ। କାରଣ ଅନେକ ଷ୍ଟାଫ୍ ନାହାନ୍ତି। ସ୍ୱଳ୍ପ ସଂଖ୍ୟକ କର୍ମଚାରୀରେ କିଭଳି ପାଟ୍ରୋଲିଂ କରାଯିବ ତାହାକୁ ନେଇ ମଧ୍ୟ ଚିନ୍ତା ଉପୁଜୁଛି। ପୂର୍ବରୁ ଅନେକ ଶ୍ରମିକ ପଶ୍ଚିମବଙ୍ଗରୁ ଜଳପଥ ଦେଇ ବାଲେଶ୍ୱର,ଭଦ୍ରକ ଓ କେନ୍ଦ୍ରାପଡ଼ାକୁ ଫେରିଛନ୍ତି, ଯାହାଫଳରେ ବାଲେଶ୍ୱର,ଭଦ୍ରକ ଅଞ୍ଚଳରେ ଏବେ କରୋନା ସଂକ୍ରମଣ ସଂଖ୍ୟା ବଢ଼ିବାରେ ଲାଗିଛି।

# ଦଧିମାଛଗାଡ଼ିଆ, ଜାଗୁଳିପାଟଣାରେ ରଥକାଠ ଅନୁକୂଳ

ଖୋର୍ଦ୍ଧା ଅଫିସ, ୨୬।୪

ଅକ୍ଷୟ ତୃତୀୟା ଅବସରରେ ଖୋର୍ଦ୍ଧାର ଦଧିମାଛିଗାଡିଆ ଶ୍ରୀପତିତପାବନ ଏବଂ ଜାଗୁଳାଇପାଟଣାସ୍ଥିତ ଶ୍ରୀଅନନ୍ତ ପୁରୁଷୋତ୍ତମଙ୍କ ଘୋଷଯାତ୍ରା ଲାଗି ରଥ କାଠ ଅନୁକୂଳ ରବିବାର ହୋଇଯାଇଛି। କରୋନା ଭୂତାଣୁ ସଂକ୍ରମଣକୁ ଦୃଷ୍ଟିରେ ରଖି ସାମାଜିକ ଦୂରତା ସହ ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା। ଶ୍ରୀଅନନ୍ତ ପୁରୁଷୋତ୍ତମ ଦେବଙ୍କ ରଥଯାତ୍ରା ଲାଗି ଏକ ଧଉରା କାଠ ପାରମ୍ପରିକ ରୀତିରେ ମନ୍ଦିର ମୁଖ୍ୟ ସେବାୟତ ମହନ୍ତ କମଳକାନ୍ତ ଦାସମହାରାଜ ପୂଜାର୍ଚ୍ଚନା କରି ଅନୁକୂଳ କରିଥିଲେ। ଏହି ସମୟରେ ମନ୍ଦିର ଟ୍ରଷ୍ଟ ବୋର୍ଡ ସଦସ୍ୟ ଏବଂ ଅନ୍ୟ ସେବାୟତମାନେ ଉପସ୍ଥିତ ଥିଲେ। ଭୋର ସାଢେ ୪ ରେ ମନ୍ଦିର ଦ୍ୱାରଫିଟା, ମଇଲମ, ଅବକାଶ, ଦ୍ୱାରପାଳ, ସୂର୍ଯ୍ୟପୂଜା ପରେ ସାଢେ ୬ଟାରେ ମଙ୍ଗଳ ଆଳତି ହୋଇ ଅନ୍ୟ ନୀତି ସମ୍ପୂର୍ଣ୍ଣ ହୋଇଥିଲା। ପୂର୍ବାହ୍ନ ସାଢେ ୮ଟାରେ ମହାପ୍ରଭୁଙ୍କ ଆଜ୍ଞାମାଳ ଆସିବା ପରେ ରଥର ମୁଖ୍ୟ ବିଶ୍ୱକର୍ମା ଅର୍ଜ୍ଜୁନ ମହାରଣା, ମନ୍ଦିର ଟ୍ରଷ୍ଟ ବୋର୍ଡ ସମ୍ପାଦକ ପର୍ଶୁରାମ ମହାପାତ୍ରଙ୍କ ଉପସ୍ଥିତରେ ରଥ କାଠ ଅନୁକୂଳ କରାଯାଇଛି। ରଥଯାତ୍ରା ଆୟୋଜନ ଲାଗି ଟ୍ରଷ୍ଟ ପକ୍ଷରୁ ଆଲୋଚନା ପରେ ଯାହା କିଛି ସ୍ଥିର କରାଯିବ ବୋଲି ସମ୍ପାଦକ ମହାପାତ୍ର କହିଛନ୍ତି। ମୁଖ୍ୟ ସେବାୟତ କମଳକାନ୍ତ ଦାସମହାରାଜ କୁହନ୍ତି, ରଥଯାତ୍ରା ଆୟୋଜନ ଅନିଶ୍ଚିତତା ରହିଥିବା ବେଳେ ଜୁନ ୫ରେ ଦେବସ୍ନାନ ପୂର୍ଣ୍ଣିମା, ୨୧ ରେ ନବଯୌବନ ଦର୍ଶନ, ୨୩ ରେ ରଥଯାତ୍ରା ବିଧି ଅନୁସାରେ କରାଯିବ।

ସେହିପରି ଦଧିମାଛିଗାଡିଆଠାରେ ଶ୍ରୀପିତତପାବନଙ୍କ ଘୋଷଯାତ୍ରା ଲାଗି ବିଧି ବିଧାନ ସହ ରଥକାଠ ଅନୁକୂଳ ହୋଇଥିଲା। ମନ୍ଦିର ପୂଜକ ପୂର୍ଣ୍ଣଚନ୍ଦ୍ର ପଣ୍ଡା ମହାପ୍ରଭୁଙ୍କ ଆଜ୍ଞାମାଳ ନେଇ ରଥକାଠରେ ବିଜେ କରି ପୂଜାର୍ଚ୍ଚନା ସାରିବା ପରେ କାଠକୁ ଅନୁକୂଳ କରିଥିଲେ। ମନ୍ଦିର ପରିଚାଳନା କମିଟି ସଦସ୍ୟ ଓ ମନ୍ଦିର ପୂଜକଙ୍କ ଉପସ୍ଥିତିରେ ଏହି ବିଧି ସମ୍ପନ୍ନ କରିଥିଲେ।



ଅନନ୍ତ ପୁରୁଷୋତ୍ତମ ମନ୍ଦିର ପରିସରରେ ରଥକାଠ ଅନୁକୂଳ ପାଇଁ ପୂଜାର୍ଚ୍ଚନା କରାଯାଉଛି।

# ଅଣହିତାଧିକାରୀଙ୍କ ରାଶନ ବଣ୍ଟନରେ ବିବାଦ

ଭୁବନେଶ୍ୱର, ୨୬।୪(ବ୍ୟୁରୋ): ଭୁବନେଶ୍ୱରରେ ରହୁଥିବା ଅଣହିତାଧିକାରୀଙ୍କୁ ୫କେଜି ରାଶନ ସାମଗ୍ରୀ ବଣ୍ଟନ କରାଯାଉଛି। ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଦ୍ୱାରା ଏହି କାର୍ଯ୍ୟ ଜାରିରହିଛି। ବର୍ତ୍ତମାନ ଏହାକୁ ନେଇ ବିବାଦ ଉପୁଜିଛି। ଯୋଗ୍ୟ ଅଣହିତାଧିକାରୀଙ୍କୁ ସାମଗ୍ରୀ ନ ଦେଇ ଅନ୍ୟ କେତେକ ଲୋକଙ୍କୁ ଏହି ସୁବିଧା ଦିଆଯାଉଛି ବୋଲି ଅଭିଯୋଗ ହେଉଛି। ବସ୍ତି ଅଞ୍ଚଳରେ ସର୍ଭେ ପାଇଁ ବିଏମ୍‌ସି ଅଙ୍ଗନୱାଡି କର୍ମୀଙ୍କୁ ସାମିଲ କରିଛି। ସର୍ଭେ ରିପୋର୍ଟକୁ ଆଧାର କରି ପ୍ରଥମେ ହିତାଧିକାରୀ ଓ ଏବେ ଅଣହିତାଧିକାରୀଙ୍କୁ ରାଶନ ସାମଗ୍ରୀ ବଣ୍ଟନ କରାଯାଉଛି। ଆଧାରକାର୍ଡ ଥିବା ଲୋକଙ୍କୁ କେବଳ ରାଶନ ଦେବାକୁ ବିଏମ୍‌ସି ପକ୍ଷରୁ କୁହାଯାଉଛି। ଆଧାର ଥିବା କିଛି ଲୋକଙ୍କୁ ମଧ୍ୟ ଏଥିରୁ ବାଦ୍ ଦିଆଯାଉଛି। ଏଥିପାଇଁ ରାଶନ ସାମଗ୍ରୀ ବାଣ୍ଟିବାକୁ କିମ୍ବା ସର୍ଭେ କରିବାକୁ ଯିବାବେଳେ ବସ୍ତିବାସିନ୍ଦା ବିରୋଧ କରୁଛନ୍ତି ବୋଲି ଅଙ୍ଗନୱାଡି କର୍ମୀ ପ୍ରକାଶ କରିଛନ୍ତି। ଏନେଇ କର୍ମୀ ମିଳିତ ଭାବେ ବିଏମ୍‌ସି କମିଶନରଙ୍କୁ ଦାବିପତ୍ର ଦେଇଛନ୍ତି। ଯଦି କମିଶନର ଦାବି ନ ଶୁଣନ୍ତି, ତେବେ ସେମାନେ ସର୍ଭେ କାମ କରିବାରୁ ବିରତ ରହିବେ ବୋଲି ପ୍ରକାଶ କରିଛନ୍ତି। ବିଏମ୍‌ସିର ଜଣେ ଅଧିକାରୀ କହିଛନ୍ତି, ଅଙ୍ଗନୱାଡିକର୍ମୀଙ୍କୁ କେବଳ ସର୍ଭେ କାର୍ଯ୍ୟରେ ସହଯୋଗ କରିବାକୁ କୁହାଯାଇଛି। ରାଶନ ବଣ୍ଟନ କାର୍ଯ୍ୟରେ ସେମାନେ ହସ୍ତକ୍ଷେପ କରନ୍ତୁ ନାହିଁ। ରାଶନ କାର୍ଡ ଥାଉ ବା ନଥାଉ ସବୁ ଗରିବଙ୍କୁ ସାମଗ୍ରୀ ଦିଆଯାଉଛି ବୋଲି ସେ କହିଛନ୍ତି।

# ଭୁବନେଶ୍ୱରରେ ଗଡ଼ିଲା ସବୁ ଓଲା, ଉବର

- ପାରା ମେଡିକାଲ ଷ୍ଟାଫ୍, ରୋଗୀଙ୍କ ସମ୍ପର୍କୀୟ ଯାଇପାରିବେ
- ଡ୍ରାଇଭରଙ୍କୁ ମିଳିଲା ମାସ୍କ, ସାନିଟାଇଜର ଓ ଗ୍ଲୋବ୍ସ
- ଡ୍ରାଇଭରଙ୍କୁ ମିଶାଇ ଯାଇପାରିବେ ୩ ଜଣ



ଭୁବନେଶ୍ୱର, ୨୬।୪(ବ୍ୟୁରୋ)

ଭୁବନେଶ୍ୱରରେ ରବିବାରଠାରୁ କ୍ୟାବ୍ ସେବା ପ୍ରଦାନକାରୀ ସଂସ୍ଥା ଓଲା, ଉବରରେ ପଞ୍ଜୀକୃତ ଯାନବାହନ ଚଳାଚଳ ଆରମ୍ଭ କରିଛି। ଏଥିପାଇଁ ସର୍ତ୍ତମୂଳକ ଅନୁମତି ପ୍ରଦାନ କରାଯାଇଛି। ଲକ୍‌ଡାଉନ୍ ଜାରି ରହିଥିବାରୁ କେବଳ ଜରୁରିକାଳୀନ ବୁକିଂ ହୋଇପାରିବ। ଏଥିରେ ପାରା ମେଡିକାଲ କର୍ମଚାରୀ, ରୋଗୀଙ୍କ ସମ୍ପର୍କୀୟ ଯାତାୟାତ କରିପାରିବେ ବୋଲି ଓଲା ଓ ଉବର ପକ୍ଷରୁ କୁହାଯାଇଛି। ତେବେ ସାମାଜିକ ଦୂରତା ବଜାୟ ରଖିବା ଓ ସମ୍ପୂର୍ଣ୍ଣ ସତର୍କତା ଅବଲମ୍ବନ କରିବା ପାଇଁ କାରରେ ଡ୍ରାଇଭର ଓ ୨ଜଣ ଯାତ୍ରୀଙ୍କୁ ନେଇ ହେବ। ଯାତ୍ରୀମାନେ ପଛ ସିଟ୍‌ରେ ବସିବେ। ସୁରକ୍ଷା ଦୃଷ୍ଟିରୁ ସମସ୍ତ ଗାଡ଼ି ଡ୍ରାଇଭରଙ୍କୁ ମାସ୍କ, ସାନିଟାଇଜର ଓ ଗ୍ଲୋବ୍ସ ପ୍ରଦାନ କରାଯାଇଛି। କିନ୍ତୁ ରୋଗୀଙ୍କୁ କେବଳ ଆମ୍ବୁଲାନ୍ସରେ ନେବାକୁ ନିର୍ଦ୍ଦେଶ ଥିବାବେଳେ ଓଲା କିମ୍ବା ଉବରକୁ ଅନୁମତି ମିଳିନି। ଉଲ୍ଲେଖଯୋଗ୍ୟ, ଏହା ପୂର୍ବରୁ ସର୍ତ୍ତମୂଳକ ଭାବେ ୧୦୦ ଓଲା ଗାଡିକୁ କମିଶନରରେଟ ପୋଲିସ୍ ପକ୍ଷରୁ ପାସ୍ ପ୍ରଦାନ କରାଯାଇଥିଲା। ଏବେ କଟକଣାରେ କୋହଳ କରାଯାଇ ସମସ୍ତ ଓଲା ଓ ଉବର ପଞ୍ଜୀକୃତ ସମସ୍ତ ଗାଡିକୁ ଏହି ଅନୁମତି ମିଳିଛି।

# ୫ ବ୍ଲକ୍, ଯାଜପୁର ପୌରାଞ୍ଚଳ ହେଲା କଣ୍ଟେନମେଣ୍ଟ ଜୋନ୍

■ ଜିଲାରୁ ଉଠିଲା ୬୦ ଘଣ୍ଟିଆ ଶଟ୍‌ଡାଉନ
■ ଆଜି ମଧ୍ୟାହ୍ନ ୨୯ ସନ୍ଧ୍ୟା ୬ଟା ଯାଏ ଶଟ୍‌ଡାଉନ ଭଳି କଟକଣା
■ ବ୍ୟାସନଗର ଓ ଅନ୍ୟ ଅଞ୍ଚଳରେ ଲକ୍‌ଡାଉନ କଡ଼ାକଡ଼ି

**ଯାଜପୁର ଅଫିସ,୨୬।୪**

ଯାଜପୁର ଜିଲାରେ କରୋନା ସଂକ୍ରମଣ ବୃଦ୍ଧି ପାଉଥିବାବେଳେ ଏହାର ମୁକାବିଲା ପାଇଁ ଜିଲାରେ ଲାଗୁ ହୋଇଥିବା ୬୦ ଘଣ୍ଟିଆ ଶଟ୍‌ଡାଉନ ରବିବାର ପୂର୍ବାହ୍ନ ୧୦ଟାରେ ପ୍ରତ୍ୟାହୃତ ହୋଇଛି। ଶନିବାର ରାତିରେ ଆଉ ୬ଜଣ କୋରୋନା ସଂକ୍ରମିତ ଥିବା ସୂଚନା ମିଳିବା ପରେ ଜିଲା ପ୍ରଶାସନ ପକ୍ଷରୁ ଯାଜପୁର ପୌରାଞ୍ଚଳ ଓ ୫ ବ୍ଲକ ଯଥା, ଯାଜପୁର, ଦଶରଥପୁର, ବିଞ୍ଝାରପୁର, କୋରେଇ, ବରୀକୁ କଣ୍ଟେନମେଣ୍ଟ ଅଞ୍ଚଳ ଘୋଷଣା କରାଯାଇଛି। ଏହା ୨୭ ତାରିଖ ମଧ୍ୟାହ୍ନ ୧୨ଟାରୁ ୨୯ତାରିଖ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ। ବାକି ସମସ୍ତ ଅଞ୍ଚଳବାସୀ ଲକଡାଉନ ଗାଇଡଲାଇନ ମାନି ଚଳିବେ। ଏହି ମର୍ମରେ ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ ତାଙ୍କ ପତ୍ରସଂଖ୍ୟା ୪୬୬/୨୬।୪।୨୦୨୦ରେ ନିର୍ଦ୍ଦେଶ ଜାରି କରିଛନ୍ତି। କରୋନା ଭୂତାଣୁ ଭୟାବହତାକୁ ଦୃଷ୍ଟିରେ ରଖି ଓ ସାଧାରଣ ଲୋକଙ୍କ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଇ ସଂକ୍ରମିତଙ୍କ ସହ ସଂସ୍ପର୍ଶ, କ୍ୱାରାଣ୍ଟାଇନ, ସାମ୍ପଲ ସଂଗ୍ରହ, ପରୀକ୍ଷା ଓ ଆଇସୋଲେଶନର ଆବଶ୍ୟକତା ରହିଛି। ତେଣୁ ଉପରୋକ୍ତ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ ଭାବେ ଘୋଷଣା କରାଯାଇଛି ବୋଲି ଜିଲାପାଳ ଦର୍ଶାଇଛନ୍ତି। ଏହି କଣ୍ଟେନମେଣ୍ଟ ଜୋନଗୁଡ଼ିକରେ ଶଟ୍‌ଡାଉନ ଭଳି କଟକଣା ଲାଗୁ କରାଯିବ। ଏହାର ଉଲ୍ଲଂଘନକାରୀ ବ୍ୟକ୍ତିଙ୍କୁ ଆଇନ ଅନୁଯାୟୀ ଦଣ୍ଡିତ କରାଯିବ। ଡାକ୍ତରଖାନା, ପୋଲିସ, ଅଗ୍ନିଶମ, ଆମ୍ବୁଲାନ୍ସ, ଟେଲିକମ, ଜିଲାପାଳଙ୍କ ଅନୁମୋଦିତ ପେଟ୍ରୋଲ ପମ୍ପ, ବୈଦ୍ୟୁତିକ ଗଣମାଧ୍ୟମ, ଜଳଯୋଗାଣ, ପରିମଳ, ବିଦ୍ୟୁତ ଯୋଗାଣ, ମେଡିସିନ ଷ୍ଟୋର, ପରିବହାନ ଗାଡି, କୋଭିଡ-୧୯ ସମ୍ପର୍କିତ ପରୀକ୍ଷା, ଟ୍ରେସିଂ ପ୍ରଭୃତି ଅତ୍ୟାବଶ୍ୟକ କାର୍ଯ୍ୟ ବ୍ୟତୀତ ସମସ୍ତ ଅଫିସ, ଦୋକାନ ବନ୍ଦ ରହିବ। ଲୋକଙ୍କୁ ଘରେ ରହିବାକୁ ଜିଲାପାଳ ପରାମର୍ଶ ଦେଇଛନ୍ତି। ଜିଲାର ବାକି ଅଞ୍ଚଳବାସୀ ଲକଡାଉନ ଗାଇଡଲାଇନ ଅନୁସାରେ ସକାଳ ୬ଟାରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ବିଭିନ୍ନ ସାମଗ୍ରୀର କିଣାବିକା କରିପାରିବେ।

ଅନ୍ୟପକ୍ଷେ ଦଶରଥପୁର ବ୍ଲକ ପଡୋଶୀ ବିଞ୍ଝାରପୁର ସୀମା ମେଲା ପଡିଥିବାରୁ ଅଞ୍ଚଳବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଏହି ସୀମା ସିଲ୍ କରିବା ଦିଗରେ ପ୍ରଶାସନର ନିଘା ନ ଥିବା ଅଭିଯୋଗ ହେଉଛି। ଏହି ବ୍ଲକର ହଳଦିଡିହ, ଆଉଁରୀ, ଉତ୍ତରକୂଳ, ଉତ୍ତଙ୍ଗରା, ଉତରଙ୍ଗ ଆଦି ପଞ୍ଚାୟତ ଦଶରଥପୁର ସୀମାକୁ ଲାଗିଛି। ଜିଲାପାଳଙ୍କ ନିର୍ଦ୍ଦେଶ ମିଳିଲେ ବିଞ୍ଝାରପୁର ସୀମା ସିଲ କରାଯିବ ବୋଲି ତହସିଲଦାର ଅସ୍ମିତା ଦାଶ କହିଛନ୍ତି।

## ସଂକ୍ଷେପରେ

### ଯୋଡ଼ା ସହରରେ ପଶିଲେ ୧୮ ହାତୀ

**ଯୋଡ଼ା, ୨୬।୪(ଡି.ଏନ.ଏ.):** କେନ୍ଦୁଝର ଜିଲା ଯୋଡ଼ା ସହର ଭିତରକୁ ୧୮ଟି ହାତୀ ପଶି ଆସିଥିବାରୁ ସ୍ଥାନୀୟ ଲୋକେ ଭୟଭୀତ ହୋଇ ପଡ଼ିଛନ୍ତି। ଶନିବାର ବିଳମ୍ବିତ ରାତିରେ ଏହି ହାତୀମାନେ ଯୋଡ଼ା ଭ୍ୟୁ-ନର୍ସରୀ ପାର୍କ ନିକଟକୁ ଚାଲି ଆସିଥିଲେ। ହାତୀପଲ ସେଠାରେ ପାର୍କର ତାର ବାଡ ଭାଙ୍ଗିବା ସହିତ ପାର୍କର ଦେଖାଶୁଣା ଦାୟିତ୍ୱରେ ଥିବା ମାଳୀଙ୍କ ଘରକୁ ଭାଙ୍ଗି ଦେଇଥିଲେ। ବିଭିନ୍ନ ଗଛଡାଳ ଭାଙ୍ଗି ଫଳମୂଳ ଖାଇଦେବା ସହିତ ଫୁଲଗଛ ଗୁଡିକୁ ଦଳି ଚକଟି ମଧ ଦେଇଥିଲେ। ଦୀର୍ଘ ୨ ଘଣ୍ଟା ପରେ ହାତୀପଲ ନିକଟସ୍ଥ ଜଙ୍ଗଲକୁ ଚାଲିଯାଇଥିଲେ। ମାସେ ପୂର୍ବରୁ ଏହି ହତୀପଲ ଝାଡଖଣ୍ଡ ଅଞ୍ଚଳରୁ ଆସି ବୈତରଣୀ ରିଜର୍ଭ ଫରେଷ୍ଟ ଅଞ୍ଚଳରେ ବିଚରଣ କରୁଛନ୍ତି। ୪ ହାତୀ ଏହି ପଲରୁ ଅଲଗା ହୋଇ ବିଛାକୁଣ୍ଡି ଜଙ୍ଗଲରେ ବିଚରଣ କରୁଥିଲେ। ମାତ୍ର ଶନିବାର ପୁଣି ଥରେ ଉକ୍ତ ୪ଟି ହାତୀ ଏହି ପଲରେ ମିଶିଥିଲେ। ତେବେ ହାତୀଙ୍କ ଗତିବିଧି ଉପରେ ବନବିଭାଗ ନଜର ରଖିଥିବା ବନପାଳ ପିଅନ ନାଏକ ସୂଚନା ଦେଇଛନ୍ତି।

### ୬୮୩ କୋଲକାତା ଫେରନ୍ତା ପଞ୍ଜୀକୃତ

**ଯାଜପୁର ଅଫିସ,୨୬।୪:** ଯାଜପୁର ଜିଲାରେ ସରକାରୀଭାବେ ରବିବାର ସୁଦ୍ଧା ୬୮୩ଜଣ କୋଲକତା ଫେରନ୍ତାଙ୍କ ପଞ୍ଜୀକରଣ କରାଯାଇଛି। ସେମାନେ ଏବେ ସରକାରୀ କ୍ୱାରାଣ୍ଟାଇନରେ ରହିଛନ୍ତି। ସଂକ୍ରମିତଙ୍କ ସଂଖ୍ୟା ବଢୁଥିବା ଦେଖି ପଞ୍ଜୀକରଣ ନ କରି ଲୁଚି ରହିଥିବା ବ୍ୟକ୍ତିମାନେ ସ୍ୱତଃପ୍ରବୃତଭାବେ ଏବେ ପଞ୍ଜୀକରଣ କରିବାକୁ ଆସୁଥିବା ଜଣାପଡ଼ିଛି। ଯାହାକି ନିଶ୍ଚିତ ସ୍ୱାଗତଯୋଗ୍ୟ ବୋଲି ଜିଲାପାଳ ରଞ୍ଜନ କୁମାର ଦାସ କହିଛନ୍ତି। ସେ ଆହୁରି ସୂଚନା ଦେଇଛନ୍ତି ଯେ, ଜିଲାରେ ରବିବାର ସୁଦ୍ଧା କରୋନା ପଜିଟିଭ ସଂଖ୍ୟା ୧୮ରେ ପହଞ୍ଚିଛି। ଏହି ୧୮ ଜଣଙ୍କ ମଧ୍ୟରୁ ଜଣେ ସୁସ୍ଥ ହୋଇ ଫେରିଛନ୍ତି। ତେବେ ଏହି ୧୮ଜଣଙ୍କ ମଧ୍ୟରୁ ଜଣେ ନିଜାମୁଦ୍ଦିନ ଲିଙ୍କରେ ଥିବାବେଳେ ଅନ୍ୟ ୧୭ଜଣ ଯାକ କୋଲକାତା ଫେରନ୍ତା ବୋଲି ଜଣାଯାଇଛି। ଏମାନଙ୍କ ମଧ୍ୟରୁ ୧୨ଜଣ ସିଧାସଳଖ କୋଲକାତାରୁ ଆସିଥିବା ପଜିଟିଭ ବ୍ୟକ୍ତି ହୋଇଥିବାବେଳେ ଅନ୍ୟ ୫ଜଣ ସେମାନଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଛନ୍ତି। ବର୍ତ୍ତମାନ ତ୍ୱରାନ୍ୱିତ ପ୍ରକ୍ରିୟାରେ କୋଲକତା ଫେରନ୍ତା ଓ ସେମାନଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କ ସ୍ୱାବ ପରୀକ୍ଷା କରାଯାଉଛି। ଏବେ ବି ଯଦି କୌଣସି କୋଲକାତା ଫେରନ୍ତା ବା ଅନ୍ୟ କୌଣସି ରାଜ୍ୟରୁ ଆସିଥିବା ବ୍ୟକ୍ତି ନାମ ପଞ୍ଜୀକରଣ ନ କରିଛନ୍ତି, କିମ୍ବା ପଞ୍ଜୀକରଣ କରି ସରକାରୀ କ୍ୱାରାଣ୍ଟାଇନରେ ନ ରହିଛନ୍ତି ତେବେ ତୁରନ୍ତ ସେମାନେ ସରକାରୀ କ୍ୱାରାଣ୍ଟାଇନକୁ ଆସନ୍ତୁ ବୋଲି ଜିଲାପାଳ ଦାସ ଆହ୍ୱାନ ଦେଇଛନ୍ତି। ଏହାବାଦ ଜାତୀୟ ସ୍ୱାର୍ଥ ଓ ନିଜ ସୁରକ୍ଷା ଦୃଷ୍ଟିରୁ ବାହାରେ ରହିଥିବା ଓଡ଼ିଆ ନିଜ ଘରକୁ ଫେରିବା ପୂର୍ବରୁ ନାମ ପଞ୍ଜୀକରଣ କରିବା ବାଧତାମୂଳକ। ତାଲାବନ୍ଦ ଯୋଗୁ ଅନେକ ଓଡ଼ିଆ ଶ୍ରମିକ ଅନ୍ୟ ରାଜ୍ୟରେ ଫସି ରହିଛନ୍ତି। ସେମାନଙ୍କ ସୁରକ୍ଷା ପାଇଁ ବିଭିନ୍ନ ସୁବିଧା ସୁଯୋଗ ଯୋଗାଇ ଦେବାକୁ ଓଡ଼ିଶା ସରକାର ଅନ୍ୟ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି। ଆସନ୍ତା ୩ ତାରିଖରେ ତାଲାବନ୍ଦ ପ୍ରତ୍ୟାହାର କରିବା ପାଇଁ ସରକାର ଚିନ୍ତା କରୁଥିବାବେଳେ ବାହାର ରାଜ୍ୟରେ ଥିବା ଓଡ଼ିଆମାନେ ରାଜ୍ୟକୁ ପ୍ରତ୍ୟାବର୍ତ୍ତନ କରିବାର ସମ୍ଭାବନା ରହିଛି। ଏହି ପରିପ୍ରେକ୍ଷୀରେ ଯାଜପୁର ଜିଲାର ପ୍ରବାସୀ ଓଡ଼ିଆମାନେ କିପରି ସୁରକ୍ଷିତଭାବେ ନିଜ ଗ୍ରାମରେ ପହଞ୍ଚିବା ସହ ନିଜେ ସୁରକ୍ଷିତ ରହି ଅନ୍ୟମାନଙ୍କୁ ସୁରକ୍ଷିତ ରଖିବେ, ସେଥିପାଇଁ ଜିଲା ପ୍ରଶାସନ ଦ୍ୱାରା ନିର୍ଦ୍ଦେଶନାମା ଜାରି ହୋଇଛି। ମେ ୩ ପରେ ଓଡ଼ିଶା ଫେରନ୍ତା ସରକାରୀ କ୍ୱାରାଣ୍ଟାଇନରେ ୧୪ଦିନ ରହିବାକୁ ଜିଲାପାଳ ଦାସ ଅନୁରୋଧ କରିଛନ୍ତି।

### ୨୩ ହଜାର ଜରିମାନା ଆଦାୟ

**ବନ୍ତ,୨୬।୪(ଡି.ଏନ୍.ଏ.):** କରୋନା ଲାଗି ଶଟ୍ ଡାଉନ୍ ବେଳେ ନିୟମ ଉଲ୍ଲଂଘନ କରିବା ଅଭିଯୋଗରେ ଭଦ୍ରକ ଜିଲା ବନ୍ତ ପୋଲିସ ଅମାନିଆ ବାଇକ୍ ଚାଳକଙ୍କଠାରୁ ୨୩ ହଜାର ଟଙ୍କା ଜରିମାନା ଆଦାୟ କରିଛି। ଶନିବାର ୬ ହଜାର ଓ ରବିବାର ଶଟ୍‌ଡାଉନ ଉଠିବା ପରେ ଆଇନ ଅମାନ୍ୟକାରୀଙ୍କ ଠାରୁ ୧୭ ହଜାର ଟଙ୍କା ଆଦାୟ କରାଯାଇଛି।

# ଦଶରଥପୁର ବ୍ଲକ କରୋନା ହଟ୍‌ସ୍ପଟ୍

■ ୨ ପଞ୍ଚାୟତର ୪ ଗ୍ରାମକୁ କଣ୍ଟେନମେଣ୍ଟ ଜୋନ ଘୋଷଣା
■ ମେ ୧୦ ପର୍ଯ୍ୟନ୍ତ ବଳବତ୍ତର ରହିବ
■ କଣ୍ଟେନମେଣ୍ଟ ଜୋନରେ ମୋଟ ୧୧ ପଞ୍ଚାୟତର ୨୫ ଗ୍ରାମ

**ଯାଜପୁର ଅଫିସ,୨୬।୪**

ଯାଜପୁର ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଉଦ୍‌ବେଗଜନକଭାବେ ବୃଦ୍ଧି ପାଇବାରେ ଲାଗିଛି। ଲକଡାଉନ ଓ ଶଟଡାଉନ ସତ୍ତ୍ୱେ ନୂଆ ରୋଗୀଙ୍କ ସଂଖ୍ୟା ସାମ୍ନାକୁ ଆସୁଛି। ଗତ ସପ୍ତାହକ ମଧ୍ୟରେ ୧୧ଜଣ ସଂକ୍ରମିତ ଚିହ୍ନଟ ହୋଇ ସାରିଥିବାବେଳେ ରବିବାର ସୁଦ୍ଧା ଜିଲାରେ ଏହି ସଂଖ୍ୟା ୧୮ରେ ପହଞ୍ଚିଛି। ଏଥିରୁ ୧୭ ସଂକ୍ରମିତ ପଶ୍ଚିମବଙ୍ଗ ଫେରନ୍ତା ବୋଲି ଜଣାପଡ଼ିଛି। ଶନିବାର ରାତିରେ ଦଶରଥପୁର ବ୍ଲକ ଭଦ୍ରକ ଜିଲା ସୀମାନ୍ତ କଟିକଟା ପଞ୍ଚାୟତ ଅନ୍ତର୍ଗତ କଟିକଟା ଓ ବିହିପୁର ଅଞ୍ଚଳର ୪ କରୋନା ପଜିଟିଭ ଜଣାପଡିବା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। ଏହାକୁ ପ୍ରତିହତ କରିବାକୁ ଯାଜପୁର ଜିଲାପାଳ କଟିକଟା ଓ ବିହିପୁର ସମେତ ମଲ୍ଲିକାପୁର ପଞ୍ଚାୟତର ମହାନ୍ତିପାଟଣା ଓ ମଲ୍ଲିକାପୁର(ଆଂଶିକ) ଗ୍ରାମକୁ ହଟସ୍ପଟ ଓ କଣ୍ଟେନମେଣ୍ଟ ଅଞ୍ଚଳଭାବେ ଘୋଷଣା କରିଛନ୍ତି। ପୂର୍ବରୁ ବିରଜାପୁର ପଞ୍ଚାୟତ ଅଞ୍ଚଳକୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି। ଉପରୋକ୍ତ ସମସ୍ତ ଅଞ୍ଚଳକୁ ରବିବାର ସକାଳ ୮ଟାରୁ ଆସନ୍ତା ମେ ୧୦ ତାରିଖ ସକାଳ ୮ଟା ପର୍ଯ୍ୟନ୍ତ କଣ୍ଟେନମେଣ୍ଟ ଅଞ୍ଚଳଭାବେ ଗ୍ରହଣ କରିବାକୁ ଜିଲାପାଳ ଦାସ ପତ୍ରସଂଖ୍ୟା ୪୫୯/୨୬।୪।୨୦୨୦ରେ ନିର୍ଦ୍ଦେଶ ଜାରି କରିଛନ୍ତି।


ଦଶରଥପୁର ବ୍ଲକ କଟିକଟା ଗ୍ରାମରେ ପ୍ରଶାସନିକ ଅଧିକାରୀ ଓ ସ୍ୱାସ୍ଥ୍ୟ ଟିମ୍।

ପୂର୍ବରୁ ଜିଲାର ଯାଜପୁର, ଦଶରଥପୁର ଓ କୋରେଇ ବ୍ଲକର ୯ ପଞ୍ଚାୟତରେ ୨୧ଟି ଗ୍ରାମର ୩୬୨୫ ଘରର ୧୭୦୯୪ ଜଣଙ୍କ ପାଇଁ କଣ୍ଟେନମେଣ୍ଟ ଜୋନ ଘୋଷଣା ହୋଇଥିଲା। ଶନିବାର ରାତିରେ ଜିଲାର ଆଉ ୬ କରୋନା ସଂକ୍ରମିତ ହେବା ପରେ ଦଶରଥପୁର ବ୍ଲକ କଟିକଟା ଓ ବିହିରପୁର ଏବଂ ମଲ୍ଲିକାପୁର ପଞ୍ଚାୟତର ମହାନ୍ତିପାଟଣା ଓ ମଲ୍ଲିକାପୁର ଗ୍ରାମର ୧୪୨୨ ଘରର ୬୩୫୩ ଲୋକଙ୍କ ପାଇଁ କଣ୍ଟେନମେଣ୍ଟ ଅଞ୍ଚଳ ଘୋଷଣା ହୋଇଛି। ଏହିସବୁ ଅଞ୍ଚଳକୁ କେହି ପଶି ପାରିବେ ନାହିଁ କି ବାହାରିବାକୁ ଅନୁମତି ଦିଆଯିବ ନାହିଁ। ପୂର୍ବରୁ କୋରେଇ ବ୍ଲକର ମୁକୁନ୍ଦପୁର ପଞ୍ଚାୟତର ମୁକୁନ୍ଦପୁର, ମଥୁରାପୁର ଓ ନିଶଙ୍କପୁର, ଯାଜପୁର ବ୍ଲକର ପଣସା ଗ୍ରାମ ପଞ୍ଚାୟତର କୁସି, କୋରକରା ଓ ବାଲିପୋଖରୀ, ବସୁଦେବପୁର ପଞ୍ଚାୟତର ବାସୁଦେବପୁର ଓ ଜଳପୁର, ଜାହାନପୁର ପଞ୍ଚାୟତର ଶହୀଦପୁର ଏବଂ ଦଶରଥପୁର ବ୍ଲକ ବିରଜାପୁର ପଞ୍ଚାୟତର ବିରଜାପୁର ଓ ବଡଆଦମପୁର, ତଳିହା ପଞ୍ଚାୟତର ତଳିହା ଏବଂ ବିହାରିର ପାଳଦା, ଅକରପଦାର ଅକରପଦା, ଶ୍ରୀଧରପୁର, ଇତରା, ସାନଡୋଗଡା, ବଡଡୋଗଡା ଓ ଖୁରବିଲ ଏବଂ ଚିତାଳୋର ଚିତାଳୋ ଗ୍ରାମକୁ କଣ୍ଟେନମେଣ୍ଟ ଜୋନଭାବେ ଘୋଷଣା ହୋଇଛି।

ଶନିବାର ଚିହ୍ନଟ ହୋଇଥିବା ୬ ସଂକ୍ରମିତ ପଶ୍ଚିମବଙ୍ଗରୁ ଗତ ୨୮ ଓ ୨୯ ତାରିଖରେ ଫେରି ସରକାରୀ କ୍ୱାରାଣ୍ଟାଇନରେ ରହିଥିଲେ। ହେଲେ ପୂର୍ବରୁ ପରିବାର ଲୋକଙ୍କ ସଂସ୍ପର୍ଶରେ ଆସିଥାଇ ପାରନ୍ତି ବୋଲି ସନ୍ଦେହ କରାଯାଉଛି। ତେଣୁ ସଂକ୍ରମିତମାନେ କାହା ସଂସ୍ପର୍ଶରେ ଆସିଛନ୍ତି ସେ ନେଇ ସର୍ଭେ କରାଯାଉଛି। ଭଦ୍ରକ ଓ ଯାଜପୁର ସୀମାନ୍ତଭାବେ ବୈତରଣୀ ନଦୀକୂଳରେ ବିହିପୁର ଓ କଟିକଟା ପଞ୍ଚାୟତ ରହିଥିବାରୁ ଆଗକୁ ଉଭୟ ଜିଲାରେ ଆହୁରି ସଂକ୍ରମଣ ସଂଖ୍ୟା ବୃଦ୍ଧି ପାଇବ ବୋଲି ସନ୍ଦେହ କରାଯାଉଛି। ସବିଶେଷ ରିପୋର୍ଟ ପ୍ରକାଶ ପାଇବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି। ଉପରୋକ୍ତ କଣ୍ଟେନମେଣ୍ଟ ଏରିଆରେ ବିଶୋଧନ କରିବାକୁ ଦଶରଥପୁର ତହସିଲଦାର ସୌଭାଗ୍ୟ ବେହେରା, ଅତ୍ୟାବଶ୍ୟକ ସାମଗ୍ରୀ ପହଞ୍ଚାଇବାକୁ ବିଡିଓ ନାରାୟଣ ଚନ୍ଦ୍ର ନାୟକ ଏବଂ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସେବା ପାଇଁ ମେଡିକାଲ ଅଫିସର ଉମାକାନ୍ତ ମଲ୍ଲିକଙ୍କୁ ଦାୟିତ୍ୱ ଦିଆଯାଇଛି।

# ନେଳିଆବାଗରେ କଣ୍ଟେନମେଣ୍ଟ ଅବଧି ଆଉ ୭ଦିନ ବଢ଼ିଲା

**ବାଲେଶ୍ୱର ଅଫିସ,୨୬।୪**

ବାଲେଶ୍ୱର ପୌରାଞ୍ଚଳର ନେଳିଆବାଗ ଅଞ୍ଚଳରେ ପ୍ରଥମ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ସମ୍ପୃକ୍ତ ଅଞ୍ଚଳକୁ ଜିଲା ପ୍ରଶାସନ ତରଫରୁ ସଂକ୍ରମଣ ପ୍ରତିରୋଧ ଅଞ୍ଚଳ (କଣ୍ଟେନମେଣ୍ଟ ଜୋନ) ଭାବେ ଘୋଷଣା କରାଯାଇଥିଲା। ସେହି ଅଞ୍ଚଳରେ ଲୋକମାନଙ୍କ ଯିବା ଓ ଆସିବା ଉପରେ କଟକଣା ଜାରି କରାଯାଇ ଲୋକମାନଙ୍କୁ ନିଜ ଘରେ ରହିବାକୁ କୁହାଯାଇଥିଲା। ଏପ୍ରିଲ ୨୫ ତାରିଖ ମଧ୍ୟରାତ୍ରି ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ ବୋଲି ପୂର୍ବରୁ ଘୋଷଣା କରାଯାଇଥିଲା। ଏବେ ଏହି କଣ୍ଟେନମେଣ୍ଟ ଅବଧିକୁ ଆଉ ୭ଦିନ ଅର୍ଥାତ ମେ' ୨ତାରିଖ ମଧ୍ୟରାତ୍ରି ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।

ପରବର୍ତ୍ତୀ ପର୍ଯ୍ୟାୟରେ ସେହି ଅଞ୍ଚଳରେ ଆହୁରି ୭ଟି ପଜିଟିଭ ଚିହ୍ନଟ ହେବା ପରେ ସେଠାରେ ପଜିଟିଭ ସଂଖ୍ୟା ଏବେ ୮କୁ ବୃଦ୍ଧି ପାଇଛି। ତେଣୁ ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସମ୍ପୃକ୍ତ ଅଞ୍ଚଳରେ କୋଭିଡ଼-୧୯ ସଂକ୍ରମଣକୁ ରୋକିବା ଲାଗି ଜିଲାପାଳ ତଥା କ୍ଷମତାପ୍ରାପ୍ତ ଅଧିକାରୀ କେ.ସୁଦର୍ଶନ ଚକ୍ରବର୍ତ୍ତୀ ଏହି ପଦକ୍ଷେପ ଗ୍ରହଣ କରିଛନ୍ତି। ପୂର୍ବରୁ ସେହି ଅଞ୍ଚଳରେ ଜାରି କରାଯାଇଥିବା ସମସ୍ତ କଟକଣା ଆସନ୍ତା ମେ' ୨ ତାରିଖ ମଧ୍ୟରାତ୍ରି ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ସେହିପରି ରବିବାର ପୂର୍ବାହ୍ନ ୧୦ଟାରେ ସମଗ୍ର ବାଲେଶ୍ୱର ଜିଲାରେ ଶଟଡାଉନ ଅବଧି ସରିଥିବା ବେଳେ ଜିଲାରେ ପୂର୍ବଭଳି ଲକ୍‌ଡାଉନ କଟକଣା ଜାରି ରହିବ ଏବଂ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନଗୁଡ଼ିକ ଦିନ ୨ଟା ପର୍ଯ୍ୟନ୍ତ ଖୋଲା ରହିପାରିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ଅଦିନିଆ ବର୍ଷା: ଉଜୁଡ଼ିଗଲା ରବି ଫସଲ

**ବିଞ୍ଝାରପୁର,୨୬।୪(ଡି.ଏନ.ଏ)**

କରୋନା ମାଡ଼ରେ ଚାଷୀକୁଳ କ୍ଷତିଗ୍ରସ୍ତ ହୋଇଥିବାବେଳେ ଏବେ ଅଦିନିଆ ବର୍ଷା ଚାଷୀ ମୁହଁରୁ ହସ ଛଡାଇ ନେଇଛି। ବିଶେଷ କରି ବିଞ୍ଝାରପୁର ଭଳି କୃଷିପ୍ରଧାନ ଅଞ୍ଚଳରେ ଅଦିନିଆ ବର୍ଷାରେ ରବି ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳିଛି। ଗତ ଏକ ସପ୍ତାହ ମଧ୍ୟରେ ଲଗାତାରଭାବେ ୩ଦିନର ଅଦିନିଆ ବର୍ଷା ଓ କୁଆପଥର ମାଡ଼ରେ ମୁଗ, ଧାନ ସମେତ ପନିପରିବା ଫସଲ ବିଶେଷ କରି ବାଇଗଣ, ବିଲାତି, କୋବି, ପୋଟଳ ଆଦି ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି। ଚନ୍ଦ୍ରମୁଁ, ଆଉଁରୀ, ଉତ୍ତରକୂଳ ଓ ରଣପୁର ପଞ୍ଚାୟତରେ ପନିପରିବା ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବାବେଳେ ଅନ୍ୟ ପଞ୍ଚାୟତଗୁଡ଼ିକରେ ଧାନ ଓ ମୁଗ ଫସଲ ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଛି। ବ୍ଲକର ଚିଣା, ହଳଦୀଡିଅ, ଆଉଁରୀ, ଅରେଇ, ଶାଶନ୍ଦା, ଘଣ୍ଟିଆଳି, ଗୁହାଳି, ବରପଦା, କପିଳା, ମାଁସଡା ଆଦି ପଞ୍ଚାୟତରେ ମୁଗ ଓ ଧାନ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି। ବିଞ୍ଝାରପୁର ସହକାରୀ କୃଷି ବିଭାଗ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ, ୭ହଜାର ୬୦୦ ହେକ୍ଟର ଚାଷଜମିରେ ରବି ଫସଲ ହୋଇଥିଲା। ସେଥିରୁ ଅଳ୍ପ କେତେଜଣ ଚାଷୀ ମୁଗ ଅମଳ କରିସାରିଥିବାବେଳେ ଅଧିକାଂଶ ଚାଷଜମିରେ ମୁଗ ଗଜା ହୋଇଯାଇଥିଲା। ସେହିପରି ପନିପରିବା ଓ ଧାନ ଫସଲ ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ଅପରପକ୍ଷରେ କ୍ଷୟକ୍ଷତି ସମ୍ପର୍କରେ ସର୍ଭେ କରାଯାଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବ ବୋଲି ସହକାରୀ କୃଷି ଅଧିକାରୀ ରାମଚନ୍ଦ୍ର ବାରିକ ସୂଚନା ଦେଇଛନ୍ତି।


ବର୍ଷା ଯୋଗୁ ଫସଲ ନଷ୍ଟ ହୋଇଯାଇଛି।

# ସକାଳୁ ଘରକୁ ଯାଇ ଚା' ପିଉଛନ୍ତି ସନ୍ଦିଗ୍ଧ

**ମାନୁନାହାନ୍ତି ସଙ୍ଗରୋଧ ନିୟମ**

**ରସୁଲପୁର, ୨୬।୪ (ଡି.ଏନ.ଏ.)**

ପଶ୍ଚିମବଙ୍ଗ ଫେରନ୍ତାଙ୍କ ପାଇଁ ଗତ କିଛିଦିନ ହେବ ରାଜ୍ୟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଇଛି। ବିଶେଷକରି ଯାଜପୁର, ଭଦ୍ରକ ଓ ବାଲେଶ୍ୱରରେ ଅଧିକାଂଶ ପଜିଟିଭ ଚିହ୍ନଟ ହୋଇଛନ୍ତି। ଯାଜପୁର ଏବେ ଖୋର୍ଦ୍ଧା ତଳକୁ ଦ୍ୱିତୀୟ ସର୍ବାଧିକ କରୋନା ଆକ୍ରାନ୍ତଙ୍କ ଜିଲା ଭାବେ ପରିଗଣିତ ହୋଇଛି। ରାଜଧାନୀ ଭୁବନେଶ୍ୱରରେ କରୋନା ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ପଶ୍ଚିମବଙ୍ଗ ଲିଙ୍କ ଯୋଗୁ କରୋନା ଏବେ ଗାଁ ମୁହାଁ ହୋଇଛି। ଅନ୍ୟପଟେ ସନ୍ଦିଗ୍ଧମାନେ ସଙ୍ଗରୋଧ ନିୟମ ମାନୁ ନ ଥିବାରୁ ସଂକ୍ରମିତଙ୍କ ସଂଖ୍ୟା ବଢୁଥିବା ଜଣାପଡ଼ିଛି।

ଲକ୍‌ଡାଉନ୍ ପରେ ବାହାର ରାଜ୍ୟରେ ରହି କାର୍ଯ୍ୟ କରୁଥିବା ବହୁ ଶ୍ରମିକ ଏବେ ଘରକୁ ଫେରୁଛନ୍ତି। ଜିଲା ଓ ରାଜ୍ୟ ସୀମା ସିଲ୍ କରାଯାଇଥିଲେ ବି ଗଳାବାଟ ଦେଇ ଶ୍ରମିକମାନେ ଘରକୁ ଆସୁଛନ୍ତି। ଅନ୍ୟ ରାଜ୍ୟ ତୁଳନାରେ ପଡୋଶୀ ରାଜ୍ୟ ପଶ୍ଚିମବଙ୍ଗରୁ ଫେରୁଥିବା ଶ୍ରମିକଙ୍କ ଯୋଗୁ ଓଡ଼ିଶାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୦ ଅତିକ୍ରମ କରିଛି। ଓଡ଼ିଶାର ସୀମାବର୍ତ୍ତୀ ଜିଲା ବାଲେଶ୍ୱର, ଭଦ୍ରକ ଓ ଯାଜପୁରରେ ଚିହ୍ନଟ କରୋନା ସଂକ୍ରମିତଙ୍କ ମଧ୍ୟରେ ଅଧିକାଂଶ ପଶ୍ଚିମବଙ୍ଗ ଫେରନ୍ତା ରହିଛନ୍ତି। ଏହା ରାଜ୍ୟ ସରକାରଙ୍କ ଚିନ୍ତା ବଢ଼ାଇଦେଇଛି। ସଂକ୍ରମଣ ରୋକିବାକୁ କରୋନା ସଂକ୍ରମିତ ଓ ତାଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କୁ ଗାଁରେ ଥିବା କ୍ୱାରାଣ୍ଟାଇନ ସେଣ୍ଟରରେ ରଖାଯାଉଛି। ହେଲେ ବହିରାଗତ କରୋନା କଟକଣାକୁ ଠିକ୍ ଭାବରେ ପାଳନ କରୁ ନ ଥିବା ବିଭିନ୍ନ ଆଡୁ ଅଭିଯୋଗ ଆସୁଛି। ଯେଉଁମାନେ ବାହାର ରାଜ୍ୟରୁ ଆସିଛନ୍ତି, ସେମାନଙ୍କ ମଧ୍ୟରୁ କେତେକ ସ୍ୱତଃସ୍ଫୂର୍ତ୍ତ ଭାବରେ କ୍ୱାରାଣ୍ଟାଇନ କେନ୍ଦ୍ରରେ ରହୁଛନ୍ତି। କିନ୍ତୁ ଅନେକ ଲୋକ ବାହାରୁ ଆସିଥିଲେ ବି ପରିବାର ଓ ସମ୍ପର୍କୀୟଙ୍କ ସହଯୋଗ କ୍ରମେ ଲୁଚି ରହୁଛନ୍ତି। ଏ ଦିଗରେ ସ୍ଥାନୀୟ ଜନପ୍ରତିନିଧି, ମେଡିକାଲ ଟିମ୍ ସଦସ୍ୟ, ଅଙ୍ଗନୱାଡ଼ି କର୍ମୀ, ଆଶାକର୍ମୀ ପ୍ରମୁଖ ଆବଶ୍ୟକ ପଦକ୍ଷେପ ନେଉନାହାନ୍ତି। ଏହାଛଡା ଯେଉଁମାନେ ସଙ୍ଗରୋଧରେ ରହୁଛନ୍ତି, ସେମାନେ ଉଦ୍ଦିଷ୍ଟ ନିୟମକୁ ପାଳନ କରୁନାହାନ୍ତି। କେତେଜଣ ସକାଳୁ ଚା' ପିଇବା ପାଇଁ ଘରକୁ ପଳାଉଥିବା ଜଣାପଡ଼ିବା ପରେ ପ୍ରଶାସନର ଚିନ୍ତା ବଢ଼ିଯାଇଛି। ଏପରି କି ଶଟଡାଉନ ସମୟରେ ବି ଗାଁ ଦାଣ୍ଡରେ ବସି ଲୋକମାନେ ତାସ, ଲୁଡୁ, କ୍ୟାରମ୍ ଆଦି ଖେଳୁଛନ୍ତି। ପାଟ୍ରୋଲିଂ ଗାଡ଼ି ଦେଖିଲେ ସମସ୍ତେ ସେହି ସ୍ଥାନରୁ ଦୌଡ଼ି ପଳାଉଥିବା କୁଆଖିଆ ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁ କହିଛନ୍ତି। ସତର୍କ ଓ ସଚେତନ ନ ହେବା ପର୍ଯ୍ୟନ୍ତ କରୋନା ମହାମାରୀକୁ ରୋକିହେବ ନାହିଁ ବୋଲି ମତ ପ୍ରକାଶ ପାଇଛି।

# ୮୧ଜଣଙ୍କ ସ୍ୱାବ୍ ସଂଗ୍ରହ

**ଖଇରା,୨୬।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଅଧୀନ ଖଇରା ବ୍ଲକର ବିଭିନ୍ନ ପଞ୍ଚାୟତର କ୍ୱାରାଣ୍ଟାଇନ କେନ୍ଦ୍ରରେ ରହୁଥିବା ମୋଟ ୮୧ ଜଣଙ୍କ ନିକଟରୁ ସ୍ୱାବ ସଂଗ୍ରହ କରାଯାଇଛି। ପୂର୍ବରୁ ୨୧ଜଣଙ୍କର ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଥିବା ବେଳେ ରବିବାର ସୁଦ୍ଧା ଆଉ ୬୦ଜଣଙ୍କର ପଠାଯାଇଛି। ବାଲେଶ୍ୱର ଏବଂ ଖଇରା ମେଡିକାଲ ଟିମ୍ ମିଳିତ ଭାବେ ମାଖନପୁର, ଅନ୍ତରା, ଝିଙ୍କିରିଆ, କୁରୁଣ୍ଟା, ମାଣିତ୍ରୀ, ଗଗନଧୂଳି, ସୁଣ୍ଡିରା ଗଣ୍ଡିବେଡରୁ ୪୧ ଓ ଗୋବିନ୍ଦପୁର ଏବଂ ସାରୁଗାଁ ପଞ୍ଚାୟତରୁ ୧୯ଜଣଙ୍କର ସ୍ୱାବ ସଂଗ୍ରହ କରି ନେଇଥିଲେ। ଏହି ସ୍ୱାବକୁ ଭୁବନେଶ୍ୱର ପଠାଯିବ ବୋଲି ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ କହିଛନ୍ତି। ପୂର୍ବରୁ ଦିଆଯାଇଥିବା ୨୧ଜଣଙ୍କ ରିପୋର୍ଟ ୨ଦିନ ମଧ୍ୟରେ ପହଞ୍ଚିବ ବୋଲି ଉଲ୍ଲେଖ କରିଛନ୍ତି।

# ୬୭ ଗାଡ଼ି ଜବତ, ୭୩ ହଜାର ଜରିମାନା ଆଦାୟ

**ଶଟ୍‌ଡାଉନ ପ୍ରତ୍ୟାହାର ପରେ ଲକ୍‌ଡାଉନ କଡ଼ାକଡ଼ି**

**ବାଲେଶ୍ୱର ଅଫିସ,୨୬।୪**

ମହାମାରୀ କରୋନା ସାରା ବିଶ୍ୱରେ ଭୟାବହ ପରିସ୍ଥିତି ସୃଷ୍ଟି କରିଛି। ବାଲେଶ୍ୱର, ଭଦ୍ରକ, ଯାଜପୁର ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଏହାକୁ ନଜରରେ ରଖି ଗତ ୨୩ ତାରିଖ ରାତି୧୦ଟାରୁ ରବିବାର ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଦୀର୍ଘ ୬୦ଘଣ୍ଟା ଶଟ୍‌ଡାଉନ୍ ଘୋଷଣା କରାଯାଇଥିଲା। ରବିବାର ଶଟ୍‌ଡାଉନ୍ ପ୍ରତ୍ୟାହାର ହେବା ମାତ୍ରେ ସହରର ବିଭିନ୍ନ ଅଞ୍ଚଳରୁ ଶହ ଶହ ଲୋକ ଅତ୍ୟାବଶ୍ୟକ ଜିନିଷ ନେବା ପାଇଁ ନୂଆବଜାର, କଚେରୀ ବଜାର, ଫାଣ୍ଡିଛକ, ସିନେମାଛକ, ମୋତିଗଞ୍ଜକୁ ଯାନବାହନ ନେଇ ଆସିଥିଲେ। ଲକ୍‌ଡାଉନ ଜାରି ହୋଇଥିବା ସତ୍ତ୍ୱେ ଲୋକେ ସାମାଜିକ ଦୂରତାକୁ ଖାତିର୍ ନ କରି ଚଳପ୍ରଚଳ ହେବା ପ୍ରଶାସନକୁ ବିଚଳିତ କରିଥିଲା। ଏହାକୁ ଆୟତ୍ତ କରିବା ପାଇଁ ପ୍ରଶାସନ କଠୋର ପଦକ୍ଷେପ ନେଇଥିଲା। ବିଭିନ୍ନ ସ୍ଥାନରୁ ସହଦେବଖୁଣ୍ଟା ମଡ଼େଲ ଥାନା ପୋଲିସ, ଟାଉନ ଥାନା ପୋଲିସ ୬୫ ବାଇକ୍, ୨ କାର୍ ଜବତ କରିବା ସହ ୭୩ ହଜାର ଟଙ୍କା ଜରିମାନା ଆଦାୟ କରିଛି। ପରେ ବିଭିନ୍ନ ଛକରେ ପୋଲିସ ପହରା କଡ଼ାକଡ଼ି କରାଯାଇଥିଲା।



ସହରର ଫାଣ୍ଡି ଛକ ନିକଟରେ ପୋଲିସ୍ ମୁତୟନ ହୋଇଛନ୍ତି।

# କରୋନା ଲଢ଼େଇରେ ଅଗ୍ନିଶମ ବିଭାଗ

**ଭୁବନେଶ୍ୱର,୨୬।୪(ବ୍ୟୁରୋ)**

କରୋନା ଲଢ଼େଇରେ ଅଗ୍ନିଶମ ବିଭାଗର ଦାୟିତ୍ୱ ବଢ଼ିଯାଇଛି। ଜନଗହଳି ସ୍ଥାନରେ ନିୟମିତ ସାନିଟାଇଜ୍ କରି ସଂକ୍ରମଣ ରୋକିବାକୁ ଚେଷ୍ଟା ଜାରିରଖିଛି। ରବିବାର ଅଗ୍ନିଶମ ବିଭାଗ ଭୁବନେଶ୍ୱରର ୱାର୍ଡ ନମ୍ବର ୪୦, ୪୧,୪୨ରେ ସାନିଟାଇଜ କରିଥିଲା। ଏହାସହ ଖାରବେଳ ଭବନ, ରେଲୱେ ଷ୍ଟେଶନ, ମାଳିସାହ ଓ ଲକ୍ଷ୍ମୀସାଗର ଆଦି ପ୍ରମୁଖ ସ୍ଥାନରେ ସାନିଟାଇଜ କରିଛି। ଏହି ସମୟରେ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ଏ ଲଢ଼େଇରେ ପୋଲିସ ସହ ଅଗ୍ନିଶମ ବିଭାଗର କାର୍ଯ୍ୟକୁ ସମସ୍ତେ ପ୍ରଶଂସା କରୁଛନ୍ତି।

# ଆରଡ଼ିରେ ବନ୍ଦ ହେଲା ଚନ୍ଦନଚାପ

**ଆରଡି, ୨୬।୪(ଡି.ଏନ.ଏ.)**

ଭଦ୍ରକ ଜିଲାର ପ୍ରସିଦ୍ଧ ଶୈବପୀଠ ଆରଡ଼ିରେ ପବିତ୍ର ଅକ୍ଷୟ ତୃତୀୟାରେ ଆରମ୍ଭ ହେଉଥିବା ବାବା ଆଖଣ୍ଡଳମଣିଙ୍କ ଚନ୍ଦନ ଚାପ ଜିଲା ପ୍ରଶାସନର ନିଷ୍ପତ୍ତିକ୍ରମେ ବନ୍ଦ ହୋଇଛି। କରୋନା ଭାଇରସ ସଂକ୍ରମଣ ଯୋଗୁ ୧ ମାସରୁ ଅଧିକ ଦିନ ଧରି ମନ୍ଦିର ବନ୍ଦ ରହିଛି । କେବଳ ପୂଜକ ମାନେ ଯଥାରୀତି ପ୍ରତିଦିନ ବାବାଙ୍କ ନୀତିକାନ୍ତି ସମାପନ କରିଆସୁଛନ୍ତି। ଭକ୍ତମାନେ ଦର୍ଶନ ପାଇବାରୁ ବଞ୍ଚିତ ହେଉଛନ୍ତି।

ଚନ୍ଦନ ଚାପ ପ୍ରତିବର୍ଷ ୨୧ ଦିନ ଧରି ଚାଲିଥାଏ । ପ୍ରତି ସନ୍ଧ୍ୟାରେ ବାବାଙ୍କ ଚଳନ୍ତି ପ୍ରତିମା ପ୍ରଭୁ ଚନ୍ଦ୍ରଶେଖର ଏକ ସୁସଜ୍ଜିତ ନାବରେ ଅବସ୍ଥାନ କରି ପୁଷ୍କରିଣୀରେ ଜଳକ୍ରୀଡ଼ା କରନ୍ତି। ଏହାକୁ ଦେଖିବା ପାଇଁ ପୀଠରେ ଭକ୍ତ ମାନଙ୍କ ଅସମ୍ଭବ ଭିଡ଼ ହୋଇଥାଏ। ଚଳିତ ବର୍ଷ ଏହି ଚନ୍ଦନ ଚାପ ବନ୍ଦ ହେବା ଯୋଗୁ ପ୍ରଭୁ ଆଉ ଜଳକ୍ରୀଡ଼ା କରି ପାରିବେ ନାହିଁ। କେବଳ ଯାହା ମନ୍ଦିର ଭିତରେ ପୂଜାର୍ଚ୍ଚନା ସମାପନ ହେବ ବୋଲି ସେବାୟତ ମାନେ କହିଛନ୍ତି। ଏ ସମ୍ପର୍କରେ ଭଦ୍ରକ ଉପଜିଲାପାଳ ପୀତାମ୍ବର ସାମଲ କହିଛନ୍ତି ଯେ, ଭଦ୍ରକ ଜିଲା ବର୍ତ୍ତମାନ କରୋନା ପାଇଁ ଡିପ୍ ରେଡ୍ ଜୋନ୍ ପାଲଟିଛି। ସେଥିପାଇଁ ଜିଲାରେ ପ୍ରଶାସନିକସ୍ତରରେ କଡ଼ା ପଦକ୍ଷେପ ଗ୍ରହଣ କରାଯାଇଛି । ଏଭଳି ସ୍ଥିତିରେ ଆଖଣ୍ଡଳମଣିଙ୍କ ପୀଠରେ ଚନ୍ଦନ ଚାପ ବନ୍ଦ ହେବା ନିଷ୍ପତ୍ତି ନିଆଯାଇଛି। ବରିଷ୍ଠ ସେବାୟତ ଅଧ୍ୟାପକ ବିଜୟ କୁମାର ଦାଶ କହିଛନ୍ତି ଯେ, ଆଖଣ୍ଡଳମଣିଙ୍କ ଚନ୍ଦନ ଚାପ ପୁଷ୍କରିଣୀରେ ନ ହେଲେବି ସମସ୍ତ ଶୀତଳ ଉପଚାର ନୀତି ପୂର୍ବକ ପ୍ରଭୁଙ୍କୁ ଚନ୍ଦନ ଲାଗି କରାଯିବା ସହ ସ୍ନାନ ଓ ନୈବେଦ୍ୟ ଅର୍ପଣ ବିଧିପୂର୍ବକ ୨୧ ଦିନରେ ସମାପନ କରାଯିବ।

# ବିଶ୍ରାରେ କଣ୍ଟେନମେଣ୍ଟ ଅବଧି ବଢ଼ିଲା

ରାଉରକେଲା ଅଫିସ,୨୬।୪

ସୁନ୍ଦରଗଡ଼ ଜିଲାରେ ରବିବାର ଆଉ ୩ କରୋନା ରୋଗୀ ଚିହ୍ନଟ ପରେ ବିଶ୍ରା ଅଞ୍ଚଳରେ ପୂର୍ବ ଘୋଷିତ କଣ୍ଟେନମେଣ୍ଟ ଜୋନ ସମୟସୀମାକୁ ବଢ଼ାଇ ଦିଆଯାଇଛି । ଅନ୍ୟାଦେଶ ପର୍ଯ୍ୟନ୍ତ ଏହି କଣ୍ଟେନମେଣ୍ଟ ଜୋନ୍ ବଳବତ୍ତର ରହିବ ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ସେହିପରି ୬ଷ୍ଠ ଆକ୍ରାନ୍ତ ରାଉରକେଲା ନାଲା ରୋଡ୍ ଅଞ୍ଚଳର ହୋଇଥିବାରୁ ସେହି ଅଞ୍ଚଳକୁ ସିଲ୍ କରାଯାଇଛି।

ରବିବାର ସକାଳେ ସୁନ୍ଦରଗଡ଼ ଜିଲାପାଳ ନିଖିଲ ପୱନ କଲ୍ୟାଣ, ରାଉରକେଲା ଜିଲା ପୋଲିସ ଆରକ୍ଷୀ ଅଧୀକ୍ଷକ କେ. ଶିବା ସୁବ୍ରମଣୀ, ଏଡିଏମ୍ ଆବୋଲି ସୁନୀଲ ନରୱଣେ, ରାଉରକେଲା ମହାନଗର ନିଗମ କମିଶନର ଦିବ୍ୟାଜ୍ୟୋତି ପରିଡା ପ୍ରମୁଖ ସମ୍ପୃକ୍ତ ଅଞ୍ଚଳ ବୁଲି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି । ଜିଲା ପ୍ରଶାସନ ପକ୍ଷରୁ ସମ୍ପୃକ୍ତ ଅଞ୍ଚଳକୁ ବ୍ୟାରିକେଡ୍ ଦ୍ୱାରା ଆବଦ୍ଧ କରାଯାଇଛି । ଫଳରେ ଜନତା ନିବାସ ଲେନ୍, ମହତାବ ରୋଡ, ମେନ୍ ରୋଡ୍ ମଧ୍ୟଭାଗ, ଡେଲି ମାର୍କେଟ, ରେଲୱେ ଲାଇନ ବାଉଣ୍ଡରି, ଆନନ୍ଦ ଭବନ ଲେନ୍ ଲାଲ ବିଲ୍ଡିଂ, ପାୱାର ହାଉସ ରୋଡ୍‌ର କିଛି ଅଞ୍ଚଳ ରହିଛି। କଣ୍ଟେନମେଣ୍ଟ ଜୋନ୍ ବ୍ୟତୀତ ପାର୍ଶ୍ୱବର୍ତ୍ତୀ କିଛି ଅଞ୍ଚଳକୁ ବଫର ଜୋନ୍ ଭାବେ ଚିହ୍ନଟ କରାଯାଇଛି। ଏହା ମଧ୍ୟରେ ପାୱାର ହାଉସ ରୋଡ୍‌ଠାରୁ ରିଙ୍ଗ୍ ରୋଡକୁ ସ୍ପର୍ଶ କରୁଥିବା ପଏଣ୍ଟ, ତେଲଗୁପଡା ନିକଟ ରେଲୱ ଲାଇନ ବାଉଣ୍ଡରୀକୁ ସ୍ପର୍ଶ କରୁଥିବା ଲାଲ ବିଲ୍ଡିଂ ରୋଡ, ଗୋଟିଏ ପଟେ ପାୱାର ହାଉସ ରୋଡ ଓ ଅନ୍ୟ ପଟେ ଲାଲ ବିଲ୍ଡିଂ ରୋଡଠାରୁ ରେଲ୍‌ୱେ ଲାଇନକୁ ସ୍ପର୍ଶ କରୁଥିବା ମେନ୍‌ରୋଡ ପଏଣ୍ଟ, ମଧୁସୂଦନ ମାର୍ଗରୁ ରିଙ୍ଗ୍ ରୋଡ୍‌କୁ ସ୍ପର୍ଶ କରୁଥିବା ପଏଣ୍ଟ ଓ ରାଉରକେଲା ରେଲୱେ ଷ୍ଟେଶନ ପ୍ରସ୍ଥାନ ଗେଟକୁ ଚିହ୍ନଟ କରାଯାଇଛି।


ପ୍ରଶାସନ ପକ୍ଷରୁ ରାଉରକେଲା ମୁଖ୍ୟରାସ୍ତାକୁ ବାଉଁଶ ବାନ୍ଧି ଅବରୋଧ କରାଯାଉଛି ।

■ନାଲା ଅଞ୍ଚଳ ସିଲ୍ କଲା ପ୍ରଶାସନ
■ରାଉରକେଲାରେ ୩ କରୋନା ରୋଗୀ ଚିହ୍ନଟ ପରେ ପଦକ୍ଷେପ

କଣ୍ଟେନମେଣ୍ଟ ଜୋନ୍‌ରେ ବ୍ୟକ୍ତିଗତ ଯାତାୟାତ, ଯାନବାହନ ଚଳାଚଳ, ଦୋକାନ ବଜାର, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ତଥା ଅନୁଷ୍ଠାନ ସମ୍ପୂର୍ଣ୍ଣ ବନ୍ଦ ରହିବ। ପ୍ରଶାସନ ପକ୍ଷରୁ ପ୍ରତିଦିନ ଆବଶ୍ୟକ ସାମଗ୍ରୀ ପହଞ୍ଚାଇବାକୁ ବ୍ୟବସ୍ଥା କରାଯାଇଛି। ବଫର ଜୋନ୍ ଭାବେ ଚିହ୍ନଟ ଅଞ୍ଚଳରେ କେବଳ ରାଶନ ସାମଗ୍ରୀର ହୋଲ୍‌ସେଲ ଦୋକାନ ଖୋଲା ରହିବ। ଉପରୋକ୍ତ ଅଞ୍ଚଳରେ ନିୟମିତ ଭାବେ ଡାକ୍ତରୀ ଦଳ ପକ୍ଷରୁ ସ୍ଥାନୀୟ ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିବାକୁ ପଦକ୍ଷେପ ନିଆଯାଇଛି। ଏନେଇ ଜିଲା ପ୍ରଶାସନ ପକ୍ଷରୁ ରବିବାର ଅପରାହ୍ନ ସାଢେ ୧୨ଟାରେ ଆର୍‌ଏମ୍‌ସି ମିଟିଂ ହଲ୍‌ରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲାପାଳ କଲ୍ୟାଣ ଓ ଆରଏମ୍‌ସି କମିଶନର ପରିଡା ଉପରୋକ୍ତ ତଥ୍ୟ ପ୍ରଦାନ କରିଛନ୍ତି । ସୂଚନାଯୋଗ୍ୟ, ପୂର୍ବରୁ ସୁନ୍ଦରଗଡ଼ ଜିଲାରୁ ୩ କରୋନା ରୋଗୀ ଚିହ୍ନଟ ହୋଇଥିଲେ।

# ଚିନ୍ତା ବଢ଼ାଇଛନ୍ତି ସାଇକେଲ ଫେରନ୍ତା

ଢେଙ୍କାନାଳ ଅଫିସ, ୨୬।୪

■ସହରବାସୀଙ୍କ ମନରେ ଛନକା
■ସୀମାନ୍ତରେ ଯାଞ୍ଚ କଡ଼ାକଡ଼ି

ଅମାନିଆ ନିୟମ ଉଲ୍ଲଂଘନକାରୀଙ୍କ ପରେ ଢେଙ୍କାନାଳ ଜିଲା ପ୍ରଶାସନର ଚିନ୍ତା ବଢ଼ାଇଛନ୍ତି ସାଇକେଲ ଫେରନ୍ତା । ଲକ୍‌ଡାଉନ୍ ଲାଗୁ କରାଯିବା ପରେ ବିଭିନ୍ନ ସ୍ଥାନରେ ଫସି ରହିଥିବା ଶ୍ରମଜୀବୀମାନେ ସାଇକେଲ୍‌ରେ ଘରକୁ ଫେରିବା ଆରମ୍ଭ କରିଛନ୍ତି। ବିଳମ୍ବିତ ରାତିରେ ଦଳଦଳ ହୋଇ ସେମାନେ ଢେଙ୍କାନାଳ ସହର ଦେଇ ଭିଟାମାଟି ଅଭିମୁଖେ ଯାଉଛନ୍ତି। ଏହା ସଂକ୍ରମଣ ଆଶଙ୍କାକୁ ବଢ଼ାଉଛି, ଯାହାକୁ ସହରବାସୀ ଚିନ୍ତାପ୍ରକଟ କରିଛନ୍ତି।

ଢେଙ୍କାନାଳ ସହର ଚିହ୍ନଟ ହୋଇଥିବା ଏକମାତ୍ର କରୋନା ପଜିଟିଭ୍ ସୁସ୍ଥ ହୋଇ ସାରିଲେଣି। ସଂକ୍ରମଣ ମାମଲା ପଦାକୁ ଆସିବା ପରେ ସହରବାସୀଙ୍କ ମଧ୍ୟରେ ଛନକା ପଶିଥିଲା। ଏହାପରେ ସଂକ୍ରମିତ ଠାବ ହୋଇଥିବା ସମ୍ପୃକ୍ତ ଅଞ୍ଚଳକୁ ଶଟ୍‌ଡାଉନ୍ କରାଯାଇଥିଲା। ଏହାପରେ ଜିଲା କରୋନା ମୁକ୍ତ ରହିଛି। ଏହା ଜିଲାବାସୀଙ୍କୁ ସାମୟିକ ଭାବେ ଆଶ୍ୱସ୍ତ କରିଛି। ହେଲେ ଏବେ ସାଇକେଲ ଫେରନ୍ତାମାନେ ପୁଣି ଚିନ୍ତାର କାରଣ ପାଲଟିଛନ୍ତି।

ରାୟଗଡ଼ା, ଜୟପୁର ଅଞ୍ଚଳରୁ ରବିବାର କେତେଜଣ ଶ୍ରମିକ ସାଇକେଲରେ ଢେଙ୍କାନାଳ ଦେଇ ଅନ୍ୟତ୍ର ଯାଉଥିବାବେଳେ ପୋଲିସ ଅଟକାଇଥିଲା। ସେହିପରି ଶନିବାର ବିଳମ୍ବିତ ରାତିରେ ଅନୁଗୋଳରେ କାର୍ଯ୍ୟରତ ପଶ୍ଚିମବଙ୍ଗର ମେଦିନପୁର ଅଞ୍ଚଳର ୩ଜଣ ମାର୍ବଲ ମିସ୍ତ୍ରି ସାଇକେଲରେ ଘରକୁ ଯାଉଥିବାବେଳେ ସ୍ଥାନୀୟ ଲୋକଙ୍କ ସହାୟତାରେ ପୋଲିସ ସେମାନଙ୍କୁ ରାମେଶ୍ୱରପୁରଠାରେ ଅଟକାଇଥିଲା। ଶ୍ରମଜୀବୀଙ୍କୁ ପୌରସଂସ୍ଥା କଲ୍ୟାଣମଣ୍ଡପରେ କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି। ଏ ନେଇ ଟାଉନ ଥାନାଧିକାରୀ ଜ୍ଞାନରଞ୍ଜନ ସାମଲ କୁହନ୍ତି, ସାଇକେଲ ଫେରନ୍ତାଙ୍କ ଉପରେ ନଜର ରଖାଯାଇଛି। ସେମାନଙ୍କୁ ଧରିବାକୁ ସହରସୀମାରେ ପୋଲିସ ପାଟ୍ରୋଲିଂ ବଢ଼ାଇ ଦିଆଯାଇଛି। ଏଥିସହ କଡ଼ାକଡ଼ି ଯାଞ୍ଚ କରାଯାଉଥିବା ଥାନାଧିକାରୀ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ପାଣିକୁଣ୍ଡରେ ବୁଡ଼ି ବାଳକ ମୃତ

ବୋରିଗୁମ୍ମା,୨୬।୪(ଡି.ଏନ୍.ଏ.): କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ ବାଘଭଦ୍ରା ଗ୍ରାମରେ ପାଣି କୁଣ୍ଡରେ ବୁଡ଼ି ପାଞ୍ଚ ବର୍ଷର ଜଣେ ଶିଶୁର ଦୁଃଖଦ ମୃତ୍ୟୁ ହୋଇଛି। ମୃତକ ହେଲେ ଗ୍ରାମର ଜଗବନ୍ଧୁ ହରିଜନଙ୍କ ପୁଅ ଦୀପକ (୫)। ଜଗବନ୍ଧୁ ଓ ତାଙ୍କ ସ୍ତ୍ରୀ ଦିନ ମଜୁରିଆ ଭାବେ କାମ କରିବାକୁ ଯାଇଥିଲେ। ସେହି ସମୟରେ ଦୀପକ ଅନ୍ୟ ଛୋଟପିଲାଙ୍କ ସହ ମିଶି ଜମି ନିକଟରେ ଥିବା ଏକ ପାଣି କୁଣ୍ଡକୁ ଖେଳିବାକୁ ଯାଇଥିଲେ। ସେଠାରେ ଦୀପକ କୁଣ୍ଡ ମଧ୍ୟରେ ବୁଡ଼ିଯାଇଥିଲେ। ଗ୍ରାମରକେତେକ ଲୋକେ ଖବର ପାଇ ଦୀପକକୁ ଉଦ୍ଧାର କରି ବୋରିଗୁମ୍ମା ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମେଡିକାଲରେ ପହଞ୍ଚି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

### ମୁମ୍ବାଇରେ ଓଡ଼ିଆ ଦାଦନ ଶ୍ରମିକଙ୍କ ମୃତ୍ୟୁ

ଭବାନୀପାଟଣା/କୋକସରା, ୨୬।୪ (ସ୍ୱ.ପ୍ର/ଡିଏନ୍.ଏ): କଳାହାଣ୍ଡି ଜିଲା କୋକସରା ବ୍ଲକ ମୃଷାପାଲି ପଞ୍ଚାୟତ ଅନ୍ତର୍ଗତ ଖପ୍ରାମାଲ ଗ୍ରାମର କହ୍ନେଇ ମାଝୀ (୨୩) ନାମକ ଜଣେ ଦାଦନ ଶ୍ରମିକଙ୍କ ମୁମ୍ବାଇରେ ମୃତ୍ୟୁ ଘଟିଛି। ସେଠାରେ ବିଦ୍ୟୁତ ଆଘାତରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ଲକ୍‌ଡାଉନ ପୂର୍ବରୁ କହ୍ନେଇ ମୁମ୍ବାଇକୁ ଦାଦନ ଖଟିବାକୁ ଯାଇ ସେଠାରେ ସେ ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ଗତ ୨୪ ତାରିଖ ରାତିରେ ସେ ଘର ଲୋକଙ୍କ ସହ ମୋବାଇଲରେ କଥା ହୋଇଥିଲେ। ଏହି ସମୟରେ ସେ ଗାଁକୁ ଫେରିବା ପାଇଁ ତାଙ୍କ ନାମ ପଞ୍ଜୀକରଣ କରିଦେବାକୁ ଘର ଲୋକଙ୍କୁ କହିଥିଲେ। ତେବେ ଉକ୍ତ ରାତିରେ ବିଦ୍ୟୁତ୍ ଆଘାତରେ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ସୂତ୍ରରୁ ଜଣାପଡିଛି। କମ୍ପାନୀ ପକ୍ଷରୁ ଏକ ଆମ୍ବୁଲାନ୍ସ ଯୋଗେ କହ୍ନେଇଙ୍କ ମୃତଦେହ ଗାଁକୁ ଆସୁଥିବା ଖବର ଜଣାପଡିବା ପରେ ଅଞ୍ଚଳରେ ଅଜଣା ଭୟ ଦେଖିବାକୁ ମିଳିଛି। ଏ ନେଇ ମୃଷାପାଲି ସରପଞ୍ଚ ରଶ୍ମିରେଖା ରାଉତଙ୍କୁ ପଚାରିବାରୁ ବ୍ଲକ ପ୍ରଶାସନକୁ ଅବଗତ କରାଇଛି । ମୃତକଙ୍କ ପରିବାରକୁ ହରିଶ୍ଚନ୍ଦ୍ର ଯୋଜନାରେ ୨ ହଜାର ଟଙ୍କା ସହାୟତା ଯୋଗାଇ ଦିଆଯାଇଛି।

### ନୃସିଂହନାଥଙ୍କୁ ପଖାଳ ଭୋଗ ଲାଗି ହେଲା



ପାଇକମାଳ, ୨୬।୪ (ଡି.ଏନ.ଏ.): ଅକ୍ଷୟ ତୃତୀୟାଠାରୁ ନୃସିଂହନାଥଙ୍କୁ ପଖାଳ ଭୋଗ ଲାଗି ହୁଏ। କରୋନା କଟକଣା ଯୋଗୁ ରବିବାର ନୃସିଂହନାଥ ପୀଠ ଭକ୍ତ ଶୂନ୍ୟ ଥିଲା । ତଥାପି ପରମ୍ପରା ଅନୁଯାୟୀ, ଅପରାହ୍ନ ୪ଟାରେ ନୃସିଂହନାଥଙ୍କୁ ପଖାଳ ଭୋଗ ଲାଗି କରାଯାଇଥିଲା। ଏହି ଭୋଗ ଆଜିଠାରୁ ଦଶମୀ ତିଥି ପର୍ଯ୍ୟନ୍ତ ଲାଗି ହେବ ବୋଲି ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ କହିଛନ୍ତି ।

### ହୋମ କ୍ୱାରାଣ୍ଟାଇନରେ ଛତିଶଗଡ଼ ଫେରନ୍ତା

ଟିକ୍ରାପଡା, ୨୬।୪(ଡି.ଏନ.ଏ.): ବଲାଙ୍ଗୀର ଜିଲା ସଇଁତଲା ବ୍ଲକ କରମତଲା ପଞ୍ଚାୟତ ସଦର ଗ୍ରାମକୁ ଛତିଶଗଡ଼ରୁ ଫେରିଥିବା ୬ଜଣ ବ୍ୟକ୍ତିଙ୍କୁ ହୋମ କ୍ୱାରାଣ୍ଟାଇନରେ ରଖାଯାଇଛି। ମାସକ ତଳେ କରମତଲା ଗ୍ରାମର ତିନି ମହିଳାଙ୍କ ସମେତ ମୋଟ ୬ ଜଣ ଚିକିତ୍ସା ଉଦ୍ଦେଶ୍ୟରେ ଛତିଶଗଡ ରାଜ୍ୟର ରାୟପୁରକୁ ଯାଇଥିଲେ। ଲକ୍‌ଡାଉନ ଯୋଗୁଁ ସେମାନେ ନିଜ ଗ୍ରାମକୁ ଫେରି ପାରି ନ ଥିଲେ । ସେଠାକାର ଜିଲାପାଳଙ୍କ ଦ୍ୱାରା ପ୍ରଦତ୍ତ ପାସ୍ ସହାୟତାରେ ଏକ ଗାଡି ଯୋଗେ ଶନିବାର ରାତିରେ ସେମାନେ କରମତଲା ପହଞ୍ଚିଥିଲେ । ସ୍ଥାନୀୟ ସରପଞ୍ଚ ହିମାଞ୍ଚଳ ବୁଡେକ ସେମାନଙ୍କୁ ଭେଟି ହୋମ କ୍ୱାରାଣ୍ଟାଇନରେ ରହିବା ପାଇଁ ପରାମର୍ଶ ଦେଇଥିଲେ ।

# ଅସ୍ଥାୟୀ ଶିବିରରେ ଥିବା ୧୩୩ ଶ୍ରମିକ ଘରକୁ ଫେରିଲେ


ଶ୍ରମିକମାନେ ବସ୍‌ରେ ଘରକୁ ଫେରୁଛନ୍ତି।

ସୋନପୁର,୨୬।୪(ନି.ପ୍ର.)

ଲକ୍‌ଡାଉନ୍ କାରଣରୁ ଅନ୍ୟ ଜିଲାର ବହୁ ଶ୍ରମିକ ସୁବର୍ଣ୍ଣପୁର ଜିଲାରେ ଫସି ରହିଥିଲେ। ସେମାନଙ୍କୁ ଜିଲାର ବିଭିନ୍ନ ଅସ୍ଥାୟୀ ଶିବିରରେ ରଖାଯାଇଥିଲା। ଶିବିରରେ ରହିବା ପାଇଁ ସମସ୍ତ ସୁବିଧା ସହ ଠିକ୍ ସମୟରେ ଖାଦ୍ୟ ଓ ପାନୀୟ ମିଳୁଥିଲା। କିନ୍ତୁ ଶ୍ରମିକମାନେ ନିଜ ଘରକୁ ଯିବାକୁ ଚାହୁଁଥିଲେ। ତେବେ ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ନିର୍ଦ୍ଦେଶକ୍ରମେ ସୁବର୍ଣ୍ଣପୁର ଜିଲାପାଳ ମୋନିଷା ବାନାର୍ଜୀ ସମ୍ପୃକ୍ତ ଜିଲାର ଜିଲାପାଳ ମାନଙ୍କ ସହିତ କଥା ହୋଇ ୧୩୩ ଶ୍ରମିକଙ୍କୁ ନିଜ ଘରକୁ ଯିବା ପାଇଁ ବ୍ୟବସ୍ଥା କରିଛନ୍ତି। ଶ୍ରମିକମାନେ ରବିବାର ଓ ଶନିବାର ମାସ୍କ ପିନ୍ଧି, ଦୂରତା ବଜାୟ ରଖି ସ୍ୱତନ୍ତ୍ର ବସ୍ ଯୋଗେ ନିଜ ଜିଲାକୁ ଯାଇଛନ୍ତି। ଦୀର୍ଘ ଦିନ ପରେ ଘରକୁ ଫେରୁଥିବା ଶ୍ରମିକମାନେ ବେଶ୍ ଖୁସି ଅନୁଭବ କରିଥିଲେ । ବଲାଙ୍ଗୀର, ବରଗଡ, ସମ୍ବଲପୁର, ବୌଦ୍ଧ, ଅନୁଗୋଳ, ଦେବଗଡ ଓ ନୟାଗଡ ଜିଲାର ଏହି ଶ୍ରମିକମାନେ ସୁବର୍ଣ୍ଣପୁର ଜିଲାର ଡୁଙ୍ଗୁରିପାଲି, ଉଲୁଣ୍ଡା, ବିନିକା ଓ ତରଭା ଅସ୍ଥାୟୀ ଶିବିରରେ ରହି ଆସୁଥିଲେ। ଉଲୁଣ୍ଡା, ବିନିକା ଓ ତରଭା ବ୍ଲକର ବିଡିଓଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶ୍ରମିକମାନଙ୍କୁ ସେମାନଙ୍କ ଜିଲାକୁ ପଠାଯାଇଥିଲା।

# ଥୋଡ଼ ଧାନ ଉପରେ କୁଆପଥର ମାଡ଼

ସୋନପୁର,୨୬।୪(ନି.ପ୍ର.)



■ଉଜୁଡ଼ିଲା ୩୫ହଜାର ହେକ୍ଟର ଜମିର ଫସଲ
■ଭାଙ୍ଗିଲା ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ

ମହାମାରୀ କରୋନା ଭୂତାଣୁ ସଂକ୍ରମଣକୁ ନେଇ ସାରା ବିଶ୍ୱ ଚିନ୍ତିତ ଥିବା ବେଳେ ଏବେ ଅଦିନିଆ ବର୍ଷା, କୁଆ ପଥର ମାଡ ଓ ଘୂର୍ଣ୍ଣିଝଡ ଯୋଗୁଁ ସୁବର୍ଣ୍ଣପୁର ଜିଲାର ଚାଷୀ ସର୍ବସ୍ୱାନ୍ତ ହୋଇଛନ୍ତି। ଧାନ ଓ ପନିପରିବା ଚାଷ କରିଥିବା ଚାଷୀଙ୍କୁ ଗତ ତିନି ଦିନର କାଳ ବୈଶାଖୀ, ବର୍ଷା ନାହିଁ ନଥିବା ଅସୁବିଧାରେ ପକାଇଛି। ରୋଗପୋକ ଓ ପ୍ରାକୃତିକ ବିପର୍ଯ୍ୟୟ ଚାଷୀଙ୍କ ମେରୁଦଣ୍ଡକୁ ଦୋହଲାଇ ଦେଇଛି। କରୋନା ପାଇଁ କୃଷିକ୍ଷେତ୍ର ପ୍ରଭାବିତ ହୋଇଥିଲା। ଅମଳ ହେଉଥିବା ପନିପରିବା ବଜାର ପର୍ଯ୍ୟନ୍ତ ଯାଇ ନପାରି ପଚି ସଢି ନଷ୍ଟ ହେଉଛି। ଏପରି ସମୟରେ କ୍ଷେତରେ ଫସଲ ନଷ୍ଟ ହେଲା। ଅଣ୍ଟାସଳଖି ଠିଆ ହେବା ପାଇଁ ଚାଷୀଙ୍କ ପାଖରେ ଆଉ ସମ୍ବଳ ନାହିଁ। ଚାଷୀମାନେ ଲୋକଙ୍କଠାରୁ ଉଧାର ଆଣି ଚାଷ କରିଥିଲେ। ସେଗୁଡିକ ନଷ୍ଟ ହୋଇ ଥିବାରୁ ସେମାନେ ଭାଙ୍ଗି ପଡିଥିବା କହିଛନ୍ତି ସୋନପୁର ବ୍ଲକ କୁଷ୍ଟାପାଲିର ଚାଷୀ ମଦନ ମୋହନ ଦାନୀ। ଅନ୍ୟପକ୍ଷେ ଜିଲାର ବିଭିନ୍ନ ଅଞ୍ଚଳରେ ଘର, ବିଦ୍ୟୁତ୍ ଖୁଣ୍ଟ ଓ ଗଛ ଭାଙ୍ଗିଛି। ଜିଲାର ୩୫ହଜାର ୯୭୭ହେକ୍ଟର ଜମିରେ ଚଳିତ ବର୍ଷ ରବି ଧାନ ଚାଷ ହୋଇଥିଲା। ଗର୍ଭଣା ଅବସ୍ଥାରେ ଥିବା ଧାନକେଣ୍ଡାରେ କୁଆ ପଥର ମାଡ ହୋଇଛି। ତେଣୁ ଧାନ ସବୁ ଅଗାଡି ହୋଇଯିବ। ବିକ୍ରି ସମୟରେ ଚାଷୀଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡିବ। ସେହିପରି ଜୋର ପବନ ଯୋଗୁଁ ଧାନ ଗଛଗୁଡିକ କ୍ଷେତରେ ପଡି ଯାଇଛି। ବର୍ଷା ଜଳରେ ସେଗୁଡିକ ଭିଜି ହୋଇ ରହିଛି । ପ୍ରାରମ୍ଭିକ ଆକଳନ ଅନୁଯାୟୀ ଶୁକ୍ରବାର ୧୫୦୦ହେକ୍ଟର ଓ ଶନିବାର ୧୦୬୭ହେକ୍ଟର ଧାନ ଚାଷ କ୍ଷତିଗ୍ରସ୍ତ ହୋଇଥିବା ଜିଲା ମୁଖ୍ୟ କୃଷି ଅଧିକାରୀ ସନ୍ତୋଷ ଜେନା କହିଛନ୍ତି। ସେହିପରି ଚିନାବାଦାମ, ମୁଗ ଓ ବିରି ଭଳି ଶତାଧିକ ହେକ୍ଟର ଅଣଧାନ ଫସଲ ଅମଳ ସମୟରେ ନଷ୍ଟ ହୋଇଛି। ଜିଲାର ବୀରମହାରାଜପୁର, ଉଲୁଣ୍ଡା, ସୋନପୁର, ତରଭା, ବିନିକା ଓ ଡୁଙ୍ଗୁରିପାଲି ବ୍ଲକରେ ୨୨୦ହେକ୍ଟର ପନିବରିବା ଚାଷ ନଷ୍ଟ ହୋଇଥିବା ଉଦ୍ୟାନ କୃଷି ବିଭାଗ ପକ୍ଷରୁ ସରକାରଙ୍କୁ ରିପୋର୍ଟ କରାଯାଇଛି। ତେବେ ଚାଷୀଙ୍କ ଅଭିଯୋଗ ପରେ କୃଷି ଓ ରାଜସ୍ୱ ବିଭାଗର ମିଳିତ ସର୍ଭେ ହେବ। ମିଳିତ ଆକଳନ ପରେ ଫସଲକ୍ଷତି ପରିମାଣ ଆହୁରି ବଢିବ ବୋଲି ଜଣାପଡିଛି। ସରକାର କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ଯୋଗାଇ ଦେବାକୁ ଜିଲାର ଚାଷୀମାନେ ଦାବି କରିଛନ୍ତି ।

# ଲୋକଙ୍କୁ ପିଟିଲେ ପ୍ରଶାସନିକ ଅଧିକାରୀ

ବୌଦ୍ଧ,୨୬।୪ (ସ୍ୱ.ପ୍ର.)

କରୋନା ଭୂତାଣୁ ସଂକ୍ରମଣ ରୋକିବାକୁ ସାରା ଦେଶରେ ଲକ୍‌ଡାଉନ ଜାରୀ ରହିଛି। ଏହି କ୍ରମରେ ବୌଦ୍ଧ ଜିଲା ପ୍ରଶାସନ ସରକାରଙ୍କ ନିୟମ ସମ୍ପର୍କରେ ଲୋକଙ୍କୁ ସଚେତନ କରୁଛି। ଅଦ୍ୟାବଧି ଏହି ଜିଲାରୁ ଜଣେ ବି କରୋନା ରୋଗୀ ଚିହ୍ନଟ ହୋଇ ନାହାନ୍ତି। ହେଲେ ପୋଲିସ ଓ କେତେକ ସରକାରୀ ଅଧିକାରୀ ଲୋକଙ୍କୁ ସଚେତନ କରିବା ଛାଡି ମାଡ଼ ମାରୁଥିବା ଅଭିଯୋଗ ହେବା ପରେ ବୌଦ୍ଧ ସହରରେ ବୁଦ୍ଧିଜୀବୀ ମହଲରେ ଏହାକୁ ନାପସନ୍ଦ କରାଯାଇଛି। ସୂଚନାରୁ ପ୍ରକାଶ ଯେ, ରବିବାର ବୌଦ୍ଧର ଜଣେ ପ୍ରଶାସନିକ ଅଧିକାରୀ ଏକ ପ୍ଲାଷ୍ଟିକ ପାଇପ ଧରି ସହରରେ କରୋନା ମୁକାବିଲା ପାଇଁ ବାହାରିଥିଲେ । ଲୋକଙ୍କୁ ସଚେତନ କରିବା ପରିବର୍ତ୍ତେ ଏହି ପାଇପରେ ସେ ମାଡ ମାରିବା ଅଭିଯୋଗ ପରେ ଚାପା ଉତ୍ତେଜନା ଦେଖାଦେଇଥିଲା। ସୁଦସାହି ଛକରେ ଅଧିକାରୀ ଜଣକ ଜଣେ ବ୍ୟକ୍ତିଙ୍କୁ ମାଡ ମାରିଥିଲେ। ପରେ ନିଜ ଘର ବାରଣ୍ଡାରେ ଛିଡା ହୋଇଥିବା ଅମରେଶ ପାତ୍ର ନାମକ ଜଣେ ଯୁବକଙ୍କୁ ସେ ପିଟିଥିଲେ। ଏଥିରେ ସେ ଆହତ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି। ସେହିପରି ସୁରଜ ଅଗ୍ରୱାଲା ନାମକ ଜଣେ ଯୁବକ ନିଜ ବାପାଙ୍କ ସହ ମେଡିକାଲରୁ ଫେରୁଥିବା ବେଳେ କିଛି ନ ପଚାରି ତାଙ୍କୁ ମଧ୍ୟ ଉକ୍ତ ପ୍ରଶାସନିକ ଅଧିକାରୀ ଜଣକ ପିଟିଥିବା ଅଭିଯୋଗ ହୋଇଛି। ଏ ନେଇ ଉପଜିଲାପାଳ ଏନ.ସି ଜ୍ୟୋତିରଞ୍ଜନ ନାୟକଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ଅନୁଧ୍ୟାନ ପରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ମାଲକାନଗିରିରେ ପ୍ରବେଶ କରିଛନ୍ତି ୪୨ ପଶ୍ଚିମବଙ୍ଗ ଫେରନ୍ତା

ମାଲକାନଗିରି,୨୬।୪(ଡି.ଏନ୍.ଏ.)–

ବିଦେଶ ଓ ନିଜାମୁଦ୍ଦିନ ଫେରନ୍ତାଙ୍କ ପରେ ବର୍ତ୍ତମାନ ପଶ୍ଚିମବଙ୍ଗ ଫେରନ୍ତା ଚିନ୍ତା ବଢାଇଛନ୍ତି। ରାଜ୍ୟ ସରକାର ବିଏସ୍‌ଏନଏଲ୍ ମୋବାଇଲ ଟ୍ରାକିଂ ଦ୍ୱାରା ଓଡ଼ିଶାରେ ଲକ୍‌ଡାଉନ ହେବା ଦିନଠାରୁ ୨୯ଶହ ବଙ୍ଗ ଫେରନ୍ତା ରାଜ୍ୟର ବିଭିନ୍ନ ଜିଲାକୁ ଆସିଛନ୍ତି। ସେମାନଙ୍କ ମଧ୍ୟରୁ ୪୨ଜଣ ମାଲକାନଗିରି ଜିଲାରେ ପ୍ରବେଶ କରିଥିବା ଜଣାପଡିଛି। ଏମାନଙ୍କ ବ୍ୟତୀତ ମାଲକାନଗିରି ଜିଲାକୁ ପଡ଼ୋଶୀ ରାଜ୍ୟରୁ ମଧ୍ୟ ବହୁ ବ୍ୟକ୍ତି ଆସିଛନ୍ତି। ଏମାନେ ସମସ୍ତେ କେନ୍ଦୁପତ୍ର ବ୍ୟବସାୟୀ। ଜିଲା ପ୍ରଶାସନ ଜିଲାର ଏବେ ଯେଉଁମାନେ ରାଜ୍ୟ ବାହାରେ ଅଛନ୍ତି ସେମାନଙ୍କୁ ଜିଲାକୁ ଫେରାଇ ଆଣିବା ଲାଗି ବନ୍ଦୋବସ୍ତରେ ଲାଗିପଡିଛି। ତେବେ ଜିଲାକୁ ଫେରିଥିବା ୪୨ ପଶ୍ଚିମବଙ୍ଗ ଫେରନ୍ତାଙ୍କୁ ଜିଲା ପ୍ରଶାସନ କେବେ ଚିହ୍ନଟ କରି କ୍ୱାରାଣ୍ଟାଇନରେ ରଖିବ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏମାନେ ଜିଲାର କେଉଁ ଅଞ୍ଚଳରେ ଅଛନ୍ତି ତାହା ଅନୁଧ୍ୟାନ କରିବା ଜରୁରୀ ହୋଇପଡିଛି। ନଚେତ୍ ଭବିଷ୍ୟତରେ ଜିଲାରେ କରୋନା ବ୍ୟାପିବାରେ ଏମାନେ ହିଁ ମୁଖ୍ୟ ଭୂମିକା ନେବେ ବୋଲି ଆଶଙ୍କା ପ୍ରକାଶ ପାଉଛି।

# ଶୀତଳଷଷ୍ଠୀ ଥାଳଉଠା ପର୍ବ ସମ୍ପନ୍ନ

ସମ୍ବଲପୁର,୨୬।୪(ବ୍ୟୁରୋ)


ରବିବାର ସମ୍ବଲପୁର ବାଲିବନ୍ଧା ସୋମନାଥ ପୀଠରେ ଥାଳଉଠା ପର୍ବ ।

ପରମ୍ପରାନୁସାରେ ସମ୍ବଲପୁରର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ପାଇଁ ଥାଳଉଠା ପର୍ବ ରବିବାର ଗୋଧୂଳି ଲଗ୍ନରେ ସମ୍ପନ୍ନ ହୋଇଛି । ଶଙ୍ଖ, ଘଣ୍ଟ ଓ ପଣ୍ଡିତଙ୍କ ମନ୍ତ୍ର ଉଚ୍ଚାରଣରେ ଥାଳ ଉଠିଥିଲା । ପଣ୍ଡିତ, ମନ୍ଦିର ପୂଜକ, କନ୍ୟା ମାତାପିତା, ବର ମାତାପିତା ଓ ଯାତ୍ରା କମିଟିର ହାତଗଣତି ସଭ୍ୟଙ୍କୁ ନେଇ ଏହି ପୂଜା ଶେଷ ହୋଇଛି। ଏଥିସହ ଯାତ୍ରା ପ୍ରସ୍ତୁତି ଲାଗି ଅନୁକୂଳ କରାଯାଇଛି । କରୋନା ମୁକାବିଲା ପାଇଁ ଗ୍ରହଣ କରାଯାଇଥିବା କଟକଣା ତଥା ସାମାଜିକ ଦୂରତ୍ୱକୁ ଯାତ୍ରା କମିଟିର କର୍ମକର୍ତ୍ତାଙ୍କ ସମେତ ସମସ୍ତେ ମାନି ଏହି ଥାଳଉଠା ପର୍ବ ଶେଷ କରିଛନ୍ତି ।

ସର୍ବପୁରାତନ ବାଲିବନ୍ଧା ସୋମନାଥ ବାବା, ନନ୍ଦପଡା ଶ୍ରୀଶ୍ରୀବମ୍ବରାଡ ବାଲୁଙ୍କେଶ୍ୱର ବାବା, ଝାଡୁଆପଡା ଲୋକନାଥ ବାବା, ମୁଦିପଡା ଶ୍ରୀଶ୍ରୀ ଜାଗେଶ୍ୱର ବାବା, ବୁଢ଼ାରଜା ମହାଦେବ, ବଡବଜାର ଶ୍ରୀଶ୍ରୀ ଶୀତଳେଶ୍ୱର ବାବା, ଠାକୁରପଡା ଶ୍ରୀଶ୍ରୀ ଗୁପ୍ତେଶ୍ୱର ବାବାଙ୍କ ପୀଠରେ ସାମାଜିକ ଦୂରତ୍ୱ ଅନୁସାରେ ଥାଳଉଠା ପର୍ବ ହୋଇଥିଲା । ଚଳିତ ବର୍ଷ କରୋନା କଟକଣା ଯୋଗୁ ଶୀତଳଷଷ୍ଠୀ ଯାତ୍ରାକୁ ନେଇ ଅନିଶ୍ଚିତତା ଦେଖାଦେଇଛି। ପରବର୍ତ୍ତୀ ସ୍ଥିତିକୁ ଅନୁଧ୍ୟାନ କରି ପଦକ୍ଷେପ ନିଆଯିବ ବୋଲି କମିଟି ସ୍ଥିର କରିଥିବା ଜଣାପଡିଛି।

ସୂଚନାଯୋଗ୍ୟ, ପ୍ରାୟ ୪ଶହ ବର୍ଷରୁ ଊର୍ଦ୍ଧ୍ୱ ହେବ ଥାଳଉଠା ପରମ୍ପରା ପବିତ୍ର ଅକ୍ଷୟ ତୃତୀୟା ତିଥିରେ ହୋଇଆସୁଛି । ପିତଳ ଓ ରୌପ୍ୟ ଥାଳିରେ ବେଲପତ୍ର, ପଦ୍ମଫୁଲ ରଖାଯାଇ ହଳଦିଆ, ଲାଲ ରଙ୍ଗର ପାଟବସ୍ତ୍ର ଘୋଡାଯାଇଥାଏ। ଭକ୍ତମାନେ ଥାଳକୁ ଜଗତଜନନୀ ମାତା ପାର୍ବତୀ ଓ ଭଗବାନ ଶିବଙ୍କ ଉଦ୍ଦେଶ୍ୟରେ ଟେକିଥାନ୍ତି (ଅର୍ପଣ) ଯାହାକୁ ଥାଳଉଠା ପର୍ବ କୁହାଯାଏ। ବାଜା, ରୋଶଣିରେ ଶୈବପୀଠ ଦୁଲୁକିଉଠିଥାଏ। ଶତାଧିକ ଭକ୍ତଙ୍କ ଜୟଧ୍ୱନିରେ ଗଗନପବନ ପ୍ରକମ୍ପିତ ହୋଇଥାଏ। କିନ୍ତୁ ଚଳିତ ବର୍ଷ କରୋନା କଟକଣା ଓ ଲକ୍ ଡାଉନ ଯୋଗୁ ଥାଳଉଠା ପର୍ବ ନିରାଡମ୍ବର ଭାବେ ସମ୍ପନ୍ନ ହୋଇଛି ।

# କ୍ୱାରାଣ୍ଟାଇନକୁ ଗଲେ ଛତିଶଗଡ଼ର ୧୭ ଶ୍ରମିକ

ରାୟଗଡ଼ା ଅଫିସ,୨୬।୪

କାମଧନ୍ଦା ବନ୍ଦ ଥିବାରୁ ପାଖରେ ପଇସା ନାହିଁ। ଏଭଳି ସ୍ଥିତିରେ ଘରମୁହାଁ ହୋଇଛନ୍ତି ବହୁ ଶ୍ରମିକ। ଫେରିବାର ଏକମାତ୍ର ମାଧ୍ୟମ ଯାନବାହନ ଚଳାଚଳ ବନ୍ଦ ଥିବାରୁ ବାଧ୍ୟହୋଇ ସେମାନେ ଚାଲିଚାଲି ଗାଁକୁ ଫେରୁଛନ୍ତି। ଛତିଶଗଡ଼ର ୧୭ ଜଣ ଶ୍ରମିକ ଏହିଭଳି ଚାଲିଚାଲି ଆନ୍ଧ୍ରରୁ ଫେରିବା ବେଳେ ରାୟଗଡ଼ା ସହର ରାସ୍ତାରେ ପୋଲିସ ହାବୁଡ଼ରେ ପଡ଼ିଛନ୍ତି। ପ୍ରଶାସନ ସେମାନଙ୍କୁ କ୍ୱାରାଣ୍ଟାଇନକୁ ପଠାଇଛି।

ଉଲ୍ଲେଖଯୋଗ୍ୟ, ଆନ୍ଧ୍ରପ୍ରଦେଶର ବିଜୟନଗରମରୁ ୧୭ ଜଣ ଶ୍ରମିକ ଚାଲିଚାଲି ଛତିଶଗଡ଼ ଅଭିମୁଖେ ବାହାରିଥିଲେ। ଛତିଶଗଡ଼ର ଦାନ୍ତେୱାଡ଼ା ଜିଲାରେ ସେମାନଙ୍କର ଘର। ବିଜୟନଗରମରେ ପଥର କାମ କରି ସେମାନେ ଜୀବନ ଜୀବିକା ଚଳାଇଥିଲେ। ଲକ୍‌ଡାଉନ ସେମାନଙ୍କ ଗୁଜୁରାଣର ବାଟ ବନ୍ଦ କରିବା ପରେ ସେମାନେ କାମ ନ ପାଇ ଚାଲିଚାଲି ନିଜ ଗାଁକୁ ବାହାରି ଆସିଥିଲେ। ରବିବାର ସେମାନେ ରାୟଗଡ଼ା ନିକଟସ୍ଥ ପିତାମହଲ ପାଖରେ ଆସି ପହଞ୍ଚିଥିଲେ। ଖବର ପାଇ ସ୍ଥାନୀୟ ପୋଲିସ, ତହସିଲଦାର ଉମାଶଙ୍କର ବେହେରା, ଅତିରିକ୍ତ ତହସିଲଦାର ସୁନୀଲ ଖରା, ପୌର ପରିଷଦ ନିର୍ବାହୀ ଅଧିକାରୀ ସଚ୍ଚିଦାନନ୍ଦ ଶତପଥୀ ମଝିଘରିଆଣୀ ମନ୍ଦିର ପାଖରେ ଶ୍ରମିକମାନଙ୍କୁ ଅଟକାଇ ସ୍ୱାସ୍ଥ୍ୟ ବିଭାଗକୁ ଖବର ଦେଇଥିଲେ। ସ୍ୱାସ୍ଥ୍ୟ ବିଭାଗର ଆର୍‌ଆର୍‌ଟି ଟିମ୍ ଘଟଣାସ୍ଥଳରେ ପହଞ୍ଚି ସମସ୍ତ ଶ୍ରମିକଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରିବା ପରେ କ୍ୱାରାଣ୍ଟାଇନକୁ ପଠାଇଛି।


ରାୟଗଡ଼ା ସହର ମଝିଘରିଆଣୀ ମନ୍ଦିର ପାଖରୁ ଶ୍ରମିକଙ୍କୁ ଉଦ୍ଧାର କରୁଛି ପୋଲିସ ଓ ପ୍ରଶାସନ।

■ବିଜୟନଗରମରୁ ଚାଲିଚାଲି ଯାଉଥିଲେ ଦାନ୍ତେୱାଡ଼ା
■ରାୟଗଡ଼ାରେ ଉଦ୍ଧାର କଲା ପୋଲିସ



ପୂର୍ବରୁ ବୁର୍ଜ ଖଲିଫା ନାଁ ଶୁଣିଥିବେ ଯାହା ଦୁନିଆର ସବୁଠାରୁ ଉଚ୍ଚ ଅଟ୍ଟାଳିକା। ଏହାର ଉଚ୍ଚତା ୮୨୯.୮ ମିଟର ଅର୍ଥାତ୍ ୨,୭୨୨ ଫୁଟ। କିନ୍ତୁ ଏହାଠାରୁ ଏକ ଉଚ୍ଚ ଅଟ୍ଟାଳିକା ନିର୍ମାଣ କରାଯାଉଛି। ଯାହାର ଉଚ୍ଚତା ୩୨୮୧ ଫୁଟ ଅର୍ଥାତ୍ ପ୍ରାୟ ଏକ କିଲୋମିଟର ହେବ। ଏହି ଭବନର ନାମ 'ଜେଦାହ ଟାୱାର'। ଯାହାକୁ ପୂର୍ବରୁ 'କିଙ୍ଗ୍ ଟାୱାର' କୁହାଯାଉଥିଲା। ଏହାର ନିର୍ମାଣ ୨୦୨୨ ସୁଦ୍ଧା ଶେଷ ହେବ ବୋଲି ଆଶା ତଥା ବିଶ୍ୱାସ କରାଯାଉଥିଲା। କିନ୍ତୁ ବର୍ତ୍ତମାନ କାର୍ଯ୍ୟ ବନ୍ଦ ହୋଇଯାଇଛି। ଏହା କେବେ ସରିବ ଜଣାପଡୁନାହିଁ।

# ନାହାନ୍ତି 'ନେପଥ୍ୟ ନାୟକ'

**ସେ** ଥିଲେ ନେପଥ୍ୟ ନାୟକ। ପରଦା ପଛର ସୁପରହିରୋ। ପାଠ ବହିରୁ ଆରମ୍ଭକରି ଟେଲିଭିଜନ ପରଦା ପର୍ଯ୍ୟନ୍ତ। ମଞ୍ଚ ନାଟକରୁ ଆରମ୍ଭକରି ଚଳଚ୍ଚିତ୍ର ଜଗତ ପର୍ଯ୍ୟନ୍ତ। ଶେଷ ନିଃଶ୍ୱାସ ତ୍ୟାଗ କରିବା ପର୍ଯ୍ୟନ୍ତ କଲମ ଧରିବା ଛାଡ଼ି ନଥିଲେ। 'ଯାଯାବର'ରୁ ଯାତ୍ରା ଆରମ୍ଭକରି ଦୀର୍ଘ ଅର୍ଦ୍ଧଶତାବ୍ଦୀରୁ ଊର୍ଦ୍ଧ୍ୱ ସମୟ ପର୍ଯ୍ୟନ୍ତ ସେ ଓଡ଼ିଆ ମଞ୍ଚ, ସିନେମା ଓ ସାହିତ୍ୟ ଜଗତ ସହ ଜଡ଼ିତ ଥିଲେ। ସମୟ ସହ ତାଳଦେଇ ପୁରୁଣା ପିଢ଼ିରୁ ନୂଆପିଢ଼ି ପର୍ଯ୍ୟନ୍ତ ନିଜ ଲେଖାକୁ ବଦଳାଇ ଚାଲିଥିଲେ ସମସ୍ତଙ୍କର ପ୍ରିୟ ଡ. ବିଜୟ ମିଶ୍ର। ଓଡ଼ିଆ ଚଳଚ୍ଚିତ୍ର ଜଗତର ତ୍ରିମୂର୍ତ୍ତିଙ୍କ ମଧ୍ୟରୁ ଅନ୍ୟତମ ଥିଲେ ମିଶ୍ର। ମନରେ ଉଙ୍କି ମାରୁଥିବା କାହାଣୀକୁ ନାଟ୍ୟରୂପ ଦେଉଥିବା ଏହି ମଣିଷଜଣକ ଆଜି ଆମ ଗହଣରେ ନାହାଁନ୍ତି ସତ, ହେଲେ ସେ ଛାଡ଼ିଯାଇଥିବା ପଦଚିହ୍ନ ସବୁବେଳ ପାଇଁ ରହିଯାଇଛି।



### ବୃତ୍ତିରେ ଥିଲେ ସିଭିଲ୍ ଇଞ୍ଜିନିୟର

ବୃତ୍ତିରେ ଥିଲେ ସିଭିଲ ଇଞ୍ଜିନିୟର, ହେଲେ ନିଶା ଥିଲା ନାଟ୍ୟ ରଚନା। ନୀଳଗିରି ହାଇସ୍କୁଲରୁ ମାଟ୍ରିକ ପାସ କରି ବାଲେଶ୍ୱରର ଫକୀର ମୋହନ କଲେଜରେ ଆଇ.ଏସ୍. ସି ପଢ଼ିଥିଲେ ମିଶ୍ର। ଏହାପରେ ୧୯୫୭ ମସିହାରେ କଟକର ଭୁବନାନନ୍ଦ ଓଡ଼ିଶା ସ୍କୁଲ ଅଫ ଇଞ୍ଜିନିୟରିଂରୁ ସିଭିଲ୍ ଇଞ୍ଜିନିୟରିଂରେ ଡିପ୍ଲୋମା ହାସଲ କରିଥିଲେ। ଇଞ୍ଜିନିୟରିଂ ପାସ୍ କରିସାରିବା ପରେ ହୀରାକୁଦଠାରେ ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ। ଚାକିରି ସହିତ ନାଟ୍ୟକାର ଜୀବନ ମଧ୍ୟ ଆରମ୍ଭ ହୋଇଥିଲା। ତାଙ୍କ ଗାଁ ସନ୍ତରାଗଡ଼ିଆର ଏକ ନାଟ୍ୟ ଦଳର ସଦସ୍ୟମାନେ ବିଜୟଙ୍କ ଘରେ ନାଟକ ଅଭ୍ୟାସ କରୁଥିବା ବେଳେ ଏହି ନାଟ୍ୟ ଦଳକୁ ଦେଖି ସେ ନାଟକ ପ୍ରତି ଆକର୍ଷିତ ହୋଇଥିଲେ। ମାତ୍ର ୨୧ ବର୍ଷ ବୟସରେ ସେ ନିଜର ପ୍ରଥମ ନାଟକ 'ଜନନୀ' ରଚନା କରିଥିଲେ। କଟକର ଅନ୍ନପୂର୍ଣ୍ଣା-ବି ଦଳର ପ୍ରଖ୍ୟାତ ନିର୍ଦ୍ଦେଶକ ସାମୁଏଲ ସାହୁ ପ୍ରଥମେ ଏହି ବହିଟିକୁ ପସନ୍ଦ କରିନଥିଲେ ମଧ୍ୟ ପରେ ଏହି ନାଟକ ଅନ୍ନପୂର୍ଣ୍ଣା-ବି ଦଳଦ୍ୱାରା ସପ୍ତାହକୁ ୬ ଦିନ କ୍ରମାଗତ ୪ ମାସ ଧରି ସଫଳତାର ସହ ମଞ୍ଚସ୍ଥ ହୋଇଥିଲା। ପରବର୍ତ୍ତୀ ସମୟରେ ଏହା ଏକ ଚଳଚ୍ଚିତ୍ରର ରୂପ ନେଇଥିଲା।

### ପରଦା ପଛରେ ରହିବାକୁ ଭଲପାଉଥିଲେ

'ପରଦା ଆଗକୁ ଆସିବାକୁ କେବେ ଇଚ୍ଛାକରିନି। ମୁଁ ନେପଥ୍ୟ ନାୟକ ହେବାକୁ ଭଲପାଏ। ଏଥିରେ ମୋତେ ଯେଉଁ ଆତ୍ମସନ୍ତୁଷ୍ଟି ମିଳେ ତାହା ଆଉ କେଉଁଥିରେ ମିଳେନା। କାହାଣୀ ଲେଖିବାକୁ ମୁଁ ଭଲପାଏ।' ଜୟଦେବ ପୁରସ୍କାର ବିଜୟୀ ହେବାପରେ 'ଧରିତ୍ରୀ'କୁ ଦେଇଥିବା ସାକ୍ଷାତକାରରେ ଏକଥା କହିଥିଲେ ବିଜୟ। ୧୯୭୫ ମସିହାରେ ସ୍ୱର୍ଗତଃ ହେମନ୍ତ ଦାସ ଓ ସ୍ୱର୍ଗତଃ ଅକ୍ଷୟ ମହାନ୍ତିଙ୍କ ସହ ମିଶି ତ୍ରୀମୂର୍ତ୍ତି ନାମରେ ସେ 'ଯାଯାବର'ର ନିର୍ଦ୍ଦେଶନା ଦେଇଥିଲେ। ପ୍ରଥମ ଚଳଚ୍ଚିତ୍ରରୁ ହିଁ ନିର୍ଦ୍ଦେଶନା ଦେବା ବଡ଼ କଷ୍ଟକର ବ୍ୟାପାର ବୋଲି ଭାବିଥିଲେ। ଏହାପରେ ନିର୍ଦ୍ଦେଶନା ଦେବା ଛାଡିଦେଇ ଫିଲ୍ମର କାହାଣୀ, ଚିତ୍ରନାଟ୍ୟ ଏବଂ ସଂଳାପ ଲେଖିଥିଲେ। ହେଲେ ସମସ୍ତେ ବାଧ୍ୟ କରିବାରୁ ପୁଣିଥରେ ନିର୍ଦ୍ଦେଶକଭାବେ ଫେରିଥିଲେ। 'ରଜନୀଗନ୍ଧା' ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇ ୬ଟି ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପାଇଥିଲେ।

> ନିକଟରେ ନିରଞ୍ଜନା
> ନିରଞ୍ଜନା କ'ଣ ଖାଲି ଏକ ନଦୀ
> ଖାଲି ଏକ ନଦୀ ନା ଚେତନାର ସ୍ରୋତ
> ମୁଁ କିନ୍ତୁ ନିରଞ୍ଜନାର ଦର୍ଶନପ୍ରାର୍ଥୀ...
> –ତଟ ନିରଞ୍ଜନା

### ବାନ୍ଧିରଖିଥଲା ମଞ୍ଚ

ଥରେ ଯେ ମଞ୍ଚ ମାୟାରେ ପଡ଼ିଛି ଶେଷ ପର୍ଯ୍ୟନ୍ତ ସେଥିରୁ ମୁକୁଳିପାରେନା। ଏହାକୁ ପ୍ରମାଣିତ କରିଥିଲେ ବିଜୟ। ଚଳଚ୍ଚିତ୍ର ଓ ଧାରାବାହିକ ଜଗତରେ ରାଜ୍ କରୁଥିଲେ ମଧ୍ୟ ଶେଷପର୍ଯ୍ୟନ୍ତ ସେ ମଞ୍ଚ ଜଗତକୁ ଧୋକା ଦେଇ ନଥିଲେ। ୧୯୬୦ରେ 'ଜନନୀ'ରୁ ଆରମ୍ଭକରି 'ଅଶାନ୍ତ ଗ୍ରହ', 'ତିମିର ତୀର୍ଥ', 'ପ୍ରତୀକ୍ଷା', 'ଯାଯାବର', 'ପର୍ଶୁରାମ', 'ଶବ ବାହକମାନେ', 'ଯାଦୁକର', 'ଲାଷ୍ଟ୍ ଟ୍ରେନ୍', 'ଭଙ୍ଗା ଆଇନା', 'ଏକଦା ଲାବଣ୍ୟ', 'ଅଚାନକ ଅକସ୍ମାକ', 'ତାରି ଲାଗି', 'ଜଣେ ରାଜା ଥିଲେ', 'ତଟ ନିରଞ୍ଜନା', 'ଦୁଇଟି ସୂର୍ଯ୍ୟ ଦଗ୍ଧ ଫୁଲକୁ ନେଇ', 'ବାନ ପ୍ରସ୍ଥ' ଭଳି କାଳଜୟୀ ଓଡ଼ିଆ ନାଟକର ରଚନା କରିଥିଲେ। ତାଙ୍କ ରଚିତ ଅନେକ ନାଟକ ଦୂରଦର୍ଶନ ଓ ରେଡ଼ିଓରେ ପ୍ରସାରିତ ହେବାସହ ଜାତୀୟ ଓ ରାଜ୍ୟସ୍ତରରେ ପୁରସ୍କୃତ ହୋଇଥିଲା।

### ଓଡ଼ିଆ ଚଳଚ୍ଚିତ୍ରକୁ ଦେଇଥିଲେ ନୂଆ ଦିଶା

ପ୍ରାୟ ୬୦ଟି ଓଡ଼ିଆ ଚଳଚ୍ଚିତ୍ରର ସଂଳାପ ରଚନା କରିଥିଲେ ବିଜୟ। ଏହାମଧ୍ୟରେ ଜାତୀୟ ଚଳଚ୍ଚିତ୍ର ପୁରସ୍କାରପ୍ରାପ୍ତ ଚଳଚ୍ଚିତ୍ର 'ହାକିମ ବାବୁ' ଓ ୬ଟି ରାଜ୍ୟ ଚଳଚ୍ଚିତ୍ର ପୁରସ୍କାରପ୍ରାପ୍ତ ଫିଲ୍ମ 'ରଜନୀଗନ୍ଧା' ରହିଥିଲା। ସେହିଭଳି ଓଡ଼ିଆ ଚଳଚ୍ଚିତ୍ର ଜଗତରେ ମାଇଲଖୁଣ୍ଟ ପ୍ରତିଷ୍ଠା କରିଥିବା 'ଯାଯାବର'ର ସଂଳାପ ଲେଖିବା ସହ ନିର୍ଦ୍ଦେଶନା ମଧ୍ୟ ଦେଇଥିଲେ। ଏହାବ୍ୟତୀତ 'ଶ୍ରୀଜଗନ୍ନାଥ', 'ବାବୁଲା', 'ଲକ୍ଷ୍ମୀପୂଜା', 'ମା ମଙ୍ଗଳା', 'ତଅପୋଇ', 'କଳା ମାଣିକ', 'ବାବୁ ପର୍ଶୁରାମ', 'ଜଗା ବଳିଆ', 'ମୋ କୋଳ ତୋ ଝୁଲଣା', 'ସନ୍ତାନ', 'ସପନ ବଣିକ', 'ସହର ଜଳୁଛି', 'ବାହୁଡ଼ିବେ ମୋ ଜଗାବଳିଆ', 'ବନ୍ଦେ ଉତ୍କଳ ଜନନୀ', 'ଅଶାନ୍ତ ଗ୍ରହ', 'ଝିଲିମିଲି', 'ମନ ରହିଗଲା ତୁମରି ଠାରେ', 'ସୁନା ଚଢେଇ', 'ଯାହାକୁ ରଖିବେ ଅନନ୍ତ', 'ଡୋରା', 'ମାନିନୀ', 'ବୋଉ', 'ଲକ୍ଷେ ଶିବ ପୂଜି ପାଇଛି ପୁଅ', 'ପଞ୍ଜୁରୀ ଭିତରେ ଶାରୀ', 'କୁରୁକ୍ଷେତ୍ର', 'ଜନନୀ', 'ପରଦେଶୀ ଚଢେଇ', 'ନାରୀ ନୁହେଁ ତୁ ନାରାୟଣୀ', 'କି ହେବ ଶୁଆ ପୋଷିଲେ', 'ଶାଶୁଘର ଚାଲିଯିବି' ଭଳି ଫିଲ୍ମର ସଂଳାପକାର ଥିଲେ।





### ବର୍ତ୍ତମାନର ଚଳଚ୍ଚିତ୍ରକୁ ନେଇ ଖୁସି ନ ଥିଲେ

ଅତୀତ ଓ ବର୍ତ୍ତମାନର ଓଡ଼ିଆ ଚଳଚ୍ଚିତ୍ର ମଧ୍ୟରେ ଅନେକ ତଫାତ ଥିବା ହୃଦୟଙ୍ଗମ କରିଥିଲେ ବିଜୟ। ବର୍ତ୍ତମାନର ଓଡ଼ିଆ ଫିଲ୍ମକୁ ନେଇ ସେ ଆଦୌ ଖୁସି ନଥିଲେ। ଟେକ୍ନୋଲୋଜି ଦୃଷ୍ଟିକୋଣରୁ ଓଡ଼ିଆ ସିନେମା ଆଗକୁ ବଢିଥିବା ବେଳେ କାହାଣୀ ଦୃଷ୍ଟିରୁ କିନ୍ତୁ ପଛକୁ ପଛକୁ ଯାଉଥିବା କହିଥିଲେ। କାହାଣୀ କି ଡାଏଲଗ୍‌ରେ ଆଉ ପୂର୍ବଭଳି ଗଭୀରତା ନାହିଁ। ଦର୍ଶକ ଆଉ ଭିଲିୟାନ୍ ଡାଏଲଗ୍ ଶୁଣି ହଲ୍ ମଧ୍ୟରେ ତାଳି ବାଡଉନାହାନ୍ତି। ଚଳଚ୍ଚିତ୍ରର କାହାଣୀ ଦର୍ଶକ ଭିତରେ ଯେପରି ଭେଦିଯାଏ, ତାହା ଆଉ ଏବେକାର କାହାଣୀରେ ଦେଖିବାକୁ ମିଳୁନି। ବାହାରୁ ବିଷୟବସ୍ତୁ ଆଣି ଫିଲ୍ମ କରାଯାଉଛି। ନିଜ ସଂସ୍କୃତି, ପରମ୍ପରା ଛାଡି ଓଡ଼ିଆ ଫିଲ୍ମରେ ମଙ୍ଗଳସୂତ୍ର ପିନ୍ଧିବା ପରମ୍ପରା ଦେଖିବାକୁ ମିଳୁଛି। ମୋଟାମୋଟି ଭାବେ ଆମ ଫିଲ୍ମରେ ଆଉ ସେ ଓଡ଼ିଆତ୍ୱର ମହକ ରହୁନି ବୋଲି ମିଶ୍ର କହିଥିଲେ।

### ସମ୍ମାନ ଓ ସ୍ୱୀକୃତି

ଜୟଦେବ ପୁରସ୍କାର(୨୦୧୮), କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର, ୨୦୧୩ (ବାନପ୍ରସ୍ଥ), ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର, ୧୯୭୮ (ଯାଦୁକର), ବାଇସ୍କୋପ ପୁରସ୍କାର, ୨୦୧୬, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର, କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ଟାଗୋର ସମ୍ମାନ, କୋଣାର୍କ ସମ୍ମାନ, ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର(ଏକାଧିକ)।

### ଝୁରୁଛନ୍ତି...



୧୯୭୬ ମସିହାରୁ ମୁଁ ବିଜୟ ମିଶ୍ରଙ୍କୁ ଜାଣିଛି। ତାଙ୍କ ସହିତ ମିଶି ପ୍ରାୟ ୪୦ଟି ନାଟକ କରିଛି। ଆଜି ସେ ଚାଲିଯାଇନାହାନ୍ତି ତ ମୋର ଡାହାଣ ପଟ ଅଙ୍ଗ କଟିଯାଇଛି। ୬ ମାସ ତଳେ 'ତଟ ନିରଞ୍ଜନା' ମଞ୍ଚସ୍ଥ କରିବାକୁ ମୋତେ କହିଥିଲେ। ଜାନୁଆରୀ ୨୦ରେ ମଞ୍ଚସ୍ଥ ହୋଇଥିଲା। ଅସୁସ୍ଥତା ସତ୍ତ୍ୱେ ଶେଷ ପର୍ଯ୍ୟନ୍ତ ବସି ଦେଖିଥିଲେ। ମନ ମାନିଗଲା ବୋଲି ମୋ ହାତ ଧରି କହିଥିଲେ। ଆଜି ସେହି ମୁହୂର୍ତ୍ତ ମନେପଡ଼ିଯାଉଛି। ଦୁଇଜଣ ମିଶି ଅନେକ ଅସମ୍ଭବ କାମକୁ ସମ୍ଭବ କରି ଦେଖାଇଛୁ। କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିବା 'ଶେଷ ପାହାଚ' ମାତ୍ର ୭ଦିନ ମଧ୍ୟରେ ସାରିଛୁ। ତାଙ୍କ ସାଧନାର ସମତୁଲ କେବେ କେହି ହୋଇପାରିବେ ନାହିଁ।

**– ଅଜିତ୍ ଦାସ, ଅଭିନେତା ଓ ନିର୍ଦ୍ଦେଶକ**



ମୋର ଅଧିକାଂଶ ଫିଲ୍ମର ସଂଳାପ ସେ ଲେଖିଥିଲେ। 'ଡୋରା'ରେ ଆମେ ସାଙ୍ଗହୋଇ କାମ କରିଥିଲୁ। ତାଙ୍କଭଳି ଜଣେ ସାଦାସିଧା ମଣିଷ ମିଳିବା ବହୁତ କଷ୍ଟ। ତାଙ୍କ ବିୟୋଗରେ ଓଡ଼ିଶା ଚଳଚ୍ଚିତ୍ର, ନାଟ୍ୟ ଓ ସାହିତ୍ୟ ଜଗତର ଅପୂରଣୀୟ କ୍ଷତି ଘଟିଛି। ଉତ୍କଳର ଜଣେ ଉଜ୍ଜ୍ୱଳ ରତ୍ନ ଆଜି ଚାଲିଯାଇଛନ୍ତି। ଓଡ଼ିଆମାନେ ତାଙ୍କ ଅଭାବ ସବୁବେଳେ ଅନୁଭବ କରିବେ।

**– ପ୍ରଶାନ୍ତ ନନ୍ଦ, ଅଭିନେତା ଓ ନିର୍ଦ୍ଦେଶକ**



ବିଜୟ ମିଶ୍ର ଆଉ ନାହାଁନ୍ତି ବୋଲି ଭାବିଲାବେଳକୁ ପାଦତଳୁ ମାଟି ଖସିଯାଉଛି। ତାଙ୍କ ଲେଖାର ସମକକ୍ଷ ତ ଦୂରର କଥା ତା' ନିକଟକୁ ମଧ୍ୟ କେହି ଯାଇପାରିବେ ନାହିଁ। କଳାକାରମାନେ ସହଜରେ ଆବୃତ୍ତି କରିବା ଭଳି ସଂଳାପ ଲେଖୁଥିଲେ। ସମସ୍ତଙ୍କ ମନକୁ ଚିହ୍ନୁଥିଲେ। ତାଙ୍କସହ ମିଶି ନିଜେ ଗୋଟିଏ ଫିଲ୍ମ କରିବି ବୋଲି ଭାବିଥିଲି। ହେଲେ ତାହା ହୋଇପାରିଲା ନାହିଁ। ସବୁବେଳେ ପାଇଁ ଅବଶୋଷ ହୋଇ ରହିଯିବ।

**– ମହାଶ୍ୱେତା ରାୟ, ବରିଷ୍ଠ ଅଭିନେତ୍ରୀ**

ଚଳଚ୍ଚିତ୍ର ଓ ନାଟକ ଦେଖିଲେ ହିଁ ତାହା ବିଜୟ ମିଶ୍ରଙ୍କ ସଂଳାପ ବୋଲି ବାରି ହୋଇପଡୁଥିଲା। ତାଙ୍କ କଲମରେ ଯେଉଁ ଭିନ୍ନତା ଓ ସ୍ୱତନ୍ତ୍ରତା ଥିଲା ତାହା ଖୋଜି ପାଇବା ବିରଳ। ସେ ଆଧୁନିକ ଓଡ଼ିଆ ଚଳଚ୍ଚିତ୍ରର ଜଣେ ଶ୍ରେଷ୍ଠ ସଂଳାପକାର ଥିଲେ। ବହୁ କାଳଜୟୀ ସିନେମାର ସୃଷ୍ଟିକର୍ତ୍ତା ଥିଲେ। 'ଯାଯାବର', 'ରଜନୀଗନ୍ଧା' ଭଳି ଫିଲ୍ମ ପ୍ରତ୍ୟେକ ଓଡ଼ିଆଙ୍କ ହୃଦୟରେ ଆଜି ବି ରହିଛି ଓ ରହିବ। ତାଙ୍କ ବିୟୋଗ ଓଡ଼ିଆ ଚଳଚ୍ଚିତ୍ର ଜଗତ ପାଇଁ ଏକ ଅପୂରଣୀୟ କ୍ଷତି।

**– ଦିଲ୍ଲୀପ ହାଲି, ଓଡ଼ିଶା ସିନେକ୍ରିଟିକ୍ ଆସୋସିଏଶନ୍**

# ଇ-ରିକ୍ସାରେ ସାମାଜିକ ଦୂରତ୍ୱ



**ଗାଡ଼ି ଚାଳକଙ୍କୁ ଅଫର ଦେଲେ ଆନନ୍ଦ ମହିନ୍ଦ୍ରା**

**ନୂଆଦିଲ୍ଲୀ:** ଅଦୃଶ୍ୟ କରୋନା ଭାଇରସ୍ ସହିତ ଲଢୁଛି ସାରା ବିଶ୍ୱ। ଏହାର ପ୍ରଭାବରେ ସାଧାରଣ ଲୋକଙ୍କ ଜୀବନ ବଞ୍ଚିବାର ଶୈଳୀ ସମ୍ପୂର୍ଣ୍ଣ ବଦଳିଯାଇଛି। ଖଟିଲେ ଖାଇବା ଶ୍ରେଣୀର ଲୋକେ ଏଥିରେ ବିଶେଷମାତ୍ରାରେ ପ୍ରଭାବିତ ହୋଇଛନ୍ତି। ହେଲେ ଏପରି ବିପଦ ସମୟରେ ମଧ୍ୟ ରୋଜଗାର ପାଇଁ ନୂଆ ପ୍ରୟୋଗ ଜାରି ରହିଛି। ଏମିତି ଏକ ଅଭିନବ ପ୍ରୟୋଗ ଦେଖିବାକୁ ମିଳିଛି ଏକ ଇ-ରିକ୍ସାରେ। ସାମାଜିକ ଦୂରତା ବଜାୟ ରଖି ଯାତ୍ରୀ ପରିବହନ ଲାଗି ଜଣେ ଗାଡ଼ି ମାଲିକ ନିଜର ଅଟୋରିକ୍ସାର ବାହ୍ୟ ଢାଞ୍ଚାରେ ପରିବର୍ତ୍ତନ କରିଛନ୍ତି। ଏଥିରେ ସାମାଜିକ ଦୂରତା ରଖି ଅତି ସହଜରେ ଯାତ୍ରୀ ପରିବହନ କରାଯାଇପାରିବ। ଏହା ମହିନ୍ଦ୍ରା ଗ୍ରୁପ୍‌ର ଅଧ୍ୟକ୍ଷ ଆନନ୍ଦ ମହିନ୍ଦ୍ରାଙ୍କୁ ଏତେ ପ୍ରଭାବିତ କରିଛି ଯେ, ସେ ସମ୍ପୃକ୍ତ ଗାଡ଼ି ଚାଳକଙ୍କୁ ଚାକିରି ଅଫର୍ ଦେଇଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସାମାଜିକ ଦୂରତ୍ୱ ନିବେଦନକୁ ଗାଡ଼ି ଚାଳକ ଜଣକ ନିଜର ଇ-ରିକ୍ସାରେ ଉପଯୋଗ କରିଛନ୍ତି। ସେ ନିଜର ଗାଡ଼ିକୁ ଏପରି ଭାବେ ପରିବର୍ତ୍ତନ କରିଛନ୍ତି ଯେ, ଏଥିରେ କୌଣସି ଯାତ୍ରୀ ପରସ୍ପରକୁ ସ୍ପର୍ଶ କରିପାରିବେ ନାହିଁ ଏବଂ ସାମାଜିକ ଦୂରତା ମଧ୍ୟ ବଜାୟ ରହିବ। ଗାଡ଼ିରେ ଚାଳକଙ୍କୁ ବାଦ୍ ଦେଲେ ୪ଜଣ ଯାତ୍ରୀ ଆରାମରେ ବସିପାରିବେ। ସୋସିଆଲ୍ ମିଡିଆରେ ଉକ୍ତ ଇ-ରିକ୍ସାର ଫଟୋ ଭାଇରାଲ ହେବାରେ ଲାଗିଛି। ଉକ୍ତ ଗାଡ଼ି ଚାଳକ ଜଣକ ପଶ୍ଚିମବଙ୍ଗ ଅଞ୍ଚଳର ବୋଲି ଅନୁମାନ କରାଯାଉଛି। ହେଲେ ତାଙ୍କର ପରିଚୟ ସମ୍ପର୍କରେ କୌଣସି ସ୍ପଷ୍ଟ ତଥ୍ୟ ମିଳିନାହିଁ।

ଏପରି ନିଆରା ଉଦ୍ଭାବନକୁ ଅତି ଗୁରୁତ୍ୱର ସହ ନେଇଛନ୍ତି ଆନନ୍ଦ ମହିନ୍ଦ୍ରା। ସେ କହିଛନ୍ତି ଯେ, ସମସ୍ୟା ମଧ୍ୟରେ ଭାରତୀୟଙ୍କ ନିକଟରେ ନୂଆ ପରିକଳ୍ପନା ସୃଷ୍ଟି ହେବା ଖୁସିର ବିଷୟ। ପରିସ୍ଥିତି ସହ ଏପରି ଖାପଖୁଆଇବା ଦେଖିଲେ ସେ ଆଶ୍ଚର୍ଯ୍ୟ ହୋଇଥାନ୍ତି। ଏହାପରେ ମହିନ୍ଦ୍ରା ନିଜ କମ୍ପାନୀର କାର୍ଯ୍ୟକାରୀ ନିର୍ଦ୍ଦେଶକ (ଅଟୋ ଏବଂ ଫାର୍ମ ସେକ୍ଟର) ରାଜେଶ ଜେଜୁରିକରଙ୍କୁ ଉକ୍ତ ଡ୍ରାଇଭରଙ୍କୁ ରିସର୍ଚ୍ଚ ଆଣ୍ଡ ଡେଭଲପ୍‌ମେଣ୍ଟ ଟିମ୍‌ରେ ଆଡ୍‌ଭାଇଜର ଭାବେ ନିଯୁକ୍ତି ଦେବାକୁ ପରାମର୍ଶ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ଆନନ୍ଦ ମହିନ୍ଦ୍ରା ଦେଶର ଜଣାଶୁଣା ଉଦ୍ୟୋଗପତିଙ୍କ ମଧ୍ୟରୁ ଜଣେ। ସେ ସୋସିଆଲ ମିଡିଆରେ ବେଶ୍ ଆକ୍ଟିଭ୍। ସାଧାରଣ ମଣିଷ ଦ୍ୱାରା କରାଯାଇଥିବା ଅସାଧାରଣ ଉଦ୍ଭାବନକୁ ସେ ସବୁବେଳେ ପ୍ରୋତ୍ସାହିତ କରିଥାନ୍ତି। ଏଥିସହ ଏପରି ପାରଦର୍ଶୀ ଲୋକଙ୍କୁ ସେ ଯଥାସାଧ୍ୟ ସହାୟତାର ହାତ ମଧ୍ୟ ବଢ଼ାଇଥାନ୍ତି।

# ପଟ୍ଟଚିତ୍ରରେ କରୋନା ସଚେତନତା



**ନୂଆଦିଲ୍ଲୀ:** କରୋନା ଭାଇରସ୍‌କୁ ନେଇ ସଚେତନତାର ବାର୍ତ୍ତା ବାଣ୍ଟିବାକୁ ପ୍ରୟାସ କରିଛନ୍ତି ପଶ୍ଚିମବଙ୍ଗର ଜଣେ କଳାକାର ସ୍ୱର୍ଣ୍ଣ ଚିତ୍ରକର। ପଶ୍ଚିମ ମିଦିନାପୁର ପିଙ୍ଗଳା ଗାଁର ଏହି ଚିତ୍ରକର ପଟ୍ଟଚିତ୍ର ମାଧ୍ୟମରେ କରୋନାରୁ ମୁକୁଳିବା ଲାଗି ନାନା ଉପାୟ ବତାଇଛନ୍ତି। ପଟ୍ଟଚିତ୍ରରେ ସାଧାରଣତଃ ବିଭିନ୍ନ ପୌରାଣିକ କାହାଣୀକୁ ଚିତ୍ର ମାଧ୍ୟମରେ ବର୍ଣ୍ଣନା କରାଯାଇଛି। ସ୍ୱର୍ଣ୍ଣ ପୂର୍ବରୁ ଅନେକ ପୌରାଣିକ କାହାଣୀକୁ ନେଇ ଚିତ୍ର କରିଛନ୍ତି। କିନ୍ତୁ ଏବେ କରୋନା ଭାଇରସ୍‌କୁ ନେଇ ସେ ପଟ୍ଟଚିତ୍ର କରି ଲୋକଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଚେଷ୍ଟା କରିଛନ୍ତି। କରୋନା ପଟ୍ଟଚିତ୍ରରେ ସେ ସାତୋଟି ଫ୍ରେମ୍ ବ୍ୟବହାର କରିଛନ୍ତି। କରୋନା ଭାଇରସ୍, ସ୍ୱାସ୍ଥ୍ୟକର୍ମୀଙ୍କ ସହିତ ସେ ଲୋକଙ୍କୁ ଘରେ ରହିବା, ମାସ୍କ ପିନ୍ଧିବା, ସାମାଜିକ ଦୂରତା ବଜାୟ ରଖିବା ନିମନ୍ତେ ଏହି ଚିତ୍ର ମାଧ୍ୟମରେ ସୁନ୍ଦରଭାବେ ଏକ ବାର୍ତ୍ତା ଦେଇଛନ୍ତି। ପାରମ୍ପରିକ କଳା ମାଧ୍ୟମରେ ସଚେତନ କରିପାରିଥିବାରୁ ସ୍ୱର୍ଣ୍ଣ ଏବେ ଚର୍ଚ୍ଚାରେ। ତାଙ୍କର ଏହି ଚିତ୍ରକଳା ସୋସିଆଲ୍ ମିଡିଆରେ ଲୋକଙ୍କ ହୃଦୟକୁ ଛୁଇଁପାରିଛି।

# ତକିଆ ପିନ୍ଧିଲେ ତମନ୍ନା




**ମୁମ୍ବାଇ:** କରୋନା ଭାଇରସ୍ ସଂକ୍ରମଣ ପାଇଁ ସମଗ୍ର ଦେଶରେ ଲକ୍‌ଡାଉନ୍ ଘୋଷଣା କରାଯାଇଛି। ଏହି ଲକ୍‌ଡାଉନ୍‌ରେ ସମସ୍ତ ବଲିଉଡ୍ ଅଭିନେତା, ଅଭିନେତ୍ରୀମାନେ ଏକପ୍ରକାର ବନ୍ଦ ହୋଇଯାଇଛନ୍ତି। ସେଥିଲାଗି କିଛିଦିନ ହେଲେ ସବୁ ଅଭିନେତା ଅଭିନେତ୍ରୀମାନେ ସୋସିଆଲ ମିଡିଆରେ ବେଶ୍ ସକ୍ରିୟ ରହୁଛନ୍ତି। ଆଉ ସମସ୍ତେ ପ୍ରାୟ ବିଭିନ୍ନ ଚାଲେଞ୍ଜ ଗ୍ରହଣ କରି ଫ୍ୟାନ୍‌ମାନଙ୍କ ମନୋରଞ୍ଜନ କରୁଛନ୍ତି। ନିକଟରେ ନେହା କକଡ 'ପିଲୋ ଚ୍ୟାଲେଞ୍ଜ' ଗ୍ରହଣ କରି ଏକ ତକିଆ ପିନ୍ଧିଥିଲେ। ବର୍ତ୍ତମାନ ଏହି ଚାଲେଞ୍ଜକୁ ତମନ୍ନା ଭାଟିଆ ଗ୍ରହଣ କରି ଏକ ତକିଆ ପିନ୍ଧି ଗ୍ଲାମର୍ସ ପୋଜ୍‌ରେ ତଳେ ଶୋଇଥିବା ଦେଖିବାକୁ ମିଳିଛି। ସେ ଏହି ଫଟୋକୁ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ତେବେ ଏହି ଫଟୋଟି ବେଶ୍ ଭାଇରାଲ ହେବାରେ ଲାଗିଛି। କଥାଟା ଶୁଣିବାକୁ ଅଡୁଆ ଲାଗୁଥିଲେ ମଧ୍ୟ ଏକଦମ୍ ସତ। ତମନ୍ନା କୌଣସି ବସ୍ତ୍ର ପରିଧାନ କରିନାହାନ୍ତି। ତକିଆ ପିନ୍ଧି ଫ୍ଲୋର୍‌ରେ ଶୋଇ ନିଜ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଫଟୋ ଶେୟାର କରିଛନ୍ତି। ବର୍ତ୍ତମାନ ସୁଦ୍ଧା ଏହାକୁ ୭ଲକ୍ଷରୁ ଅଧିକ ଲୋକ ଦେଖିସାରିଲେଣି। କେହି ତାଙ୍କୁ ଟୋଲ କରୁଛନ୍ତି ତ ଆଉ କେହି ତାଙ୍କ ଷ୍ଟାଇଲ୍‌ର ଫ୍ୟାନ ବୋଲି କହିଛନ୍ତି।



# ଫେରିପାରେ ବରଫ ଯୁଗ



ପୃଥିବୀର ଜଳବାୟୁ ଦିନକୁ ଦିନ ପରିବର୍ତ୍ତନ ହେବାରେ ଲାଗିଛି। ତା'ସହ ବାୟୁମଣ୍ଡଳରେ ପ୍ରଦୂଷଣ ମଧ୍ୟ ବଢ଼ିବାରେ ଲାଗିଛି। ଏହି ଧାରା ଯଦି ଲାଗି ରହେ ତେବେ ପୃଥିବୀ ପୃଷ୍ଠରେ ପୁଣି ଥରେ ବରଫ ଯୁଗ ପ୍ରତ୍ୟାବର୍ତ୍ତନ କରିପାରେ ବୋଲି ଆମେରିକୀୟ ପାଣିପାଗ ବିଶେଷଜ୍ଞମାନେ ମତପୋଷଣ କରିଛନ୍ତି। ପୃଥିବୀର ପରିବର୍ତ୍ତିତ ଜଳବାୟୁ ଉପରେ ଏକ ସର୍ଭେ କରାଯାଇଥିଲା। ଗତ କିଛି ବର୍ଷ ଧରି ଏହି ସର୍ଭେ ସହ ୟୁନିଭର୍ସିଟି ଅଫ କାଲିଫର୍ନିଆର ପାଣିପାଗ ବିଜ୍ଞାନୀମାନେ ଜଡ଼ିତ ଥିଲେ। ସେମାନଙ୍କ ଦ୍ୱାରା ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ୧୬୬୪-୧୭୧୫ ମଧ୍ୟରେ ଲଘୁ ବରଫ ଯୁଗ ଆରମ୍ଭ ହୋଇଥିଲା। ଏହି ସମୟ ମଧ୍ୟରେ ଆମେରିକାର ଥେମ୍ସ ନଦୀର ଜଳ ଦୀର୍ଘ ସାତ ସପ୍ତାହ ପର୍ଯ୍ୟନ୍ତ ବରଫରେ ପରିଣତ ହୋଇଯାଇଥିଲା। ଉକ୍ତ ସର୍ଭେରୁ ସେମାନେ ପୁନଶ୍ଚ ଜାଣିପାରିଛନ୍ତି ଯେ ସୂର୍ଯ୍ୟଙ୍କ ଉତ୍ତାପରେ ତାରତମ୍ୟ ପରିଲକ୍ଷିତ ହେଉଛି। ବେଳେବେଳେ ଏହି ଉତ୍ତାପ କମୁଥିବାର ଜଣାପଡୁଛି। ଯଦି ଏହା ଜାରି ରହେ ତେବେ ୨୦-୩୦ ବର୍ଷ ମଧ୍ୟରେ ବରଫ ଯୁଗ ପୁଣି ଥରେ ଫେରିବାର ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ।



# ଖାଦ୍ୟ ସଂରକ୍ଷଣର ନୂଆ ଉପାୟ

ଆଜିକାଲି ଖାଦ୍ୟକୁ ସଂରକ୍ଷଣ କରି ରଖିବା ପାଇଁ ଅନେକ ପ୍ରକାର ଉପାୟ ଅବଲମ୍ବନ କରାଯାଉଛି। ଏହି ତାଲିକାରେ ନିକଟରେ ଆଉ ଏକ ଉପାୟକୁ ସାମିଲ କରାଯାଇଛି। ସିଙ୍ଗାପୁରସ୍ଥିତ ନ୍ୟାଶନାଲ ଇନଷ୍ଟିଚ୍ୟୁଟ୍ ଅଫ ସିଙ୍ଗାପୁରର ବିଶେଷଜ୍ଞମାନେ ଉକ୍ତ ଉପାୟ ଖୋଜି ପାଇବାରେ ସକ୍ଷମ ହୋଇଛନ୍ତି। ସେମାନଙ୍କ ଦ୍ୱାରା ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ଏପରି ନୂଆ ଉପାୟ ଦ୍ୱାରା ଖାଦ୍ୟକୁ ବ୍ୟାକ୍ଟେରିଆମାନଙ୍କଠାରୁ ରକ୍ଷାକରାଯାଇପାରିବ। ସେଥିପାଇଁ ସେମାନେ ଏକ ନୀଳ ରଙ୍ଗର ଏଲଇଡି ଲାଇଟ୍ ପ୍ରସ୍ତୁତ କରିଛନ୍ତି। ଉକ୍ତ ଖାଦ୍ୟ ସଂରକ୍ଷଣ ପ୍ରଣାଳୀକୁ ସେମାନେ 'ବ୍ଲୁଲାଇଟ୍ ଏମିଟିଂ ଡାଇଓଡସ୍' ନାମରେ ନାମିତ କରିଛନ୍ତି। ଏହି ଲାଇଟ୍‌ର ଆଣ୍ଟିବ୍ୟାକ୍ଟେରିଆ ଗୁଣ ରହିଛି। ତା'ସହ ଉକ୍ତ ଲାଇଟ୍‌ରେ ଥିବା ଖାଦ୍ୟକୁ ବ୍ୟାକ୍ଟେରିଆ ନଷ୍ଟ କରିବା ଆଶଙ୍କା ଯଥେଷ୍ଟ କମ। ଅନ୍ୟପକ୍ଷରେ ଉକ୍ତ ଲାଇଟ୍ ରସାୟନମୁକ୍ତ ହୋଇଥିବାରୁ ତାହା ଖାଦ୍ୟପଦାର୍ଥକୁ ମଧ୍ୟ ନଷ୍ଟ କରି ନ ଥାଏ।

# ହୃଦ୍‌ଘାତ ଆଶଙ୍କା କମାଏ ଭିଟାମିନ୍ 'ସି'



ଆମେ ସମ୍ମୁଖୀନ ହେଉଥିବା ଜଟିଳ ସ୍ୱାସ୍ଥ୍ୟ ସମସ୍ୟାଗୁଡିକ ମଧ୍ୟରୁ ହୃଦ୍‌ଘାତ ଅନ୍ୟତମ। ଅବଶ୍ୟ ଆଜିକାଲି ଏହାର ଉପଚାର ସମ୍ଭବ ହେଲାଣି। ହେଲେ ଯଦି ପରିସ୍ଥିତି ଜଟିଳ ହୁଏ ତେବେ ହୃଦ୍‌ରୋଗୀ ମୃତ୍ୟୁବରଣ କରିବାର ଯଥେଷ୍ଟ ଆଶଙ୍କା ରହିଛି। ତେବେ ହୃଦ୍‌ଘାତଠାରୁ ନିଜକୁ ଦୂରେଇ ରଖିବାର ଏକ ସରଳ ଉପାୟ ରହିଛି। ଏଥିପାଇଁ ଦୈନନ୍ଦିନ ଖାଦ୍ୟ ତାଲିକାରେ ଭିଟାମିନ୍ 'ସି'କୁ ସାମିଲ କରିବାକୁ ୟୁନିଭର୍ସିଟି ଅଫ ଲଣ୍ଡନର ହୃଦ୍‌ରୋଗ ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି। ସେମାନଙ୍କ ମତରେ ଭିଟାମିନ୍ 'ସି' ହେଉଛି ଏପରି ଏକ ଆଣ୍ଟିଅକ୍ସିଡାଣ୍ଟ ଯାହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ସାହାଯ୍ୟ କରିଥାଏ। ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଯଦି ଆମେ ଭିଟାମିନ୍ 'ସି'ଯୁକ୍ତ ଫଳମୂଳ ଏବଂ ଖାଦ୍ୟ ଗ୍ରହଣ କରୁ ତେବେ ହୃଦ୍‌ଘାତ ଆଶଙ୍କା କେତେକାଂଶରେ କମିଯାଇଥାଏ। ତେଣୁ ଦୈନନ୍ଦିନ ଖାଦ୍ୟ ତାଲିକାରେ ଏପରି ଖାଦ୍ୟକୁ ସାମିଲ କରିବାକୁ ସେମାନେ ପରାମର୍ଶ ଦେଇଛନ୍ତି।

"ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ପାଇଁ ଦୈନିକ ସକାଳେ ତୁଳସୀପତ୍ର ୧୦ଟି, ବାସଙ୍ଗ ପତ୍ର ୩ଟିର ସ୍ୱରସ ମହୁ ସହ ମିଶାଇ ପାନ କରିବେ। ଏହାବ୍ୟତୀତ ଅଭିଜ୍ଞ ଆୟୁର୍ବେଦ ଡାକ୍ତରଙ୍କ ପରାମର୍ଶ କ୍ରମେ ମହାଲକ୍ଷ୍ମୀବିଳାସ ରସ, ମକରଧ୍ୱଜ, ମୃତ୍ୟୁଞ୍ଜୟ ରସ, କଫସେତୁ, କଫ ଚିନ୍ତାମଣି ମାତ୍ରାନୁସାରେ ମହୁ ସହ ସେବନ କଲେ ମଧ୍ୟ ଏହି ରୋଗରୁ ମଧ୍ୟ ରକ୍ଷା ପାଇପାରିବେ।"

# କୋଭିଡ୍-୧୯ର ଆୟୁର୍ବେଦୀୟ ଉପଚାର







ଡା. ଆଶିଷ ବାନାର୍ଜୀ

କରୋନାର ଅର୍ଥ ବଳୟ। ଗ୍ରହଣ ବେଳେ ଚନ୍ଦ୍ର ଓ ସୂର୍ଯ୍ୟଙ୍କୁ ଯେପରି ବଳୟ ଘେରି ରହିଥାଏ, ଠିକ୍ ସେହି ଆକାର ଭୂତାଣୁ ପଶୁମାନଙ୍କଠାରେ ଦେଖାଯାଇଥାଏ। ସେହି ପଶୁ ବା ବାଦୁଡିଠାରୁ କେବଳ ମନୁଷ୍ୟଙ୍କୁ ଚାଇନାରେ ପ୍ରଥମେ ସଂକ୍ରମିତ ହୋଇଥିଲା। ତା'ପରେ ମନୁଷ୍ୟରୁ ମନୁଷ୍ୟକୁ କ୍ରମଶଃ ସଂକ୍ରମିତ ହୋଇଚାଲିଛି। ଏହା ମୁଖ୍ୟତଃ ଶ୍ୱସନ ସଂସ୍ଥାନକୁ ସଂକ୍ରମିତ କରି ଅକାମୀ କରିଦେବା ଫଳରେ ରୋଗୀ ଶ୍ୱାସଜନିତ କଷ୍ଟରୁ ମୃତ୍ୟୁବରଣ କରିଥାଏ। ଏହି ସଂକ୍ରମଣ ୨-୧୪ଦିନ ମଧ୍ୟରେ ହୋଇଥାଏ।

ଏହି କୋଭିଡ୍-୧୯ ଭୂତାଣୁ ସଂକ୍ରମିତ ବ୍ୟକ୍ତିଙ୍କଠାରେ ଥଣ୍ଡା, ଶୁଷ୍କ କାଶ, ନାକ ବନ୍ଦ ହେବା, ଜ୍ୱର, ତଣ୍ଟି ଦରଜ, ଶ୍ୱାସକ୍ରିୟାଜନିତ କଷ୍ଟ, ମୁଣ୍ଡବ୍ୟଥା, ପତଳା ଝାଡା ସହ ଶେଷରେ ଶ୍ୱାସ ଅବରୋଧ କାରଣରୁ ମୃତ୍ୟୁ ହୋଇଥାଏ। ଏହି ସଂକ୍ରମିତ ବ୍ୟକ୍ତିଙ୍କର କାଶ ଓ ଛିଙ୍କରୁ ବାହାରୁଥିବା କ୍ଷୁଦ୍ର କଣିକା କୌଣସି ଉପାୟରେ ନାସା ଓ ମୁଖ ଦେଇ ସୁସ୍ଥ ବ୍ୟକ୍ତିଙ୍କ ଶ୍ୱାସନଳୀରେ ଭୂତାଣୁ ଆକାରରେ ପ୍ରବେଶ କରିଥାଏ, ଯାହାଫଳରେ ଜଣେ ସୁସ୍ଥ ବ୍ୟକ୍ତି କରୋନା ଦ୍ୱାରା ସଂକ୍ରମିତ ହୋଇଥାଏ।

ଏହି ନୋବେଲ କରୋନା ଭାଇରସକୁ ଏସଏଆରଏସ-ସିଓଭି-୨ (ସିଭିୟର ଆକ୍ୟୁଟ ରେସପିରେଟୋରୀ ସିନଡ୍ରୋମ-କରୋନା ଭାଇରସ-୨) ବୋଲି କୁହାଯାଏ। ଯଦି ସଂକ୍ରମିତ ବ୍ୟକ୍ତି ମଧୁମେହ ବା ଡାଇବେଟିସ୍, ପୁରାତନ ଶ୍ୱାସଜନିତ ରୋଗ, ହୃଦରୋଗ, କ୍ୟାନ୍ସର ଇତ୍ୟାଦି ରୋଗରେ ପୀଡିତ ହୋଇଥାଆନ୍ତି ତେବେ ଏମାନଙ୍କ ପକ୍ଷେ ଅତୀବ ହାନିକାରକ। ଏପରି ଉପରୋକ୍ତ ରୋଗରେ ଆକ୍ରାନ୍ତ ବ୍ୟକ୍ତି କରୋନା ଭୂତାଣୁରେ ଆକ୍ରାନ୍ତ ହୋଇ ନ ଥିଲେ ଏଥିପ୍ରତି ଅତି ଯତ୍ନଶୀଳ ହେବା ଜରୁରୀ ଏବଂ ସରକାରଙ୍କ ନିୟମ ପାଳନ କରିବା ଆବଶ୍ୟକ।

ଏହି ରୋଗର ଟିକା ଏବଂ ଔଷଧ ବର୍ତ୍ତମାନ ପର୍ଯ୍ୟନ୍ତ ସଠିକ୍ ଭାବରେ ନିରୂପଣ ହୋଇପାରିନାହିଁ। ଏଥିରୁ ରକ୍ଷା ପାଇବାକୁ ହେଲେ ବ୍ୟକ୍ତି ବାହାରକୁ ନ ବାହାରି ଘର ମଧ୍ୟରେ ରହିବା ଆବଶ୍ୟକ। ବାହାରକୁ ବାହାରିଲେ ମୁହଁରେ ରୁମାଲ, ମାସ୍କ ବାନ୍ଧି ବାହାରିବେ। ତା'ସହ ପ୍ରତ୍ୟହ ତାକୁ ଡେଟଲ ପାଣିରେ ସଫାକରି ଶୁଖାଇବେ। ହାତକୁ ହ୍ୟାଣ୍ଡୱାଶ ଏବଂ ସାନିଟାଇଜରରେ ଧୋଇବେ।

ଏହାବ୍ୟତୀତ ପ୍ରତିଦିନ ଅତିକମ୍‌ରେ ହ୍ୟାଣ୍ଡୱାଶ, ସାନିଟାଇଜର ଏବଂ ସାବୁନ୍‌ରେ ହାତକୁ ଭଲ ଭାବରେ ସଫା କରିବେ। ତା'ସହ ଏକ ମିଟର ସାମାଜିକ ଦୂରତା (ସୋସିଆଲ ଡିଷ୍ଟାନସ) ରଖିବେ। ଏତଦ୍‌ବ୍ୟତୀତ ଏହି ରୋଗକୁ ପ୍ରତିହତ କରିବା ପାଇଁ ଦୈନିକ ୩-୪ଥର ଉଷୁମ ଲୁଣ ପାଣିରେ କୁଳି କରିବେ। ତେଜପତ୍ର, ଅଦା, ମିଶ୍ରି, ଅଗସ୍ତିଫୁଲ, ତୁଳସୀ ଜଟା ଓ ଗୋଲମରିଚ ଫୁଟାଇ ଉଷୁମ ଚା' ପରି ଦେଢ଼ କପ ଦୈନିକ ପାନ କରିବେ।

ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ପାଇଁ ଦୈନିକ ସକାଳେ ତୁଳସୀପତ୍ର ୧୦ଟି, ବାସଙ୍ଗ ପତ୍ର ୩ଟିର ସ୍ୱରସ ମହୁ ସହ ମିଶାଇ ପାନ କରିବେ। ଏହାବ୍ୟତୀତ ଅଭିଜ୍ଞ ଆୟୁର୍ବେଦ ଡାକ୍ତରଙ୍କ ପରାମର୍ଶ କ୍ରମେ ମହାଲକ୍ଷ୍ମୀବିଳାସ ରସ, ମକରଧ୍ୱଜ, ମୃତ୍ୟୁଞ୍ଜୟ ରସ, କଫସେତୁ, କଫ ଚିନ୍ତାମଣି ମାତ୍ରାନୁସାରେ ମହୁ ସହ ସେବନ କଲେ ମଧ୍ୟ ଏହି ରୋଗରୁ ମଧ୍ୟ ରକ୍ଷା ପାଇପାରିବେ।

*-ଆନନ୍ଦବଜାର, ବେତନଟୀ, ମୟୂରଭଞ୍ଜ, ମୋ: ୯୮୬୧୩୭୪୩୮୫*

## ସ୍ୱାସ୍ଥ୍ୟ ସୂଚନା



➡ ଡାକ୍ତରଙ୍କ ସହ କୌଣସି ରୋଗ ବିଷୟରେ ଆଲୋଚନା କରୁଥିଲେ ରୋଗର କାରଣ ଏବଂ ଅନ୍ୟ କୌଣସି ସ୍ୱାସ୍ଥ୍ୟଜନିତ ସମସ୍ୟା ଥିଲେ ତାହା ଡାକ୍ତରଙ୍କୁ ଜଣାନ୍ତୁ। ଏହାକୁ ଲୁଚାଇବାକୁ ଚେଷ୍ଟା କଲେ ତାହା ପରବର୍ତ୍ତୀ ସମୟରେ ସ୍ୱାସ୍ଥ୍ୟ ପରିସ୍ଥିତିକୁ ଜଟିଳ କରିବାର ଆଶଙ୍କା ରହିଛି।

➡ ଯଦି ନିଜର କୌଣସି ଔଷଧ ଉପରେ ଆଦୌ ଜ୍ଞାନ ନାହିଁ ତେବେ ଅନ୍ୟମାନଙ୍କୁ ତାହା ଖାଇବାକୁ ପରାମର୍ଶ ଦିଅନ୍ତୁ ନାହିଁ।

➡ କେତେକ ଔଷଧକୁ ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଖାଇବାକୁ ଡାକ୍ତର ପରାମର୍ଶ ଦେଇଥାଆନ୍ତି। ତେଣୁ ତାହାକୁ ଅନୁସରଣ କରନ୍ତୁ। ସୁସ୍ଥ ଲାଗିବା ପରେ ଔଷଧ ବନ୍ଦ ନ କରିବା ଭଲ। କୌଣସି ସମସ୍ୟା ଦେଖାଦେଲେ ବିଳମ୍ବ ନ କରି ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

➡ ଘରେ ଯଦି କୌଣସି ଔଷଧ ରଖୁଛନ୍ତି ତେବେ ତାହାର ନାମ ଏବଂ ଏକ୍ସପାଏରି ତାରିଖ ଡାଏରୀରେ ଲେଖି ରଖନ୍ତୁ।

➡ ଘରେ ସବୁବେଳେ ଫାଷ୍ଟ-ଏଡ୍ ବକ୍ସ ରଖନ୍ତୁ। ଏହାକୁ ଏପରି ସ୍ଥାନରେ ରଖନ୍ତୁ ଯେମିତି ଖୋଜିବା ମାତ୍ରେ ତାହାକୁ ପାଇପାରିବେ।

➡ ଯଦି ଅଫିସରେ କାମ କରୁଛନ୍ତି ତେବେ ସିଟ୍‌ରେ ଅଧିକ ସମୟ ବସି ରହନ୍ତୁ ନାହିଁ। ନିୟମିତ ଅନ୍ତରାଳରେ ବସିବା ସ୍ଥାନରୁ ଉଠି ଟିକେ ଚଲାବୁଲା କରନ୍ତୁ।

# ସୁସ୍ଥ ରହିବା ଅନ୍ତରାଳେ...

ଆଜିକାଲିର ବ୍ୟସ୍ତମୟ ଜୀବନରେ ନିଜକୁ ସୁସ୍ଥ ରଖିବା ଅପରିହାର୍ଯ୍ୟ। ତେଣୁ ଆମକୁ କେତୋଟି ଦିଗ ପ୍ରତି ଯଥେଷ୍ଟ ଧ୍ୟାନ ଦେବା ଆବଶ୍ୟକ। ଜାଣନ୍ତୁ ସେ ସମ୍ପର୍କରେ..

**ଖାଦ୍ୟପେୟ :** ଆମେ ସୁସ୍ଥ ରହିବା ପଛରେ ଖାଦ୍ୟପେୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସବୁବେଳେ ସୁଷମ ତଥା ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ। ଅଧିକ ତେଲ ମସଲାଯୁକ୍ତ ଖାଦ୍ୟ ଯେତେ କମ୍ ଖାଇବେ ତାହା ସ୍ୱାସ୍ଥ୍ୟ ପାଇଁ ସେତେ ଭଲ। ଏପରି ଖାଦ୍ୟ ଖାଆନ୍ତୁ, ଯାହା ସହଜରେ ହଜମ ହୋଇଯିବ।

**ପାଣି :** ଖାଦ୍ୟ ଖାଇବା ସହ ଆବଶ୍ୟକ ମୁତାବକ ପାଣି ପିଅନ୍ତୁ। ଜଣେ ସୁସ୍ଥ ବ୍ୟକ୍ତି ଦିନକୁ ୨-୩ଲିଟର ପାଣି ପିଇପାରନ୍ତି। କାରଣ ଖାଦ୍ୟକୁ ହଜମ କରିବାରେ ପାଣି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ତା' ସହ ଶରୀରରେ ଜଳୀୟ ଅଂଶକୁ ମଧ୍ୟ ସନ୍ତୁଳିତ ରଖେ।

**ନିଦ୍ରା:** ଆମେ ଦିନକୁ ଅତିକମ୍‌ରେ ୬-୭ ଘଣ୍ଟା ଶୋଇବା ନିହାତି ଦରକାର। କାରଣ ଯଦି ନିଦ୍ରାରେ ଅନିୟମିତତା ପରିଲକ୍ଷିତ ହେଲା ତେବେ ତାହା ପରୋକ୍ଷରେ କେତେକ ରୋଗର କାରଣ ପାଲଟିଥାଏ। ବିଶେଷଭାବରେ ରାତ୍ରଭୋଜନ ଏବଂ ଶୋଇବା ସମୟ ମଧ୍ୟରେ ଅତିକମ୍‌ରେ ଦୁଇ ଘଣ୍ଟାର ବ୍ୟବଧାନ ରହିବା ଦରକାର। ଅନ୍ୟପକ୍ଷରେ ଶୋଇବା ଘରର ପରିବେଶ ସବୁବେଳେ ସ୍ୱାସ୍ଥ୍ୟ ଉପଯୋଗୀ ହେବା ଆବଶ୍ୟକ।

**ଦୈନନ୍ଦିନ ଜୀବନଶୈଳୀ :** ଆମେ ଯଦି ସୁସ୍ଥ ରହିବା ତେବେ ଆମକୁ ନିଜର ଦୈନନ୍ଦିନ ଜୀବନ ଶୈଳୀକୁ ଗୁରୁତ୍ୱ ଦେବାକୁ ପଡିବ। ପ୍ରତିଦିନ ସକାଳୁ ଅଧ ଘଣ୍ଟାଏ ଚାଲନ୍ତୁ। ତା' ସହ ଯଦି କିଛି ବ୍ୟାୟାମ କରିପାରିଲେ ତାହା ସ୍ୱାସ୍ଥ୍ୟ ପାଇଁ ଆହୁରି ଉପକାରୀ ସାବ୍ୟସ୍ତ ହୋଇଥାଏ। ନିଜକୁ



ଟେନ୍‌ସନଠାରୁ ଯେତେ ଦୂରେଇ ରଖିବେ ତାହା ସ୍ୱାସ୍ଥ୍ୟ ପାଇଁ ସେତେ ଭଲ।

**ସ୍ୱାସ୍ଥ୍ୟ ପରୀକ୍ଷା :** ଆମେ ଯେତେ ବ୍ୟସ୍ତ ରହିଲେ ମଧ୍ୟ ନିୟମିତ ସମୟ ଅନ୍ତରାଳରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବା ନିହାତି ଦରକାର। କୌଣସି ରୋଗର ଲକ୍ଷଣ ପ୍ରକାଶ ପାଇଲେ ତାହାକୁ ଅବହେଳା ନ କରି ତୁରନ୍ତ ଅଭିଜ୍ଞ ଡାକ୍ତରଙ୍କ ପରାମର୍ଶ କରି ଚିକିତ୍ସିତ ହୁଅନ୍ତୁ।

# ଅଧିକ ଷ୍ଟିରଏଡ୍ ବ୍ୟବହାର ରୋଗ ପ୍ରତିରୋଧକ ଶକ୍ତିକୁ ପ୍ରଭାବିତ କରେ

ସାଧାରଣତଃ ଅଙ୍ଗ ପ୍ରତିରୋପଣ, ଶ୍ୱାସ, ଆଣ୍ଠୁଗଣ୍ଠି ବାତ, ଚର୍ମ ଓ କ୍ୟାନ୍‌ସର ଆଦି ରୋଗୀମାନଙ୍କ କ୍ଷେତ୍ରରେ ଷ୍ଟିରଏଡ ଔଷଧ ବହୁଳ ଭାବେ ବ୍ୟବହାର କରାଯାଇଥାଏ। ଦୀର୍ଘ ସମୟ ଧରି ଷ୍ଟିରଏଡ ବ୍ୟବହାର କରାଗଲେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବା ଇମ୍ୟୁନିଟି ହ୍ରାସ ପାଇଥାଏ। ତେଣୁ ବର୍ତ୍ତମାନ ପରିସ୍ଥିତିରେ ଏହି ଔଷଧଗୁଡ଼ିକ କିପରି ନିରାପଦର ସହ ବ୍ୟବହାର କରିହେବ ସେ ନେଇ କଟକ ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ ହସ୍‌ପିଟାଲର ନେଫ୍ରୋଲୋଜି ବିଭାଗର ମୁଖ୍ୟ ଡା. ଚିତ୍ତ ରଞ୍ଜନ କର ଯାହା କୁହନ୍ତି....

**ଷ୍ଟିରଏଡ କ'ଣ ଓ କାହିଁକି ବ୍ୟବହାର କରାଯାଇଥାଏ?**

► ଷ୍ଟିରଏଡଗୁଡ଼ିକ ମୁଖ୍ୟତଃ ଜୀବନ ରକ୍ଷାକାରୀ ଜରୁରୀ ଔଷଧ । କୌଣସି ବି ରୋଗର ଚିକିତ୍ସା କରିବା ବେଳେ ଏସବୁର ବ୍ୟବହାର କରାଗଲେ ଲକ୍ଷଣଠାରୁ ତୁରନ୍ତ ଉପଶମ ମିଳିଥାଏ । କିନ୍ତୁ ରୋଗର କାରଣ ଉପରେ ପ୍ରାୟତଃ ଠିକଣାଭାବେ କାମ କରି ନ ଥାଏ । ତଥାପି ଅଙ୍ଗ ପ୍ରତିରୋପଣ, ଶ୍ୱାସ,ଆଣ୍ଠୁଗଣ୍ଠି ବାତ, ଚର୍ମ ଓ କ୍ୟାନସର ଆଦି ରୋଗ କ୍ଷେତ୍ରରେ ଏସବୁର ବ୍ୟବହାର ନିହାତି ଅପରିହାର୍ଯ୍ୟ ।

**ଷ୍ଟିରଏଡ ବ୍ୟବହାର କରିବା ଦ୍ୱାରା ଶରୀରର ଇମ୍ୟୁନିଟି ପାୱାର ବା ରୋଗ ପ୍ରତିରୋଧକ କ୍ଷମତା ଉପରେ କି ପ୍ରଭାବ ପକାଇଥାଏ?**

► ଷ୍ଟିରଏଡ ବ୍ୟବହାର କରିବା ଦ୍ୱାରା ଶରୀରର ରୋଗ ପ୍ରତିରୋଧକ କ୍ଷମତା ହ୍ରାସ ପାଇଥାଏ । କିନ୍ତୁ ଅଙ୍ଗ ପ୍ରତିରୋପଣର ପୂର୍ବରୁ ଏବଂ ପରେ ଏସବୁ ଦିଆଯିବା ଦ୍ୱାରା ରିଜେକସନ୍ ବା ପ୍ରତ୍ୟାଖ୍ୟାନ କରିବା ପ୍ରକ୍ରିୟାକୁ ସହଜରେ ନିୟନ୍ତ୍ରଣ କରାଯାଇ ପାରିଥାଏ । ତେଣୁ ଏପରି ରୋଗୀଙ୍କ କ୍ଷେତ୍ରରେ ଇମ୍ୟୁନିଟି କମ୍ କରି ପାରୁଥିବା(ଟାକ୍ରୋଲିମସ, ଆଜାଥାଓପ୍ରାଇନ ଓ ସାଇକ୍ଲୋଫସ ଫାମାଇଡ) ଭଳି ଔଷଧ ସହ ମିଶାଇ କରି ଦିଆଯାଇଥାଏ ।

**ବିଶେଷ କରି ବର୍ତ୍ତମାନର କରୋନା ସଂକ୍ରମଣକୁ ଆଶଙ୍କା କରି ଏସବୁ ଔଷଧ ବ୍ୟବହାର କରାଯାଇ ପାରିବ କି ନାହିଁ ?**



ଡା. ଚିତ୍ତ ରଞ୍ଜନ କର

► ମୁଖ୍ୟତଃ ଏହି ପ୍ରକାର ଔଷଧଗୁଡ଼ିକ ବ୍ୟବହାର କରିବା ଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଇଥାଏ । କରୋନା ଏକ ସଂକ୍ରମଣ ରୋଗ ଏବଂ ଏହି ରୋଗ ଇମ୍ୟୁନୋ କମ୍ପରମାଇଜଡ୍ ବା କମ୍ ରୋଗ ପ୍ରତିରୋଧକ କ୍ଷମତା ଥିବା ବ୍ୟକ୍ତିଙ୍କୁ ଶୀଘ୍ର ଆକ୍ରାନ୍ତ କରିଥାଏ । ତଥାପି ଯେଉଁମାନେ ଏସବୁ ଔଷଧ ପୂର୍ବରୁ ବ୍ୟବହାର କରି ଆସୁଛନ୍ତି, ସେମାନେ ଏହାକୁ ବନ୍ଦ କରିପାରିବେ ନାହିଁ କିମ୍ବା ଡୋଜ ବା ପରିମାଣକୁ ମଧ୍ୟ କମାଇବା ଉଚିତ୍ ନୁହଁ। କେବଳ ଏଭଳି ରୋଗୀମାନେ ହାତକୁ ବାରମ୍ବାର ସାନିଟାଇଜର ଦ୍ୱାରା ସଫା ରଖିବା ସହ ମୁହଁକୁ ସର୍ଜିକାଲ ଏନ୯୫ମାସ୍କରେ ଘୋଡାଇ ରଖିବା ଆବଶ୍ୟକ । ଏସବୁ ପରେ ଯଦି କୌଣସି ସଂକ୍ରମିତ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସନ୍ତି ତେବେ ୧୦୪ରେ ଯୋଗାଯୋଗ କରି ନିଜର ଉପଯୁକ୍ତ ଚିକିତ୍ସା କରାଇନେବା ଜରୁରୀ । ବର୍ତ୍ତମାନ କୌଣସି ବ୍ୟକ୍ତି ଯଦି ନୂଆକରି ଏହି ଔଷଧ ଆରମ୍ଭ କରିବାକୁ ଯାଉଛନ୍ତି,ତେବେ ଡାକ୍ତରଙ୍କ ପରାମର୍ଶ କରି ଆଉ କିଛି ଦିନ ପରେ ବ୍ୟବହାର କରିଲେ ଭଲ ହେବ ।

**ବର୍ତ୍ତମାନ ଷ୍ଟିରଏଡ ବ୍ୟବହାରର ଅନ୍ୟ କେଉଁ ସବୁ ଦିଗଗୁଡ଼ିକୁ ଧ୍ୟାନ ଦିଆଯିବା ଆବଶ୍ୟକ?**



► ଏବେ କୌଣସି ବ୍ୟକ୍ତି ଔଷଧ ଦୋକାନୀ କିମ୍ବା କ୍ୱାକମାନଙ୍କଠାରୁ ପଚାରି ଏପରି ଔଷଧ ବ୍ୟବହାର କରନ୍ତୁ ନାହିଁ । କାରଣ ଯଦି ଭୁଲ୍‌ବଶତଃ ଏପରି କରନ୍ତି ତେବେ ଶରୀରରେ ଅଜାଣତରେ ରୋଗ ପ୍ରତିରୋଧକ ଶକ୍ତି କମ୍ ହୋଇଯିବା କାରଣରୁ ସଂକ୍ରମଣର ଶିକାର ହୋଇପାରନ୍ତି । *-ପ୍ରଣବ କୁମାର ସାହୁ*

## ଅକ୍ଷିମୁଠି ଅନୁକୂଳ କଲେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ

ଆଠଗଡ଼,୨୬।୪(ସ୍ୱ.ପ୍ର.): ଅକ୍ଷୟ ତୃତୀୟା ଅବସରରେ ଆଠଗଡ଼ ବିଧାୟକ ତଥା ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଅକ୍ଷିମୁଠି ଅନୁକୂଳ କରିଛନ୍ତି। ମନ୍ତ୍ରୀ ଆଠଗଡ଼ ବ୍ଲକ ଅଧୀନ ଗଦାଧରପୁର(ଚାଇଁପୁର)ଠାରେ ପୂଜାର୍ଚ୍ଚନା କରିବା ପରେ ଅକ୍ଷିମୁଠି ଅନୁକୂଳ କରିଥିଲେ। ସେହିପରି ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ଚାଷୀମାନେ ଅକ୍ଷିମୁଠି ଅନୁକୂଳ କରିଥିବା ଦେଖିବାକୁ ମିଳିଛି।

## ସଂକ୍ଷେପରେ

### ଆରମ୍ଭ ହେଲା ଟେଲିମେଡିସିନ ସେବା

**କଟକ ଅଫିସ,୨୬।୪:** କରୋନାରେ ଲକ୍‌ଡାଉନ ଯୋଗୁ ଦୂର ଦୂରାନ୍ତରୁ ଆସି ପାରୁ ନ ଥିବା ରୋଗୀଙ୍କ ନିମନ୍ତେ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ କେନ୍ଦ୍ରରେ ଆରମ୍ଭ ହୋଇଛି ଟେଲିମେଡିସିନ ସେବା। ଫଳରେ ରୋଗୀମାନେ ନିଜ ଅଞ୍ଚଳରେ ଥାଇ ବି ଆବଶ୍ୟକ ଅନୁଯାୟୀ ଫୋନ କଲ, ହ୍ୱାଟସ୍‌ଆପ୍ ଏବଂ ଭିଡିଓ କଲ ଯୋଗେ ଡାକ୍ତରଙ୍କ ପରାମର୍ଶ ନେଇପାରିବେ। ଏହି ସେବା ପାଇଁ ଡାକ୍ତରମାନଙ୍କୁ ସକାଳ ୯ଟାରୁ ଅପରାହ୍ନ ୧ଟା ମଧ୍ୟରେ କଲ୍ କରିବାକୁ ହେବ ବୋଲି ହସ୍ପିଟାଲ ପକ୍ଷରୁ ସୂଚନା ଦିଆଯାଇଛି। ନ୍ୟୁକ୍ଲିୟର ମେଡିସିନ ତଥା ମେଡିକାଲ ଅଙ୍କୋଲୋଜିଷ୍ଟ ଡାକ୍ତର ଦିଲୀପ ଅଗ୍ରୱାଲଙ୍କୁ ଫୋନ୍ ନଂ. ୯୪୩୭୦୨୦୮୮୦ ଯୋଗେ ରବିବାର, ସୋମବାର ଏବଂ ମଙ୍ଗଳବାର ଯୋଗାଯୋଗ କରିବାକୁ କୁହାଯାଇଛି। ସେହିପରି ଶଲ୍ୟ କର୍କଟ ଚିକିତ୍ସକ ଡାକ୍ତର ସ୍ୱଦୀପ ମହାନ୍ତିଙ୍କୁ ଫୋନ୍ ନଂ. ୯୮୬୧୧୧୪୦୧୨ ଯୋଗେ ସୋମବାର ଓ ମଙ୍ଗଳବାର ଏବଂ ସ୍ତ୍ରୀ ରୋଗ (କର୍କଟ ବିଭାଗ) ଡାକ୍ତର ଭାଗ୍ୟଲକ୍ଷ୍ମୀ ନାୟକଙ୍କୁ ଫୋନ୍ ନଂ. ୯୪୩୭୦୬୨୬୨୦ ଯୋଗେ ବୁଧବାର ଓ ଗୁରବାର ଯୋଗାଯୋଗ କରାଯାଇପାରିବ। ରେଡିଓଥେରାପିଷ୍ଟ ଡାକ୍ତର ଦୀପକ କୁମାର ପାତ୍ରଙ୍କୁ ଫୋନ୍ ନଂ. ୯୪୩୭୦୪୨୫୫୯ରେ ବୁଧ ଓ ଗୁରୁବାର ଏବଂ ଡାକ୍ତର ସଞ୍ଜୟ ପଣ୍ଡାଙ୍କୁ ଫୋନ୍ ନଂ. ୯୮୬୧୦୫୫୬୭୭ ଯୋଗେ ଶୁକ୍ର ଏବଂ ଶନିବାର ସମ୍ପର୍କ କରିହେବ ବୋଲି ହସ୍ପିଟାଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

### କଟକରେ ଫସି ରହିଛନ୍ତି ବିହାର ଶ୍ରମିକ

**କଟକ ଅଫିସ,୨୬।୪:** କଟକର ବାଲୁବଜାର, ଆଲାମଚାନ୍ଦ ବଜାର ଓ ଗଙ୍ଗାମନ୍ଦିର ଅଞ୍ଚଳରେ ବିହାରର ଶତାଧିକ ଶ୍ରମିକ ଫସିରହିଛନ୍ତି। ଏହି ଶ୍ରମିକମାନଙ୍କ ନିକଟରେ ରାଶନକାର୍ଡ଼ ନ ଥିବାରୁ ଏମାନଙ୍କୁ ଜିଲା ପ୍ରଶାସନ ପକ୍ଷରୁ ଖାଦ୍ୟ ସାମଗ୍ରୀ ଯୋଗାଇ ଦିଆଯାଉନାହିଁ। ଫଳରେ ପରିବାର ସହ ଏଠାରେ ରହୁଥିବା ଏହି ଶ୍ରମିକ ଶ୍ରେଣୀର ଲୋକେ ନାନାଦି ସମସ୍ୟା ଭୋଗୁଛନ୍ତି ବୋଲି ସ୍ଥାନୀୟ ବାସିନ୍ଦା ତଥା କଟକ ନଗର ଯୁବ ବିଜେଡ଼ିର କାର୍ଯ୍ୟକାରୀ ସଭାପତି ସୌମ୍ୟଦୀପ ଘୋଷ କହିଛନ୍ତି। ଶ୍ରମିକମାନେ ବିହାରର ଲଖମନପୁର, ଆରା, ଦରଭଙ୍ଗା ଅଞ୍ଚଳର ଅଟନ୍ତି। ସ୍ଥାନୀୟ ଲୋକଙ୍କ ଉଦ୍ୟମରେ ପ୍ରତ୍ୟେକ ଦିନ ରନ୍ଧା ଖାଦ୍ୟ ଦିଆଯାଉଥିବା ସୌମ୍ୟଦୀପ କହିଥିଲେ। ଏହାଛଡ଼ା ଅନୁଗୋଳ, ନୟାଗଡ଼, ଖୋର୍ଦ୍ଧା, କେନ୍ଦ୍ରାପଡ଼ା, ଜଗତସିଂପୁର ଅଞ୍ଚଳର କେତେଜଣ ଶ୍ରମିକ ମଧ୍ୟ ଏଠାରେ ପରିବାର ନେଇ ରହୁଛନ୍ତି। ଏହି ବ୍ୟକ୍ତିମାନଙ୍କର ନିଜସ୍ୱ ଗ୍ରାମରେ ରାଶନକାର୍ଡ଼ ରହିଛି। ଏବେ କୌଣସି କାମ ମିଳୁ ନ ଥିବାରୁ ଘରେ ଟଙ୍କାଟିଏ ବି ସମ୍ବଳ ନାହିଁ ବୋଲି ନୟାଗଡ଼ର ଜଣେ ଶ୍ରମିକ କହିଥିଲେ। ଏ ସମ୍ପର୍କରେ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସୌମ୍ୟଦୀପ ଦାବି କରିଛନ୍ତି।

### କେବଳ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଖୋଲିବ

**ପୁରୀ ଅଫିସ, ୨୬।୪:** ପୁରୀ ଜିଲାବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କେବଳ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ଖୋଲାହେବ ବୋଲି ଜିଲାପାଳ ବଲୱନ୍ତ ସିଂ କହିଛନ୍ତି। ଲକ୍‌ଡାଉନ ନ ଉଠିବା ପର୍ଯ୍ୟନ୍ତ ଦୋକାନଗୁଡ଼ିକ ବନ୍ଦ ରହିବ। ଏଥିନିମନ୍ତେ ଜିଲାବାସୀଙ୍କ ସହଯୋଗ ଲୋଡିଛନ୍ତି ଜିଲାପାଳ। କେତେକ ଅଣ ଅତ୍ୟାବଶ୍ୟକ ସାମଗ୍ରୀ ବିକ୍ରୟ ଦୋକାନ ଖୋଲିବା ସମ୍ପର୍କିତ କେନ୍ଦ୍ର ସରକାରଙ୍କ ପକ୍ଷରୁ ନିୟମାବଳୀ ଜାରି କରାଯାଇଥିଲେ ସୁଦ୍ଧା ଜିଲାବାସୀଙ୍କ ସ୍ୱାର୍ଥକୁ ଆଖି ଆଗରେ ରଖି ଏଭଳି ନିଷ୍ପତ୍ତି ନିଆଯାଇଛି।

### ଭୂତ ହିତାଧିକାରୀଙ୍କ ନାମରେ ରାଶନ କାର୍ଡ

**କଟକ ସଦର,୨୬।୪(ଡି.ଏନ.ଏ.)** ରାଶନ କାର୍ଡଧାରୀକୁ ରାଜ୍ୟ ସରକାର ଏକ ହଜାର ଟଙ୍କା ଲେଖାଏ ସହାୟତା ଘୋଷଣା କରିଥିଲେ। କଟକ ସଦର ବ୍ଲକର ୨୩ ପଞ୍ଚାୟତର ଘରକୁ ଘର ବୁଲି ସରକାରୀ କର୍ମଚାରୀମାନେ ଟଙ୍କା ବଣ୍ଟନ କରିଥିଲେ। ୨୫୭ ଜଣ କାର୍ଡଧାରୀଙ୍କ ପତ୍ତା ମିଳି ନ ଥିଲା। ଫଳରେ ଭୂତ ହିତାଧିକାରୀଙ୍କ ୨ ଲକ୍ଷ ୫୭ ହଜାର ଟଙ୍କା ବଣ୍ଟା ନ ହୋଇପାରି ବ୍ଲକ କାର୍ଯ୍ୟାଳୟକୁ ଫେରି ଆସିଛି। ଏପରି କି ଲୋକ ପ୍ରତିନିଧିମାନେ ମଧ୍ୟ ଦୂରଦୂରାନ୍ତକାରୀ ସମ୍ବନ୍ଧରେ କୌଣସି ସୂଚନା ଦେବାକୁ ଅସମର୍ଥ ହୋଇଛନ୍ତି। ୨୦୧୫ ଡିସେମ୍ବରରୁ ଏମାନଙ୍କ ପାଇଁ ଉଦ୍ଦିଷ୍ଟ ଖାଦ୍ୟସାମଗ୍ରୀ କିଏ ନେଉଥିଲା, ତାହାର ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି।

# ସଙ୍କଟରେ କାଚରା ପରିବାର

**ପୁରୀ ଅଫିସ, ୨୬।୪:**

### ସହାୟତା ଦାବି କଲା କଳିଙ୍ଗ କାଚରା ଜାତି ମହାସଭା

ମହାମାରୀ କରୋନା କରୋନା ପାଇଁ ଲକ୍‌ଡାଉନ ହୋଇଛି ଦେଶ। ଫଳରେ ଅନେକଙ୍କ ଜୀବନ ଜୀବିକା ଉପରେ ଏହାର ପ୍ରଭାବ ପଡ଼ିଛି। ବିଶେଷକରି ଶ୍ରମିକ ଓ ଦିନମଜୁରିଆ ଶ୍ରେଣୀର ଲୋକେ ପରିବାର ପ୍ରତିପୋଷଣ କରିବା ନେଇ ସମସ୍ୟାରେ ପଡ଼ିଛନ୍ତି। ସେହିପରି ଗାଁ ଗାଁ ବୁଲି ଛୋଟମୋଟ ସାମଗ୍ରୀ ବିକ୍ରି ସନ୍ଧ୍ୟାରେ ଦି' ପଇସା ନେଇ ଘରକୁ ଫେରୁଥିବା ଅନେକ ଲୋକ ଏବେ ଘରେ ବସି ରହିଛନ୍ତି। ପଶି ପାରୁନାହାନ୍ତି କୌଣସି ଗାଁକୁ କି ନିଜ ପରିବାର ଆବଶ୍ୟକତା ପୂରଣ କରିପାରୁନାହାନ୍ତି। ଏମିତି କିଛି ବ୍ୟବସାୟୀଙ୍କ ମଧ୍ୟରୁ କାଚରା ହେଉଛନ୍ତି ଅନ୍ୟତମ। ସେମାନେ ଗାଁ, ଗଳି, ସହର ବୁଲି ବୁଲି ବିଭିନ୍ନ ପ୍ରକାର ଅତ୍ୟାବଶ୍ୟକ ଘର ଜିନିଷ ବିକ୍ରି କରିଥାନ୍ତି। ଏଭଳି ଦୁର୍ଦ୍ଦିନ ସମୟରେ ସରକାରଙ୍କ ପକ୍ଷରୁ ସେମାନଙ୍କ କଥା ବିଚାରକୁ ନିଆଯାଇ ନାହିଁ। କୌଣସି ପ୍ରକାର ସହାୟତା ପାଇ ନ ଥିବାରୁ ସେମାନେ ଦୁର୍ବିସହ ଜୀବନ କଟାଉଛନ୍ତି।

ପୁରୀ, ଜଗତ୍‌ସିଂହପୁର, ଯାଜପୁର, ନୟାଗଡ଼, ଖୋର୍ଦ୍ଧା, ଭଦ୍ରକ ଇତ୍ୟାଦି କେତେକ ଜିଲାର ବିଭିନ୍ନ ଅଞ୍ଚଳରେ ବହୁ ସଂଖ୍ୟକ କାଚରା ପରିବାର ବସବାସ କରୁଛନ୍ତି। ପୁରୀ ଜିଲାର ଗୋପ, ନାଗପୁର, ଗୋଲପୁର, ମଲ୍ଲଗ୍ରାମ, କାକଟପୁର, ବାଜପୁର, କୁଣ୍ଢେଇ, କୁଦପାଟଣା, ଦେବୀପାଟଣା, ନିମାପଡ଼ା ପ୍ରଭୃତି ସ୍ଥାନରେ କାଚରା ପରିବାର ରହୁଛନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶ ଗାଁ ଗହଳି ଓ ସହର ବୁଲି ବୁଲି ବିଭିନ୍ନ ପ୍ରକାର ଘରକରଣା ସାମଗ୍ରୀ ବିକ୍ରି କରିଥାନ୍ତି। ଯାହା ରୋଜଗାର କରନ୍ତି ସେଥିରେ ପରିବାର ଚଳାଇଥାନ୍ତି। ପ୍ରାୟ ମାସେରୁ ଊର୍ଦ୍ଧ୍ୱ ହେବ ସରକାରଙ୍କ କରୋନା କଟକଣାକୁ ମାନି ନିଜ ନିଜ ଘରେ ଏକପ୍ରକାର ହାତବାନ୍ଧି ବସିଛନ୍ତି। ବ୍ୟବସାୟ ପାଇଁ ମହାଜନଠାରୁ କିଣିଥିବା ଜିନିଷପତ୍ର ସେମାନଙ୍କ ପାଖରେ ପଡ଼ିରହିଛି। ମହାଜନ ଟଙ୍କା ପରିଶୋଧ କରିବା ପାଇଁ ବାରମ୍ବାର ତାଗିଦ କରୁଥିବା ବେଳେ ବର୍ତ୍ତମାନ ସ୍ଥିତିରେ ନିଜ ପରିବାର ଚଳାଇବା ଲାଗି ଅସମର୍ଥ ଥିବା ଏହି ଲୋକେ କ'ଣ କରିବେ କିଛି ବୁଦ୍ଧିବାଟ ପାଉନାହାନ୍ତି। ଓଡ଼ିଶାର ପ୍ରତ୍ୟେକ ଅଞ୍ଚଳରେ ଥିବା କାଚରା ପରିବାରକୁ ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇଦେବାକୁ କଳିଙ୍ଗ କାଚରା ଜାତି ମହାସଭା ପୁରୀ ପକ୍ଷରୁ ଦାବି କରାଯାଇଛି। ବିଭିନ୍ନ ଅଞ୍ଚଳର ଜନପ୍ରତିନିଧି ଏଭଳି ସଂକଟ ସମୟରେ ସହାନୁଭୂତି ସହ ସହଯୋଗ କରିବାକୁ ମହାସଭା ସଭାପତି ସୋମନାଥ ନନ୍ଦୀ, ସମ୍ପାଦକ ଗଗନବିହାରୀ ନନ୍ଦୀ, ବରିଷ୍ଠ ସଦସ୍ୟ ଦିବ୍ୟସିଂହ ସାହୁ ପ୍ରମୁଖ ନିବେଦନ କରିଛନ୍ତି।


ମାଛ ଧରିବା ପାଇଁ ଧୀବରମାନେ ଯାଉ ନ ଥିବାରୁ କଟକର ନରାଜ ଆନିକଟଠାରେ ଡଙ୍ଗାଗୁଡ଼ିକ ପଡ଼ିରହିଛି।

# ନିମାପଡ଼ାକୁ ବାହାର ରାଜ୍ୟରୁ ଫେରିବେ ୩ ହଜାର ଶ୍ରମିକ

**ନିମାପଡା,୨୬।୪(ଡି.ଏନ.ଏ)**

### ପ୍ରଶାସନ ଚିନ୍ତାରେ, ଲୋକେ ଭୟଭୀତ

କରୋନାକୁ ରୋକିବା ଲାଗି କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଉଛନ୍ତି। ରାଜ୍ୟ ସରକାର ସରପଞ୍ଚମାନଙ୍କୁ ଜିଲାପାଳ କ୍ଷମତା ପ୍ରଦାନ କରିଛନ୍ତି। ଲକ୍‌ଡାଉନ ଉଠିବା ପରେ ବାହାର ରାଜ୍ୟରେ କାମ କରିବାକୁ ଯାଇଥିବା ପୁରୀ ଜିଲା ନିମାପଡା ବ୍ଲକ ଓ ଏନଏସି ଅଞ୍ଚଳକୁ ପ୍ରାୟ ୩ ହଜାର ଶ୍ରମିକ ଫେରିବେ ବୋଲି ବ୍ଲକ୍ ପ୍ରଶାସନର ପ୍ରାରମ୍ଭିକ ଆକଳନରୁ ଜଣାପଡିଛି। ଏମାନଙ୍କୁ ନେଇ ନିମାପଡାରେ ପ୍ରଶାସନ ଏବେ ଚିନ୍ତାରେ ପଡିଯାଇଛି। ବାହାର ରାଜ୍ୟର ଶ୍ରମିକଙ୍କୁ ନେଇ କରୋନା ସଂକ୍ରମଣର ଆଶଙ୍କା କରି ନିମାପଡାବାସୀ ଭୟଭୀତ ହୋଇପଡିଛନ୍ତି। ବାହାର ରାଜ୍ୟର ଫେରନ୍ତା ଶ୍ରମିକଙ୍କ ପାଇଁ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ସେମାନଙ୍କ ନାମ ପଞ୍ଚାୟତରେ ରେଜିଷ୍ଟ୍ରେଶନ କରାଯାଉଛି। ସେମାନଙ୍କୁ ପଞ୍ଚାୟତ କ୍ୱାରାଣ୍ଟାଇନରେ ୧୪ ଦିନ ରଖିବାକୁ ସରକାରୀ ନିର୍ଦ୍ଦେଶ ରହିଛି। ଏମାନଙ୍କୁ ଟିଫିନ୍‌, ନାମ ପଞ୍ଜୀକରଣ, କ୍ୱାରାଣ୍ଟାଇନ ସେଣ୍ଟରରେ ରଖିବାକୁ ପ୍ରତ୍ୟେକ ପଞ୍ଚାୟତରେ ୫ଜଣିଆ କମିଟି ଗଠିତ ହୋଇଛି। ପଞ୍ଚାୟତଗୁଡିକରେ କ୍ୱାରାଣ୍ଟାଇନ ସେଣ୍ଟର ଅଧିକ କରାଯିବା ସହ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକରେ ଶଯ୍ୟା ସଂଖ୍ୟା ବୃଦ୍ଧି କରାଯାଉଥିବା ବିଡିଓ ମନୋଜ କୁମାର ବେହେରା ସୂଚନା ଦେଇଛନ୍ତି। ନିମାପଡା ବ୍ଲକରେ ଦୁଇଦିନ ମଧ୍ୟରେ ପ୍ରାୟ ୬୦ ଜଣ ରାଜ୍ୟ ବାହାରୁ ଫେରିବାକୁ ଥିବା ଶ୍ରମିକ ନାମ ପଞ୍ଜୀକରଣ କରାଇଛନ୍ତି ବୋଲି ବିଡିଓ ବେହେରା କହିଛନ୍ତି। ପ୍ରତ୍ୟେକ ପଞ୍ଚାୟତର ସରପଞ୍ଚମାନେ ଏବେ ରେଜିଷ୍ଟ୍ରେଶନ କାର୍ଯ୍ୟରେ ଲାଗି ପଡିଛନ୍ତି।

## ମୁମ୍ବାଇରୁ ବାଇକରେ ଫେରିଲେ ୪ ଶ୍ରମିକ

**ନିଶ୍ଚିନ୍ତକୋଇଲି,୨୬।୪(ସ୍ୱ.ପ୍ର.)** ଲକ୍‌ଡାଉନ ଅବଧି ପରେ ବାହାର ରାଜ୍ୟରେ ଥିବା ଶ୍ରମିକ ଓ ଅନ୍ୟମାନେ ଫେରିଲେ ସେମାନଙ୍କୁ ପଞ୍ଚାୟତ କ୍ୱାରାଣ୍ଟାଇନରେ ରଖାଯାଇ ଚିକିତ୍ସା କରିବାକୁ ସରକାରୀ ନିର୍ଦ୍ଦେଶ ରହିଛି। ଏନେଇ ପଞ୍ଜୀକରଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି। କିନ୍ତୁ ବିନା ରେଜିଷ୍ଟ୍ରେଶନରେ କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକର ଦାଉଦପୁର ଓ ନରେନ୍ଦ୍ରପୁର ପଞ୍ଚାୟତରୁ ୪ଜଣ ସଂଖ୍ୟାଲଘୁ ସମ୍ପ୍ରଦାୟ ଶ୍ରମିକ ମୁମ୍ବାଇରୁ ବାଇକ୍ ଯୋଗେ ଘରକୁ ଫେରିଥିବା ସୂଚନା ମିଳିଛି। ଏ ଖବର ପ୍ରଚାରିତ ହେବା ପରେ ଗାଁ ଲୋକମାନେ ସ୍ଥାନୀୟ ପଞ୍ଚାୟତ ଅଧିକାରୀଙ୍କୁ ଅବଗତ କରାଇଥିଲେ। ସାମାଜିକ କର୍ମୀ ହିମାଂଶୁ ଶେଖର ମହାନ୍ତି ସେମାନଙ୍କୁ ତାଙ୍କ ଘରୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ପରେ ସମ୍ପୃକ୍ତ ପଞ୍ଚାୟତରେ ହୋଇଥିବା ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରଖିବାସହ ବିଡିଓ ଏବଂ ତହସିଲଦାରଙ୍କୁ ଅବଗତ କରାଇଥିଲେ। ତେବେ ଯଦି ସେମାନେ କରୋନା ସଂକ୍ରମଣର ସୂଚନା ମିଳେ ତେବେ ସେମାନଙ୍କ ସ୍ୱାବ୍ ପରୀକ୍ଷା କରାଯିବ ବୋଲି ତହସିଲଦାର ଜିତେନ୍ଦ୍ର ପାତ୍ର ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ସରକାରୀ ନିୟମକୁ ଉଲ୍ଲଂଘନ କରି ଏମାନେ କିପରି ବାହାର ରାଜ୍ୟରୁ ବାଇକ୍ ଯୋଗେ ଆସିଲେ ସେନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯଦି ବିନା ରେଜିଷ୍ଟ୍ରେଶନରେ ଶ୍ରମିକ ଆସିପାରିଲେ ତେବେ ସେହିଭଳି ବହୁ ଲୋକ ଏହି ବାଟ ଦେଇ ଆସିବା ସନ୍ଦେହ କରାଯାଉଛି। ଏ ଦିଗରେ ପ୍ରଶାସନ ଦୃଷ୍ଟିଦେବାକୁ ଦାବି ହୋଇଛି।

## ପରିବାରର ମଙ୍ଗଳ ପାଇଁ ଘଡ଼ି ପତୁଲି ପୂଜା

**ପୁରୀ ଅଫିସ, ୨୬।୪**

ପବିତ୍ର ଅକ୍ଷୟ ତୃତୀୟା ଅବସରରେ ରବିବାର ପୁରୀ ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକରେ ନିଆରା ପରମ୍ପରା ଘଡ଼ି ପତୁଲି ପୂଜା ଅନୁଷ୍ଠିତ ହୋଇଛି। ଏହି ପୂଜା ଷଷ୍ଠୀ ଦେବୀଙ୍କ ଉଦ୍ଦେଶ୍ୟରେ କରାଯାଇଛି। ପ୍ରତ୍ୟେକ ଘରର ସଧବା ମହିଳାମାନେ ପ୍ରାତଃ ସ୍ନାନ କରି ଶୁଦ୍ଧ ବସ୍ତ୍ର ପରିଧାନ ପୂର୍ବକ ଘଡି ପତୁଲି ପୂଜା କରିଛନ୍ତି। ବିଶ୍ୱାସ ରହିଛି ଅକ୍ଷୟ ତୃତୀୟାରେ ଏହି ଘଡି ପତୁଲି ଭୋଗକୁ ଷଷ୍ଠୀ ଦେବୀଙ୍କୁ ଅର୍ପଣ କରି ପିଲାମାନଙ୍କୁ ବାଣ୍ଟିଲେ ପରିବାରର ମଙ୍ଗଳ ହେବା ସହିତ ସନ୍ତାନ ସନ୍ତତିମାନେ ଭଲରେ ରହିଥାନ୍ତି। ଏହି ପୂଜାବିଧି ସଂକ୍ରାନ୍ତରେ ଗବେଷକ ଡ. ନରେଶ ଚନ୍ଦ୍ର ଦାଶ କୁହନ୍ତି, ମାଟିରେ ତିଆରି ହୋଇଥିବା ଛୋଟ ଛୋଟ ଘଡି ଏବଂ ପତୁଲି (ମାଟି ସରା)କୁ ଆଣି ଏହାକୁ ଚୁନ ପାଣିରେ ବୁଡାଯାଇ ଏଥିରେ ବିଭିନ୍ନ ପ୍ରକାର ରଙ୍ଗ ଦିଆଯାଇଥାଏ। କେହି କେହି ୫ ହଳ, ୭ ହଳ ଅବା ୨୧ ହଳ ଆଣିଥାନ୍ତି । ଏଥିରେ ବିଭିନ୍ନ ପ୍ରକାର ଫଳମୂଳ, ମୁଢି ବା ଚୁଡ଼ା ଭଜା ଏବଂ ଖେଳଣା ପୂର୍ଣ୍ଣକରି ଷଷ୍ଠୀ ଦେବୀଙ୍କୁ ପାଣି ଛଡ଼ାଇଥାନ୍ତି। ଏହାପରେ ଏହିଘଡି ପତୁଲିକୁ ଛୋଟ ଛୋଟ ପିଲାଙ୍କୁ ବାଣ୍ଟି ଦିଆଯାଏ । ଅକ୍ଷୟ ତୃତୀୟାର ପ୍ରାୟ ୭ ଦିନ ପୂର୍ବରୁ ଏହି ଘଡି ପତୁଲିକୁ କିଣାଯାଇ ପ୍ରସ୍ତୁତ କରି ରଖାଯାଇଥାଏ।


ଷାଠି ମା'ଙ୍କ ଉଦ୍ଦେଶ୍ୟରେ ଘଡ଼ି ପତୁଲି ପୂଜା କରାଯାଉଛି।

# ଅଲାରନାଥ ମନ୍ଦିର ପରିସରରେ ହେଲା ଚାପ ନୀତି

**ବ୍ରହ୍ମଗିରି,୨୬।୪(ଡି.ଏନ.ଏ)** କରୋନା କଟକଣା ଯୋଗୁ ଅଲାରନାଥଙ୍କ ଚନ୍ଦନ ଯାତ୍ରା ପ୍ରଭାବିତ ହୋଇଛି। ରବିବାର ଅକ୍ଷୟତୃତୀୟାରେ ମନ୍ଦିର ଭିତରେ ଚନ୍ଦନ ଯାତ୍ରା ଆରମ୍ଭ ହୋଇଛି। ସୀମିତ ସଂଖ୍ୟକ ସେବାୟତଙ୍କୁ ନେଇ ମନ୍ଦିର ପରିସରରେ ଚନ୍ଦନ ଯାତ୍ରାର ସମସ୍ତ ନୀତି ସହ ପ୍ରତୀକ ଚାପଖେଳ ହୋଇଛି। ପରମ୍ପରା ଅନୁଯାୟୀ, ଅକ୍ଷୟ ତୃତୀୟାଠାରୁ ଅଲାରନାଥ ମନ୍ଦିରରେ ଶ୍ରୀଜୀଉଙ୍କ ଚଳନ୍ତି ପ୍ରତିମା ମଦନମୋହନ, ଲକ୍ଷ୍ମୀ ସରସ୍ୱତୀ, ରାମ, କୃଷ୍ଣ ବିମାନ ଓ ପାଲିଙ୍କିରେ ଯାଇ ଚନ୍ଦନ ପୋଖରୀରେ ଦିନ ଚାପ ଓ ରାତ୍ର ଚାପ ଖେଳିଥାନ୍ତି । କିନ୍ତୁ କରୋନା ଯୋଗୁ ମନ୍ଦିର ବନ୍ଦ ରହିଛି। ରବିବାର ସକାଳୁ ମନ୍ଦିରର ସମସ୍ତ ନୀତିକାନ୍ତି ସମ୍ପନ୍ନ ପରେ ଚନ୍ଦନ ଯାତ୍ରା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ମଧ୍ୟାହ୍ନ ଧୂପ ପରେ ଶ୍ରୀଜିଉମାନଙ୍କୁ ବାହୁ ବିଜେ କରାଯାଇ ମନ୍ଦିର ଚାରିପଟେ ବେଢା ବୁଲାଇ ଲକ୍ଷ୍ମୀମଣ୍ଡପରେ ଅସ୍ଥାୟୀ ଭାବେ ନିର୍ମିତ କରାଯାଯାଇଥିବା ଚନ୍ଦନ କୁଣ୍ଡ ନିକଟକୁ ଠାକୁରମାନଙ୍କୁ ନିଆଯାଇଥିଲା। ସେଠାରେ ପ୍ରତୀକ ଭାବେ ନିର୍ମିତ ଚାପ ଡଙ୍ଗା ନନ୍ଦା, ଭଦ୍ରାକୁ ଛୁଆଇଁ ଚାପନୀତି ସମ୍ପନ୍ନ କରାଯାଇଥିବା ମନ୍ଦିର ସେବାୟତ ନୀଳମଣି ସୁଆର କହିଛନ୍ତି।

## ପରୀକ୍ଷା ପାଇଁ ଗଲା ୨୯ ସ୍ୱାବ୍

**ଖୁଣ୍ଟୁଣୀ,୨୬।୪ (ଡି.ଏନ.ଏ.)** କଟକ ଜିଲା ଆଠଗଡ଼ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତକୁ ରାଜ୍ୟ ବାହାରୁ ଆସି କ୍ୱାରାଣ୍ଟାଇନରେ ଥିବା ୨୯ଜଣଙ୍କ ସ୍ୱାବ୍ ପରୀକ୍ଷା ପାଇଁ ରବିବାର ପଠାଯାଇଛି। ଖୁଣ୍ଟୁଣୀ ଥାନା ଅଧୀନ ମାଧପୁର ଗୋପବନ୍ଧୁ ଚିକିତ୍ସାଳୟରେ ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା ।

# କରୋନା ବଦଳାଇଲା ପରିଚୟ

**କଟକ ଅଫିସ,୨୬।୪**

### ନୃତ୍ୟଶିଳ୍ପୀରୁ ଗୋପାଳକ

ଦିନ ଥିଲା, ନିଜ ନୃତ୍ୟ ମାଧ୍ୟମରେ ସେ ଲୋକଙ୍କ କରତାଳି ସାଉଣ୍ଟୁଥିଲେ। ଜାତୀୟ ଏବଂ ଆନ୍ତର୍ଜାତୀୟ ସ୍ତରରେ ନିଜ ନୃତ୍ୟ ମାଧ୍ୟମରେ ସମସ୍ତଙ୍କ ମନ ଜିଣୁଥିଲେ। ଏବେ କିନ୍ତୁ କରୋନା ଯୋଗୁ ମଞ୍ଚ ବନ୍ଦ। ଫଳରେ ସେ ଓଡ଼ିଶୀ ନୃତ୍ୟଶିଳ୍ପୀରୁ ଗୋପାଳକ ଭାବେ ନୂଆ ପରିଚୟ ସୃଷ୍ଟି କରିଛନ୍ତି। ଏହି ବ୍ୟକ୍ତିଜଣଙ୍କ ହେଲେ ଡ. ଚିତ୍ତରଞ୍ଜନ ସାହାଣୀ। ମଞ୍ଚରୁ ଯାଇ ଏବେ ସେ ଗୋଶାଳାରେ ଗୋସେବାରେ ବ୍ୟସ୍ତ।

ଡ. ଚିତ୍ତରଞ୍ଜନ ସାହାଣୀ।


କରୋନା ଲକ୍‌ଡାଉନର ପ୍ରଭାବ ସମସ୍ତଙ୍କ ଉପରେ ପଡ଼ିଛି। ଖ୍ୟାତନାମା ଓଡ଼ିଶୀ ନୃତ୍ୟଶିଳ୍ପୀ ଡ. ଚିତ୍ତରଞ୍ଜନ ସାହାଣୀ ନିଜର ବୃତ୍ତି ହରାଇ ଏବେ ଗାଁରେ ରହିଛନ୍ତି। ନୃତ୍ୟ ତାଙ୍କର ନିଶା ଏବଂ ପେସା। ଦେଶ ବିଦେଶରେ ଓଡିଶୀ ନୃତ୍ୟ ପରିବେଷଣ କରି ସେ ପ୍ରାଂସା ସାଉଣ୍ଟିଛନ୍ତି। ଜଗତସିଂହପୁର ଜିଲା ରଘୁନାଥପୁର ଅନ୍ତର୍ଗତ ବସନ୍ତା ନିଜ ଗାଁ ହୋଇଥିଲେ ବି ସେ କଟକ ବକ୍ସିବଜାର ଅଞ୍ଚଳରେ ରହନ୍ତି । ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମ ସହ ଶିକ୍ଷାଦାନ ମଧ୍ୟ କରନ୍ତି। କଲେଜ ଛକରେ ନୃତ୍ୟଶାଳା ନାମକ ଏକ ଶିକ୍ଷାନୁଷ୍ଠାନ ରହିଛି। ସେଠାରେ ୨ଶହରୁ ଊର୍ଦ୍ଧ୍ୱ ପିଲାଙ୍କୁ ସେ ଓଡ଼ିଶୀ ଏବଂ କଥକ ନୃତ୍ୟ ଶିଖାନ୍ତି। ପ୍ରାୟ ୨୫ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସେ ଏହି ବୃତ୍ତିକୁ ଆପଣାଇଛନ୍ତି। ଅନେକ ପିଲା ତାଙ୍କଠାରୁ ଶିକ୍ଷାଲାଭ କରି ଦେଶବିଦେଶରେ ସୁନାମ ଅର୍ଜନ କରିଛନ୍ତି। ହେଲେ ଏଭଳି ସମୟରେ ତାଙ୍କର ପଥରୋଧକ ସାଜିଲା କରୋନା। ଲକ୍‌ଡାଉନ ପାଇଁ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ଥିବାରୁ ସେ ନିଜର ଗାଁକୁ ଚାଲିଯାଇ ଗୋସେବାରେ ବ୍ୟସ୍ତ ରହିଛନ୍ତି। ଗୋରୁଙ୍କ ସମେତ ହଂସ ଏବଂ ବହୁ ପଶୁପକ୍ଷୀଙ୍କର ସେବା କରୁଛନ୍ତି। ଏହା ତାଙ୍କୁ ଆନନ୍ଦ ଦେଉଛି ବୋଲି ଚିତ୍ତରଞ୍ଜନ କହିଛନ୍ତି।

# ମନ୍ତ୍ରୀଙ୍କ କରୋନା ସଚେତନତା

**ଚୌଦ୍ୱାର,୨୬।୪ (ଡି.ଏନ୍.ଏ.)**

ଖାଦ୍ୟ ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଆଠଗଡ଼ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଟାଙ୍ଗୀ–ଚୌଦ୍ୱାର ବ୍ଲକ ଅଧୀନ ୫ ପଞ୍ଚାୟତର ସରପଞ୍ଚଙ୍କୁ କରୋନା ସଂକ୍ରମଣରୁ ରକ୍ଷା ପାଇବା ପାଇଁ ସଚେତନ କରାଇଥିଲେ। ସାମାଜିକ ଦୂରତା ବଜାୟ ରଖିବା, ମେଳି ନ କରିବା , ସଙ୍ଗରୋଧ, ସ୍ୱଚ୍ଛତା ଓ ଗ୍ରାମକୁ ଆସୁଥିବା ବାହାର ଲୋକଙ୍କ ସମ୍ପର୍କରେ ସୂଚନା ପ୍ରଦାନ କରିବା ଆଦି ଦାୟିତ୍ୱ ବିଷୟରେ ଅବଗତ କରାଇଥିଲେ। ଏହି ଅବସରରେ ବ୍ରହ୍ମପୁର ଏବଂ ଶଙ୍କରପୁର ବଡ଼ସାମନ୍ତରାପୁର ଗ୍ରାମ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ,ୱାର୍ଡ ମେମ୍ବର ଓ ଏଲ୍ଏମ୍ ତରଫରୁ ଏମ୍‌ବିକେ, ସିଆର୍‌ପି ଓ ଏସ୍ଏଚ୍‌ଜି ଗ୍ରୁପ୍ ମିଶି ୪୦ହଜାରରୁ ଊର୍ଦ୍ଧ୍ୱ ଅର୍ଥରାଶି ମନ୍ତ୍ରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିକୁ ପଠାଇଥିବା ଜଣାପଡ଼ିଛି। ଅନ୍ୟମାନଙ୍କ ମଧ୍ୟରେ କଟକ ଜିଲା ବିଜୁ ଜନତାଦଳର ସମ୍ପାଦକ ଶେଖ୍ ଶାହାଜାହାନ୍, ଜିଲା ପରିଷଦ ସଦସ୍ୟ ମଧୁସ୍ମିତା ସେଠୀ, ସରପଞ୍ଚ ସୁଜାତା ରାଉତ, ସୁକାନ୍ତ ରାଉତ, ମମତା ଦେହୁରୀ, ବିଦ୍ୟାଧର ରାଉତ, ରମେଶ ହାତୀ, ସରୋଜ ଖଟୁଆ, ପରମାନନ୍ଦ ସ୍ୱାଇଁ ପ୍ରମୁଖ ମନ୍ତ୍ରୀଙ୍କ ସହିତ ସାମିଲ ହୋଇଥିଲେ।

# ଡ୍ରୋନ୍ କଲା ସାନିଟାଇଜେଶନ

**ନରାଜ,୨୬।୪ (ଡି.ଏନ.ଏ.)**

ବାରଙ୍ଗ ଥାନା ଅନ୍ତର୍ଗତ କଟକ ମହାନଗର ନିଗମର ୩ନଂ ୱାର୍ଡରେ ଡ୍ରୋନ ସାହାଯ୍ୟରେ ସାନିଟାଇଜେଶନ ଆରମ୍ଭ ହୋଇଛି। ୱାର୍ଡ ନଂ୩ରେ ଥିବା ବିଦ୍ୟାଧରପୁର ଓ ଷଣ୍ଢପୁର ଗ୍ରାମରେ ରବିବାର ଅପରାହ୍ନରେ ଏହା କରାଯାଇଛି। ପରେ ବିଭିନ୍ନ ପର୍ଯ୍ୟାୟରେ ବେଷ୍ଟକାରପଡ଼ା ଓ ଷଣ୍ଢପୁର ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରକୁ ସାନିଟାଇଜେଶନ କରାଯିବ ବୋଲି ମହାନିଗର ନିଗମ ପକ୍ଷରୁ ସୂଚନା ଦିଆଯାଇଛି। ସାନିଟାଇଜେଶନ କାର୍ଯ୍ୟକ୍ରମ ସିଏମସିର କର୍ମଚାରୀ ଓ ଗୋଡିସାହି ଫାଣ୍ଡି ସହାୟତାରେ କରାଯାଇଥିଲା।


ବିଦ୍ୟାଧରପୁର ଓ ଷଣ୍ଢପୁରଠାରେ ଡ୍ରୋନ୍ ସାହାଯ୍ୟରେ ସାନିଟାଇଜ୍ କରାଯାଉଛି।

# ଯମଦଣ୍ଡଠୁ ବଳିଲାଣି ରାତ୍ରିଯାପନ

**କଟକ ଅଫିସ,୨୬।୪**

- ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ସଂସ୍ଥାନ
- ଦୁର୍ଦ୍ଦଶା ଭୋଗୁଛନ୍ତି ରୋଗୀଙ୍କ ସମ୍ପର୍କୀୟ

ଓଡ଼ିଶା ତଥା ପୂର୍ବ ଭାରତରେ କ୍ୟାନସର ରୋଗର ଚିକିତ୍ସା ନିମନ୍ତେ କଟକସ୍ଥ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ସଂସ୍ଥାନ ହେଉଛି ଏକ ନିର୍ଭରଯୋଗ୍ୟ ଅନୁଷ୍ଠାନ। ଏଠାକୁ ପ୍ରତିଦିନ ବିଭିନ୍ନ ଅଞ୍ଚଳରୁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ମନରେ ଆଶା, ଭରସା ରଖି ଆସିଥାନ୍ତି। ତେଣୁ ଯେତେ ଦୂର ହେଲେ ବି ରୋଗରୁ ଉପଶମ ପାଇବା ପାଇଁ ଏବେ କରୋନା ଅନୁଶାସନକୁ ସାମ୍ନା କରି ବହୁ କଷ୍ଟରେ ଆସି ପହଞ୍ଚୁଛନ୍ତି। କିନ୍ତୁ କରୋନା ନିୟମ ଓ ଅନୁଶାସନ ଯୋଗୁ ସେମାନଙ୍କ ସମସ୍ୟା ବଢିଯାଉଛି। ବିଶେଷକରି ରାତ୍ରିଯାପନ ପାଇଁ ହଇରାଣ ହେଉଛନ୍ତି ରୋଗୀଙ୍କ ସମ୍ପର୍କୀୟ। ବର୍ତ୍ତମାନ ପରିସ୍ଥିତିରେ ଏଠାକାର ରାତ୍ରିଯାପନ ସ୍ଥଳରେ ନିର୍ଦ୍ଧାରିତ ସଂଖ୍ୟକ ଶଯ୍ୟାଠାରୁ ଅଧା ଲୋକଙ୍କୁ ସୁବିଧା ଦିଆଯାଉଛି। ସାମାଜିକ ଦୂରତ୍ୱ ବଜାୟ ରଖିବାକୁ ମେଡିକାଲ କର୍ତ୍ତୃପକ୍ଷ ଏଭଳି ନିଷ୍ପତ୍ତି ନେଇଛନ୍ତି। ତେବେ ଏହା ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ପାଇଁ ଯମଦଣ୍ଡ ସଦୃଶ ପାଲଟିଛି। କେତେଜଣ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ କହିବା ଅନୁଯାୟୀ, ଏଠାରେ ପହଞ୍ଚିବା ପରେ କରୋନା ସହ ଅନ୍ୟାନ୍ୟ ପରୀକ୍ଷା ପାଇଁ ଲେଖାଯାଇଥାଏ। ଏସବୁକୁ ପୂରା କରିବା ନିମନ୍ତେ ପ୍ରାୟ ୩ଦିନରୁ ଅଧିକ ସମୟ ଲାଗିଯାଉଛି। ବେଳେବେଳେ ରୋଗୀର ଆଡମିଶନ ବିଳମ୍ବ ହେଉଛି। ତେଣୁ ତାଙ୍କ ସହିତ ଆସିଥିବା ସମ୍ପର୍କୀୟମାନଙ୍କୁ ବାଧ ହୋଇ ହସ୍ପିଟାଲ ବାହାରେ ରାସ୍ତାକଡ଼ରେ ରାତ୍ରିଯାପନ କରିବାକୁ ପଡୁଛି। ଗୋଟିଏ ପଟେ ଏଠାରେ ଥିବା ଧର୍ମଶାଳାରେ ପୂର୍ବରୁ କେତେଜଣ ରୋଗୀଙ୍କ ସମ୍ପର୍କୀୟ ରହିଛନ୍ତି। ଦିନତମାମ ପ୍ରବଳ ଖରା ଓ ଅପରାହ୍ନରେ ବର୍ଷା ହେଲେ ପରିସ୍ଥିତି ବେହାଲ ହୋଇପଡୁଛି।

### ସେମାନେ କୁହନ୍ତି...


"୫ ଦିନ ହେବ କଟକକୁ ଆସିଲୁଣି। ହେଲେ ରହିବାକୁ ଏଠାରେ କୌଣସି ବନ୍ଦୋବସ୍ତ କରି ପାରିଲୁନି। ମେଡିସିନ ନେଇ ବାଧ ହୋଇ ଘରକୁ ଫେରିଯାଉଛୁ। ୨ଦିନ ତଳେ ବର୍ଷାରେ ରାତି କାଟିଛୁ। ଏହା ଯମ ଯନ୍ତ୍ରଣା ସହ ସମାନ।
**–ଭାର୍ଗବୀ ପ୍ରଧାନ, ରୋଗୀ ସମ୍ପର୍କୀୟ, ବୌଦ୍ଧ**


"ରୋଗୀ ସହ ଆସି ଆମେ ବି ରୋଗୀ ପାଲଟିଗଲୁଣି। ଏଠାରେ ରହିବା ପାଇଁ କୌଣସି ସୁବିଧା ପାଇନାହୁଁ। ଏହା ରାଜ୍ୟର ଏକ ବଡ ଡାକ୍ତରଖାନା ବୋଲି ଜାଣିଥିଲୁ। ହେଲେ ନାନା ଅବ୍ୟବସ୍ଥା ଆମକୁ ବିଚଳିତ କରି ସାରିଲାଣି। ୮ ଦିନ ପରେ ନିରାଶ ହୋଇ ଘରକୁ ଫେରୁଛୁ।
**– ଆରତି ପ୍ରଧାନ, ରୋଗୀ ସମ୍ପର୍କୀୟ, ମୟୂରଭଞ୍ଜ**

"ରୋଗୀଙ୍କ ସମସ୍ୟା ପ୍ରତି ପ୍ରାଥମିକତା ଦିଆଯାଉଛି। ସେମାନେ କିଭଳି କୌଣସି ସମସ୍ୟା ନ ଭୋଗିବେ ସେଥିପାଇଁ ଆମେ ସଜାଗ ରହୁଛୁ। ତଥାପି କିଛି ଅଭିଯୋଗ ଆସିଛି । ଯେଉଁମାନେ ଆଶ୍ରୟ ବ୍ୟବସ୍ଥା ପାଉନାହାନ୍ତି ସେମାନଙ୍କୁ ଖବର ପାଇବା କ୍ଷଣି ଏମରଜେନ୍ସି ବିଭାଗରେ ଭର୍ତ୍ତି କରୁଛୁ।
**–ଡା. ଲଲାଟେନ୍ଦୁ ଷଡ଼ଙ୍ଗୀ, ନିର୍ଦ୍ଦେଶକ, ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ସଂସ୍ଥାନ**

## ସଂକ୍ଷେପରେ

### ମନ୍ଦିର ଭିତରେ ନୀଳମାଧବ ଜୀଉଙ୍କ ଚନ୍ଦନ ନୀତି



**ଖଣ୍ଡପଡ଼ା,୨୬।୪(ସ୍ୱ.ପ୍ର.):** ପବିତ୍ର ଅକ୍ଷୟ ତୃତୀୟାଠାରୁ ଶ୍ରୀ ନୀଳମାଧବ ଜୀଉଙ୍କ ଚନ୍ଦନ ଯାତ୍ରା କାହିଁ କେଉଁ କାଳରୁ ଚଳିଆସୁଛି। ଏହି ଦିନଠାରୁ ୨୧ଦିନ ଧରି ଠାକୁରଙ୍କ ଜଳକ୍ରୀଡା ନୀତି ଚନ୍ଦନ ପୋଖରୀରେ ସମ୍ପନ୍ନ ହୋଇଥାଏ। ଠାକୁର ଚାଚେରି ଖାଇବା ପାଇଁ ଗ୍ରାମ ମଧ ବିଜେ କରିଥାନ୍ତି। ମାତ୍ର ସମ୍ପ୍ରତି କରୋନା ଭୟାବହତାକୁ ଦୃଷ୍ଟିରେ ରଖି ଲକ୍‌ଡାଉନ ଜାରି ରହିଥିବାରୁ ଏହି ପରମ୍ପରାରେ ବ୍ୟତିକ୍ରମ ଦେଖାଦେଇଛି। ଦୀର୍ଘ ବର୍ଷର ପରମ୍ପରା ବନ୍ଦ ହେବାକୁ ଯାଉଥିବାରୁ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ରବିବାର ଠାକୁରଙ୍କ ଚନ୍ଦନ ନୀତି ମନ୍ଦିର ଭିତରେ ସମ୍ପନ୍ନ ହୋଇଛି। ଏକ ପାତ୍ରରେ ଚନ୍ଦନ, କର୍ପୂର ମିଶ୍ରିତ ଜଳରେ ଠାକୁରଙ୍କୁ ସ୍ନାନ କରାଯାଇଛି। ଅଳ୍ପ କେତେଜଣ ସେବାୟତଙ୍କ ଦ୍ୱାରା ଏହି ନୀତି ସୂଚାରୁରୂପେ ସମ୍ପନ୍ନ ହୋଇଛି।

### ଭଦ୍ରମଣ୍ଡପରେ ଚାପ ଖେଳିଲେ ଶ୍ରୀରଘୁନାଥ ଜୀଉ



**ଓଡ଼ଗାଁ, ୨୬।୪(ସ୍ୱ.ପ୍ର.):** କରୋନା କଟକଣା ଯୋଗୁ ଓଡ଼ଗାଁ ବିଜେ ଶ୍ରୀରଘୁନାଥ ଜୀଉଙ୍କ ଚନ୍ଦନଯାତ୍ରାରେ ବ୍ୟତିକ୍ରମ ଦେଖାଦେଇଛି। ପଦ୍ମସାଗର ପରିବର୍ତ୍ତେ ଶ୍ରୀଜୀଉ ମନ୍ଦିର ଭିତର ଭଦ୍ରମଣ୍ଡପ ଚନ୍ଦନ କୁଣ୍ଡରେ ବୁଡିରହି ଚାପ ଖେଳିଛନ୍ତି। ପ୍ରଭୁ ଶ୍ରୀରାମ, ମାତା ସୀତା, ଅନୁଜ ଲକ୍ଷ୍ମଣଙ୍କ ବିଜେ ପ୍ରତିମା ଆଜ୍ଞାମାଳ ପାଇବା ପରେ ସମସ୍ତ ନୀତକାନ୍ତି କରାଯାଇ ଜଗମୋହନଙ୍କୁ ଭଦ୍ରମଣ୍ଡପକୁ ବିଜେ କିରାଯାଇଥିଲା। ଭୋଗ ଲାଗି ସହିତ ଆଳତି ଅର୍ପଣ ପରେ ଠାକୁରଙ୍କୁ ଚନ୍ଦନ କୁଣ୍ଡର ସୁବାସିତ ଜଳରେ ଅବସ୍ଥାନ କରାଯାଇଥିଲା। ଦିନତମାମ ପ୍ରଭୁ ଚନ୍ଦନ କୁଣ୍ଡରେ ବୁଡିରହିବା ପରେ ରାତିରେ ଚନ୍ଦନ କୁଣ୍ଡରୁ ବାହାର କରି ଭୋଗ ନୈବେଦ୍ୟ ଅର୍ପଣ କରାଯାଇଥିଲା। ଉପର ବେଢ଼ା ପରିକ୍ରମା ସାରିବା ପରେ ମନ୍ଦିର ପ୍ରବେଶ କରାଯାଇଥିଲା। ବଡସିଂଗାର ଆଦି ନୀତି ପରେ ଶ୍ରୀଜୀଉଙ୍କୁ ପହଡ କରାଯାଇଥିଲା। ମନ୍ଦିର ପାଳିଆ ପଣ୍ଡା ନାରାୟଣ ମହାପାତ୍ର ଓ ଯାତ୍ରା ପଣ୍ଡା ଅଶୋକ ନନ୍ଦ, ମନ୍ଦିର ପରିଚ୍ଛା ହରିବନ୍ଧୁ ଷଡଙ୍ଗୀ, ପୂଜକ ପରିଷଦ କାର୍ଯ୍ୟକର୍ତ୍ତା ଏବଂ ମନ୍ଦିର ପରିଚାଳକ ଜିତେନ୍ଦ୍ର କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଚନ୍ଦନ ଯାତ୍ରା ନୀତି ସମ୍ପାଦିତ ହୋଇଥିଲା।

### ଗୋକୁଳାନନ୍ଦ ଜୀଉଙ୍କ ଦହିପଖାଳ ନୀତି ଆରମ୍ଭ

**ଖଣ୍ଡପଡ଼ା,୨୬।୪(ସ୍ୱ.ପ୍ର.):** ରବିବାର ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଖଣ୍ଡପଡା ବ୍ଲକ ସିଧାମୂଳା ପଞ୍ଚାୟତର ଗୋକୁଳାନନ୍ଦ ଜୀଉଙ୍କ ଦହିପଖାଳ ନୀତି ଆରମ୍ଭ ହୋଇଛି। ଓଡିଆ ନବବର୍ଷର ପ୍ରଥମ ପର୍ବ ହେଉଛି ଅକ୍ଷୟ ତୃତୀୟା। ପ୍ରାତଃ ସମୟରେ ଗୋକୁଳାନନ୍ଦ ଜୀଉ, ମହାବୀର ଓ ଆଖଣ୍ଡଳମଣୀଙ୍କୁ କ୍ଷୀର, ମହୁ ଓ ଦହିରେ ସ୍ନାନ କରାଯାଇ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ସେହିପରି ନୀଳମାଧବ ଜୀଉ ପୀଠସ୍ଥ ମା' ଶ୍ମଶାନ ଚଣ୍ଡୀ ପୀଠରେ ହୋମଯଜ୍ଞ ସହ ପାରମ୍ପରିକ ପୂଜାନୀତି ମନ୍ଦିର ପରିଚାଳକ ସଚ୍ଚିଦାନନ୍ଦ ଦାଶଙ୍କ ଦ୍ୱାରା ସମ୍ପନ୍ନ ହୋଇଥିଲା।

# ୪୦ ହଜାର ହେକ୍ଟର ମୁଗ ଫସଲ ନଷ୍ଟ

**ଜଗତ୍‌ସିଂହପୁର ଅଫିସ,୨୬।୪**



ବର୍ଷା ଯୋଗୁ ବିଲରେ ଓପଡ଼ା ହୋଇ ପଡ଼ିଥିବା ମୁଗ ଫସଲ ନଷ୍ଟ ହୋଇଯାଇଛି।

**ଜଗତ୍‌ସିଂହପୁର ଜିଲା**
- ମୁଣ୍ଡରେ ହାତ ଦେଇ ବସିଛନ୍ତି ଚାଷୀ
- ଅକ୍ଷିମୁଠି ଅନୁକୂଳ ହେଲାନି

ଜଗତ୍‌ସିଂହପୁର ଜିଲାରେ ଚଳିତବର୍ଷ ପ୍ରାୟ ୪୦ ହଜାର ହେକ୍ଟର ଜମିରେ ହୋଇଥିବା ମୁଗ ଫସଲ ନଷ୍ଟ ହୋଇଯାଇଛି। କେବଳ ଏହିବର୍ଷ ନୁହେଁ, ଲଗାତର ୩ ବର୍ଷ ହେବ ଖରାପ ପାଣିପାଗ ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି। ଅନ୍ୟପଟେ ଚାଷୀକୂଳ ଖରିଫ ଧାନ ଚାଷ ପାଇଁ ଅକ୍ଷୟ ତୃତୀୟାରେ ଅକ୍ଷିମୁଠି ଅନୁକୂଳ କରିବା ପରମ୍ପରା ରହିଥିଲେ ମଧ ଏଠାରେ ବ୍ୟତିକ୍ରମ ଲକ୍ଷ୍ୟ କରାଯାଇଛି। ଅଧିକାଂଶ ଚାଷୀ ଅକ୍ଷିମୁଠି ଅନୁକୂଳ ତ ଦୂରର କଥା ବିଲରେ ପାଦ ବି ଥାପିନାହାନ୍ତି।

ଏବେ ମୁଗ ଫସଲର ଅମଳ ସମୟ। ଯଦି ଏହି ଫସଲ ଅମଳ ହୋଇ ପାରିଥାନ୍ତା ତେବେ ସର୍ବନିମ୍ନ ୨ଲକ୍ଷ କୁଇଣ୍ଟାଲ ସଂଗ୍ରହ କରାଯାଇ ପାରିଥାନ୍ତା। କିନ୍ତୁ ଖରାପ ପାଣିପାଗ ତଥା ଲଗାତର ୪ ଦିନ ବର୍ଷା ଯୋଗୁ ଫସଲ ପ୍ରଭାବିତ ହୋଇଛି। ବିଲରେ ପାଣି ଯୋଗୁ ମୁଗ ଅମଳ ସମ୍ଭବ ହେଉନି। ଅନେକ ସ୍ଥାନରେ ମୁଗ ଗଜା ହୋଇ ଯାଇଥିବା ଲକ୍ଷ୍ୟ କରାଯାଉଛି। ଏ ସମ୍ପର୍କରେ ନାଉଗାଁ ବ୍ଲକ ଗଳଧାରୀ ପଞ୍ଚାୟତ ଏରଡ଼ା ଗ୍ରାମର ଚାଷୀ ମହେନ୍ଦ୍ର ନାୟକ କହିଛନ୍ତି, ସେ ଏବର୍ଷ ୪ ଏକର ବିଲରେ ମୁଗ ଚାଷ କରିଛନ୍ତି। ଏଥିମଧ୍ୟରେ ମାତ୍ର ୧୨ ଗୁଣ୍ଠ ବିଲରୁ ମୁଗ ଓପଡ଼ା ଯାଇଛି। ମାତ୍ର ଏତେ ଜମିରୁ ୧ ଗୌଣି ବି ମୁଗ ଅମଳ ନ ହେବା କଷ୍ଟ ଦେଇଛି। ଲଗାତର ବର୍ଷା ଯୋଗୁ ଅବଶିଷ୍ଟ ଅମଳ ହେଲାଭଳି ଲାଗୁନି। ଯାହା କିଛି ମିଳିଥାନ୍ତା ତାହା ଗଜା ଅବସ୍ଥାକୁ ଚାଲିଗଲାଣି। କେବଳ ନାୟକ ନୁହନ୍ତି, ଜିଲାର ଅଧିକାଂଶ ଚାଷୀ ନିରାଶ ହୋଇ ହାତ ଟେକି ଦେଇଛନ୍ତି। ସ୍ଥାନୀୟ କେତେଜଣ କୃଷିବିତ୍ କହିଛନ୍ତି, ୩/୪ ବର୍ଷ ହେବ ପାଣିପାଗରେ ପରିବର୍ତ୍ତନ ଆସିଛି। ଧାନ ଅମଳ ସମୟରେ ବର୍ଷା ହେବାରୁ ଆର୍ଦ୍ରତା ବଢି ଯାଉଛି। ତେଣୁ ଅମଳ ଡେରି ହୋଇଯାଉଛି। ଜମି ପାଗ ହେଲାପରେ ମୁଗ ବୁଣାଯାଉଛି। ମୁଗ ଅମଳ ବେଳକୁ କାଳବୈଶାଖୀ ଦାଉ ସାଧୁଛି। କେବଳ ଏତିକି ନୁହେଁ, ଯେଉଁ ସମୟରେ ମୁଗ ଗଛକୁ ଉଷ୍ମତା ଦରକାର ସେତେବେଳେ ମଧ ବର୍ଷା ହୋଇଯାଉଛି। ଚଳିତବର୍ଷ ଅନୁରୂପ ପାଣିପାଗ ଯୋଗୁ ମୁଗ ଫସଲ ଭଲ ହୋଇ ନ ଥିଲା। ଏ ପରିସ୍ଥିତିରେ ନଭେମ୍ବର ସୁଦ୍ଧା ଯେପରି ଧାନ ଅମଳ ହୋଇପାରିବ ସେଭଳି ଅର୍ଥାତ୍ କମ ଦିନିଆ ଧାନ ଚାଷ କରିବା କଥା। ତାହା ହେଲେ ମୁଗ ବିହନ ଠିକ ସମୟରେ ବୁଣାଯାଇପାରନ୍ତା ଏବଂ କ୍ଷତି ହେବାର ସମ୍ଭାବନା କମିଯାଆନ୍ତା ବୋଲି ଚିନ୍ତା କରାଯାଉଛି। ଅନ୍ୟପକ୍ଷରେ ରବିବାର ଅକ୍ଷୟ ତୃତୀୟାରେ ଅକ୍ଷିମୁଠି ଅନୁକୂଳ ହେବା କଥା। ଅତୀତରେ ଏହି ଦିନରୁ ଚାଷୀ ଖରିଫ ଚାଷ ପାଇଁ ଧାନ ବୁଣୁଥିଲେ। ଯଦ୍ୱାରା ଜୁନରେ ଅର୍ଥାତ୍ ରଜ ସମୟରେ ଧାନ ଫୁଟେ ଉଚ୍ଚର ହୋଇ ଯାଉଥିଲା। କିନ୍ତୁ ଏବେ ଜୁଲାଇ ୨୦ ତାରିଖ ପରେ କେନାଲରେ ପାଣି ଆସିଲେ ଚାଷୀ ଧାନ ରୋଉଛନ୍ତି। ତଳି ପକାଇବା ପାଇଁ ପାଣି ସମସ୍ୟା ଯୋଗୁ ଚାଷୀ ଏଭଳି କରୁଛନ୍ତି। କହିବାକୁ ଗଲେ ପାଣିପାଗ ଚାଷୀ ଉପରେ ଦାଉ ସାଧୁଛି। ଏ ସମ୍ପର୍କରେ ଜିଲା କୃଷି ଅଧିକାରୀ ରବି ନାରାୟଣ ମହାପାତ୍ରଙ୍କୁ ପଚାରିବାରୁ ସେ କହିଥିଲେ, ବାସ୍ତବରେ ଜିଲାର ମୁଗ ଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି। ଏହାର ଆକଳନ କରାଯାଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ।

# ଭଦ୍ରକ କରୋନା ପଜିଟିଭଙ୍କ ସହ ରସୁଲପୁର ଲିଙ୍କ

**ରସୁଲପୁର,୨୬।୪(ଡିଏନଏ)**

ଯାଜପୁର ଜିଲା ରସୁଲପୁର ବ୍ଲକରୁ ପ୍ରଥମ କରୋନା ସଂକ୍ରମିତ ଚିହ୍ନଟ ହୋଇଥିଲେ। ଏବେ ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇ ୧୮ରେ ପହଞ୍ଚିଛି। ଭଦ୍ରକ ଜିଲାରେ ଚିହ୍ନଟ ୯୧, ୯୨, ୯୩, ୯୪ କରୋନା ସଂକ୍ରମିତଙ୍କ ଟ୍ରାଭେଲ ହିଷ୍ଟ୍ରି ଜାରି ହେବାପରେ ରସୁଲପୁର ବ୍ଲକରେ ଆତଙ୍କ ଖେଳିଯାଇଛି। ଭଦ୍ରକ ଜିଲା ତିହିଡ଼ି କାନପୁର ପୀରହାଟର ଜଣେ ୪୩ ବର୍ଷୀୟ ବ୍ୟକ୍ତି ହେଉଛନ୍ତି ୯୨ନଂ କରୋନା ସଂକ୍ରମିତ। ସେ ଏପ୍ରିଲ ୧୨ରେ କୁଆଖିଆ ବଜାରରୁ ଏକ ଅଟୋ ଯୋଗେ ଯାଜପୁର ଟାଉନ ଯାଇଥିଲେ। ଉକ୍ତ ଅଟୋରେ ୧୦ଜଣ ରହିଥିବାବେଳେ ସେମାନେ କେଉଁ ଅଞ୍ଚଳର ତାହା ସ୍ପଷ୍ଟ ହୋଇନାହିଁ। ସେହିଭଳି ୯୩ ନଂ ସଂକ୍ରମିତ ଧାମନଗର ଅଞ୍ଚଳର ଜଣେ ୨୪ ବର୍ଷୀୟ ଯୁବକ ବୋଲି ଜଣାପଡିଛି। ସେ କଲିକତାର ବହୁବଜାରରେ ରହି କାମ କରୁଥିଲେ। ସେ ମାର୍ଚ୍ଚ ୨୬ରେ ଏକ ଭଡ଼ାଗାଡିରେ ବହୁବଜାରରୁ ଧାମନଗର ଆସିଥିଲେ। ତାଙ୍କ ସହ ଆଉ ୬ଜଣ ସେହି ଗାଡ଼ିରେ ଆସିଥିଲେ। ଅନ୍ୟ ୬ଜଣଙ୍କ ମଧ୍ୟରେ ଜଣେ ରସୁଲପୁର ବ୍ଲକ ଅଞ୍ଚଳର ବୋଲି ଚର୍ଚ୍ଚା ହେଉଛି। ଉକ୍ତ ବ୍ୟକ୍ତି ଜଣକ କଲିକତା ଫେରନ୍ତା ହୋଇଥିବାରୁ ସେ କ୍ୱାରାଣ୍ଟାଇନ କେନ୍ଦ୍ରରେ ରହୁଛନ୍ତି। ତାଙ୍କ ସହ ସିଧାସଳଖ ତାଙ୍କ ପୁଅ ସଂସ୍ପର୍ଶରେ ଆସିଥିବାରୁ ଉଭୟଙ୍କୁ ପଞ୍ଚାୟତ କ୍ୱାରାଣ୍ଟାଇନରେ ରଖାଯାଇଛି। ଏସବୁ ଜାଣିବା ପରେ ପ୍ରଶାସନ ପକ୍ଷରୁ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କୁ ଚିହ୍ନଟ ପାଇଁ ତତ୍ପରତା ପ୍ରକାଶ ପାଇଛି।

# ଅକ୍ଷିମୁଠି ଅନୁକୂଳ କଲେ କୃଷିମନ୍ତ୍ରୀ

**ନୟାଗଡ଼ ଅଫିସ,୨୬।୪**

ଜମିରେ ଚାଷ କରି ଅକ୍ଷିମୁଠି ଅନୁକୂଳ କରିଛନ୍ତି କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଓ ଉଚ୍ଚ ଶିକ୍ଷାମନ୍ତ୍ରୀ ତଥା ନୟାଗଡ ବିଧାୟକ ଅରୁଣ ସାହୁ। ନୟାଗଡ ଦଳୀୟ କାର୍ଯ୍ୟାଳୟ ନିକଟସ୍ଥ ଜଣେ ଚାଷୀଙ୍କ ଜମିରେ ପୂଜାର୍ଚ୍ଚନା ପରେ ମନ୍ତ୍ରୀ ହଳ ବୁଲାଇଥିଲେ। ଧାନ ବୁଣି ସେ ଚାଷୀମାନଙ୍କ ଉଦ୍ଦେଶ୍ୟରେ କହିଥିଲେ, ଚଳିତ ବର୍ଷ ପାଣିପାଗ ଚାଷ ପାଇଁ ଭଲ ରହିଛି। କୃଷି କାର୍ଯ୍ୟ ପାଇଁ କରୋନା କଟକଣାକୁ ରାଜ୍ୟ ସରକାର କୋହଳ କରିଛନ୍ତି। ଚାଷୀ ସମାଜିକ ଦୂରତ୍ୱ ରକ୍ଷା କରି ଚାଷ କାର୍ଯ୍ୟରେ ଆଗେଇଯିବାକୁ ସେ ପରାମର୍ଶ ଦେଇଛନ୍ତି।

# ମିଳିନି ଖାଦ୍ୟ, ଉପବାସରେ ଶ୍ରମିକ

**ରତ୍ନଗିରି,୨୬।୪(ଡି.ଏନ.ଏ)**

**ପ୍ରଶାସନର ପ୍ରତିଶ୍ରୁତି ପାଣିର ଗାର**



ଖାଦ୍ୟରୁ ବଞ୍ଚିତ ହୋଇଥିବା ଶ୍ରମିକମାନେ।

କରୋନା ଯୋଗୁ ରାଜ୍ୟ କିମ୍ବା ଜିଲା ବାହାରୁ ଶ୍ରମିକମାନେ କାମ ସନ୍ଧାନରେ ବରୀ ବ୍ଲକକୁ ଆସିଥିଲେ। ମାତ୍ର ଲକ୍‌ଡାଉନ ପରେ କାମଧନ୍ଦା ବନ୍ଦ ହୋଇଯିବାରୁ ସେମାନେ ଏଠାରେ ଅଟକି ରହିଯାଇଛନ୍ତି। ଫଳରେ ଖାଇବାକୁ ନ ପାଇ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଟକି ରହିଥିବା ଶ୍ରମିକଙ୍କ ଖାଦ୍ୟପେୟର ଦାୟିତ୍ୱ ସରକାରୀସ୍ତରରେ ବହନ କରାଯିବ ବୋଲି ସବୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଜିଲାପାଳ ଏହି ନିୟମକୁ କଡ଼ାକଡ଼ିଭାବେ ପାଳନ କରିବାକୁ ବ୍ଲକସ୍ତରୀୟ ଅଧିକାରୀଙ୍କୁ ପତ୍ର ମାଧ୍ୟମରେ ଅବଗତ କରାଇଥିଲେ। ମାତ୍ର ବରୀ ବ୍ଲକରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ବରୀ ବ୍ଲକ ବାଲିବିଲି ପଞ୍ଚାୟତର ସାଇମନ୍ଦିର ନିର୍ମାଣ କାର୍ଯ୍ୟରେ ନିୟୋଜିତ ଶ୍ରମିକମାନେ ଲକ୍‌ଡାଉନ ଯୋଗୁ ଅଟକି ରହିଛନ୍ତି। କାମ ଧନ୍ଦା ନ ଥିବାରୁ ସେମାନେ ଉପବାସରେ ରହିଥିବା ସ୍ଥାନୀୟ ଯୁବକ ସଂଘ ନଜରକୁ ଆସିବା ପରେ ଏ ବିଷୟରେ ବ୍ଲକ ପ୍ରଶାସନକୁ ଖବର ଦିଆଯାଇଥିଲା। ଶନିବାର ରାତିରେ ବରୀ ବିଡିଓ ଶାଶ୍ୱତ ଜେନା ଘଟଣାସ୍ଥଳରେ ପହଞ୍ଚି ସେଠାରେ ଅଟକି ରହିଥିବା ଶ୍ରମିକଙ୍କ ସହିତ ଆଲୋଚନା କରିବା ସହ ସରକାରୀ ନିୟମମୁତାବକ ସମସ୍ତ ସୁବିଧା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ରବିବାର ସନ୍ଧ୍ୟା ପର୍ଯ୍ୟନ୍ତ ପ୍ରଶାସନ ତରଫରୁ କୌଣସି ସାହାଯ୍ୟ ଓ ସହଯୋଗ ମିଳି ନ ଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ ବିଡିଓ ଜେନାଙ୍କୁ ପଚାରିବାରେ, ବାଲିବିଲି ସରପଞ୍ଚ ସନ୍ତୋଷ ସାମଲଙ୍କୁ ଏ ସମ୍ପର୍କରେ ଅବଗତ କରାଇବା ସହିତ ଖାଦ୍ୟ ଯୋଗାଇବାକୁ କହିଥିଲେ। ମାତ୍ର ଏଯାବତ୍ ସେ କାହିଁକି ଖାଦ୍ୟ ଦେଇ ନାହାନ୍ତି ସେ ସମ୍ପର୍କରେ ତାଙ୍କ ନିକଟରେ ସୂଚନା ନ ଥିବା କହିଛନ୍ତି। ଅପରପକ୍ଷରେ ସରପଞ୍ଚ ସାମଲଙ୍କ ମୋବାଇଲ ସୁଇଚ ଅଫ୍ ଥିବାରୁ ତାଙ୍କ ମତାମତ ମିଳିପାରି ନାହିଁ।

# ବ୍ରହ୍ମ ତାଳଧ୍ୱଜ ରଥକାଠ ଅନୁକୂଳ

**କେନ୍ଦ୍ରାପଡ଼ା ଅଫିସ, ୨୬।୪**

ଆସନ୍ତା ଜୁନ୍ ୨୩ ତାରିଖରେ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା। ତହିଁ ପରଦିନ ଅର୍ଥାତ୍ ୨୪ ତାରିଖରେ ତୁଳସୀ କ୍ଷେତ୍ର କେନ୍ଦ୍ରାପଡ଼ାର ବ୍ରହ୍ମ ତାଳଧ୍ୱଜ ରଥ ମାଉସୀ'ମା ମନ୍ଦିର ଅଭିମୁଖେ ଗଡିବ। ଏଥିପାଇଁ ଅକ୍ଷୟ ତୃତୀୟା ଅବସରରେ ରଥ କାଠ ବିଧି ମୁତାବକ ରବିବାର ଅନୁକୂଳ ହୋଇଯାଇଛି। ରଥକାଠ ଅନୁକୂଳ ପାଇଁ ଅପରାହ୍ନରେ ଶ୍ରୀବଳଦେବ ଜୀଉ ଦେବୋତ୍ତର ସଂସ୍ଥା ପକ୍ଷରୁ ଚିହ୍ନଟ କରାଯାଇଥିବା ଆମ୍ବ ଗଛକୁ ପୂଜାର୍ଚ୍ଚନା କରାଯାଇଥିଲା। ଏଥିସହ ସେବାୟତଙ୍କ ମାଧ୍ୟମରେ ଏକ ଖଣ୍ଡ ଡାଳ ଛେଦନ କରାଯାଇ ମନ୍ଦିର ପରିସରକୁ ନିଆଯାଇଥିଲା। ସେଠାରେ ବିଧି ମୁତାବକ ମହାରଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶ୍ରୀଜୀଉଙ୍କ ଆଜ୍ଞାମାଳ ପ୍ରଦାନ କରାଯାଇ ରଥ ନିର୍ମାଣ କାର୍ଯ୍ୟ ଅନୁକୂଳ କରାଯାଇଛି। ଏ ସମ୍ପର୍କରେ ଟ୍ରଷ୍ଟ ବୋର୍ଡର କାର୍ଯ୍ୟନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ ପ୍ରକାଶ କରିଛନ୍ତି ଯେ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କରୋନା ମହାମାରୀ ନିର୍ଦ୍ଦେଶ ଅନୁଯାୟୀ ରଥ ନିର୍ମାଣ ଅନୁକୂଳ କାର୍ଯ୍ୟ ରଥ ଖଳାରେ ନ ହୋଇ ମନ୍ଦିର ପରିସରରେ ହୋଇଛି। ମେ ୩ ପରେ ରଥ ନିର୍ମାଣ ସମ୍ପର୍କରେ ଆଲୋଚନା କରାଯାଇ ନିର୍ମାଣ କାର୍ଯ୍ୟ କରାଯିବ ବୋଲି ପତ୍ରୀ ସୂଚନା ଦେଇଛନ୍ତି।

## ସାପ କାମୁଡ଼ାରେ ଚାଷୀ ମୃତ

**ମାର୍ଶାଘାଇ, ୨୬।୪ (ଡି.ଏନ୍.ଏ.):** ମାର୍ଶାଘାଇ ବ୍ଲକର ବଟିରା ପଞ୍ଚାୟତ ବଟିରା ଗ୍ରାମର ଧନେଶ୍ୱର ସ୍ୱାଇଁ(୬୦)ଙ୍କର ରବିବାର ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ଧନେଶ୍ୱର ସକାଳେ ବିଲକୁ ଯାଇଥିବା ବେଳେ ହଠାତ୍ ବିଲରେ ଅଚେତ ହୋଇ ପଡ଼ିଯିବା ସହ ପାଟିରୁ ଫେଣ ବାହାରିଥିଲା। ସଙ୍ଗେ ସଙ୍ଗେ ଧନେଶ୍ୱରଙ୍କୁ ମାର୍ଶାଘାଇ ଡାକ୍ତରଖାନାକୁ ନିଆଯାଇଥିଲେ ବି ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପାଟକୁରା ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଥିବା ଜଣାପଡ଼ିଛି।

## ବିଦ୍ୟୁତ୍ ଖୁଣ୍ଟରୁ ପଡ଼ି କର୍ମଚାରୀ ଗୁରୁତର

**ଭାପୁର/ଖଣ୍ଡପଡା,୨୬।୪(ଡି.ଏନ.ଏ./ସ୍ୱ.ପ୍ର.):** ଭାପୁର ବ୍ଲକ ଅଞ୍ଚଳରେ ରବିବାର ବିଦ୍ୟୁତ୍ ଖୁଣ୍ଟରେ ଚଢି କାମ କରୁଥିବାବେଳେ ଜଣେ କର୍ମଚାରୀ ଗୁରୁତର ହୋଇଛନ୍ତି। ସେ ହେଲେ ସନ୍ତୋଷ କୁମାର ସାହୁ(୩୨), ଘର କଣ୍ଟିଲୋ ନିକଟ ବାଣପୁର ଗ୍ରାମରେ। ସନ୍ତୋଷ ଭାପୁର ବିଦ୍ୟୁତ୍ ସେକ୍ସନ-୨ରେ ଲାଇନ୍‌ମ୍ୟାନ ଭାବେ କାମ କରନ୍ତି। ରବିବାର ସେ ବିଜିପୁର ପଞ୍ଚାୟତ ମାଳିବେରେଣୀ ଗ୍ରାମରେ ଏକ ମରାମତି କାମ ପାଇଁ ବିଦ୍ୟୁତ୍ ଖୁଣ୍ଟରେ ଚଢିଥିଲେ। ଏହା ପୂର୍ବରୁ ସେ ବିଭାଗୀୟ କ୍ଲିୟରାନ୍ସ ପାଇଥିଲେ। କିନ୍ତୁ କାମ କରୁଥିବାବେଳେ ହଠାତ୍ ବିଦ୍ୟୁତ ସଂସ୍ପର୍ଶରେ ଆସି ତଳେ ପଡିଯାଇଥିଲେ। ଏଥିରେ ତାଙ୍କ ବାମହାତ ପୋଡିଯିବା ସହ ଅଣ୍ଟାରେ ଗୁରୁତର ଆଘାତ ଲାଗିଛି। ତାଙ୍କୁ ପ୍ରଥମେ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି।

# ଲଗାଣ ବର୍ଷାରେ ଚାଷୀ ବେହାଲ

**କେନ୍ଦ୍ରାପଡ଼ା ଅଫିସ, ୨୬।୪**

**କେନ୍ଦ୍ରାପଡ଼ା ଜିଲା**
- ଉଜୁଡ଼ିଗଲା ବିରି, ମୁଗ, ବାଦାମ ଫସଲ
- ପୋଟଳ ଚାଷ ସମ୍ପୂର୍ଣ୍ଣ ନଷ୍ଟ
- ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ ଦାବି

ଗତ ୩ ଦିନ ଧରି କେନ୍ଦ୍ରାପଡ଼ା ଜିଲାରେ ବର୍ଷା ଲାଗି ରହିଛି। ଲଗାଣ ବର୍ଷା ଯୋଗୁ ଜିଲାର ଚାଷୀଙ୍କ ପନିପରିବା ଓ ରବି ଫସଲ ଉଜୁଡ଼ି ଯାଇଛି। କରୋନା ମହାମାରୀ ପାଇଁ ତାଲାବନ୍ଦ ଯୋଗୁ ଚାଷୀଙ୍କୁ ଉପଯୁକ୍ତ ବଜାର ମିଳୁ ନ ଥିବା ବେଳେ ଲଗାଣ ବର୍ଷା ସେମାନଙ୍କ ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗି ଦେଇଛି ବୋଲି ଚାଷୀମାନେ ମତ ଦେଇଛନ୍ତି।

ଏ ସମ୍ପର୍କରେ ବଗଡ଼ା ଗ୍ରାମର ଚାଷୀ ଅକ୍ଷୟ କୁମାର ସାମଲ କହିଛନ୍ତି, ଚଳିତ ବର୍ଷ ୪ ଏକର ଜମିରେ ପୋଟଳ ଚାଷ କରିଥିଲେ। ଫସଲ ଅମଳ ସମୟରେ ବର୍ଷା ଯୋଗୁ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଛି। ଏଥିସହ ଦେଶରେ ତାଲାବନ୍ଦ ଯୋଗୁ ପୋଟଳ ବିକ୍ରି ହୋଇ ପାରିନାହିଁ। କଂସାର ଗ୍ରାମର ଚାଷୀ ନିରଞ୍ଜନ ପରିଡ଼ା କୁହନ୍ତି ଯେ, ଲଗାଣ ବର୍ଷା ରବି ଫସଲକୁ ନଷ୍ଟ କରିଦେଇଛି। ତାଲାବନ୍ଦ ଯୋଗୁ ଖରିଫ ଧାନ ମଣ୍ଡିରେ ବିକ୍ରି ନ ହୋଇ ପଡିରହିଛି। ବିରି ଓ ମୁଗ ବିକ୍ରି କରି କିଛି ଟଙ୍କା ଆୟ ପାଇଁ ଚାଷୀମାନେ ଯେଉଁ ଆଶା ବାନ୍ଧିଥିଲେ, ଏହି ଲଗାଣ ବର୍ଷା ଯୋଗୁ ରବି ଫସଲ ବି ଉଜୁଡ଼ି ଗଲା। ଅମଳ ସମୟରେ ବର୍ଷା ଯୋଗୁ ତାଙ୍କର ୨ ଏକର ବିରି ଫସଲ ନଷ୍ଟ ହୋଇଥିବା ନିରଞ୍ଜନ ପ୍ରକାଶ କରିଛନ୍ତି। କୃଷକ ନେତା ଗୟାଧର ଧଳ କହିଛନ୍ତି, ଗତ ୩ ଦିନ ଧରି ଜିଲାରେ ପ୍ରାୟ ୧୦୦ ମିଲିମିଟର ବର୍ଷା ହୋଇଛି। ରବି ଫସଲ ଅମଳ ସମୟରେ ଏହି ବର୍ଷା ହୋଇଥିବାରୁ ବିରି, ମୁଗ, ବାଦାମ ଆଦି ରବି ଫସଲ ନଷ୍ଟ ହୋଇଯାଇଛି। ସେହିପରି ପନିପରିବା ଚାଷ ନଷ୍ଟ ହୋଇଥିବାରୁ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ଦିଆଯାଉ ବୋଲି ଗୟାଧର ଦାବି କରିଛନ୍ତି।

# ରନ୍ଧାଖାଦ୍ୟ ମିଳିଲାନି: ଅସହାୟଙ୍କୁ ସାହା ହେଲେ ସ୍ୱେଚ୍ଛାସେବୀ

**ରଘୁନାଥପୁର, ୨୬।୪ (ଡି.ଏନ୍.ଏ.):**

ଲକ୍‌ଡାଉନ୍ ଯୋଗୁ ଶ୍ରମିକମାନେ ବିଭିନ୍ନ ସ୍ଥାନରେ ଫସି ରହିଛନ୍ତି। ଅନ୍ୟ ଜିଲା ଓ ରାଜ୍ୟରୁ ଆସି ଫସି ଯାଇଥିବା ଶ୍ରମିକଙ୍କୁ ପଞ୍ଚାୟତ ମାଧ୍ୟମରେ ରନ୍ଧା ଖାଦ୍ୟ ଯୋଗାଇ ଦିଆଯିବାକୁ ସରକାରୀ ନିର୍ଦ୍ଦେଶ ରହିଥିଲେ ବି କେତେକ ସ୍ଥାନରେ ଶ୍ରମିକମାନେ ଅତ୍ୟନ୍ତ ଦୟନୀୟ ଭାବେ ଜୀବନ ବିତାଉଛନ୍ତି। ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ସମାନ ଏକ ଘଟଣା ଦେଖିବାକୁ ମିଳିଛି। ପଶ୍ଚିମବଙ୍ଗ ମେଦିନାପୁରରୁ ଆସି ଏଠାରେ ଜରି ଗୋଟାଇ ଚଳୁଥିବା ୭ଜଣ ଭୋକ ଉପାସରେ ଦିନ କାଟୁଥିବା ଜଣାପଡ଼ିବା ପରେ ରଘୁନାଥପୁର ସମାଜ ବିକାଶ ମିଶନର ସ୍ୱେଚ୍ଛାସେବୀମାନେ ସେମାନଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦେଉଛନ୍ତି। ତେବେ ଶ୍ରମିକମାନଙ୍କୁ ସ୍ଥାନୀୟ ପଞ୍ଚାୟତ ପକ୍ଷରୁ ରନ୍ଧା ଖାଦ୍ୟ ଯୋଗାଇ ଦେବାର ବ୍ୟବସ୍ଥା କରିବାକୁ ଦାବି ହେଉଛି।

# ନକଲି ମଦ କାରବାର ବନ୍ଦ ଦାବି

**ଆଳି, ୨୬।୪ (ଡି.ଏନ୍.ଏ.)**

କରୋନା ବିଶ୍ୱବ୍ୟାପୀ ମହାମାରୀ ରୂପ ନେଇଥିବା ବେଳେ ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ ଦେଶସାରା ଲକ୍‌ଡାଉନ୍ ଘୋଷଣା କରାଯାଇଛି। ଏହି ସମୟରେ ସମସ୍ତ ଦେଶୀ ଓ ବିଦେଶୀ ମଦ ଦୋକାନ ବନ୍ଦ ଲାଗି ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏହାର ସୁଯୋଗ ନେଇ ଆଳି ଓ ରାଜକନିକା ବ୍ଲକ ଅଞ୍ଚଳରେ ଅସାଧୁ ବ୍ୟବସାୟୀମାନେ ଚୋରା କାରବାର ଆରମ୍ଭ କରି ଦେଇଛନ୍ତି। ଦୁଇ ବ୍ଲକରେ ବ୍ୟାପକ ଚୋରା ମଦ କାରବାର ହେଉଥିବା ବେଳେ ଅନେକ ସ୍ଥାନରେ ନକଲି ମଦ ବିକ୍ରି କରାଯାଉଥିବା ଅଭିଯୋଗ ହେଉଛି। ଏ ନେଇ ଆଳିର ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା ଏକ ପ୍ରେସ ବିବୃତିରେ ପ୍ରକାଶ କରିଛନ୍ତି ଯେ, ଆଳି ଓ ରାଜକନିକା ବ୍ଲକ ଅଧୀନରେ ଥିବା ଲାଇସେନ୍ସପ୍ରାପ୍ତ ମଦ ଦୋକାନୀମାନେ ଦୋକାନ ବନ୍ଦ କରିଥିଲେ ବି ସେମାନଙ୍କର ସମ୍ପର୍କ ଥିବା ଖୁଚୁରା ବେପାରୀଙ୍କୁ ଅଧିକ ଦରରେ ମଦ ବିକ୍ରି କରୁଛନ୍ତି। ଗତ ମାର୍ଚ୍ଚ ୨୧ ତାରିଖରେ ସମସ୍ତ ମଦ ଦୋକାନର ଷ୍ଟକ ଯାଞ୍ଚ କରାଯାଇ ସିଲ୍ କରାଯାଇଛି। ସିଲ କରାଯିବା ପରେ ଏତେ ପରିମାଣର ମଦ କେଉଁଠୁ ଆସୁଛି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହାଛଡ଼ା ରାଜକନିକାରେ ପୂର୍ବରୁ ମଦ ବିରୋଧୀ ଆନ୍ଦୋଳନରେ ସାମିଲ ମହିଳାଙ୍କୁ ଗୁଳିମାଡ଼ ଘଟଣାରେ ଜଣେ ମଦ ମାଫିଆ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ ବୋଲି ବିଧାୟକ ଶର୍ମା ଅଭିଯୋଗ କରିଛନ୍ତି। ଏହି ଚୋରା ଓ ନକଲି ମଦ କାରବାରକୁ ରୋକା ନ ଗଲେ କଟକରେ ହୋଇଥିବା ମଦ ମୃତ୍ୟୁ ଘଟଣାର ପୁନରାବୃତ୍ତିକୁ ଏଡାଇ ଦିଆଯାଇ ନ ପାରେ ବୋଲି ସେ କହିଛନ୍ତି। ଏ ଦିଗରେ ଅବକାରୀ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯିବାକୁ ପ୍ରେସ ବିବୃତି ଯୋଗେ ପୂର୍ବତନ ବିଧାୟକ ଶର୍ମାଙ୍କ ସହ ଆଳି ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ ସଭାପତି ରାଜମୋହନ ସ୍ୱାଇଁ, ଜିଲା ଯୁବ କଂଗ୍ରେସ ସଭାପତି ସତ୍ୟପ୍ରିୟ ସାମଲ ଏବଂ ବରିଷ୍ଠ କଂଗ୍ରେସ କର୍ମୀ ନକୁଳ ପରିଡ଼ା ଦାବି ଜଣାଇଛନ୍ତି।

# ସୀମାନ୍ତରେ ମାଦକଦ୍ରବ୍ୟର ଚୋରା ବ୍ୟବସାୟ

**ଯାଜପୁର ଅଫିସ,୨୬।୪**

- ପଶ୍ଚିମବଙ୍ଗ ମାଫିଆଙ୍କ ଓଡ଼ିଶାରେ ରାଜ
- କୋଲକାତାରୁ ଆସୁଛି ବ୍ୟାପକ ସ୍ପିରିଟ, ଟାବଲେଟ୍

ପଶ୍ଚିମବଙ୍ଗରେ କାର୍ଯ୍ୟ କରୁଥିବା କେତେଜଣ ଶ୍ରମିକଙ୍କ ଜରିଆରେ କରୋନା ଭୂତାଣୁ ଓଡ଼ିଶାରେ ବ୍ୟାପି ହଇଚଇ ସୃଷ୍ଟି କରିଛି। ଖାଲି ସେତିକି ନୁହେଁ, ପଶ୍ଚିମବଙ୍ଗ ମଦ ମାଫିଆମାନେ ଓଡ଼ିଶାରେ ରାଜ କରିବାକୁ ଲାଗିଲେଣି। ଗତ ଫେବୃୟାରୀରେ ପାଣିକୋଇଲିଠାରେ ଅବକାରୀ ବିଭାଗ ୫୦୦ ଲିଟର ସ୍ପିରିଟ ଜବତ କରିଥିଲା। ଏହି ସ୍ପିରିଟ ପଶ୍ଚିମବଙ୍ଗରୁ ଆସିଥିବା କୁହାଯାଇଥିଲା। ସେତେବେଳେ କେବଳ ଗାଡି ଚାଳକଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବାବେଳେ ମଦ ମାଫିଆଙ୍କ ନିକଟରେ ବିଭାଗ ପହଞ୍ଚି ପାରି ନ ଥିଲା। ଏଭଳି ଭାବରେ ସ୍ପିରିଟ ଯାଜପୁର ଜିଲା ସୀମାନ୍ତ ଢେଙ୍କାନାଳ ଜିଲାର ଭୁବନରେ ପହଞ୍ଚି ନକଲି ମଦ ତିଆରି ହେଉଥିବା ସୂଚନା ମିଳିଛି। ସେଠାରୁ ଉକ୍ତ ନକଲି ମଦ ଯାଜପୁର ଜିଲାର ସୁକିନ୍ଦା, ଧର୍ମଶାଳା, ଦାନଗଦି, କୋରେଇ, ଯାଜପୁରରୋଡ, ଜୋକଡିଆ, ଟମକା, ସିଂହାପୁର ଆଦି ଅଞ୍ଚଳକୁ ଯୋଗାଇ ଦିଆଯାଉଛି। କରୋନା ଭୂତାଣୁଠାରୁ ଏହି ନକଲି ମଦ ମଣିଷ ଜୀବନ ପ୍ରତି ଆହୁରି ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରିବ ବୋଲି କୁହାଯାଉଛି।

ନକଲି ମଦ ପ୍ରସ୍ତୁତି ପାଇଁ ସ୍ପିରିଟ ସମେତ ଅନ୍ୟାନ୍ୟ ମାଦକଦ୍ରବ୍ୟର ବ୍ୟାପକ ଚୋରା ଚାଲାଣ ପଶ୍ଚିମବଙ୍ଗର କେତେଜଣ ମାଫିଆଙ୍କ ଦ୍ୱାରା ଯାଜପୁର ଜିଲାର ପାଣିକୋଇଲି ଦେଇ ଭୁବନ ଅଞ୍ଚଳକୁ ଯାଉଛି। ଅନାୟାସରେ ଅର୍ଥ ଉପାର୍ଜନର ମୋହରେ ଅବକାରୀ ବିଭାଗର କେତେଜଣ ବରିଷ୍ଠ ଅଧିକାରୀ ଏହି ଚୋରା ବ୍ୟବସାୟକୁ ସମର୍ଥନ ଦେଇ ଚାଲିଛନ୍ତି। ନକଲି ମଦ ବଟଲିଂ କରି ସେଥିରେ ବିଭିନ୍ନ ନାମୀଦାମୀ ବିଦେଶୀ ମଦ କମ୍ପାନୀର ଲେବଲ ଲଗାଯାଉଛି। ତାହାକୁ ଭୁବନ ଅଞ୍ଚଳରୁ ବିଭିନ୍ନ ଜଙ୍ଗଲ ରାସ୍ତା ଓ ମୁଖ୍ୟ ରାସ୍ତା ଦେଇ ଯାଜପୁର, କେନ୍ଦୁଝର, ଢେଙ୍କାନାଳ, ଭଦ୍ରକ, କଟକ ଜିଲାକୁ ଚାଲାଣ କରାଯାଉଛି। ଏଥିରେ ମାଫିଆଙ୍କ ଏଜେଣ୍ଟ ସାଜିଛନ୍ତି କେତେଜଣ ଖୁଚୁରା ବ୍ୟବସାୟୀ। ବିଶେଷକରି ରାତ୍ରିସମୟରେ ଛୋଟବଡ଼ ଗାଡିରେ ମଦ ଚାଲାଣ ହେଉଥିବାବେଳେ ଏଥିରେ ହଜାର ହଜାର ଟଙ୍କା କାରବାର ହେଉଥିବା ସୂଚନା ମିଳିଛି। ଏହିସବୁ ଅଞ୍ଚଳରେ ମାଫିଆଙ୍କ ଏଜେଣ୍ଟ ହେବା ପାଇଁ ସତେ ଯେପରି ଏକ ବଡଧରଣର ପ୍ରତିଯୋଗିତା ଚାଲିଥିବା ଦେଖାଯାଉଛି। ଖାଲି ମଦ ନୁହେଁ, ବ୍ରାଉନସୁଗାର ମଧ ଯାଜପୁର ଜିଲା ଦେଇ ବିଭିନ୍ନ ଜିଲାକୁ ଚାଲାଣ ହେଉଛି। ପୂର୍ବରୁ ଜିଲା ପୋଲିସ ଦ୍ୱାରା ବ୍ରାଉନସୁଗାର ଜବତ ସାଙ୍ଗକୁ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଥିବା ନଜିର ରହିଛି। ଦେଶୀ ମଦ ପ୍ରସ୍ତୁତିରେ ୟୁରିଆ ସାର ଓ ଏକ ପ୍ରକାର ଟାବଲେଟ୍‌ର ବ୍ୟବହାର କରାଯାଇ ଅଧିକ ନିଶାଯୁକ୍ତ କରାଯାଉଛି, ଯାହାର ବ୍ୟବହାର ମାରାତ୍ମକ। ତଥାପି ବ୍ୟବସାୟିକ ଲାଭ ପାଇଁ ଏସବୁର ପ୍ରୟୋଗ କରିବାକୁ ଅସାଧୁ ବ୍ୟବସାୟୀ ଓ ମାଫିଆମାନେ ପଛାଉନାହାନ୍ତି। ଯେଉଁମାନେ ଏହି ଅପମିଶ୍ରିତ ମଦ ପିଉଛନ୍ତି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡିଯାଉଛି। ଏଥିରେ ଲୋକେ ମରୁଛନ୍ତି, ହେଲେ ମଦମୃତ୍ୟୁର ରିପୋର୍ଟ ନ ହେବାରୁ ଘଟଣା ଚାପି ହୋଇଯାଉଛି। ଜିଲାର ଅବକାରୀ ପ୍ରଶାସନର ନିଷ୍କ୍ରିୟତା ରାଜ୍ୟ ସରକାରଙ୍କ ବିପୁଳ ରାଜସ୍ୱ ହାନି ଘଟାଇବା ସହ ମଦ ମୃତ୍ୟୁ ଆଶଙ୍କାକୁ ବଢ଼ାଇଛି। ଏ ସଂକ୍ରାନ୍ତରେ ମତାମତ ଜାଣିବା ପାଇଁ ଯାଜପୁର ଡେପୁଟି ଅବକାରୀ ଅଧୀକ୍ଷକ ପ୍ରସନ୍ନ କୁମାର ନାୟକଙ୍କ ମୋବାଇଲ ଫୋନକୁ ଯୋଗାଯୋଗ କରାଯାଇଥିଲେ ହେଁ ସେ ଉତ୍ତର ଦେଇ ନ ଥିଲେ।

## ସଂକ୍ଷେପରେ

### କଟକଣା ସାମାନ୍ୟ କୋହଳ

ଭଦ୍ରକ ଅଫିସ, ୨୬।୪- ଭଦ୍ରକ ଜିଲାରେ ୬୦ ଘଣ୍ଟିଆ ଶଟ୍ ଡାଉନର ଅବଧି ରବିବାର ପୂର୍ବାହ୍ନ ୧୦ଟାରେ ପୂର୍ଣ୍ଣ ହେବା ପରେ ଲକ୍‌ଡାଉନ କଟକଣାରେ ସାମାନ୍ୟ କୋହଳ କରାଯାଇଛି। ପ୍ରଶାସନ ପକ୍ଷରୁ କିଛି ଦୋକାନ ବଜାର ଖୋଲାଯିବା ପାଇଁ ଅନୁମତି ପ୍ରଦାନ କରାଯାଇଛି। ସକାଳ ୫ ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ପାଥୋଲ୍ୟାବ୍, ଗ୍ରସେରି, ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ, ପନିପରିବା, ଫଳ, ଅଣ୍ଡା, ବହି ଦୋକାନ, ଗ୍ୟାସ୍, କୃଷି ଯନ୍ତ୍ରପାତି ଓ ବିଦ୍ୟୁତ୍ ଉପକରଣ ମରାମତି ଦୋକାନ, ମୋବାଇଲ ରିଚାର୍ଜ ଦୋକାନ, ସାଇକେଲ ମରାମତି ଦୋକାନ, କ୍ଷୀର ଦୋକାନ, ଜନ ସେବା କେନ୍ଦ୍ର ଆଦି ଖୋଲା ରହିବ ବୋଲି ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। କଣ୍ଟେନମେଣ୍ଟ ଜୋନ୍ ବ୍ୟତୀତ ଅନ୍ୟ ଅଞ୍ଚଳରେ ଥିବା ଦୋକାନ ଖୋଲା ରହିବ ବୋଲି କୁହାଯାଇଛି।

### ଗୁଣିଆ ପାଖକୁ ଯାଇ ରୋଗୀ ହଟହଟା

ସଜନାଗଡ଼, ୨୬।୪(ଡି.ଏନ.ଏ.)- କରୋନା ଏବେ ସାରା ବିଶ୍ୱରେ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିଥିବା ବେଳେ ଏହାର ମୁକାବିଲା ଲାଗି ଲୋକେ ସଚେତନ ହେବାକୁ ଲାଗିଲେଣି। ବାଲେଶ୍ୱର ଜିଲା ନୀଳଗିରି ଥାନା ବାଉଁଶବଣିଆ ପଞ୍ଚାୟତର ଜୁଣିଆ ଗ୍ରାମକୁ ପଶି ଆସିଥିବା ଏକ ଆମ୍ବୁଲାନ୍ସ ଓ ରୋଗୀକୁ ଦେଖି ସ୍ଥାନୀୟ ବାସିନ୍ଦା ନୀଳଗିରି ପୋଲିସକୁ ଖବର ଦେଇଥିଲେ। ରୋଗୀଜଣକ ଝଡାଫୁଙ୍କା ହେବାକୁ ଗୁଣିଆ ପାଖକୁ ଯାଉଥିବା ବେଳେ ଏଭଳି ହଟହଟାର ସମ୍ମୁଖୀନ ହୋଇଥିଲେ। ବାସୁଦେବପୁର ଥାନା ପଡୁଆଁ ଗ୍ରାମର ଦୟାନିଧି ମହାଲିକଙ୍କ ମୁଣ୍ଡବିନ୍ଧା ହେଉଥିବାରୁ ଦୁଇଦିନ ପୂର୍ବରୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ବିଭିନ୍ନ ପରୀକ୍ଷା ନିରୀକ୍ଷା ପରେ କିଛି ନ ବାହାରିବାରୁ ଡାକ୍ତର ତାଙ୍କୁ ଡିସଚାର୍ଜ କରି ରବିବାର ଘରକୁ ପଠାଇ ଦେଇଥିଲେ। ରୋଗୀ ଆମ୍ବୁଲାନ୍ସ ଯୋଗେ ଫେରୁଥିଲେ। ତାଙ୍କ ପରିବାର ଲୋକେ ଗୁଣିଗାରେଡିକୁ ବିଶ୍ୱାସ କରୁଥିବାରୁ ଝଡ଼ାଫୁଙ୍କା ପାଇଁ ଜୁଣିଆ ଗ୍ରାମକୁ ଯାଇଥିଲେ। ସେଠାକାର ଲୋକ ଏକ ଅଜଣା ଆମ୍ବୁଲାନ୍ସ ଓ ରୋଗୀଙ୍କୁ ଦେଖି ଅଟକାଇ ପୋଲିସକୁ ହସ୍ତାନ୍ତର କରିଥିଲେ।

# ଜୀବିକାକୁ ନେଇ ଚିନ୍ତାରେ ବନବାସୀ

**କେନ୍ଦୁଝର, ୨୬।୪(ସ୍ୱ.ପ୍ର.)**

ଜଙ୍ଗଲରୁ ମିଳୁଥିବା ମହୁଲ, ଟୋଲ, ହରିଡା, ବାହାଡା, କାଠ, ଦାନ୍ତକାଠି, ଶାଳପତ୍ର ଆଦି ବନଜାତ ଦ୍ରବ୍ୟ ସଂଗ୍ରହ କରି ବନବାସୀମାନେ ତେଲଲୁଣର ସଂସାର ଚଳାଇଥାନ୍ତି। କେନ୍ଦୁଝର ଜିଲାର ଗ୍ରାମୀଣ ଅଧିବାସୀଙ୍କ ଅର୍ଥନୀତିକୁ ସୁଦୃଢ କରିଥାଏ ମହୁଲଫୁଲ। ଏହାକୁ ବିକି ଜିଲାର ବଣପାହାଡ଼ ଘେରା ଅଞ୍ଚଳରେ ବସବାସ କରୁଥିବା ବନବାସୀମାନେ ବର୍ଷର ୮ ମାସ ଜୀବିକା ନିର୍ବାହ କରିଥାନ୍ତି। ମାତ୍ର ଚଳିତବର୍ଷ ଲକ୍‌ଡାଉନ ଘୋଷଣା ମହୁଲ ସଂଗ୍ରହକାରୀଙ୍କୁ ନିରାଶ କରିଛି। କରୋନା ଯୋଗୁ ଘରେ ଅଟକି ରହିବା


ଜଣେ ମହିଳା ମହୁଲ ଫୁଲ ସଂଗ୍ରହ କରୁଛନ୍ତି।

ଏବଂ ହାଟବଜାର ବନ୍ଦ ଥିବାରୁ ଲୋକେ ମହୁଲ ଫୁଲ ସଂଗ୍ରହ ଓ ବିକ୍ରିବଟା କରିପାରୁ ନ ଥିବାରୁ ସେମାନଙ୍କ ପରିବାର ଚଳିବା କଷ୍ଟକର ହୋଇପଡିଛି। ଜୀବିକାକୁ ନେଇ ସେମାନେ ଏବେ ଚିନ୍ତାରେ ରହିଛନ୍ତି।

ଜିଲାର ହାଟଡିହି, ଆନନ୍ଦପୁର, ଘଟଗାଁ, ହରିଚନ୍ଦପୁର, ତେଲକୋଇ, ବାଂଶପାଳ, କେନ୍ଦୁଝର ସଦର, ଝୁମ୍ପୁରା, ପାଟଣା, ସାହାରପଡା, ଚମ୍ପୁଆ, ଯୋଡା ବ୍ଲକ ଅଞ୍ଚଳର ବଣପାହାଡ଼ ତଥା ଗାଁ ଗଣ୍ଡାରେ ମହୁଲ ମିଳିଥାଏ। ମାର୍ଚ୍ଚ ମାସର ପ୍ରଥମ ସପ୍ତାହରୁ ଏପ୍ରିଲ ଦ୍ୱିତୀୟ ସପ୍ତାହ ପର୍ଯ୍ୟନ୍ତ ଦେଢମାସ ଧରି ମହୁଲ ସଂଗ୍ରହ ହୋଇଥାଏ। ଏହାକୁ ଶୁଖାଇ ସାଇତି ରଖିବା ପରେ ବିକ୍ରି କରାଯାଏ। ପ୍ରତ୍ୟେକ ପରିବାରର ପିଲାଠାରୁ ଆରମ୍ଭ କରି ବୟସ୍କ ଲୋକମାନେ ମହୁଲ ଫୁଲ ସଂଗ୍ରହ କରିବାକୁ ଟୋକେଇ, ବ୍ୟାଗ ଆଦି ଧରି ଭୋର ସମୟରେ ବଣ ଜଙ୍ଗଲକୁ ଯାଇଥାନ୍ତି। କିନ୍ତୁ କରୋନା ପାଇଁ ଲକଡାଉନ ପରିସ୍ଥିତି ସେମାନଙ୍କ ଆର୍ଥିକ ସ୍ଥିତିକୁ ଦୋହଲାଇ ଦେଇଛି ବୋଲି ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଭରତ ଚନ୍ଦ୍ର ପାତ୍ର କହିଛନ୍ତି। ସେହିପରି ଚଳିତବର୍ଷ ଅଦିନିଆ ବର୍ଷା ଯୋଗୁ ଅନେକ ଅଞ୍ଚଳରେ କମ୍ ପରିମାଣର ମହୁଲ ଫୁଲ ଫୁଟିଛି। କରୋନା ଯୋଗୁ ଘରୁ ବାହାରି ନ ପାରିବା ଓ ବିକ୍ରିବଟା ହୋଇ ପାରୁ ନ ଥିବା ବାଂଶପାଳ ବ୍ଲକ ଅଞ୍ଚଳର ମହୁଲ ଫୁଲ ସଂଗ୍ରହକାରୀ ରାଜନ ମୁଣ୍ଡା କହିଛନ୍ତି। ଲକଡାଉନ ପାଇଁ ଲୋକଙ୍କୁ ସରକାରୀ ସହାୟତା ମିଳିଥିଲେ ମଧ୍ୟ ମହୁଲ ସଂଗ୍ରହ କମିବା ଯୋଗୁ ସରକାରଙ୍କ ରାଜସ୍ୱହାନି ହେବ ବୋଲି ମଧ୍ୟ ମତପ୍ରକାଶ ପାଉଛି ।

# ଉଲ୍ଲଂଘନକାରୀଙ୍କ ବିରୋଧରେ ଏତଲା

**ବାରିପଦା ଅଫିସ/ଚିତ୍ରଡ଼ା, ୨୬।୪(ଡି.ଏନ୍.ଏ.)**

କରୋନା ସଂକ୍ରମଣକୁ ଏଡ଼ାଇବା ପାଇଁ ରାଜ୍ୟ ସରକାର ଗୋଟିଏ ପରେ ଗୋଟିଏ ପଦକ୍ଷେପମାନ ନେଉଛନ୍ତି। କରୋନା ମୁକାବିଲାରେ ସରପଞ୍ଚମାନଙ୍କୁ ଜିଲାପାଳ କ୍ଷମତା ଦେଇ ଆଗଧାଡ଼ିର ଯୋଦ୍ଧା ଭାବେ ଛିଡ଼ା କରାଇଛନ୍ତି। ମାତ୍ର କୋଭିଡ୍-୧୯ ନିୟମକୁ ବାରମ୍ବାର ଉଲ୍ଲଂଘନ କରୁଥିବା ଏକ କୁକୁଡ଼ା ଚିଆଁ କମ୍ପାନୀ ବିରୋଧରେ ଜଣେ ସରପଞ୍ଚ ମୋରଡ଼ା ଥାନାରେ ଏତଲା ଦେଇଥିଲେ ମଧ୍ୟ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଅଭିଯୋଗ ହୋଇଛି। ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଗୋଡ଼ିଗାଁ ପଞ୍ଚାୟତର ସରପଞ୍ଚ ଜଗନ୍ନାଥ ସରେନ ଏହି ଅଭିଯୋଗ କରିଛନ୍ତି। ସରପଞ୍ଚ ସରେନଙ୍କ ଅଭିଯୋଗ ଅନୁଯାୟୀ, ଶନିବାର ସନ୍ଧ୍ୟାରେ ରାସଗୋବିନ୍ଦପୁର ବ୍ଲକ ଅଞ୍ଚଳରେ ଥିବା ଏକ ଫାର୍ମରୁ ଏକ ଗାଡ଼ିରେ ୧୩୭୬୯ଟି କୁକୁଡ଼ା ଚିଆଁ ସରକାରଙ୍କ ବିନା ଅନୁମତିରେ ପଶ୍ଚିମବଙ୍ଗସ୍ଥିତ ବର୍ଦ୍ଧମାନ ସହରକୁ ଚାଲାଣ ହୋଇଥିଲା। ଲକ୍ ଡାଉନ ସମୟରେ ଉକ୍ତ ଗାଡ଼ିଟି ବାରମ୍ବାର ପଶ୍ଚିମବଙ୍ଗକୁ ଯାଉଥିବାରୁ କରୋନା ସଂକ୍ରମଣ ବ୍ୟାପିବାର ଆଶଙ୍କା କରି ସରପଞ୍ଚ ସରେନ ଥାନା ଅଧିକାରୀ କୁନି ବେଶ୍ରାଙ୍କୁ ଜଣାଇଥିଲେ। ମାତ୍ର ଥାନା ଅଧିକାରୀ ଯାଞ୍ଚ କରିବା ପରିବର୍ତ୍ତେ ଏ ନେଇ କୌଣସି ମାମଲା ରୁଜୁ ହେବ ନାହିଁ ବୋଲି କହିଥିବା ସରପଞ୍ଚ ଅଭିଯୋଗ କରିଛନ୍ତି। ଉକ୍ତ ଗାଡ଼ିଟି ବିଭିନ୍ନ ସମୟରେ ପଶ୍ଚିମବଙ୍ଗକୁ ଯାଉଥିବା ବେଳେ ଅଭିଯୋଗ ପରେ ମଧ୍ୟ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ସରପଞ୍ଚଙ୍କ କ୍ଷମତା ପ୍ରତି ଉପହାସ ବୋଲି ସରପଞ୍ଚ ପ୍ରକାଶ କରିଛନ୍ତି। ଏନେଇ ଥାନା ଅଧିକାରୀଙ୍କୁ ପଚାରିବାରୁ କୌଣସି ମମାଲା ରୁଜୁ କରି ପାରିବି ନାହିଁ ବୋଲି କହିଛନ୍ତି।

# ଭୁଲିଗଲେ ସାମାଜିକ ଦୂରତା

**ଖଇରା, ୨୬।୪ (ଡି.ଏନ.ଏ.)**

୩ଦିନର ଶଟଡାଉନ ପରେ ପ୍ରଶାସନର ନିର୍ଦ୍ଦେଶକ୍ରମେ ରବିବାର ୧୦ଟା ପରଠାରୁ ଏଥିରେ ସାମାନ୍ୟ କୋହଳ କରାଯାଇ କିଛି ନିର୍ଦ୍ଦିଷ୍ଟ ଦୋକାନ ଖୋଲିବାକୁ ଅନୁମତି ଦିଆଯାଇଛି। ରବିବାର ପୂର୍ବାହ୍ନ ୧୦ଟା ବାଜିବା ପୂର୍ବରୁ ଆହୁରି କିଛି ସମୟ ବାକିଥିବା ବେଳେ ପୂର୍ବରୁ ପ୍ରତୀକ୍ଷିତ ଦୋକାନଗୁଡିକ ଖୋଲିଯାଇଥିଲା। ଜିନିଷ କିଣିବାକୁ ଗ୍ରାହକଙ୍କ ମଧ୍ୟରେ ପ୍ରତିଯୋଗିତା ଆରମ୍ଭ ହୋଇଯାଇଥିଲା। ୧ମାସ ଧରି ସାମାଜିକ ଦୂରତା ମାନି ଚଲୁଥିବା ଗ୍ରାହକ ହଠାତ୍ ବେପରୁଆ ଢଙ୍ଗରେ ଜିନିଷ କିଣାକିଣି ଆରମ୍ଭ କରିଥିଲେ। ବିଶେଷ କରି ଖଇରା ପରିବା


ଖଇରା ପରିବା ହାଟରେ ଲୋକଙ୍କ ଗହଳି ।

ହାଟରେ ସାମାଜିକ ଦୂରତାର ପରିଭାଷା ବଦଳିଯାଇଥିଲା। ଗୋଟିଏ ଜାଗାରେ ଠୁଳ ହୋଇ ପରିବା କିଣିବା, ଯାତାୟାତ ବେଳେ ପରସ୍ପର ଲଗାଲଗି ହୋଇଯାଉଥିବା ପରିଲକ୍ଷିତ ହୋଇଥିଲା। ଏଭଳି ଘଟଣାର ପୁନରାବୃତ୍ତି ଘଟିଲେ କରୋନା ମୁକାବିଲା କରିବା କଷ୍ଟସାଧ୍ୟ ହୋଇପଡିବ ବୋଲି ସାଧାରଣରେ କୁହାଯାଉଛି ।

# କାଳବୈଶାଖୀରେ ବ୍ୟାପକ କ୍ଷୟକ୍ଷତି

**କୁଆମରା, ୨୬।୪(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଗୋପବନ୍ଧୁ ନଗର ବ୍ଲକରେ କାଳ ବୈଶାଖୀ ତାଣ୍ଡବ ରଚିଛି। ପବନ ସାଙ୍ଗକୁ କୁଆପଥର ମାଡ଼ ଓ ମୂଷଳ ଧାରାରେ ବର୍ଷା ଜନ ଜୀବନକୁ ଅସ୍ତବ୍ୟସ୍ତ କରିପକାଇଛି। ଝଡ଼ ତୋଫାନ ଯୋଗୁ ବ୍ଲକର ବିଭିନ୍ନ ପଞ୍ଚାୟତରେ ବ୍ୟାପକ କ୍ଷତି ଘଟିଛି। ବହୁ ବିଦ୍ୟୁତ୍ ଖୁଣ୍ଟି ଉପୁଡ଼ି ପଡିବା ଓ ତାର ଛିଡିବା ଯୋଗୁଁ ୩ ଦିନ ହେଲା ବିଦ୍ୟୁତ ସରବରାହ ବନ୍ଦ ରହିଛି। ବଡ ବଡ ଗଛ ଗୁଡିକ ରାସ୍ତାଘାଟରେ ପଡିଥିବା ବେଳେ ପୁରୁଣା ବାରିପଦା ଅଗ୍ନିଶମ ବିଭାଗ ପହଞ୍ଚି ରାସ୍ତା ସଫା କରୁଛନ୍ତି। ୩/୪ ଇଞ୍ଚ ବହଳରେ କୁଆପଥର ବିଛାଡିପଡିବା ଯୋଗୁଁ ରବି ଋତୁରେ ଚାଷ ହୋଇଥିବା ପାଚିଲା ଧାନ ଝଡି ତଳେ ପଡିଛି। ସେହିପରି ପରିବା ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବା ଖବର ମିଳିଛି।


ଝଡ଼ ତୋଫାନରେ ଛପର ଉଡ଼ି ଯାଇଥିବା ଏକ ଘର।

# ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ରଥ ନିର୍ମାଣ ଅନୁକୂଳ


ଅନୁକୂଳ ହୋଇଥିବା ରଥ ଚକ, ଅଖ।

**ବାରିପଦା ଅଫିସ, ୨୬।୪**

ଅକ୍ଷୟ ତୃତୀୟା ଅବସରରେ ଦ୍ୱିତୀୟ ଶ୍ରୀକ୍ଷେତ୍ର ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଶ୍ରୀ ଶ୍ରୀ ହରିବଳଦେବଜୀଉ ବିଜେ ମହାପ୍ରଭୁଙ୍କ ଘୋଷଯାତ୍ରା ନିମନ୍ତେ ରଥ ନିର୍ମାଣ କାର୍ଯ୍ୟର ଅନୁକୂଳ ହୋଇଛି। ରବିବାର ରଥର ଅଖ ଓ ଚକ କାର୍ଯ୍ୟ ଆରମ୍ଭ ହୋଇଛି। ଲକ୍‌ଡାଉନ କାରଣରୁ ସମସ୍ତ ରୀତିନୀତି ଶ୍ରୀ ଜୀଉଙ୍କ ମନ୍ଦିର ବେଢ଼ା ଭିତରେ ହୋଇଥିଲା। ଦେବୋତ୍ତର ବିଭାଗ ଓ ମନ୍ଦିର ସେବାୟତମାନଙ୍କ ଉପସ୍ଥିତିରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୩ ରଥ ନିମନ୍ତେ ରଥ ମହାପାତ୍ରଙ୍କ ଦ୍ୱାରା ନିର୍ମିତ ଅଖ ଗୁଡ଼ିକ ମନ୍ଦିରର ଦକ୍ଷିଣ ଦ୍ୱାର ଦେଇ ଭିତରକୁ ନିଆଯାଇଥିଲା। ଏହା ପରେ ମନ୍ଦିରରେ ମହାପ୍ରଭୁଙ୍କ ନିକଟରେ ସନ୍ଧ୍ୟା ଆଳତୀ କରାଯାଇଥିଲା। ଏହାପରେ ମୁଖ୍ୟ ସେବାୟତ ମହାପ୍ରଭୁ ବାସୁଦେବଙ୍କ ସହ ଆସି ପହଞ୍ଚିବା ପରେ ଅଖକୁ ପୂର୍ଜାର୍ଚ୍ଚନା କରାଯାଇଥିଲା। ରବିବାରଠାରୁ ମହାପ୍ରଭୁଙ୍କ ୨୧ ଦିନିଆ ଚନ୍ଦନଯାତ୍ରା ଆରମ୍ଭ ହୋଇଥିଲା। ଚନ୍ଦନଯାତ୍ରାର ଶେଷ ୩ ଦିନ ହେମସାଗର ପୋଖରୀଠାରେ ଚାପଖେଳ ହେଉଥିବା ବେଳେ ମଦନମୋହନ ମନ୍ଦିର ବାହାରକୁ ଆସିବେ ନାହିଁ ବୋଲି ମୁଖ୍ୟ ପୂଜକ ଅରୁଣ କୁମାର ମିଶ୍ର କହିଛନ୍ତି।

# ଯୌତୁକ ପାଇଁ ବଧୂହତ୍ୟା, ସ୍ୱାମୀ ଗିରଫ

**ରେମୁଣା, ୨୬।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖନ୍ତାପଡ଼ା ଥାନା ଅନ୍ତର୍ଗତ ନୀଳକଣ୍ଠପୁର ଗ୍ରାମରେ ଜଣେ ମହିଳାଙ୍କୁ ଯୌତୁକ ପାଇଁ ହତ୍ୟା କରାଯାଇଥିବା ତାଙ୍କ ବାପା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। କଟକ ବଡ଼ ଡାକ୍ତରଖାନାରୁ ମହିଳାଙ୍କ ମୃତଦେହ ନେଇ ଆମ୍ବୁଲାନ୍ସ ଯୋଗେ ଫେରୁଥିବାବେଳେ ରାସ୍ତାରୁ ପୋଲିସ ତାଙ୍କ ସ୍ୱାମୀଙ୍କୁ ଗିରଫ କରିଛି।

ଅଭିଯୋଗ ଅନୁଯାୟୀ, ରେମୁଣା ବ୍ଲକ ଖନ୍ତାପଡ଼ା ଥାନା ବିରୁଆଁ ପଞ୍ଚାୟତ ଆମ୍ବଗଳି ଗ୍ରାମର ପିତାମ୍ବର ପଣ୍ଡାଙ୍କ ସାନଝିଅ ଦେବସ୍ମିତା ୨୦୧୮ ଫେବୃୟାରୀ ୨୩ତାରିଖରେ ବୈଦିକ ରୀତିରେ ନୀଳକଣ୍ଠପୁର ଗ୍ରାମର ସୁଧାଂଶୁ କରଙ୍କୁ ବିବାହ କରିଥିଲେ। ସେବେଠାରୁ ଶାଶୁଘର ଲୋକେ ଅଧିକ ଯୌତୁକ ଦାବି କରି ଝିଅକୁ ବାରମ୍ବାର ନିର୍ଯାତନା ଦେଇଆସୁଥିଲେ। ଏଥିପାଇଁ ୩ରୁ ଅଧିକ ଥର ବାପଘର ଲୋକେ ଯାଇ ମିଳାମିଶା କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଗତ ୨୪ ତାରିଖ ବିଳମ୍ବିତ ରାତିରେ ପାରିବାରିକ ଗଣ୍ଡଗୋଳରୁ ଦେବସ୍ମିତା ବିଷ ପିଇ ଦେଇଥିଲେ। ପ୍ରଥମେ ତାଙ୍କୁ ଗୋପାଳପୁର ଡାକ୍ତରଖାନା ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ବଡ଼ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ୨୫ ତାରିଖ ରାତି ସାଢେ ଗୋଟାଏ ବେଳେ କଟକ ବଡ଼ ଡାକ୍ତରଖାନାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହାକୁ ନେଇ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ପୋଲିସ କଟକରୁ ମୃତଦେହ ନେଇ ଫେରୁଥିବା ବେଳେ ସ୍ୱାମୀ ସୁଧାଂଶୁ କରଙ୍କୁ ଗିରଫ କରି ଅଧିକ ତଦନ୍ତ କରିଛି। ତାଙ୍କର ଏକ ଦେଢ଼ବର୍ଷର ଶିଶୁକନ୍ୟା ଅଛି।



ବ୍ରହ୍ମପୁର ଧରିତ୍ରୀ କାର୍ଯ୍ୟାଳୟକୁ ଅଗ୍ନିଶମ ବିଭାଗ ପକ୍ଷରୁ ରବିବାର ବିଶୋଧନ କରାଯାଉଛି ।

## ବ୍ରହ୍ମପୁର

### କଣ୍ଟ୍ରୋଲ ରୁମ୍‌କୁ ଫୋନ କରି ସାହାଯ୍ୟ ପାଇଲେ ମହିଳା

**ଛତ୍ରପୁର, ୨୬।୪(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଖଲ୍ଲିକୋଟ ବ୍ଲକ କେଶପୁରର ଜଣେ ମହିଳା ରାଜ୍ୟ କଣ୍ଟ୍ରୋଲ ରୁମ୍‌କୁ ଫୋନ କରିବା ପରେ ସାହାଯ୍ୟ ପାଇଛନ୍ତି। ଖଲ୍ଲିକୋଟ ଥାନା ପୋଲିସ ପହଞ୍ଚି ତାଙ୍କୁ ରାଶନ ସାମଗ୍ରୀ ଯୋଗାଇଛି। କେଶପୁରର ସୁନିତା ସୁବୁଦ୍ଧି ୩ ବର୍ଷୀୟା ଝିଅଙ୍କ ସହ ଘରେ ଏକାକୀ ଅଛନ୍ତି। ସ୍ୱାମୀ ବିଦେଶରେ। ଘରେ କିଛି ରାଶନ ଓ ଖାଦ୍ୟ ସାମଗ୍ରୀ ନ ଥିବା ସୁନିତା ଫୋନ କରି ରାଜ୍ୟ କଣ୍ଟ୍ରୋଲ ରୁମ୍‌କୁ ଜଣାଇଥିଲେ। ସେଠାରୁ ଖଲ୍ଲିକୋଟ ଥାନାକୁ ଏ ସମ୍ପର୍କରେ ଜଣାଇ ଦିଆଯିବାରୁ ପୋଲିସ ସୁନିତାଙ୍କ ଘରକୁ ଯାଇ ସମସ୍ତ ଜିନିଷ ଯୋଗାଇ ଦେଇଛି। ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରାୟ ଖଲ୍ଲିକୋଟ ପୋଲିସର ଏପରି କାର୍ଯ୍ୟକୁ ପ୍ରଶଂସା କରି ସୋସିଆଲ ମିଡ଼ିଆରେ ପୋଷ୍ଟ କରିଛନ୍ତି।

# ଭିଡ଼ ଜମିଲେ ଦୋକାନୀଙ୍କ ହେବ ସ୍ୱାବ୍ ପରୀକ୍ଷା

**ଛତ୍ରପୁର, ୨୬।୪(ଡି.ଏନ୍.ଏ.)**

### ଗୁଟଖା, ପାନ ବିକ୍ରି ରୋକିବେ ସରପଞ୍ଚ

ଗଞ୍ଜାମ ଜିଲାରେ କରୋନା ସଂକ୍ରମଣ ପ୍ରତିହତ କରିବା ପାଇଁ ଗ୍ରାମାଞ୍ଚଳ ଉପରେ ଅଧିକ ଧ୍ୟାନ ଦିଆଯିବ। ଗାଁ ଗହଳିରେ ପାନ, ଗୁଟ୍‌ଖା, ସୁପାରି ଆଦି ବିକ୍ରି ଉପରେ ସରପଞ୍ଚମାନେ ସମ୍ପୂର୍ଣ୍ଣ ରୋକ ଲଗାଇବେ। ଯଦି କେହି ଏହା ନ ମାନନ୍ତି ତାଙ୍କ ବିରୋଧରେ ସରପଞ୍ଚ ଥାନାରେ ଏତଲା ଦେବେ। ଏଥିରେ ଅବହେଳା କଲେ ସରପଞ୍ଚଙ୍କୁ ମଧ୍ୟ କାରଣ ଦର୍ଶାଅ ନୋଟିସ ଦିଆଯିବ ବୋଲି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି । ଏଥିସହିତ କ୍ଷୁଦ୍ର ବ୍ୟବସାୟୀ କିମ୍ବା ଅନ୍ୟ କୌଣସି ବ୍ୟବସାୟୀଙ୍କ ଦୋକାନରେ ଯଦି ଅଧିକ ଗହଳି ହେବ ସେମାନଙ୍କର ମଧ୍ୟ ସ୍ୱାବ୍ ପରୀକ୍ଷା କରାଯିବ । କିଛି ବି ଲକ୍ଷଣ ଥିଲେ ଅନ୍ୟୁନ ୩ ଜଣଙ୍କର ସ୍ୱାବ୍ ବ୍ଲକରୁ ସରପଞ୍ଚଙ୍କ ସୁପାରିସକ୍ରମେ ପ୍ରତ୍ୟହ ଏମ୍‌କେସିଜି ମେଡିକାଲ ପରୀକ୍ଷା କେନ୍ଦ୍ରକୁ ପଠାଯିବ। ଅନ୍ୟାନ୍ୟ ପୌରାଞ୍ଚଳରୁ ଗୋଟିଏ ଲେଖାଏ ଓ ବ୍ରହ୍ମପୁର ମହାନଗର ନିଗମରୁ ୧୦ଟି ସ୍ୱାବ୍ ମଧ୍ୟ ପରୀକ୍ଷା ପାଇଁ ପଠାଯିବ। ଏମ୍‌କେସିଜି ମେଡିକାଲ କଲେଜରେ ପ୍ରତିଦିନ ୯୦ ସ୍ୱାବ୍ ପରୀକ୍ଷା କରାଯାଇ ପାରୁଛି । ବାହାର ରାଜ୍ୟ ଫେରନ୍ତାଙ୍କ ପାଇଁ ମେ ୨ ତାରିଖ ସୁଦ୍ଧା କ୍ୱାରାଣ୍ଟାଇନ୍ ସେଣ୍ଟରର ସମସ୍ତ ପ୍ରସ୍ତୁତି ସାରିବାକୁ ଜିଲାପାଳ କହିଛନ୍ତି ।

କ୍ୱାରାଣ୍ଟାଇନ୍ କେନ୍ଦ୍ରକୁ ବାହାର ଫେରନ୍ତା ଆସିବା ପୂର୍ବରୁ ସମ୍ପୃକ୍ତ ଗ୍ରାମକୁ ଦୁଇ ଦିନିଆ ଶର୍ଟଡାଉନ୍ କରାଯିବ। ସ୍ୱାସ୍ଥ୍ୟକର୍ମୀ ଏବଂ ଦାୟିତ୍ୱରେ ଥିବା କର୍ମଚାରୀଙ୍କ ବ୍ୟତୀତ ସେଠାକୁ କେହି ଯାଇପାରିବେ ନାହିଁ। ଯେଉଁମାନେ ପଞ୍ଜୀକୃତ ହୋଇଥିବେ, ସେମାନେ ସରକାରଙ୍କ ପ୍ରଦତ୍ତ ଯାନରେ ଆସିବେ ଏବଂ ୧୪ ଦିନ କ୍ୱାରାଣ୍ଟାଇନ୍‌ରେ ରହିବେ। ସେମାନଙ୍କୁ ୨୦୦୦ଟଙ୍କା ପ୍ରୋତ୍ସାହନ ମିଳିବ। ବ୍ୟକ୍ତିଗତ ଯାନରେ ଆସିଲେ କିମ୍ବା କ୍ୱାରାଣ୍ଟାଇନ୍ ନ ମାନିଲେ ପ୍ରୋତ୍ସାହନ ରାଶି ମିଳିବ ନାହିଁ। କ୍ୱାରାଣ୍ଟାଇନ୍ କେନ୍ଦ୍ରଗୁଡିକରେ ବାଛବିଚାର କରାଯିବନି। ସରପଞ୍ଚମାନେ ବାହାର ରାଜ୍ୟରେ ଥିବା ତାଙ୍କ ପଞ୍ଚାୟତ ବାସିନ୍ଦାଙ୍କ ମଧ୍ୟରୁ ଜଣକ ସହିତ ଟେଲିଫୋନ ଯୋଗାଯୋଗରେ ରହିବେ । ଉକ୍ତ ବ୍ୟକ୍ତି ସମ୍ପୃକ୍ତ ଲୋକମାନଙ୍କୁ ସାଙ୍ଗରେ ଧରି ଫେରିବେ ବୋଲି ନିଷ୍ପତ୍ତି ହୋଇଛି।

# ଜରିମାନା ଦେଲେ ଅଭିଭାବକ

**ଭଞ୍ଜନଗର, ୨୬।୪(ଡି.ଏନ.ଏ)**

### ଲକ୍‌ଡାଉନ୍ ନ ମାନି ବାହାରେ ବୁଲୁଥିଲେ ନାବାଳକ

ଲକ୍‌ଡାଉନ୍‌ରେ ଘରେ ନ ରହି ରବିବାର ଭଞ୍ଜନଗର ସହରକୁ ଆସିଥିବା ଲଣ୍ଡେଇସାହିର ୩ ନାବାଳକଙ୍କୁ ଉପଜିଲାପାଳ ରାଜେନ୍ଦ୍ର ମିଞ୍ଜ ରାସ୍ତାରେ ଅଟକାଇ ପଚରାଉଚୁରା କରିଥିଲେ। ପରେ ସେମାନଙ୍କ ଅଭିଭାବକଙ୍କୁ ଡାକି ତାଗିଦ୍ କରିଥିଲେ। ଏମାନେ ନିୟମ ଉଲ୍ଲଂଘନ କରିଥିବାରୁ ଅଭିଭାବକମାନେ ୫ ଶହ ଟଙ୍କା ଲେଖାଏ ଜରିମାନା ଦେଇଥିଲେ। ଏପରି ଅନେକ ନାବାଳକ କୌଣସି କାମ ନ ଥାଇ ସହରରେ ବୁଲୁଛନ୍ତି । ସେମାନଙ୍କୁ ଚିହ୍ନଟ କରାଯାଇ ଅଭିଭାବକମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ରବିବାର ଭଞ୍ଜନଗରର କେତେଜଣ ପରିବା ବ୍ୟବସାୟୀ, ଜଳଖିଆ ଓ ରାଶନ ଦୋକାନୀ ଲକ୍‌ଡ଼ାଇନ ନିୟମ ଉଲ୍ଲଂଘନ କରଥିବାରୁ ସେମାନଙ୍କଠାରୁ ୧୨,୫୦୦ ଟଙ୍କା ଜରିମାନା ଆଦାୟ ହୋଇଛି। ସେହିପରି ହେଲମେଟ୍, ମାସ୍କ ନ ପିନ୍ଧି, ବାଇକ୍‌ରେ ଜଣେରୁ ଅଧିକ ଲୋକ ଯିବା ଅଭିଯୋଗରେ କେତେଜଣଙ୍କଠାରୁ ୧୪, ୩୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି ।

# ବୃଦ୍ଧାଙ୍କ ବେକରୁ ଝାମ୍ପିନେଲେ ହାର

**ବ୍ରହ୍ମପୁର ଅଫିସ, ୨୬।୪**

### ଲକ୍‌ଡାଉନରେ କୋହଳ

ବ୍ରହ୍ମପୁରରେ ରବିବାର ସକାଳେ ମାସ୍କ ପିନ୍ଧା ଦୁର୍ବୃତ୍ତ ୨ ଥାନା ଇଲାକାରେ ମହିଳାଙ୍କୁ ଟାର୍ଗେଟ କରିଛନ୍ତି। ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଭାବାନଗର ଛକ ନିକଟ ଦେଇ ଯାଉଥିବା ଇ.ଜ୍ୟୋତି ପାତ୍ର ନାମ୍ନୀ ଜଣେ ମହିଳାଙ୍କ ବେକରୁ ଦୁର୍ବୃତ୍ତମାନେ ହାର ଝାମ୍ପି ନେବା ଉଦ୍ୟମ କରି ବିଫଳ ହୋଇଥିଲେ। ପରେ ବଡବଜାର ଥାନା ଅନ୍ତର୍ଗତ ହରିଡାଖଣ୍ଡି ଛକ ନିକଟରେ ଏସ୍.ଭାଗ୍ୟଲକ୍ଷ୍ମୀ ନାମ୍ନୀ ଜଣେ ବୃଦ୍ଧା ବାଲୁଙ୍କେଶ୍ୱର ମନ୍ଦିରରୁ ଦର୍ଶନ ସାରି ଫେରୁଥିବା ବେଳେ ତାଙ୍କ ବେକରୁ ୨ ଭରିର ଏକ ସୁନା ହାର ଝାମ୍ପି ନେଇଥିଲେ। ଅଭିଯୋଗ ପରେ ପୋଲିସ ନଂ.୯୯/୨୦ରେ ଏକ ମାମଲା ରୁଜୁ କରିଛି। ଏରଗୁଲା ଏହି ଲୁଟରେ ସାମିଲ ଥିବା ସିସି ଟିଭି ଫୁଟେଜକୁ ଆଧର କରି ପୋଲିସ ସନ୍ଦେହ କରୁଥିବା କହିଛି।

# ଚାଉଳ, ବହି ନେବାକୁ ଆସୁଥିବା ଛାତ୍ରୀଛାତ୍ରଙ୍କୁ ଫେରାଇଲା ପୋଲିସ

**ଦାରିଙ୍ଗବାଡ଼ି/ବ୍ରାହ୍ମଣୀଗାଁ, ୨୬।୪(ଡି.ଏନ୍.ଏ.)**

ଲକ୍‌ଡାଉନ ପରେ କନ୍ଧମାଳ ଜିଲାର ସବୁ ସୀମାକୁ ସିଲ୍ କରାଯାଇଛି। କନ୍ଧମାଳ-ଗଜପତି ଜିଲାର ସୀମା ବ୍ରାହ୍ମଣୀଗାଁ ଥାନା ଝିଞ୍ଜିରିଗୁଡାଠାରେ ସଶସ୍ତ୍ର ପୋଲିସ ମୁତୟନ ହୋଇଛନ୍ତି। ଗଜପତି ଜିଲା ଦମଦୁଆ ପଞ୍ଚାୟତ ଘାସପଦା ଗ୍ରାମର ୮ ଛାତ୍ରୀଛାତ୍ର ଶନିବାର ଗୋଟିଏ ଅଟୋରେ ବ୍ରାହ୍ମଣୀଗାଁ ଅଭିମୁଖେ ଆସୁଥିଲେ। ସୁରକ୍ଷାବାହିନୀ ଅଟକାଇ ବୁଝିବା ପରେ ସେମାନେ ବ୍ରାହ୍ମଣୀଗାଁ ଗଦାପୁର ହାଇସ୍କୁଲକୁ ମଧ୍ୟାହ୍ନଭୋଜନ ଚାଉଳ ଏବଂ ପାଠ୍ୟପୁସ୍ତକ ପାଇଁ ଯାଉଥିବା ଏବଂ ପ୍ରଧାନ ଶିକ୍ଷକ ପ୍ରଭାକର ବେହେରା ଡକାଇଥିବା କହିଥିଲେ। ମାତ୍ର ସୁରକ୍ଷା ବାହିନୀ ସେଠାରୁ ତାଙ୍କୁ ଫେରାଇ ଦେଇଥିଲେ। ଏନେଇ ପ୍ରଧାନ ଶିକ୍ଷକ ବେହେରାଙ୍କୁ ପଚାରିବାରୁ କୌଣସି ପିଲାଙ୍କୁ ପାଠ୍ୟପୁସ୍ତକ ପାଇଁ ଡକାଇନାହିଁ, ଚାଉଳ ପାଇଁ ଟୋକନ ଦିଆଯାଉଛି ସେ ନେବାକୁ ଆସିଥାଇପାରନ୍ତି ବୋଲି କହିଥିଲେ। ଜିଲା ବାହାରୁ କାହାକୁ ଡକାଇ ନ ଥିବା ସେ କହିଛନ୍ତି।

# ଏମ୍‌କେସିଜିରେ ପୁଣି ଜଣେ ସନ୍ଦିଗ୍ଧ ଭର୍ତ୍ତି

**ବ୍ରହ୍ମପୁର ଅଫିସ, ୨୬।୪**

ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି) ମେଡିକାଲରେ ରବିବାର ଜଣେ କରୋନା ସନ୍ଦିଗ୍ଧ ଭର୍ତ୍ତି ହୋଇଛନ୍ତି। ସେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଭୁବନେଶ୍ୱରର ଏକ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ରବିବାର ସକାଳେ ସେ ନିଜ ଘର ଚିକିଟିକୁ ଫେରିଥିଲେ। ତାଙ୍କର କାଶ ଓ ଜ୍ୱର ହୋଇଥିବାରୁ ଏମ୍‌କେସିଜିରେ ତାଙ୍କୁ ଭର୍ତ୍ତି କରାଯାଇଛି। ସନ୍ଦିଗ୍ଧଙ୍କ ସ୍ୱାବ୍ ରବିବାର ଅପରାହ୍ନରେ ସଂଗ୍ରହ କରାଯାଇଛି ବୋଲି ଅଧୀକ୍ଷକ ପ୍ରଫେସର ଡ. ସନ୍ତୋଷ କୁମାର ମିଶ୍ର ସୂଚନା ଦେଇଛନ୍ତି। ଅନ୍ୟପଟେ ଶନିବାର ଏମ୍‌କେସିଜିରେ ଭର୍ତ୍ତି ହୋଇଥିବା ଦିଲ୍ଲୀ ଫେରନ୍ତାଙ୍କ ସ୍ୱାବ୍ ରିପୋର୍ଟ ଆସି ନ ଥିବା ଅଧୀକ୍ଷକ କହିଛନ୍ତି। ସେହିପରି ଏମ୍‌କେସିଜିର କରୋନା ପରୀକ୍ଷା କେନ୍ଦ୍ରରେ ଏଯାବତ ୩୦୦ରୁ ଊର୍ଦ୍ଧ୍ୱ ସନ୍ଦିଗ୍ଧଙ୍କ ନମୁନା ପରୀକ୍ଷା କରାଯାଇଥିବା ବେଳେ ସମସ୍ତ ରିପୋର୍ଟ ନେଗେଟିଭ ଥିବା ମେଡିକାଲ ସୂତ୍ରରୁ ପ୍ରକାଶ।

# କରୋନା ପାଇଁ ବିବାହ ଘୁଞ୍ଚାଇଲେ ସଦର ଏସ୍‌ଆଇ

**କୁକୁଡ଼ାଖଣ୍ଡି, ୨୬।୪(ଡି.ଏନ.ଏ.)**

ବ୍ରହ୍ମପୁର ସଦର ଥାନା ଏସ୍‌ଆଇ ବିଭୂତି ଭୂଷଣ ସେଠୀ କରୋନା ପାଇଁ ତାଙ୍କ ବାହାଘର ଘୁଞ୍ଚାଇଛନ୍ତି। ନୟାଗଡ଼ ଜିଲା ବାଣପୁର ନିକଟବର୍ତ୍ତୀ ବାଲିଡ଼ିହ ଗ୍ରାମର ବିଭୂତି ୨୦୧୫ରେ ଚାକିରି ପାଇ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ପୋଲିସ ଏକାଡେମୀରେ ତାଲିମ ନେଉଥିଲେ। ସେଠାରେ ଭୁବନେଶ୍ୱରର ସସ୍ମିତା ସେଠୀ ମଧ୍ୟ ତାଲିମ ନେଉଥିଲେ। ପରେ ପରସ୍ପର ବିବାହ ପାଇଁ ସ୍ଥିର କରିଥିଲେ। ତାଲିମ ପରେ ସସ୍ମିତାଙ୍କୁ ଭଦ୍ରକ ଜିଲା ତିହିଡି ଥାନା ଓ ବିଭୂତିଙ୍କର ବ୍ରହ୍ମପୁର ସଦର ଥାନାରେ ପୋଷ୍ଟିଂ ହୋଇଥିଲା। ଉଭୟଙ୍କ ପରିବାର ବର୍ଗଙ୍କ ସହମତିରେ ରବିବାର


ଏସ୍‌ଆଇ ବିଭୂତି ଓ ସସ୍ମିତା।

ବିବାହ ସମ୍ପନ୍ନ ହେବାକୁ ଥିଲେ ମଧ୍ୟ ବିଭୂତି ଏବଂ ସସ୍ମିତା ଏହାକୁ ଘୁଞ୍ଚାଇ ଦେଇଛନ୍ତି। କରୋନା ମୁକାବିଲା ପାଇଁ ଉଭୟେ ନିଜ କର୍ତ୍ତବ୍ୟକୁ ପ୍ରାଥମିକତା ଦେଇଥିବା କହିଛନ୍ତି।

# ଚେନ୍ନାଇରେ କାଳବୈଶାଖୀ ଗଞ୍ଜାମର ୫୦ରୁ ଊର୍ଦ୍ଧ୍ୱ ଶ୍ରମିକଙ୍କ ଘର ଭାଙ୍ଗିଲା

**ପାତ୍ରପୁର, ୨୬।୪(ଡି.ଏନ୍.ଏ.)**

ଗଞ୍ଜାମ ଜିଲାର ବହୁ ଶ୍ରମିକ ଚେନ୍ନାଇରେ ରହି ଦାଦନ ଖଟୁଛନ୍ତି। ଲକଡାଉନ ପରେ ବହୁ ଶ୍ରମିକ ଚାଲିଚାଲି, ସାଇକେଲ ଓ ଜଳପଥରେ ବିପଦପୂର୍ଣ୍ଣ ଭାବେ ଘରକୁ ଫେରୁଛନ୍ତି। ଶନିବାର ଚେନ୍ନାଇରେ କାଳବୈଶାଖୀ ପ୍ରଭାବରେ ବର୍ଷା ପବନ ବ୍ୟାପକ କ୍ଷୟକ୍ଷତି କରିଛି। ତିରିବୁଲ ଜିଲାରେ ଭାରତ ଇଲେକ୍ଟ୍ରି ପାୱାର ଲିମିଟେଡ଼ରେ କାମକରି ମିଞ୍ଜୁର ବ୍ଲକ ଆତିପାଟୁ ଗ୍ରାମ ଭବାନୀ ଲେବର କଲୋନୀରେ ରହୁଥିବା ପାତ୍ରପୁର ବ୍ଲକ ଗୁଣ୍ଡ୍ରା ଗ୍ରାମର କିଶୋର ସେଠୀ, ମାଧବ ରାଓ, ଗଙ୍ଗାଧର ପାତ୍ର, ଅର୍ଜୁନ ସେଠୀଙ୍କ ସମେତ ରଙ୍ଗେଇଲୁଣ୍ଡା ବ୍ଲକ କନିଷି ଓ ଚିକିଟି ବ୍ଲକ ସୁନ୍ଦରଡ଼ା ଆଦି ଅଞ୍ଚଳର ୫୦ରୁ ଊର୍ଦ୍ଧ୍ୱ ଶ୍ରମିକ ରହୁଥିଲେ। ଶନିବାର ରାତିରେ ଶୋଇଥିବାବେଳେ ଭୋର ପ୍ରାୟ ୩ଟାରେ ଝଡବର୍ଷା ହୋଇଥିଲା। ପବନରେ ଟିଣ ଉଡିଯିବା ସହ ଘରେ ବର୍ଷାପାଣି ପଶି ବ୍ୟାପକ କ୍ଷୟକ୍ଷତି ହୋଇଛି। ଶ୍ରମିକମାନେ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଜଣାଇବା ପରେ ସେମାନେ ପହଞ୍ଚି ଖାଦ୍ୟ ସାମଗ୍ରୀ ଦେବାସହ ଟିଣ ଛପର ପକାଇବା ବ୍ୟବସ୍ଥା କରୁଛନ୍ତି।

## ସଂକ୍ଷେପରେ

### ୬୩୦ ନମୁନା ନେଗେଟିଭ୍

**ଅନୁଗୋଳ ଅଫିସ, ୨୬।୪:** ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ଜିଲାକୁ ଆସିଥିବା ଲୋକମାନଙ୍କ ସ୍ୱାବ୍ ସଂଗ୍ରହ କରି ପରୀକ୍ଷା ପାଇଁ ଭୁବନେଶ୍ୱର ପଠାଯାଇଥିଲା। ତେବେ ଜିଲାରୁ ମୋଟ୍ ୭୭୩ ନମୁନା ପଠାଯାଇଥିବାବେଳେ ସେଥିରୁ ୬୩୦ଟି ନେଗେଟିଭ୍ ଆସିଥିବା ଚିକିତ୍ସାଳୟ ପକ୍ଷରୁ ସୂଚନା ଦିଆଯାଇଛି। ଶନିବାର ପଠାଯାଇଥିବା ୧୪୩ଟି ନମୁନାର ରିପୋର୍ଟ ଆସିନାହିଁ। ରବିବାର ମଧ୍ୟ କିଛି ଲୋକଙ୍କ ରକ୍ତ ନମୁନା ଓ ସ୍ୱାବ୍ ପଠାଯାଇଥିବା ସୂଚନା ମିଳିଛି।

### ଅର୍ଣ୍ଣବଙ୍କ ନାମରେ କଂଗ୍ରେସର ଏତଲା

**ଢେଙ୍କାନାଳ ଅଫିସ, ୨୬।୪:** ବରିଷ୍ଠ ସାମ୍ବାଦିକ ଅର୍ଣ୍ଣବ ଗୋସ୍ୱାମୀଙ୍କ ନାମରେ ଢେଙ୍କାନାଳ ଜିଲା କଂଗ୍ରେସ ପକ୍ଷରୁ ଟାଉନ ଥାନାରେ ଏତଲା ଦିଆଯାଇଛି। ଦଳର ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ବିରୋଧରେ ଆଧାରହୀନ ମନ୍ତବ୍ୟ ପରିପ୍ରେକ୍ଷୀରେ ଏତଲା ଦିଆଯାଇଥିବା ଜିଲା ସଭାପତି ସୁରେଶ ଚନ୍ଦ୍ର ପାଣିଗ୍ରାହୀ ଜଣାଇଛନ୍ତି। ଏତଲା ପ୍ରଦାନ ବେଳେ ସାଙ୍ଗଠନିକ ସମ୍ପାଦକ ରୁଦ୍ରପ୍ରକାଶ ଶରଣ, ସମ୍ପାଦକ ଧରଣୀଧର ଦେହୁରୀ ଉପସ୍ଥିତ ଥିଲେ।

### ଚଢ଼ାଉ, ଜରିମାନା ଆଦାୟ

**ବଇଣ୍ଡା, ୨୬।୪(ଡି.ଏନ.ଏ.):** ଠାକୁରଗଡ ଓ ହଣ୍ଡପା ପୋଲିସ ରବିବାର ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରି ମାସ୍କ ପିନ୍ଧି ନ ଥିବା ଯୁବକଙ୍କଠାରୁ ଜରିମାନା ଆଦାୟ କରିଛି। ହଣ୍ଡପା ଥାନା ଏଏସ୍ଆଇ ପି. କେ. ଆଇଚ ବଇଣ୍ଡା ଓ ଲୁହାମୁଣ୍ଡା ଗ୍ରାମର ୯ ଜଣଙ୍କଠାରୁ ୧୮ ଶହ ଟଙ୍କା ଜରିମାନା ଆଦାୟ କରିଛନ୍ତି। ସେହିପରି ଠାକୁରଗଡ ଥାନା ଏଏସଆଇ କରୁଣାକର ନନ୍ଦ ୧୫ ଜଣଙ୍କଠାରୁ ୩ ହଜାର ଟଙ୍କା ଆଦାୟ କରିଛନ୍ତି। ସାନହୁଲାଠାରେ ବାଇକ୍ ଯାଞ୍ଚବେଳେ ହେଲମେଟ ପିନ୍ଧି ନ ଥିବା ଚାଳକଙ୍କଠାରୁ ୧୨ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି।

### ୧୦୦ ପରିବାରକୁ ରନ୍ଧାଖାଦ୍ୟ



**ଭୁବନ, ୨୬।୪(ଡି.ଏନ.ଏ.):** ଭୁବନ ବ୍ଲକ ଭାଜପା ପକ୍ଷରୁ ରବିବାର ମହୁଲପାଳ ପଞ୍ଚାୟତ ନୀଳକଣ୍ଠପୁର ଦଳିତସାହିର ୧୦୦ ପରିବାରକୁ ରନ୍ଧାଖାଦ୍ୟ ପ୍ରଦାନ କରାଯାଇଛି। ମହୁଲପାଳ ମଣ୍ଡଳ ପ୍ରଭାରୀ ଚୈତନ୍ୟ ବେହେରାଙ୍କ ତତ୍ତ୍ୱାବଧାନରେ ମୃଦଙ୍ଗା ସରପଞ୍ଚ ଅଶୋକ କୁମାର ଦତ୍ତ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶତ୍ରୁଘ୍ନ ଜେନା, ଜିଲା ସାଧାରଣ ସମ୍ପାଦକ ପ୍ରେମାନନ୍ଦ ଜେନା, ଗଗନ ବିହାରୀ ସାହୁ, ବେଣୁଧର ପ୍ରଧାନ, ବିଷ୍ଣୁ ପ୍ରସାଦ ସାହୁ ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ଭଡ଼ାଟିଆଙ୍କ ଘରଭଡ଼ା ଛାଡ଼ କରିଥିବା ମହୁଲପାଳର ଅମ୍ବୁଜ ସାହୁ ଏବଂ ଭୁବନର କାଳିନ୍ଦୀ କହଁରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକ୍ରମେ ଉଭୟେ ୫୦ ହଜାର ଏବଂ ୨୦ ହଜାର ଟଙ୍କା ଘରଭଡ଼ା ଛାଡ଼ କରିଛନ୍ତି। ତାଙ୍କ ପାରି ଅନ୍ୟମାନେ ବଦାନ୍ୟତା ଦେଖାଇବାକୁ ଦୁହେଁ ଆହ୍ୱାନ ଦେଇଛନ୍ତି।

# ବେଲ୍ ଖାରଜ, ଗଲେ ଜେଲ

**ଅନୁଗୋଳ ଅଫିସ, ୨୬।୪**



ଷ୍ଟ୍ରେଚରରେ ମଦ ବ୍ୟବସାୟୀ ବିକ୍ରମଙ୍କୁ ଜେଲ୍ ଭିତରକୁ ନିଆଯାଉଛି।

- ଅପରାହ୍ନରେ ଡିସ୍‌ଚାର୍ଜ ହୋଇଥିଲେ ମଦ ବ୍ୟବସାୟୀ
- ଷ୍ଟ୍ରେଚରରେ ନିଆଗଲା କାରାଗାରକୁ

ଅନୁଗୋଳ ସହର ଉପକଣ୍ଠ କରଡ଼ାଗାଡ଼ିଆ ମଦ ଭାଟିର ମାଲିକ ବିକ୍ରମ କିଶୋର ସାହୁଙ୍କୁ ରବିବାର ପୋଲିସ ଜେଲ୍ ପଠାଇ ଦେଇଛି। ଅପରାହ୍ନରେ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଡିସ୍‌ଚାର୍ଜ ହେବା ପରେ ତାଙ୍କୁ ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ (ଏସ୍‌ଡିଜେଏମ୍)ଙ୍କ ଅଦାଲତରେ ହାଜର କରାଯାଇଥିଲା। ସେଠାରେ ବେଲ୍ ଆବେଦନ ଖାରଜ ହୋଇଯିବାରୁ ପୋଲିସ ବିକ୍ରମଙ୍କୁ ଅନୁଗୋଳ ଜେଲକୁ ପଠାଇ ଦେଇଛି।

ପ୍ରକାଶ ଯେ, ଚୋରା ମଦ କାରବାର ଅଭିଯୋଗରେ ଶୁକ୍ରବାର ସକାଳେ ଅନୁଗୋଳ ପୋଲିସ ବିକ୍ରମଙ୍କୁ ତାଙ୍କ ବାସଭବନରୁ ଗିରଫ କରିଥିଲା। ତାଙ୍କ ନାମରେ ଥିବା କରଡ଼ାଗାଡ଼ିଆ ମଦ ଭାଟିରୁ ପୋଲିସ ୪୪୪୦ ଲିଟର ଦେଶୀ ମଦ ସହ ୬ ହଜାର ଲିଟର ପୋଚ ଓ ୩୦ଟି ପ୍ଲାଷ୍ଟିକ ଜାର ଜବତ କରିଥିଲା। ଏହି ଘଟଣାରେ ବିକ୍ରମଙ୍କ ସହ ମୋଟ୍ ୪୩ ଜଣଙ୍କୁ ଗିରଫ କରାଯାଇଥିଲା। ହେଲେ ମେଡିକାଲରେ ସ୍ୱାସ୍ଥ୍ୟପରୀକ୍ଷା ବେଳେ ଛାତିରେ ଯନ୍ତ୍ରଣା ଅନୁଭବ କରୁଥିବା କହିବାରୁ ୩ ଜଣ ଡାକ୍ତର ତାଙ୍କୁ ଅସୁସ୍ଥ ଘୋଷଣା କରିଥିଲେ। ୨ ଦିନ ମେଡିକାଲରେ ଚିକିତ୍ସିତ ହେବା ପରେ ରବିବାର ଅପରାହ୍ନ ୩ଟା ୪୦ରେ ମେଡିସିନ୍ ବିଭାଗର ଡାକ୍ତର ଗୋକୁଳାନନ୍ଦ ବେହେରା ବିକ୍ରମଙ୍କୁ ଡିସଚାର୍ଜ କରିଥିଲେ। ଏ ନେଇ ମେଡିକାଲ ପକ୍ଷରୁ ପୋଲିସକୁ ଅବଗତ କରାଯାଇଥିଲା। ଏହାପରେ ଅନୁଗୋଳ ଥାନା ଏସ୍ଆଇ ଅରକ୍ଷିତ ସେଠୀ, ପ୍ରକାଶ ମାଝି ଓ ବିପ୍ଳବ ସାହୁ ଏକ ଆମ୍ବୁଲାନ୍ସରେ ତାଙ୍କୁ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ହାଜର କରିଥିଲେ। କିନ୍ତୁ ବିଚାରପତି ବେଲ୍ ପିଟିସନ୍ ଖାରଜ କରିଦେବାରୁ ସେଠାରୁ ବିକ୍ରମଙ୍କୁ ଜେଲକୁ ନିଆଯାଇଥିଲା। ଜେଲ କର୍ତ୍ତୃପକ୍ଷ ଓ ପୋଲିସ ଏକ ଷ୍ଟ୍ରେଚରରେ ତାଙ୍କୁ ଭିତରକୁ ନେଇଯାଇଥିବା ଦେଖିବାକୁ ମିଳିଥିଲା। ଅନୁଗୋଳ ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ କହିଛନ୍ତି, ମେଡିକାଲରୁ ଡିସଚାର୍ଜ ପରେ ତାଙ୍କୁ କୋର୍ଟରେ ହାଜର କରାଯାଇଥିଲା। ବେଲ୍ ଖାରଜ ହୋଇଯିବାରୁ ଜେଲ ପଠାଇ ଦିଆଯାଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରତାପ ବେହେରା କହିଛନ୍ତି, ଦାୟିତ୍ୱରେ ଥିବା ମେଡିସିନ୍ ସ୍ପେଶାଲିଷ୍ଟ ବିକ୍ରମଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆସିଥିବା କହିବା ପରେ ପୋଲିସକୁ ଅବଗତ କରାଯାଇଥିଲା।

## ସିଲ୍ ସତ୍ତ୍ୱେ ଭାଟି ଚାଲିବାକୁ ନେଇ ପ୍ରଶ୍ନବାଚୀ

**ଅନୁଗୋଳ ଅଫିସ, ୨୬।୪**

ଅନୁଗୋଳ ଜିଲା ଲକ୍‌ଡାଉନ୍ ବେଳେ ସମସ୍ତ ଦେଶୀ ଓ ବିଦେଶୀ ମଦ ଦୋକାନ ସିଲ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ଜିଲାରେ ଚୋରା ମଦ କାରବାର କିପରି ବଢୁଥିଲା ତାହାର ଖୋଲତାଡ଼ ବେଳେ ଅନୁଗୋଳ ପୋଲିସ କରଡ଼ାଗାଡ଼ିଆସ୍ଥିତ ମଦ ଭାଟି ଉପରେ ଚଢ଼ାଉ କରି ବିପୁଳ ପରିମାଣର ଚୋରା ମଦ ଜବତ କରିଥିଲା। ଉକ୍ତ ଭାଟିକୁ ଅବକାରୀ ବିଭାଗ ସିଲ୍ କରିବା ସତ୍ତ୍ୱେ ସେଠାରେ କେମିତି ଏପରି ଚୋରା କାରବାର ହେଉଥିଲା ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଥିରେ ଅବକାରୀ ବିଭାଗର କେତେଜଣ କର୍ମଚାରୀଙ୍କ ସମ୍ପୃକ୍ତି ଥିବା ସହରରେ ଆଲୋଚନା ମଧ୍ୟ ହେଉଛି। ଅନ୍ୟପକ୍ଷରେ ଜିଲାପାଳ ଘଟଣାକୁ ଗୁରୁତ୍ୱର ସହ ନେଇ ଅବକାରୀ ଅଧିକାରୀଙ୍କ ସହ ଆଲୋଚନା କରିଥିବା ଜଣାପଡ଼ିଛି। ଘଟଣା ସମ୍ପର୍କରେ ଅନୁଗୋଳ ସଦର ଅବକାରୀ ବିଭାଗ ଅଧିକାରୀ ଅରବିନ୍ଦ ରାଉତରାୟ କହିଛନ୍ତି, କରଡ଼ାଗାଡ଼ିଆ ମଦ ଭାଟିର ସମସ୍ତ ଗୃହକୁ ସିଲ୍ କରାଯାଇଥିଲା। ଦୈନିକ ସକାଳେ ସମସ୍ତ ଦେଶୀ ଭାଟି ଅଞ୍ଚଳର ସ୍ଥିତି ଅନୁଧ୍ୟାନ କରାଯାଉଥିଲା। ତଥାପି କରଡ଼ାଗାଡ଼ିଆ ଭାଟିରେ କିଭଳି ଭାବେ ଚୋରା କାରବାର ହେଉଥିଲା ତାହା ଜଣାପଡ଼ି ନାହିଁ। ଅନୁଗୋଳ ଜିଲା ଅବକାରୀ ଏସ୍‌ପି ଦାୟିତ୍ୱରେ ଥିବା ଡିଏସ୍‌ପି କ୍ରୀଷ୍ଟା ନାୟକ କହିଛନ୍ତି, ମାର୍ଚ୍ଚ ୨୧ ତାରିଖ ରାତିରେ ଜିଲାର ଦେଶୀ ଓ ବିଦେଶୀ ମଦ ଦୋକାନ ସିଲ୍ କରାଯାଇଥିଲା। ତେବେ କରଡ଼ାଗାଡ଼ିଆ ମଦ ଭାଟି ମାଲିକ ତାହାକୁ ଟ୍ୟାମ୍ପରିଂ କରିଥାଇପାରନ୍ତି ବୋଲି ଅନୁମାନ କରାଯାଉଛି। ସଦର ଅଧିକାରୀ ଉକ୍ତ ମଦ ଭାଟି ସିଲ୍ ସମ୍ପର୍କରେ ଲିଖିତ ଭାବେ ନୁହେଁ କେବଳ ମୌଖିକ ଭାବେ ଅବଗତ କରାଇଥିବା ଡିଏସ୍‌ପି ନାୟକ ସ୍ୱୀକାର କରିଛନ୍ତି। ଘଟଣାର ତଦନ୍ତ ଚାଲିଛି। ତ୍ରୁଟି ଥିଲେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିଏସ୍‌ପି ନାୟକ କହିଛନ୍ତି।

## ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ଅକ୍ଷୟ ତୃତୀୟା



ଅଖିମୁଠି ଅନୁକୂଳ କରାଯାଉଛି।

**ଅନୁଗୋଳ ଅଫିସ, ୨୬।୪**

ଅନୁଗୋଳ ଜିଲା ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ତଳମୂଳଶାସନ ପଞ୍ଚାୟତ ନୂଆସାହିରେ ସାମାଜିକ ଦୂରତ୍ୱ ରକ୍ଷା କରି ଅକ୍ଷୟ ତୃତୀୟା ପାଳନ କରାଯାଇଛି। ଦୁର୍ଗାଚରଣ ଦାସଙ୍କ ତତ୍ତ୍ୱାବଧାନରେ ଏହା ଅନୁଷ୍ଠିତ ହୋଇଥିବାବେଳେ କୃଷକ ମୋର୍ଚ୍ଚା ଜିଲା ସଭାପତି ଜଗନ୍ନାଥ ଗଡ଼ନାୟକ ସିଂହ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଚାଷୀମାନେ ସାମାଜିକ ଦୂରତ୍ୱ ପାଳନ ଓ ମାସ୍କ ପିନ୍ଧି ଚାଷ କାମ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ଏଥିସହ ସରକାରଙ୍କ ନିୟମକୁ ଆଖି ଆଗରେ ରଖି ଅଖିମୁଠି ବୁଣିଥିଲେ। ପ୍ରତ୍ୟେକ ପଞ୍ଚାୟତରେ ଶୀତଳଭଣ୍ଡାର ସହ ଚାଷୀଙ୍କ କ୍ଷତି ଭରଣା ପାଇଁ ଜିଲା ସଭାପତି ଦାବି କରିଥିଲେ। ଚାଷୀ ସୁବ୍ରତ କୁମାର ଦାଶ, ଦିବାକର ଦାସ, ପିଣ୍ଟୁ ଦାସଙ୍କ ସମେତ ଭାଜପା କାର୍ଯ୍ୟକର୍ତ୍ତା ମଦନ ଦଣ୍ଡିଆ, ଶିଶିର ନନ୍ଦ, ପିତ୍ତବାସ ସାହୁ, ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରମିକଙ୍କ ସହ ଅନ୍ୟମାନଙ୍କୁ ସହାୟତା ଦାବି

**ଅନୁଗୋଳ ଅଫିସ, ୨୬।୪:**

ଲକ୍‌ଡାଉନ୍ ଯୋଗୁ ଚାଷୀଙ୍କ ସହ ବଜାରରେ ଛୋଟମୋଟ ବେପାର କରି ପରିବାର ପ୍ରତିପୋଷଣ କରୁଥିବା କ୍ଷୁଦ୍ର ବ୍ୟବସାୟୀ, ଅଟୋ ଚାଳକ, ବସ୍ କର୍ମଚାରୀ, ବ୍ୟବସାୟିକ ପ୍ରତିଷ୍ଠାନ, ହୋଟେଲ କର୍ମଚାରୀ, ଅସଙ୍ଗଠିତ କ୍ଷେତ୍ରର ଶ୍ରମିକ ଓ ବିଡି ଶ୍ରମିକମାନେ କାମ ଧନ୍ଦା ହରାଇଥିବାରୁ ସେମାନଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ଦାବି କରାଯାଇଛି। ଅନୁଗୋଳ ଜିଲା ସମ୍ପାଦକ ଭିକାରୀ ପ୍ରଧାନ, ନବକିଶୋର ପ୍ରଧାନ, ପ୍ରହଲ୍ଲାଦ ଚନ୍ଦ୍ର ସାହୁ, ଜୟସେନ ମେହେର, ବ୍ରଜବନ୍ଧୁ ସାହୁ, ସରୋଜିନୀ ନାୟକ, ରଣଜିତ ପ୍ରଧାନ, କୈଳାସ ସାହୁ ପ୍ରମୁଖ ଏହି ଦାବି କରିଛନ୍ତି।

## ବେଆଇନ ଘର ନିର୍ମାଣ ବନ୍ଦ କଲା ପ୍ରଶାସନ

**ଅନୁଗୋଳ ଅଫିସ, ୨୬।୪**

ଅନୁଗୋଳ ସହର ଉପକଣ୍ଠ ରାଣୀଗୋଡ଼ା ଗ୍ରାମର ଗୋଚର ଜମିକୁ ଜବରଦଖଲ କରି ଜଣେ ବ୍ୟକ୍ତି ସେଠାରେ ଘର ନିର୍ମାଣ କରୁଥିବା ବେଳେ ତାହାକୁ ପ୍ରଶାସନ ବନ୍ଦ କରିଛି। ବେଆଇନ ଘର ନିର୍ମାଣ ସମ୍ପର୍କରେ ବଅଁରପାଳ ତହସିଲ୍‌ଦାରଙ୍କ ଠାରେ ଅଭିଯୋଗ ହୋଇଥିଲା। ଶୁକ୍ରବାର ତହସିଲଦାର ଜିତେନ୍ଦ୍ର କୁମାର ସାହୁ, ଅତିରିକ୍ତ ତହସିଲଦାର ଶ୍ୟାମଘନ ସାହୁ ଓ କୁରୁଡୁଲ ରାଜସ୍ୱ ନିରୀକ୍ଷକ ଦ୍ୱିଜବର ସ୍ୱାଇଁ ପ୍ରମୁଖ ପହଞ୍ଚି ତଦନ୍ତ କରି ଉକ୍ତ ବେଆଇନ ନିର୍ମାଣ କାର୍ଯ୍ୟରେ ରୋକ୍ ଲଗାଇଥିଲେ।

## ସଙ୍ଗରୋଧ କେନ୍ଦ୍ର ପରିଦର୍ଶନ କଲେ ଜିଲାପାଳ

**ଛେଣ୍ଡିପଦା,୨୬।୪(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକର ବିଭିନ୍ନ ପଞ୍ଚାୟତରେ ଥିବା କ୍ୱାରାଣ୍ଟାଇନ କେନ୍ଦ୍ରକୁ ରବିବାର ଅନୁଗୋଳ ଜିଲାପାଳ ମନୋଜ କୁମାର ମହାନ୍ତି ପରିଦର୍ଶନ କରିଛନ୍ତି। ଜିଲାପାଳଙ୍କ ସହ ଛେଣ୍ଡିପଦା ବିଡିଓ ସୁନିଲ କେର୍କେଟା ଓ ତହସିଲଦାର ଡାନିଏଲ ଏକ୍କା ପରଙ୍ଗ, ନିଶା, କଙ୍କରାଇ, ରାଇଝରଣ, କୋଶଳା ଓ ଛେଣ୍ଡିପଦା ପଞ୍ଚାୟତରେ ଥିବା ସେଣ୍ଟର ଯାଞ୍ଚ କରିଥିଲେ। ଜିଲା ବାହାରୁ ଆସିବା ପାଇଁ ରବିବାର ସୁଦ୍ଧା ୧୦୮ ଜଣ ଶ୍ରମିକ ନାମ ପଞ୍ଜୀକରଣ କରିଥିବାବେଳେ ବ୍ଲକର ମୋଟ୍ ୩୪ଟି ପଞ୍ଚାୟତରେ ୧୭ଶହ ଶଯ୍ୟାର ବ୍ୟବସ୍ଥା କରାଯାଉଛି। ସେଥିମଧ୍ୟରୁ ୫୪୬ଟି ଶଯ୍ୟା ପ୍ରସ୍ତୁତ ହୋଇସାରିଛି।



କ୍ୱାରାଣ୍ଟାଇନ୍ ସେଣ୍ଟର ପରିଦର୍ଶନ କରୁଛନ୍ତି ଜିଲାପାଳ।

# ଅନୁକୂଳ ହେଲା ରଥକାଠ



ରଥଗଡ଼ାଠାରେ ରଥକାଠ ଅନୁକୂଳ କରାଯାଉଛି।

**ଢେଙ୍କାନାଳ ଅଫିସ, ୨୬।୪**

ଢେଙ୍କାନାଳର ପ୍ରସିଦ୍ଧ ରଥଯାତ୍ରା ପାଇଁ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ରବିବାର ରଥକାଠ ଅନୁକୂଳ ହୋଇଛି। ଏହି ଉପଲକ୍ଷେ ମହାପ୍ରଭୁ ଶ୍ରୀବଳରାମଙ୍କ ମନ୍ଦିରରେ ପରମ୍ପରା ଅନୁଯାୟୀ ନୀତିକାନ୍ତି, ପୂଜାର୍ଚ୍ଚନା କରାଯାଇଥିଲା। ପୂଜାପଣ୍ଡା ମଳୟ ରଞ୍ଜନ କର ଠାକୁରଙ୍କ ଆଜ୍ଞାମାଳ ନେଇ ରଥଗଡ଼ାରେ ରଥକାଠ ଅନୁକୂଳ କରିଥିଲେ। ଏହାପରେ ଶ୍ରୀଜୀଉଙ୍କ ଚନ୍ଦନଯାତ୍ରା ନୀତି ମନ୍ଦିର ବେଢ଼ାରେ ଅନୁଷ୍ଠିତ ହୋଇଥିଲା। ଦେବୋତ୍ତର ନିରୀକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀ, ମୁଖ୍ୟ କିରାଣି ରାଧାନାଥ ରଥ, ମନ୍ଦିର ଜିମାଦାର ବସନ୍ତ କୁମାର ରଥ ପ୍ରମୁଖ ସାମାଜିକ ଦୂରତାକୁ ରକ୍ଷାକରି ମନ୍ଦିରରେ ଶ୍ରୀଜୀଉଙ୍କ ନୀତିକାନ୍ତି କରିଥିଲେ।

ଚଳିତ ବର୍ଷ କରୋନା ପ୍ରକୋପ କାରଣରୁ ରଥଯାତ୍ରାକୁ ନେଇ ଅନିଶ୍ଚିତତା ଲାଗି ରହିଛି। ଏ ଯାଏ ରଥଯାତ୍ରା ସମ୍ପର୍କିତ କୌଣସି ନିଷ୍ପତ୍ତି ହୋଇ ନ ଥିବା ଦେବୋତ୍ତର ବିଭାଗ ପକ୍ଷରୁ ସୂଚନା ମିଳିଛି।



ଢେଙ୍କାନାଳ ଶ୍ରୀବଳରାମ ମନ୍ଦିରରେ ଚନ୍ଦନଯାତ୍ରା ଉପଲକ୍ଷେ ଶ୍ରୀମଦନମୋହନଙ୍କ ପ୍ରତୀକାତ୍ମକ ଚାପ ଖେଳ।

## ୨୯୨ ଜଣଙ୍କ କ୍ୱାରାଣ୍ଟାଇନ୍ ଶେଷ

**ପାଲଲହଡ଼ା,୨୬।୪(ଡି.ଏନ.ଏ.)**

ରାଜ୍ୟ ବାହାରୁ ଫେରି ପାଲଲହଡ଼ାର ୨୪ଟି ପଞ୍ଚାୟତରେ ହୋମ୍ କ୍ୱାରାଣ୍ଟାଇନରେ ରହିଥିବା ୨୯୨ ଜଣଙ୍କ ୧୪ ଦିନିଆ ଅବଧି ଶେଷ ହୋଇଛି। ତେବେ ସରକାରଙ୍କ ପକ୍ଷରୁ କରାଯାଇଥିବା ସଙ୍ଗରୋଧ କେନ୍ଦ୍ରରେ ଥିବା ୮୮ଜଣଙ୍କ ମଧ୍ୟରୁ ୫୫ ଜଣଙ୍କ ଅବଧି ସରିଯାଇଛି। ବିଭିନ୍ନ ପଞ୍ଚାୟତରେ ୫୨୨ ଜଣ ନିରାଶ୍ରୟ ଓ ଦାଦନ ଶ୍ରମିକଙ୍କୁ ରବିବାର ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଥିବା ବିଡିଓ ରବି ନାରାୟଣ ମାଝି ସୂଚନା ଦେଇଛନ୍ତି। ସେହିପରି ପାଲଲହଡ଼ା ଉପଖଣ୍ଡର ବିଭିନ୍ନ ସରକାରୀ ଅନୁଷ୍ଠାନ ଓ ହୋମ୍ କ୍ୱାରାଣ୍ଟାଇନରେ ଥିବା ଶହେ ଲୋକଙ୍କ ସ୍ୱାବ ପରୀକ୍ଷା ପାଇଁ ଭୁବନେଶ୍ୱର ପଠାଯାଇଥିବା ବେଳେ ସମସ୍ତ ନମୁନା ନେଗେଟିଭ ଥିବା ପାଲଲହଡ଼ା ଏସ୍‌ଡିଏମ୍‌ଓ ଡାକ୍ତର ଜୟକୃଷ୍ଣ ନାୟକ ସୂଚନା ଦେଇଛନ୍ତି।

# ଶଢୁଛି ଫସଲ, ବଢୁଛି କ୍ଷତି

**ଛେଣ୍ଡିପଦା,୨୬।୪(ସ୍ୱ.ପ୍ର.)**

- ଚିନ୍ତାରେ ପଡ଼ିଛନ୍ତି ପରିବା ଚାଷୀ
- ଆସୁନାହାନ୍ତି ବେପାରୀ, ଧିମେଇଛି ବିକ୍ରି

କରୋନା କଟକଣା ପାଇଁ କ୍ଷତି ସହୁଛନ୍ତି ପରିବା ଚାଷୀ। ଏକର ଏକର ଜମିରେ ସେମାନେ କରିଥିବା ପରିବା ବିକ୍ରି କଷ୍ଟକର ହୋଇପଡୁଥିବାରୁ ତାହାକୁ ନେଇ ଚିନ୍ତାରେ ପଡ଼ିଛନ୍ତି ଚାଷୀ। ଲକ୍‌ଡାଉନ୍ ଯୋଗୁ ମାର୍କେଟ ସମ୍ପୂର୍ଣ୍ଣ ଖୋଲୁ ନ ଥିବା ବେଳେ ଦୂର ଦୂରାନ୍ତକୁ ପରିବା ମଧ୍ୟ ପଠାଯାଇପାରୁ ନାହିଁ। ଫଳରେ ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକର ଅଞ୍ଚଳରେ ହୋଇଥିବା କଖାରୁ, ପୋଟଳ, କଦଳୀ ଫସଲ ଏବେ ବିଲରେ ପଡ଼ି ପଡ଼ି ଶଢୁଥିବା ଚାଷୀମାନେ ଅଭିଯୋଗ ଆଣିଛନ୍ତି। ପ୍ରଶାସନ ପକ୍ଷରୁ ଏ ନେଇ କିଛି ବ୍ୟବସ୍ଥା କରାଯିବାକୁ ସେମାନେ ଦାବି କରିଛନ୍ତି।

ବ୍ଲକର ବ୍ରାହ୍ମଣବିଲ ଗ୍ରାମର ଅନେକ ଚାଷୀ କଖାରୁ ଚାଷ କରିଛନ୍ତି। ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ହୋଇଥିବା ଟନ୍ ଟନ୍ କଖାରୁ ସେମାନେ ବ୍ୟବସାୟୀଙ୍କୁ ଦେଇଥାନ୍ତେ। ହେଲେ ଏବେ ବଜାରରେ ଗ୍ରାହକଙ୍କ ସଂଖ୍ୟା କମିଥିବାରୁ ବହୁ ପରିମାଣର କଖାରୁ ବିକ୍ରି ହୋଇ ନ ପାରି ପଡିରହିଛି। ସେହିପରି କ୍ଷତି ଆଶଙ୍କାରେ ବଡ଼ ବଡ଼ ବ୍ୟବସାୟୀମାନେ ମଧ୍ୟ କମ୍ ପରିମାଣର ପନିପରିବା କିଣୁଛନ୍ତି। ତେଣୁ କଖାରୁ ସବୁ ଶଢିବାକୁ ବସିଥିବା ଚାଷୀ ଗଦାଧର ଦୁଆରୀ, ରିତ ସାହୁ, ଦୁର୍ଯ୍ୟୋଧନ ପ୍ରଧାନ, ସୁମନ୍ତ ପ୍ରଧାନ, ଅମି ପ୍ରଧାନ ପ୍ରମୁଖ ପ୍ରକାଶ କରିଛନ୍ତି। ସେହିପରି ଅଞ୍ଚଳର ପୋଟଳ ଓ କଦଳୀ ଚାଷୀ ମଧ୍ୟ କ୍ଷତି ସହୁଛନ୍ତି। ପ୍ରଶାସନ ପକ୍ଷରୁ ବିକ୍ରି ବ୍ୟବସ୍ଥା ସହ କ୍ଷତିପୂରଣ ପ୍ରଦାନ ଦିଗରେ ପଦକ୍ଷେପ ନିଆଯିବାକୁ ଦାବି ହୋଇଛି।



ତୋଳା ନ ହୋଇ ଜମିରେ ଶଢୁଥିବା କଖାରୁ ଦେଖାଉଛନ୍ତି ଚାଷୀ।

# ରାଶନକାର୍ଡ ତାଲିକାଭୁକ୍ତ ହେବେ ମହିମା ସାଧୁ

**ଢେଙ୍କାନାଳ ଅଫିସ, ୨୬।୪**



ବିଧାୟକ ସନ୍ୟାସୀମାନଙ୍କ ସହିତ ଆଲୋଚନା କରୁଛନ୍ତି।

- ଜିଲାପାଳ, ପିଡିଙ୍କ ସହ ବିଧାୟକଙ୍କ ଆଲୋଚନା
- ସନ୍ୟାସୀଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀ, ମାସ୍କ ପ୍ରଦାନ

ଲକ୍‌ଡାଉନ୍ ନିୟମ କଡ଼ାକଡ଼ି କରାଯିବା ପରେ ବିଶ୍ୱପ୍ରସିଦ୍ଧ ମହିମାଧର୍ମ ପୀଠ ଯୋରନ୍ଦାରେ ରହୁଥିବା ସାଧୁସନ୍ନ୍ୟାସୀଙ୍କ ସମସ୍ୟା ବଢ଼ିଛି। ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଥିବାରୁ ଅତ୍ୟାବଶ୍ୟକ ସାମଗ୍ରୀ ପହଞ୍ଚିବାରେ ଅସୁବିଧା ସୃଷ୍ଟି ହୋଇଛି। ଏହାର ସମାଧାନ ଲାଗି ଉଦ୍ୟମ କରିଛନ୍ତି ବିଧାୟକ ସୁଧୀର କୁମାର ସାମଲ। ରବିବାର ବିଧାୟକ ଯୋରନ୍ଦାରେ ପହଞ୍ଚି ମହିମା ସନ୍ନ୍ୟାସୀଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀ ସାଙ୍ଗକୁ ମାସ୍କ ପ୍ରଦାନ କରିଛନ୍ତି। ମହିମାଧର୍ମର ପ୍ରଚାରରେ ନିଜକୁ ସମର୍ପିତ କରିଥିବା ସାଧୁସନ୍ନ୍ୟାସୀମାନଙ୍କୁ ରାଶନକାର୍ଡ ତାଲିକାଭୁକ୍ତ କରିବାକୁ ଯଥାସମ୍ଭବ ଉଦ୍ୟମ ଜାରି ରହିଛି। ଏ ସମ୍ପର୍କରେ ଜିଲାପାଳ ଏବଂ ପିଡିଙ୍କ ସହ ଆଲୋଚନା କରିଥିବା ବିଧାୟକ ସୂଚନା ଦେଇଛନ୍ତି।

ବିଧାୟକ ପ୍ରଥମେ ମହିମାଗାଦିସ୍ଥିତ ସତ୍ୟ ଧର୍ମଧାମ ମହିମା ସମାଜର ଆଶ୍ରମକୁ ଯାଇ ସେଠାରେ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ପରେ ସାଧୁଙ୍କ ସୁବିଧା ଲାଗି ଜରୁରୀ ସାମଗ୍ରୀ ଓ ମାସ୍କ ପ୍ରଦାନ କରିଥିଲେ। ଆଲୋଚନା ସମୟରେ ଧର୍ମଧାମ ମହିମା ସମାଜର ସମ୍ପାଦକ ନିତ୍ୟାନନ୍ଦ ବାବା, ସୁବ୍ରତ ବାବା, ଦୀନବନ୍ଧୁ ବାବା, ଭଣ୍ଡାର ରକ୍ଷକ ବିଜୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ବିଧାୟକ କୌପୀନଧାରୀ ମହିମା ସମାଜ ଆଶ୍ରମକୁ ଯାଇ ଆବଶ୍ୟକ ସାମଗ୍ରୀ ବଣ୍ଟନ କରିଥିଲେ। ବଟି ମନ୍ଦିର ପରିସରରେ ବରିଷ୍ଠ ସନ୍ନ୍ୟାସୀ ଅବିନାଶୀ ବାବାଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ପୀଠ ବାହାରେ ସେ ମହିମା ସାଧୁଙ୍କ ସହ ପ୍ରଦୀପ ପ୍ରଜ୍ୱଳନ କରି ମହାମାରୀ କରୋନାରୁ ବିଶ୍ୱବାସୀଙ୍କୁ ରକ୍ଷା କରିବା ପାଇଁ ପ୍ରାର୍ଥନା କରିଥିଲେ। କାର୍ଯ୍ୟକ୍ରମରେ ଜିଲା ବିଜେଡି କୃଷକ ମୋର୍ଚ୍ଚା ସଭାପତି ନରୋତ୍ତମ ସାହୁ, ଯୋରନ୍ଦା ସରପଞ୍ଚ ପ୍ରଶାନ୍ତ କୁମାର ରାଉତ, ବିଧାୟକଙ୍କ ପ୍ରତିନିଧି ଦେବାଶିଷ ମିଶ୍ର, ନିରାକାର ରାଉତ, ସନ୍ତୋଷ ବିଶ୍ୱାଳ, ପ୍ରଦୀପ ରାଉତ, ବିଶ୍ୱନାଥ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଦଧିବାମନଙ୍କ ରଥ ନିର୍ମାଣ କାମର ଅନୁକୂଳ

ଭଟଲି,୨୬।୪(ଡି.ଏନ.ଏ.): ପଶ୍ଚିମୋତ୍କଳ ଶ୍ରୀକ୍ଷେତ୍ର ଭାବେ ଅଭିହିତ ବରଗଡ଼ ଜିଲା ଭଟଲି ଦଧିବାମନ ପୀଠରେ ଅକ୍ଷୟ ତୃତୀୟା ନୀତି ନିୟମ ସହ ରଥକାଠ ଅନୁକୂଳ କରାଯାଇଛି। ବର୍ତ୍ତମାନ ସମଗ୍ର ଦେଶରେ କରୋନା(କୋଭିଡ୍-୧୯) ପାଇଁ କଟକଣା ରହିଛି। ସେହି ନିୟମ ଆଧାରରେ ସାମାଜିକ ଦୂରତ୍ୱକୁ ଦୃଷ୍ଟିରେ ରଖି ଏହି ରଥକାଠ ଅନୁକୂଳ ହୋଇଛି। ଏହି ଅବସରରେ ମହାପ୍ରଭୁ ଶ୍ରୀ ଶ୍ରୀ ଦଧିବାମନଙ୍କ ରଥର ଚକ ଏବଂ ଅଖକୁ ପୂଜା କରାଯିବା ସହିତ ରଥ ତିଆରି କାମ ଆରମ୍ଭ ହୋଇଛି। ଏଥିପାଇଁ ମନ୍ଦିର କମିଟି ପକ୍ଷରୁ ଗୋପୀନାଥ ସାହୁଙ୍କୁ ବିଶ୍ୱକର୍ମା ଭାବେ ବରଣ କରାଯାଇଛି। ଏଥିରେ ମନ୍ଦିର ପୂଜକ ଗୌରଚନ୍ଦ୍ର ରଥ ଏବଂ ଲଳିତ ରଥ ପୂଜକ ଦାୟିତ୍ୱ ତୁଲାଇଛନ୍ତି। ମନ୍ଦିରରୁ ଆଜ୍ଞାମାଳ ଆସିବା ପରେ ରଥ କାମ ଅନୁକୂଳ ହୋଇଥିଲା । ଏହି ପୂଜାରେ ମନ୍ଦିର ପ୍ରଶାସନର ସଦସ୍ୟ ଉପସ୍ଥିତ ଥିଲେ।

### ସାପ କାମୁଡ଼ାରେ ଯୁବକ ମୃତ

ଦେବଗଡ, ୨୬।୪(ଡି.ଏନ.ଏ.): ଦେବଗଡ ଥାନା ଅଧୀନ ଖଜୁରିବାହାଲ ଗ୍ରାମରେ ଶନିବାର ରାତିରେ ସାପ କାମୁଡାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଖବର ମୁତାବକ ଖଜୁରିବାହାଲ ଗ୍ରାମର ସତାରୀ ସାମାଡ(୨୬) ସବୁଦିନ ଭଳି ନିଜ ଘର ଅଗଣାରେ ଶୋଇଥିବା ବେଳେ ସାପ ତାଙ୍କୁ କାମୁଡି ଦେଇଥିଲା। ସତାରୀ ନିଦରୁ ଉଠି ପରିବାର ଲୋକଙ୍କୁ ଏକଥା ଜଣାଇବା ପରେ ପରିବାର ଲୋକେ ଚିକିତ୍ସା ପାଇଁ ତାଙ୍କୁ ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ମାତ୍ର ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ସୂଚନା ପାଇ ଦେବଗଡ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ।

### ହୋଟେଲକୁ ସିଲ୍ କଲା ପ୍ରଶାସନ

ବରଗଡ଼ ଅଫିସ୍,୨୬।୪: ବରଗଡ଼ ଜିଲା ପ୍ରଶାସନ ପକ୍ଷରୁ ସହରର ଏକ ହୋଟେଲକୁ ସିଲ୍ କରି ଦିଆଯାଇଛି। ଲକ୍ ଡାଉନ୍ କଟକଣା କୋହଳ ହୋଇଥିଲେ ହେଁ ହୋଟେଲ ଖୋଲିବାକୁ ପ୍ରଶାସନ ପକ୍ଷରୁ ନିଷେଧାଦେଶ ଜାରି ହୋଇଛି । ଏହା ସତ୍ତ୍ୱେ ସମ୍ପୃକ୍ତ ହୋଟେଲ କର୍ତ୍ତୃପକ୍ଷ ହୋଟେଲ ଖୋଲିଥିଲେ। ଏହି ସୂଚନା ପାଇବା ପରେ ପୋଲିସ ଓ ପ୍ରଶାସନିକ ଅଧିକାରୀ ସମ୍ପୃକ୍ତ ହୋଟେଲରେ ପହଞ୍ଚି ସିଲ୍ କରି ଦେଇଛନ୍ତି ।

# ଆନ୍ଧ୍ରରୁ ଗାଁମୁହାଁ ଶ୍ରମିକ

**ଦାଦନ ଦୁଃଖ**



■ ରେଳପଥରେ ଫେରିବା ବାଟରେ ଅଟକାଇଲା ପୋଲିସ ■ ଜଙ୍ଗଲିଆ ସ୍ଥାନରେ ଆଶ୍ରୟ ନେଇଥିଲେ
■ ଗୁଗଲ୍ ମ୍ୟାପ୍‌ରୁ ଚିହ୍ନଟ ହେଲା ଶ୍ରମିକଙ୍କ ଆଶ୍ରୟସ୍ଥଳ ■ ସାମାଜିକ କର୍ମୀଙ୍କ ଉଦ୍ୟମରୁ ମିଳିଲା ସହାୟତା

ବରଗଡ଼ ଅଫିସ୍,୨୬।୪

କରୋନା (କୋଭିଡ୍-୧୯) ଭୂତାଣୁ ସଂକ୍ରମଣକୁ ପ୍ରତିହତ ପାଇଁ ଦେଶବ୍ୟାପୀ ଲକ୍ ଡାଉନ୍ କଟକଣାକୁ ମାସାଧିକ କାଳ ବିତିଯାଇଛି । ଏଥିପାଇଁ ମୁଖ୍ୟତଃ ଗରିବ, ଅସହାୟଙ୍କଠାରୁ ଆରମ୍ଭ କରି ପ୍ରବାସୀ ଶ୍ରମିକଙ୍କ ସମସ୍ୟା ବହୁଗୁଣିତ ହୋଇ ପଡ଼ିଛି। ରୋଜଗାର ବନ୍ଦ ଥିବାରୁ ଖାଇବାକୁ ମୁଠାଏ ମିଳିବା ସେମାନଙ୍କ ପାଇଁ ମୁସ୍କିଲ ହୋଇ ପଡ଼ିଛି। ସେହିପରି ଗାଡ଼ି, ଟ୍ରେନ ଚଳାଚଳ ବନ୍ଦ ରହିଥିବା ଯୋଗୁ ପ୍ରବାସୀ ଶ୍ରମିକମାନେ ଘରକୁ ମଧ୍ୟ ଫେରି ପାରୁନାହାନ୍ତି। ଏଭଳିସ୍ଥଳେ କିଏ ସାଇକେଲରେ ତ ଆଉ କେହି ଚାଲି ଚାଲି ନିଜ ଗାଁକୁ ଫେରିବା ଭଳି ଘଟଣା ପରିଲକ୍ଷିତ ହୋଇଛି । ଏହି କ୍ରମରେ ସୁଦୂର ଆନ୍ଧ୍ର ପ୍ରଦେଶର ବିଜୟନଗରମରୁ ବରଗଡ଼, ବଲାଙ୍ଗୀର ଏବଂ ରାୟଗଡ଼ର ୪୭ ଜଣ ଶ୍ରମିକ ଚାଲି ଚାଲି ଘରକୁ ଫେରୁଥିବା ଜଣାପଡ଼ିଛି ।

ସୂଚନା ଅନୁଯାୟୀ, ଏହି ଶ୍ରମିକମାନେ ଗତ କିଛି ମାସ ତଳେ ବିଜୟନଗରମକୁ ଦାଦନ ଖଟିବାକୁ ଯାଇଥିଲେ । ଲକ୍ ଡାଉନ୍ ପରେ ସେମାନଙ୍କ କାମଧନ୍ଦା ବନ୍ଦ ହୋଇ ଯାଇଥିଲା। ସେଠାରେ ସେମାନଙ୍କ ଖାଇବା, ପିଇବାରେ ଅସୁବିଧା ହୋଇଥିଲା। ଅନ୍ୟପଟେ ଗାଡ଼ି ଚଳାଚଳ ବନ୍ଦ ଥିବାରୁ ସେମାନେ ଘରକୁ ଫେରି ପାରୁ ନ ଥିଲେ। ଗତ ତିନିଦିନ ତଳେ ଶ୍ରମିକମାନେ ରେଳପଥ ଦେଇ ଘର ଅଭିମୁଖେ ଚାଲି ଚାଲି ଆସୁଥିଲେ । ବାଟରେ ଆନ୍ଧ୍ରପ୍ରଦେଶର ସୀତାନଗରମ୍ ଜିଲା ନିକଟରେ ସେମାନେ ପୋଲିସ ହାବୁଡ଼ରେ ପଡ଼ିଥିଲେ । ଏହାପରେ ପୋଲିସ ଭୟରେ ଶ୍ରମିକମାନେ ସେଠାରେ ଥିବା ଏକ ଜଙ୍ଗଲ ଭିତରକୁ ପଶି ସେଠାରେ ଥିବା ଯୋଗେନପେଟା ମନ୍ଦିର ନିକଟରେ ଆଶ୍ରୟ ନେଇଥିଲେ ।

ଘଟଣା ସମ୍ପର୍କରେ ଜଣାପଡିବା ପରେ ବିଜେପୁର ବ୍ଲକ ଯୋଖିପାଲି ଗ୍ରାମର ସାମାଜିକ କର୍ମୀ ଦିବସ କୁମାର ସାହୁ ସେମାନଙ୍କୁ ଉଦ୍ଧାର ପାଇଁ ଉଦ୍ୟମ କରିଥିଲେ। ଶ୍ରମିକମାନେ ସେଠାକାର ଲୋକେଶନ ପଠାଇଥିଲେ ଏବଂ ଦିବସ ସୀତାନଗରମ ଏସପି, ତହସିଲଦାର, ଏସଆଇଙ୍କୁ ଯୋଗାଯୋଗ ସହିତ ସେମାନଙ୍କୁ ଉଦ୍ଧାର ବ୍ୟବସ୍ଥା କରିଥିଲେ। ଫଳରେ ପୋଲିସ ସେଠାକୁ ପହଞ୍ଚି ଶ୍ରମିକମାନଙ୍କୁ ଖାଦ୍ୟ ସାମଗ୍ରୀ ଦେଇଥିଲା ଏବଂ ସେମାନେ ଘରକୁ ଫେରିବାକୁ ଚାହିଁବାରୁ ସେମାନଙ୍କୁ ଛାଡ଼ିଥିଲା। ଏହାପରେ ଶ୍ରମିକମାନେ ସେଠାରୁ ଚାଲି ଚାଲି ଘରକୁ ଫେରୁଛନ୍ତି । ତେବେ ରବିବାର ରାତି ୭ଟା ସୁଦ୍ଧା ଶ୍ରମିକମାନେ ରାୟଗଡ଼ା ଜିଲା ପାଖାପାଖି ପହଞ୍ଚି ଥିବାବେଳେ ବସ୍ ଯୋଗେ ସେମାନଙ୍କୁ ଘରେ ପହଞ୍ଚାଇବା ପାଇଁ ସାମାଜିକ କର୍ମୀ ଦିବସ ବରଗଡ଼, ବଲାଙ୍ଗୀର ଏବଂ ରାୟଗଡ଼ା ଜିଲାପାଳଙ୍କୁ ନିବେଦନ କରିଛନ୍ତି ।

# ଖଗେଶ୍ୱର ଥିଲେ ଋଷିକବି

**ଅନ୍‌ଲାଇନରେ ଜୟନ୍ତୀ ପାଳନ**



ବିଜେପୁରରେ ଖଗେଶ୍ୱର ଜୟନ୍ତୀ ପାଳନ କରାଯାଉଛି ।

ବିଜେପୁର, ୨୬।୪ (ଡି.ଏନ.ଏ)

କୋଭିଡ-୧୯ ପାଇଁ ଲକ୍‌ଡାଉନ ଜାରି ରହିଥିବାରୁ ବରଗଡ ଜିଲା ବିଜେପୁର ଖଗେଶ୍ୱର ସାହିତ୍ୟ କଳା ପରିଷଦ ପକ୍ଷରୁ ଅନ୍‌ଲାଇନ ମାଧ୍ୟମରେ ସାହିତ୍ୟପ୍ରାଣ ଖଗେଶ୍ୱର ଶେଠଙ୍କ ୧୧୫ତମ ଜୟନ୍ତୀ ସମାରୋହରେ ରବିବାର ପାଳିତ ହୋଇ ଯାଇଛି। ତାଳପଦର ସ୍ଥିତ ସୋମନାଥ ପଧାନଙ୍କ ବାସଭବନରେ କବିଙ୍କ ତୈଳ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଏହାକୁ ଉଦ୍‌ଘାଟନ କରାଯାଇଥିଲା। ପରେ କ୍ରାନ୍ତି କଣ୍ଠଶିଳ୍ପୀ ଅଜିତ ପାଣିଗ୍ରାହୀ କବିଙ୍କ ମାନବବାଦୀ କବିତା ପରିବେଷଣ କରିଥିଲେ। ଭେଡେନ ମନୋହର ସାଂସ୍କୃତିକ ସଂସଦ ସଭାପତି ଉତ୍ପନ୍ନ କୁମାର ଭୋଇ ଭିଡି ପ୍ରବନ୍ଧ ପାଠ କରିଥିଲେ। ସ୍ତମ୍ଭକାର କିଶୋର ମେହେର, ଅଧ୍ୟାପକ ପ୍ରକାଶ ସେଠ, ଡ. ଶ୍ୟାମସୁନ୍ଦର ଧର, ସ୍ତମ୍ଭକାର ପ୍ରୀତିଶ ଆଚାର୍ଯ୍ୟ, ନାଟ୍ୟକାର କେଶରଞ୍ଜନ ପ୍ରଧାନ, ଡ. ରବୀନ୍ଦ୍ର ଗଡତିଆ ପ୍ରମୁଖ କବିଙ୍କ ସାହିତ୍ୟ କୃତି ଉପରେ ଆଲୋଚନା କରିଥିଲେ। କବିଙ୍କ ଆଚରଣ ଓ ଉଚ୍ଚାରଣରେ ଫରକ ନ ଥିଲା। ସାଧାରଣ ଲୋକଙ୍କ ପାଇଁ ଯେଉଁଠି ସେ ଅନ୍ୟାୟ, ଦୁର୍ନୀତି, ଭ୍ରଷ୍ଟାଚାର ଦେଖିଛନ୍ତି ତାକୁ ଅତି ନିଖୁଣ ଭାବେ ଚିତ୍ରଣ କରି ତାର ପ୍ରତିବାଦ କରିଛନ୍ତି । ତେଣୁ ଶେଠ ଥିଲେ ବାସ୍ତବରେ ଜଣେ ଦରଦି ଋଷିକବି ବୋଲି ଆଲୋଚକଗଣ ନିଜ ନିଜ ଘରେ ରହି ଅନଲାଇନରେ ମତପ୍ରକାଶ କରିଥିଲେ। ପଦ୍ମଶ୍ରୀ ଡ. ହଳଧର ନାଗ, ବ୍ୟଙ୍ଗକବି ମନୋରଞ୍ଜନ ସାହୁ, ସାହିତ୍ୟକ ଡ. ମାନଭଞ୍ଜନ ପ୍ରଧାନ ଅତିଥି ଭାବେ ନିଜର ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଅଧ୍ୟାପକ ସୁଶାନ୍ତ କୁମାର ମିଶ୍ର, ଦିଲୀପ କୁମାର ଦେବତା, ହୃଦମଣି ସାହୁ, ରାଜେଶ୍ୱର ବେହେରା, ଜିତେନ୍ଦ୍ରୀୟ ମେହେର, କବି ଅହଲ୍ୟା ପଧାନ ପ୍ରମୁଖ କାଯକ୍ରମ ପରିଚାଳନା କରିଥିଲେ । ଯୁବକବି ଦେବାଶିଷ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।



ସମ୍ବଲପୁର ରେଳ ମଣ୍ଡଳ ସିଟି ଷ୍ଟେଶନରୁ ଚାଉଳ ପରିବହନ କରାଯାଉଛି ।

# ଲକ୍‌ଡାଉନ ନିୟମ ମାନି ରମ୍‌ଜାନ ପାଳନ କରିବାକୁ ନିଷ୍ପତ୍ତି

ଭଟଲି,୨୬।୪(ଡି.ଏନ.ଏ)

ବର୍ତ୍ତମାନ କରୋନା ପାଇଁ ସମଗ୍ର ଭାରତ ବର୍ଷକୁ କେନ୍ଦ୍ର ସରକାର ଲକ୍‌ଡାଉନ୍ ଘୋଷଣା କରିଛନ୍ତି। ଏଥିପାଇଁ ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦିଆଯାଉଛି। କୌଣସି ଧାର୍ମିକ ଅନୁଷ୍ଠାନ ମଧ୍ୟ ଏହି କଟକଣାରୁ ବାଦ୍ ପଡ଼ିନାହିଁ। ତେବେ ମୁସଲମାନ ସମ୍ପ୍ରଦାୟଙ୍କ ରମ୍‌ଜାନ୍ ମାସ ଆରମ୍ଭ ହୋଇଥିବାରୁ ଭଟଲି ପ୍ରଶାସନ ପକ୍ଷରୁ ଏକ ବୈଠକ ବ୍ଲକ୍ ସଭାଗୃହରେ ରବିବାର ଅନୁଷ୍ଠିତ ହୋଇଛି। ବୈଠକରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ମସ୍‌ଜିଦ୍ ପରିସରରେ ମୌଲବୀଙ୍କ ସମେତ ସର୍ବାଧିକ ୪ ଜଣ ରହି ନମାଜ ପାଠ କରିପାରିବେ। ମସଜିଦ୍‌ରୁ ହିଁ ପ୍ରତିଦିନ ଅଜାନ ପରେ ଉପାସ ସମୟ ବିଷୟରେ ମୌଲବୀ ସଚେତନ କରିବା ସହିତ ସାମାଜିକ ଦୂରତ୍ୱ ରକ୍ଷା ପାଇଁ ଡାକବାଜି ଯନ୍ତ୍ର ସାହଯ୍ୟରେ ଜଣାଇପାରିବେ। ନିଜ ଘର ବା ପରିବାର ସଦସ୍ୟଙ୍କ ବ୍ୟତୀତ ଅନ୍ୟ କେହି ବାହାର ବ୍ୟକ୍ତି ଘରକୁ ଆସି ଭିଡ଼ ଜମାଇ ନମାଜ ପାଠ କରିପାରିବେ ନାହିଁ। କୌଣସି ମୌଲବୀ କୌଣସି ଘରକୁ ଯାଇ ନମାଜ ପାଠ କରାଇପାରିବେ ନାହିଁ। ଉପାସ ପରେ ଆବଶ୍ୟକ ସାମଗ୍ରୀ କିଣିବା ପାଇଁ କୌଣସି ଦୋକାନରେ ଭିଡ଼ କରି ପାରିବେ ନାହିଁ କିମ୍ବା ବିନା କାରଣରେ ବାହାରକୁ ଆସି ପାରିବେ ନାହିଁ। ପ୍ରଶାସନର ଏହି ନିଷ୍ପତ୍ତିକୁ ସମ୍ପ୍ରଦାୟ ପକ୍ଷରୁ ସ୍ୱାଗତ କରାଯାଇଛି। ବୈଠକରେ ବିଡିଓ ଧୀରେନ୍ଦ୍ର କୁମାର ସେଠୀ, ତହସିଲଦାର ପ୍ରଶାନ୍ତ କୁମାର ମହାପାତ୍ର, ଥାନାଧିକାରୀ ରଞ୍ଜିତ କୁମାର ନାଏକ, ମୌଲବୀ ମହମ୍ମଦ ଇଦ୍ରିସ୍, ମୁସ୍‌ଲିମ୍ କିମିଟିର ସଭାପତି ଅବଦୁଲ ଗନି ଖାଁ, ସମ୍ପାଦକ ହାଜି ସେଖ ଅଲ୍ଲି, ଅବଦୁଲ ଫାରୁକ୍ ଖାଁ ଏବଂ ସେଖ୍ ଫାଇଜାନ ଉପସ୍ଥିତ ଥିଲେ।

# ଲକ୍‌ଡାଉନରେ ୧୪୯ ର୍‌ୟାକ୍‌ରେ ଚାଉଳ ପରିବହନ

ସମ୍ବଲପୁର, ୨୬।୪ (ବ୍ୟୁରୋ)

କରୋନା ମୁକାବିଲା ପାଇଁ ଲକ୍ ଡାଉନ ଜାରି ରହିଛି । ଏହି ସମୟରେ ସମ୍ବଲପୁର ରେଳମଣ୍ଡଳ ଅନବରତ ଭାବେ ଅତ୍ୟାବଶ୍ୟକ ସାମଗ୍ରୀ ଦେଶର ବିଭିନ୍ନ ପ୍ରାନ୍ତକୁ ପରିବହନ କରୁଛି । ଗତ ୨୪ ତାରିଖ ୧୪୯ଟି ରେକ୍‌ରେ ୭୩୩ ୱାଗନ୍ ଜରିଆରେ ୪ଲକ୍ଷ ୫୪ ହଜାର ୮୯୪ ଟନ୍ ଚାଉଳ ହୀରାକୁଦ, ବଲାଙ୍ଗୀର, ବରଗଡ ରୋଡ, ଡୁଙ୍ଗୁରିପାଲି, କେସିଙ୍ଗା, କଣ୍ଟାବାଞ୍ଜି, କୋମାଖାନ୍, ଖରିଆର ରୋଡ, ଜୁନାଗଡ ରୋଡ, ବେଲଖଣ୍ଡା ଷ୍ଟେଶନ ଗୁଡିକରୁ ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, କେରଳ, ତାମିଲନାଡୁ ରାଜ୍ୟକୁ ପଠାଯାଇଛି। ଗୁଡ୍ ସେଡ୍ ଗୁଡିକରେ ମାଲ ବୋଝେଇ ଓ ଖଲାସ ସମୟରେ ଶ୍ରମିକ ଏବଂ କର୍ମଚାରୀମାନେ ସାମାଜିକ ଦୂରତ୍ୱ ରକ୍ଷା କରୁଥିବା ଦେଖିବାକୁ ମିଳିଛି ।

### ମାନବିକତା ନ ଭୁଲିବାକୁ ପୋଲିସକୁ ପରାମର୍ଶ

ଦେବଗଡ,୨୬।୪(ଡି.ଏନ.ଏ.)

ଦେବଗଡ ଆଦର୍ଶ ଥାନା ପରିସରରେ ରବିବାର ଏସ୍‌ପି ରାହୁଲ ଜୈନ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ଲକ୍ ଡାଉନ୍, ସାମାଜିକ ଦୂରତ୍ୱ ଏବଂ ମାସ୍କ ବ୍ୟବହାର ଉପରେ ବୁଝାଇଛନ୍ତି। ଏ ସବୁ ନୀତି ନିୟମଗୁଡିକୁ ଠିକ ଭାବେ କାର୍ଯ୍ୟକାରୀ କରିବା ପାଇଁ ମଧ୍ୟ ଏସ୍‌ପି ପରାମର୍ଶ ଦେଇଥିଲେ। ଏଥିସହ ନିୟମ ମାନୁ ନ ଥିବା ଲୋକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବା ସମୟରେ ମାନବିକତାକୁ ନ ଭୁଲିବାକୁ ମଧ୍ୟ କର୍ମଚାରୀ ଓ ଅଧିକାରୀଙ୍କୁ ବୁଝାଇଥିଲେ।

**ଫଟୋରେ ଖବର**



ରବିବାର ସମ୍ବଲପୁର ଜିଲାରେ ଏମଜିଏନଆରଇଜିଏସ୍‌ରେ ଶ୍ରମିକମାନେ ସାମାଜିକ ଦୂରତା ରଖି କାମ କରୁଛନ୍ତି ।

# ଅନୁକୂଳ ହେଲା ଅଖିମୁଠି, ଏବେ ଚାଷକାମ

## ଚାଷୀ ହିଁ ସବୁଠୁ ବଡ଼ ଯୋଦ୍ଧା

ବଲାଙ୍ଗୀର ଅଫିସ, ୨୬।୪

ବଲାଙ୍ଗୀର ସଦର ବ୍ଲକ ବୈଦିପାଲି ପଞ୍ଚାୟତ ଅନ୍ତର୍ଗତ ଫୁଲଝରଣ ଗାଁରେ ଜିଲା କୃଷକ ମହାସଂଘ ପକ୍ଷରୁ ରବିବାର ପବିତ୍ର ଅକ୍ଷୟ ତୃତୀୟା ପାଳନ କରାଯାଇ ଅକ୍ଷିମୁଠି ଅନୁକୂଳ କରାଯାଇଛି । ଗାଁ କ୍ଲବ ସମ୍ମୁଖରୁ ଗିନି, ମୃଦଙ୍ଗ ତାଳେ ତାଳେ ପୂଜାର୍ଚ୍ଚନା ସାମଗ୍ରୀ ଧରି ଚାଷୀମାନେ ଗାଁ ମୁଣ୍ଡ କ୍ଷେତରେ ପହଞ୍ଚିଥିଲେ । ସେଠାରେ ବୟୋଜ୍ୟେଷ୍ଠ ଚାଷୀ ଦୁର୍ଜନ ଦାନୀ ପାରମ୍ପରିକ ପୂଜାର୍ଚ୍ଚନା କରିବା ପରେ ଜିଲା କୃଷକ ମହାସଂଘ ସଭାପତି ଡା ସୁଧୀର କୁମାର ପରିଚ୍ଛା ଅକ୍ଷିମୁଠି ଅନୁକୂଳ କରିଥିଲେ । ଚାଷୀ ଗଣେଶ୍ୱର ବାଗ ହଳ କରିଥିଲେ। ଚାଷୀ କୈଳାସ ଷାଣ୍ଢ ପୂଜା ଥାଳ ଧରିଥିଲେ । ଚାଷୀ ଦୁର୍ଜନ ଓ ଗଣେଶ୍ୱରଙ୍କ ସୁମଧୁର ହଲିଆ ଗୀତରେ କୃଷି ପର୍ବ ଆରମ୍ଭ ହୋଇଥିଲା। ଜିଲା କୃଷକ ସଂଘ ସଭାପତି ଡା. ପରିଚ୍ଛା କହିଥିଲେ ଯେ ଭାରତୀୟ କୃଷି ପରମ୍ପରାରେ ଅକ୍ଷୟ ତୃତୀୟା ହେଉଛି କୃଷିପର୍ବର ଆଦ୍ୟାରମ୍ଭ। ଚାଷୀକୂଳ ଶ୍ରମ ଦେଇ ସମସ୍ତଙ୍କୁ ଅନ୍ନ ଯୋଗାଇଥାନ୍ତି। ଆଜି ସମଗ୍ର ବିଶ୍ୱ କରୋନା ମହାମାରୀରେ ସନ୍ତ୍ରସ୍ତ ଥିବାବେଳେ ଚାଷୀ ପୁଣି ଥରେ ତାହା ଚିରାଚରିତ ଯୁଦ୍ଧକ୍ଷେତ୍ରକୁ ଓହ୍ଲାଇଛି ଅନ୍ନ ଯୋଗାଇବାର ବାର୍ତ୍ତା ନେଇ। କରୋନା ସମୟରେ ଡାକ୍ତର, ନର୍ସ, ପୋଲିସ କର୍ମଚାରୀଙ୍କୁ କରୋନା ଯୋଦ୍ଧା କୁହାଯାଇ ଉତ୍ସାହିତ କରାଯାଉଛି। ମାତ୍ର ଚାଷୀ ହିଁ ହେଉଛି ସବୁ ସମୟର ଓ ସବୁଠୁ ବଡ ଯୋଦ୍ଧା। ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ କରୋନା ଯୋଦ୍ଧାମାନଙ୍କୁ ପ୍ରଶଂସା କଲାବେଳେ ଚାଷୀଙ୍କୁ ଭୁଲିଯିବା ଦୁର୍ଭାଗ୍ୟଜନକ ବୋଲି ଡା ପରିଚ୍ଛା କରିଥିଲେ । କରୋନା ସଂକ୍ରମଣ କାଳରେ ଚାଷୀଙ୍କୁ ସହଯୋଗ ଓ ସଦିଚ୍ଛାର ହାତ ବଢ଼ାଇବା ସରକାରଙ୍କ ମୁଖ୍ୟ କର୍ତ୍ତବ୍ୟ ବୋଲି ସେ କହିଥିଲେ । ଚଳିତବର୍ଷ ଭଲ ବର୍ଷା ହେଲେ ପୁଣିଥରେ ଚାଷୀ ନିଜ ହସିବା ସହ ଦୁନିଆକୁ ହସାଇବ ବୋଲି ଚାଷୀ ଦୁର୍ଜନ ଜାନୀ କହିଛନ୍ତି । ତେବେ କରୋନା ଲକ୍‌ଡାଉନ୍ ସମୟରେ ଚାଷ କାର୍ଯ୍ୟ କିଭଳି ସମ୍ପନ୍ନ ହେବ ନେଇ ଚାଷୀ ସନ୍ଦୀହାନ ଥିବା ଚାଷୀ ଗଣେଶ୍ୱର ବାଗ, କୈଳାସ ଷାଣ୍ଢ, ବିକାଶ ଷାଣ୍ଢ ଓ ଅନ୍ୟମାନେ କହିଛନ୍ତି। କରୋନା ଲକ୍‌ଡାଉନ୍ କାରଣରୁ କୃଷି ବିଭାଗ ତରଫରୁ ପାଳନ କରାଯାଉଥିବା ଅକ୍ଷୟ ତୃତୀୟା ମହୋତ୍ସବକୁ ଚଳିତବର୍ଷ ବାତିଲ କରାଯାଇଛି।



ଫୁଲଝରଣ ଗାଁରେ ଚାଷୀନେତା ଡା ସୁଧୀର ପରିଚ୍ଛା ଅକ୍ଷିମୁଠି ଅନୁକୂଳ କରୁଛନ୍ତି ।

## ମାସ୍କ ପିନ୍ଧି ଅଖିମୁଠି ଶୁଭଦେଲେ

ନୂଆପଡ଼ା ଅଫିସ,୨୬।୪

ବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟା ତିଥି ଅର୍ଥାତ୍ ଅକ୍ଷୟ ତୃତୀୟାରେ ଚାଷୀ ଅଖିମୁଠି ପକାଏ। ଜମିରେ ପୂଜାର୍ଚ୍ଚନା କରି ଭଲ ଫସଲ ପାଇଁ ମାଟି ମାଆକୁ ବିନତୀ କରେ । ହେଲେ ଏଥର ଚାଷୀଙ୍କ ମନରେ ସେହି ଉତ୍ସାହ ନାହିଁ। ମହାମାରୀ କରୋନା ଚାଷୀଙ୍କ ମୁହଁରୁ ସେହି ହସକୁ ଛଡାଇ ନେଇଛି । ହର୍ଷଉଲ୍ଲାସ ବଦଳରେ ଚାଷୀ ମାସ୍କ ପିନ୍ଧି ଅଖିମୁଠି ବୁଣି ନିଜର କର୍ତ୍ତବ୍ୟ ସମ୍ପାଦନ କରିଛି। ନୂଆପଡା ଜିଲା ପ୍ରଶାସନ ବଦଳରେ କୃଷକ କ୍ଳବ ପକ୍ଷରୁ ଏହି କାର୍ଯ୍ୟକ୍ରମ ପାଳନ କରାଯାଇଛି।

ଜିଲା ସଦର ମହକୁମାଠାରୁ ମାତ୍ର ୧୨କିମି ଦୂର କୋମନା ବ୍ଲକର ମୁଣ୍ଡାପଲା ଗାଁରେ ମିଲେଟ ମିଶନ କାର୍ଯ୍ୟକ୍ରମ ସମ୍ଭାଳୁ ଥିବା ଅହିଂସା କ୍ଳବ(କୃଷକ କ୍ଳବ)ଦ୍ୱାରା ରବିବାର ଅକ୍ଷୟ ତୃତୀୟା ପାଳନ କରାଯାଇଥିଲା । ଭଗବାନ ଭୋଇଙ୍କ କ୍ଷେତରେ ହାତଗଣତି ୨୦ଜଣ ଚାଷୀ ଉପସ୍ଥିତ ଥିଲେ । ସମସ୍ତଙ୍କ ମୁହଁରେ ମାସ୍କ ଥିଲା। ପୂର୍ବାହ୍ନ ସାଢେ ୮ଟାବେଳେ ପୂଜାର୍ଚ୍ଚନା ପରେ ଚାଷୀ ଭୋଇ ଅଖିମୁଠି ଶୁଭ ଦେଇଥିଲେ। ଏହାପରେ ହଳ କରି ବିହନ ବୁଣାଗଲା । କାହାରି ମନରେ ପୂର୍ବବର୍ଷ ଭଳି ଉତ୍ସାହ ନ ଥିଲା। ତଥାପି ମହାମାରୀ କରୋନାକୁ ମୁକାବିଲା କରିବା। ନିଜକୁ ସୁରକ୍ଷିତ ରଖିବା ସହ ଦେଶବାସୀଙ୍କ ପେଟକୁ ଅନ୍ନ ଯୋଗାଇବାକୁ ସଂକଳ୍ପ ନେଇଥିଲେ ଉପସ୍ଥିତ ଥିବା ଚାଷୀଭାଇ। ଏହି ଅବସରରେ କ୍ଳବ ସଭାପତି ଶିବପ୍ରସାଦ ସାହୁ ମାଣ୍ଡିଆ, ଗୁର୍ଜି ଭଳି ଚାଷ ଉପରେ ଗୁରୁତ୍ୱ ଆରୋପ କରିଥିଲେ । ଏହାଦ୍ୱାରା ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ । ସରକାର ମଧ୍ୟ କୃଷି ଭିତ୍ତିକ ଉଦ୍ୟୋଗ ସବୁ ସହର ବଦଳରେ ଗାଁରେ ସ୍ଥାପନ କଲେ ଏଭଳି ମହାମାରୀକୁ ସାମନା କରିବା ସହଜ ହେବ ବୋଲି ମତ ରଖିଥିଲେ । ଏହି ଅବସରରେ ଉପସ୍ଥିତ ଚାଷୀଙ୍କୁ କ୍ଳବ ତରଫରୁ ବିଭିନ୍ନ ବିହନ ପ୍ୟାକେଟ ବଣ୍ଟନ କରାଯାଇଥିଲା।

ଅକ୍ଷୟ ତୃତୀୟା ପୂର୍ବରୁ ସରକାର ଚାଷୀଙ୍କ ପାଇଁ ବିଭିନ୍ନ କିସମର ବିହନ, ଚାଷ ସାମଗ୍ରୀ ଯୋଗାଇବା ନିଶ୍ଚିତ କରିଥାନ୍ତି । ହେଲେ ଏଥର ସବୁ ପଛରେ ପଡିଛି । ଏହା ଆଗାମୀ ଚାଷକୁ ପ୍ରଭାବିତ କରିବା ସମ୍ଭାବନା ରହିଛି । ଅକ୍ଷୟ ତୃତୀୟା ଏହା ସୂଚିତ କରୁଛି ବୋଲି ଜିଲା କୃଷକସଂଘ ସଭାପତି ଘାସିରାମ ମାଝି କହିଛନ୍ତି । ତେବେ ଚାଷ ଏବଂ ଚାଷୀଙ୍କ ସକାଶେ କୃଷି ବିଭାଗ ସବୁ ପ୍ରକାର ପ୍ରସ୍ତୁତି କରିସାରିଛି । କୌଣସି ପ୍ରକାର ଆଶଙ୍କା ନାହିଁ ବୋଲି ସହକାରୀ କୃଷି ଅଧିକାରୀ ହିମାଂଶୁ ଶେଖର ମହାପାତ୍ର କହିଛନ୍ତି ।




ନୂଆପଡାରେ ଅଖିମୁଠି ଅନୁକୂଳ କରାଯାଉଛି ।

### ସାମାଜିକ ଦୂରତ୍ୱରେ ହେଲା ଅଖିମୁଠି ଅନୁକୂଳ



ଜହ୍ନାପଙ୍କ, ୨୬।୪ (ଡି.ଏନ.ଏ)

ବୌଦ୍ଧ ଭାରତୀୟ କିଷାନ ସଂଘ ପକ୍ଷରୁ ନିରାଡମ୍ବର ଭାବେ ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତର ପୋଲାମ ଗ୍ରାମରେ ରବିବାର ଅକ୍ଷିମୁଠି ଅନୁକୂଳ ହୋଇଛି । ପ୍ରଥମେ ବଳରାମଙ୍କୁ ପୂଜାର୍ଚ୍ଚନା ପରେ ଅକ୍ଷିମୁଠି ଆରମ୍ଭ କରାଯାଇଥିଲା। ଏଥିରେ କର୍ତ୍ତା ଭାବେ ବୌଦ୍ଧ କିଷାନ ସଂଘର ସଭାପତି ସୂର୍ଯ୍ୟନାରାୟଣ ମହାପାତ୍ର ଓ ପୂଜକ ଭାବେ ନବୀନ କୁମାର ହୋତା ଦାୟିତ୍ୱ ତୁଲାଇଥିଲେ। ଏହାପରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ପ୍ରଥମେ କରୋନା ସମ୍ପର୍କରେ ସଚେତନତା ସହିତ ସାମାଜିକ ଦୂରତା ଓ ମାସ୍କ ପିନ୍ଧିବା ପାଇଁ ଚାଷୀମାନଙ୍କୁ ପରାମର୍ଶ ଦିଆଯାଇଥିଲା। କରୋନା ବୌଦ୍ଧ ବ୍ଲକ କିଷାନ ସଂଘ ସଭାପତି ନବୀନ କୁମାର ପ୍ରଧାନ ସଭା ସଂଯୋଜନା କରିଥିବା ବେଳେ ରାଜ୍ୟ ସମ୍ପାଦକ ଭୋଳାଗିରି ସାହୁ, କୃଷକ ସଙ୍ଗଠକ ବିଶିକେଶନ ପ୍ରଧାନ ବକ୍ତବ୍ୟ ରଖିଥିଲେ ଏବଂ ସତ୍ୟା ପାଣ୍ଡେ ଧନ୍ୟବାଦ ଅର୍ପଣ କରିଥିଲେ । ପଲ୍ଲିସେବା ସଂସଦର ସମ୍ପାଦକ ନିର୍ମଳ କୁମାର ସାହୁ, ଚାଷୀ ଗଦାଧର ମହାକୁଳ, ପ୍ରମୋଦ ନାଏକ, ବୌଦ୍ଧ ବ୍ଲକ ଉପାଧକ୍ଷ ମନୋରଞ୍ଜନ ପୁରୋହିତ, ତ୍ରିପୁର ମହାକୁଳ ପ୍ରମୁଖ ଯୋଗ ଦେଇଥିଲେ ।

# ସୀମା ସେପାଖେ କରୋନା, ଏପାଖ ଛାନିଆ

ଗୁଣପୁର,୨୬।୪(ଡି.ଏନ୍.ଏ.)

ସୀମାନ୍ତ ଆନ୍ଧ୍ରପ୍ରଦେଶର ପାତାପାଟଣା ଅଞ୍ଚଳରେ ୩ ଜଣ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ଏହି ଘଟଣା ଜଣାପଡ଼ିବା ପରେ ପାତାପାଟଣା ଆନ୍ଧ୍ର ସୀମାନ୍ତକୁ ଲାଗିରହିଥିବା ଦୁଇଟି ଜିଲା ରାୟଗଡ଼ା ଓ ଗଜପତି ଜିଲାବାସୀ

- ଗଜପତି, ରାୟଗଡ଼ା ଜିଲା ସହ ସୀମାନ୍ତରେ ସତର୍କ ଦୃଷ୍ଟି
- ତିଆରି ହେଲା ଅସ୍ଥାୟୀ ଚେକ୍ ପୋଷ୍ଟ

ଛାନିଆ ହେଲେଣି। ଏ ପର୍ଯ୍ୟନ୍ତ ଓଡ଼ିଶାର ଏହି ଦୁଇଟି ଜିଲାରେ ଜଣେ ବି କରୋନା ରୋଗୀ ବାହାରି ନ ଥିବାବେଳେ ଏହାର ସୀମାନ୍ତ ଅଞ୍ଚଳରେ କୋଭିଡ୍-୧୯ ଠାବ କରାଯିବା ଚିନ୍ତାର ବିଷୟ ପାଲଟିଛି।

ସୀମାନ୍ତରେ କରୋନା ରୋଗୀଙ୍କ ଠାବ କରାଯିବା ପରେ ରାୟଗଡ଼ା ଜିଲା ପ୍ରଶାସନ ତତ୍ପର ହୋଇପଡ଼ିଛି। ରବିବାର ଜିଲାପାଳ ପ୍ରମୋଦ କୁମାର ବେହେରା, ଗୁଣପୁର ଉପଜିଲାପାଳ ଡ. ସିଦ୍ଧେଶ୍ୱର ବଳିରାମ ବନ୍ଦର, ଏସ୍‌ଡିପିଓ ରାଜ କିଶୋର ଦାସ ଗଜପତି ରାୟଗଡ଼ା ସହ ଆନ୍ଧ୍ର ଓଡ଼ିଶା ସୀମାନ୍ତ ଅଞ୍ଚଳ ବୁଲି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ରାୟଗଡ଼ା ଗଜପତି ସୀମାର କାତ୍ରାଗୁଡ଼ାରେ ଯାତାୟତ ଉପରେ ସତର୍କ ଦୃଷ୍ଟି ରଖିବା ପାଇଁ ଅସ୍ଥାୟୀ ଚେକ ପୋଷ୍ଟ ନିର୍ମାଣ କରାଯିବ। ପୋଲିସ ମଧ୍ୟ ସବୁ ଦିଗ ପ୍ରତି ସତର୍କ ରହିବା ପାଇଁ ଜିଲାପାଳ ବେହେରା କହିଛନ୍ତି। ସେହିପରି ଓଡ଼ିଶା ଆନ୍ଧ୍ର ସୀମାର ଜଗନ୍ନାଥପୁର, ଗୋଠଲାପଦର, ରାମନାଗୁଡ଼ା ବ୍ଲକର କାଟିକି ଅଞ୍ଚଳକୁ ମଧ୍ୟ ଜିଲାପାଳ ଓ ଉପଜିଲାପାଳ ଗସ୍ତକରି ସୀମା ସିଲ୍ କରିବା ସହ ପୋଲିସ ସେହି ଅଞ୍ଚଳ ପ୍ରତି ସତର୍କ ଦୃଷ୍ଟି ରଖିବାକୁ କୁହାଯାଇଛି। ଏହି ସମୟରେ ଆଇଆଇସି ରଶ୍ମିରଞ୍ଜନ ପ୍ରଧାନ ସେଠାରେ ଉପସ୍ଥିତ ଥିଲେ।


ସୀମାନ୍ତରେ ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ ସ୍ଥିତି ଅନୁଧ୍ୟାନ କରୁଛନ୍ତି ।

# ସଙ୍ଗରୋଧ କେନ୍ଦ୍ରରେ ଏସିଡ୍ ମାଡ଼

ରାୟଗଡ଼ା ଅଫିସ,୨୬।୪

ରାୟଗଡ଼ା ଜିଲା କୁମ୍ଭିକୋଟା ସଙ୍ଗରୋଧ କେନ୍ଦ୍ରରେ ଜଣଙ୍କ ଏସିଡ୍ ମାଡ଼ରେ ଅନ୍ୟ ଜଣେ ଶ୍ରମିକ ଗୁରୁତର ହୋଇଛନ୍ତି। ଟଙ୍କା ପଇସାକୁ କେନ୍ଦ୍ରକରି ୨ ଜଣ ଶ୍ରମିକଙ୍କ ମଧ୍ୟରେ ରବିବାର ଝଗଡ଼ା ହେବାରୁ ଏଭଳି ଅଭାବନୀୟ କାଣ୍ଡ ଘଟିଛି। ଦୁଇ ଶ୍ରମିକ ହେଲେ ବିଘ୍ନେଶ ଶାହ ଓ ଦିଲୀପ ଶାହ।

**ଶ୍ରମିକ ଗୁରୁତର**

ରବିବାର ସନ୍ଧ୍ୟାରେ ଉଭୟଙ୍କ ଭିତରେ ଝଗଡ଼ା ଆରମ୍ଭ ହେବା ପରେ ବିଘ୍ନେଶ ଏଥିରେ ଉତ୍‌କ୍ଷିପ୍ତ ହୋଇ ଦିଲ୍ଲୀପଙ୍କ ଉପରକୁ ଏସିଡ୍ ପିଙ୍ଗିଦେଇଥିଲେ। ଦିଲୀପଙ୍କୁ ଗୁରୁତର ଅବସ୍ଥାରେ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଛି। ରାୟଗଡ଼ା ପୋଲିସ ଚିକିତ୍ସାଳୟରେ ପହଞ୍ଚି ଘଟଣାର ତଦନ୍ତ କରୁଛି। ଉଲ୍ଲେଖଯୋଗ୍ୟ, ଏପ୍ରିଲ ୧ରୁ ସେମାନେ ଉପରୋକ୍ତ ସଙ୍ଗରୋଧ କେନ୍ଦ୍ରରେ ରହିଆସୁଥିଲେ। ଉଭୟ ବିହାର ରାଜ୍ୟର ବାସିନ୍ଦା ଥିବା ଜଣାପଡ଼ିଛି। ସେମାନେ କୋରାପୁଟ ଜିଲା ସୁନାବେଡ଼ାରୁ ଚାଲିଚାଲି ବିହାର ଯାଉଥିବା ବେଳେ ରାୟଗଡ଼ା ପୋଲିସ ସେମାନଙ୍କୁ ଉଦ୍ଧାର କରି ପ୍ରଶାସନ ଜରିଆରେ କ୍ୱାରାଣ୍ଟାଇନ ସେଣ୍ଟରକୁ ପଠାଇଥିଲା। ତେବେ ଝଗଡ଼ା ବେଳେ ସେମାନଙ୍କ ପାଖକୁ ଏସିଡ୍ କେଉଁଠାରୁ ଆସିଲା, ତାହାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ସଂକ୍ଷେପରେ

### ଭ୍ରାମ୍ୟମାଣ କ୍ୟାମ୍ପରୁ ୩୦ ୟୁନିଟ ରକ୍ତ ସଂଗ୍ରହ

ସୁନାବେଡ଼ା,୨୬।୪(ସ୍ୱ.ପ୍ର.): କୋରାପୁଟ ଜିଲା ସେମିଳିଗୁଡ଼ା କୈଳାସନଗରରେ ଜୀବନ ବିନ୍ଦୁ ଭ୍ରାମ୍ୟମାଣ ରକ୍ତଦାନ ଶିବିରରୁ ୩୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। କୋରାପୁଟ ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ରଘୁରାମ ପଡାଲ, ବିହନ ନିଗମ ଅଧ୍ୟକ୍ଷ ତଥା ଜିଲା ବିଜେଡି ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ପଟ୍ଟାଙ୍ଗୀ ବିଧାୟକ ପିତମ ପାଢ଼ୀ ଏହାକୁ ଉଦ୍‌ଘାଟନ କରିଥିଲେ। ଜିଲା ଯୁବ ବିଜେଡି ସଭାପତି ଅମିତ ଅଗ୍ରୱାଲ, ଉପସଭାପତି ଭରତ ମଲ୍ଲିକ ଓ ଅଶୋକ ପାତ୍ର ଉପସ୍ଥିତ ଥିଲେ। ଜିଲା ରକ୍ତଦାତା ଓ ପ୍ରବର୍ତ୍ତକ ଫୋରମ ସଭାପତି ଜି. ସଞ୍ଜୀବ କୁମାର, କର୍ମକର୍ତ୍ତା ରାଜେଶ ଯାଦବ, ଉମାଶଙ୍କର ପ୍ରସାଦ ପାତ୍ର, ଶେଖ ଇବ୍ରାହିମ, ଚନ୍ଦ୍ରଶେଖର ରଥ, ଗୋବିନ୍ଦ ବଲ୍ଲଭ ପାଢ଼ୀ, ଶାହେଦା ପରବିନ, ସ୍ୱରାଜ ରାୟ ଶିବିର ପରିଚାଳନା ଓ ଝାନ୍‌ସୀ ସିଂ, ଆନନ୍ଦ ମୌଳି ପଟ୍ଟନାୟକ, ଗଣେଶ ଚନ୍ଦ୍ର ସାହୁ, ପ୍ରଦୀପ ତ୍ରିପାଠୀ, ଚିନ୍ତାମଣି ପୃଷ୍ଟି ସହଯୋଗ କରିଥିଲେ। କୋରାପୁଟ ରକ୍ତ ଭଣ୍ଡାର ଅଧିକାରୀ ମଧୁସୂଦନ ବଳିୟାରସିଂଙ୍କ ତତ୍ତ୍ୱାବଧାନରେ ଟେକ୍‌ନିସିଆନମାନେ ରକ୍ତ ସଂଗ୍ରହ କରିଥିଲେ।

### ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୟନ୍ତୀ

କାଶୀନଗର,୨୬।୪(ଡି.ଏନ.ଏ.)- ନବ ଉତ୍କଳର ନିର୍ମାତା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ୧୨୮ତମ ଜୟନ୍ତୀ ରବିବାର ବଂଶଧାରା ପାଠାଗାରଠାରେ ପାଳିତ ହୋଇଯାଇଛି। ବିଡିଓ ରାଜେନ୍ଦ୍ର ପ୍ରସାଦ ପଣ୍ଡା,ଆଇଆଇସି ଆନନ୍ଦ ଚନ୍ଦ୍ର ପାତ୍ର, ପାଠାଗାର ସଭାପତି ହୃଷୀକେଶ ଗୌଡ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ ୨ଜଣ ଅଗ୍ରଣୀ ଚାଷୀ ନଳିନୀକାନ୍ତ ପାତ୍ର ଓ କେ. ସୂରିୟା ରାଓଙ୍କୁ ସମ୍ମାନିତ କରାଯାଇଥିଲା।

### ସୁବାନୀଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଲେ ଡାକ୍ତର

ଗୁଣପୁର,୨୬।୪(ଡି.ଏନ୍.ଏ.): ରାୟଗଡ଼ା ଜିଲା ଗୁଣପୁର ବ୍ଲକ ତୋଲଣା ପଞ୍ଚାୟତ ପାତିଲି ଗ୍ରାମର ସୁବାନୀ ଶବରଙ୍କ ପରିବାର ଅସହାୟ ଜୀବନ ବିତାଉଥିବା ଖବର 'ଧରିତ୍ରୀ'ରେ ପ୍ରକାଶ ପାଇଥିଲା। ରବିବାର ଉକ୍ତ ପଞ୍ଚାୟତର ସରପଞ୍ଚ, ନିର୍ବାହୀ ଅଧିକାରୀଙ୍କ ସମେତ ପୁଟାସିଂର ଡାକ୍ତର ସମସ୍ତେ ମିଶି ପାତିଲି ଗ୍ରାମରେ ପହଞ୍ଚି ପରିବାରରର ସ୍ଥିତି ଅନୁଧ୍ୟାନ କରିବା ସହ ପୋଡ଼ିଯାଇଥିବା ହାତର ଅବସ୍ଥା ଦେଖିଥିଲେ। ତାଙ୍କ ପରିବାରକୁ ପ୍ରଶାସନ ପକ୍ଷରୁ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ସେମାନେ କହିଛନ୍ତି।

### କରୋନା ସଚେତନ କରିବାରୁ ପୋଲିସକୁ ଧମକ, ଯୁବକ ଗିରଫ

ଗୁଣପୁର,୨୬।୪(ଡି.ଏନ୍.ଏ.): ରାୟଗଡ଼ା ଜିଲା ପୁଟାସିଂ ଥାନା ଏସ୍‌ଆଇ କେଶବ ଚନ୍ଦ୍ର ବେହେରା କରୋନା ସଚେତନ କରିବାରୁ ଜଣେ ଯୁବକଙ୍କ ଆକ୍ରୋଶର ଶିକାର ହୋଇଛନ୍ତି। ତାଙ୍କର ଅଭିଯୋଗ କ୍ରମେ ପୁଟାସିଂ ଥାନାରେ ଶନିବାର ମାମଲା ରୁଜୁ ହେବା ସହ ଅଭିଯୁକ୍ତ ବିପ୍ର ଦଳବେହେରାଙ୍କୁ ରବିବାର କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ପଦ୍ମା ମୁଥୁ ସୂଚନା ଦେଇଛନ୍ତି। ଶନିବାର ରିଂତାଲ ଗ୍ରାମର ଏକ ତେନ୍ତୁଳି ଗଛ ତଳେ ୮ରୁ ୧୦ ଜଣ ଲୋକ କଥା ହେଉଥିଲେ। ସେହି ରାସ୍ତା ଦେଇ ଯାଉଥିବା ଏସ୍‌ଆଇ ବେହେରା ସାମାଜିକ ଦୂରତ୍ୱ ରଖିବାକୁ ତାଗିଦ୍ କରିଥିଲେ। କିନ୍ତୁ ଅଭିଯୁକ୍ତ ବିପ୍ର ତାଙ୍କୁ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ପଥର ଓ ବାଡ଼ିରେ ମାରିବାକୁ ଧମକ ଦେଇଥିଲେ।

### ରଥକାଠ ଅନୁକୂଳ

ରାୟଗଡ଼ା ଅଫିସ/ଜୟପୁର, ୨୬।୪(ଡି.ଏନ୍.ଏ.): ପବିତ୍ର ଅକ୍ଷୟ ତୃତୀୟାରେ ରବିବାର ରାୟଗଡ଼ା ସହରସ୍ଥିତ ଶ୍ରଦ୍ଧା ଶ୍ରୀକ୍ଷେତ୍ରରେ ରଥଯାତ୍ରା ପାଇଁ ରଥକାଠ ଅନୁକୂଳ ହୋଇଛି। ସପ୍ତାହକ ମଧ୍ୟରେ କାଠ ଆସି ପହଞ୍ଚିବା ପରେ ରଥକାମ ଆରମ୍ଭ ହେବ। ଅନୁକୂଳ ପୂଜା ବେଳେ ତହସିଲଦାର ଉମାଶଙ୍କର ବେହେରା, ଅତିରିକ୍ତ ତହସିଲଦାର ସୁନୀଲ ଖରା, ମନ୍ଦିର କମିଟି ସଦସ୍ୟ ଉପସ୍ଥିତ ଥିଲେ। ତେବେ କରୋନା ପାଇଁ ଏଥର ରଥଯାତ୍ରା ସାମୂହିକ ଭାବେ ହେବ କି ନା, ତାହା ଜିଲାପାଳ ନିଷ୍ପତ୍ତି ନେବେ। ରଥଖଳାରେ ନିର୍ମାଣ କାମ ବେଳେ ନିୟୋଜିତ କାରିଗର ସାମାଜିକ ଦୂରତା ରଖି ମାସ୍କ ପିନ୍ଧି କାମ କରିବା ଉପରେ ଗୁରୁତ୍ୱ ଦିଆଯିବ ବୋଲି ତହସିଲଦାର କହିଛନ୍ତି। ସେହିପରି ଜୟପୁରରେ ରଘୁନାଥ ମନ୍ଦିର ପ୍ରାଙ୍ଗଣରେ ପୂଜାର୍ଚ୍ଚନା ସହ ରଥକାଠ ଅନୁକୂଳ ହୋଇଛି। ଦେବୋତ୍ତର ବିଭାଗ ପକ୍ଷରୁ ଆୟୋଜିତ ଏହି ପୂଜାରେ ପୁରୋହିତ କୃଷ୍ଣଚନ୍ଦ୍ର ଦାଶ ଓ ଜଗନ୍ନାଥ ମନ୍ଦିର ପତ୍ରି ସେବାୟତ ମାଲୁ ତ୍ରିପାଠୀ ଅନୁକୂଳ ପୂଜା କରିଥିଲେ। ଦେବୋତ୍ତର ପରାମର୍ଶଦାତା ନରେନ୍ଦ୍ରନାଥ ନାୟକ ଉପସ୍ଥିତ ଥିଲେ।

# ଆଉ ଥରେ ସିଲ୍ ହେବ ସୀମା

କାଶୀନଗର,୨୬।୪(ଡି.ଏନ.ଏ.)

- ଭାନ୍ନା ଗ୍ରାମକୁ ବିଶୋଧନ କରାଯିବ
- ଚିକିତ୍ସା ପାଇଁ ଆନ୍ଧ୍ର ଗ୍ରାମବାସୀ ସୀମାରେ ପ୍ରବେଶ କରିପାରିବେ
- ଅନୁମତି ନ ଥିଲେ ପ୍ରବେଶ ମନା

ଗଜପତି ଜିଲା କାଶୀନଗର ବ୍ଲକ ବୁଦୁରା ପଞ୍ଚାୟତ ଅଧୀନ ଭାନ୍ନା ଗ୍ରାମକୁ ବିଶୋଧନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ପରେ ଗ୍ରାମ ସୀମାକୁ ସିଲ୍ କରାଯିବ ବୋଲି ପ୍ରଶାସନ ନିଷ୍ପତ୍ତି ନେଇଛି । ଗ୍ରାମର ୯ଜଣ ବ୍ୟକ୍ତି କରୋନା ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ପ୍ରଶାସନ ଜାଣିବା ପରେ ସେମାନଙ୍କୁ ଚିହ୍ନଟକରି ଶନିବାର ବାରାଣସୀ ସରକାରୀ ହାଇସ୍କୁଲରେ ହୋଇଥିବା କ୍ୱାରାଣ୍ଟାଇନରେ ରଖିଥିଲା। ଗ୍ରାମକୁ ବିଶୋଧନ କରିବା ସହ ସୀମାକୁ ଆଉ ଥରେ ସିଲ୍ କରାଯିବାକୁ ପଦକ୍ଷେପ ନିଆଯାଉଛି ବୋଲି ତହସିଲଦାର ଶାନ୍ତିସ୍ୱରୂପ ମିଶ୍ର କହିଛନ୍ତି। ସୂଚନାଯୋଗ୍ୟ ଯେ, କାଶୀନଗର ବ୍ଲକ ପ୍ରଶାସନ ପକ୍ଷରୁ ଓଡ଼ିଶାକୁ ଲାଗିଥିବା ଆନ୍ଧ୍ରର ୧୨ଟି ସୀମାକୁ ଶୁକ୍ରବାର ମାଢଳା ନିକଟରେ ୨ମିଟର ଉଚ୍ଚତାର ମାଟିକାନ୍ଥ ଉଠାଇ ସିଲ୍ କରାଯାଇଥିଲା। ତେବେ ବିତୁର ପ୍ରଶାସନ ଆନ୍ଧ୍ର ଅଞ୍ଚଳବାସୀଙ୍କ ପାଇଁ ଯାତାୟାତ ଲାଗି ଆଉ କୌଣସି ରାସ୍ତା ନ ଥିବା ଦର୍ଶାଇ କାନ୍ଥ ଭାଙ୍ଗି ସୀମା ଭିତରକୁ ପଶିବାକୁ ଚାହିଁଥିଲେ। ଏନେଇ ଅଭିଯୋଗ ହେବା ପରେ ଶନିବାର ସନ୍ଧ୍ୟାରେ ବିତୁର ପୋଲିସ ସିଆଇ, ଅଧିକାରୀ ଓ କାଶୀନଗର ତହସିଲଦାର ମିଶ୍ରଙ୍କ ସମେତ ଅଧିକାରୀମାନେ ଆଲୋଚନା କରିଥିଲେ। ଆଲୋଚନା ପରେ ପ୍ରଶାସନ ପକ୍ଷରୁ ଉପରୋକ୍ତ ନିଷ୍ପତ୍ତି ନିଆଯାଇଛି। ଅନ୍ୟପକ୍ଷରେ କେବଳ ଜରୁରୀ ଚିକିତ୍ସା ପାଇଁ ଆନ୍ଧ୍ର ଅଞ୍ଚଳର ଗ୍ରାମବାସୀ ଆବଶ୍ୟକ ଅନୁମତି ନେଇ ଓଡ଼ିଶା ସୀମାରେ ପ୍ରବେଶ କରିପାରିବେ। ଏହାବ୍ୟତୀତ ଅନ୍ୟ କୌଣସି କାର୍ଯ୍ୟରେ ସେମାନଙ୍କୁ କାଶୀନଗର ବ୍ଲକ ପ୍ରଶାସନ ଅନୁମତି ଦେବନାହିଁ ବୋଲି ସ୍ପଷ୍ଟ କରାଯାଇଛି।

## ୩ ଗ୍ରାମରେ ଚାଲିଥିଲା ଅବାଧ ମଦ କାରବାର

### ୧୭୦ ଲିଟର ଜବତ, ୨ ଗିରଫ

ଚନ୍ଦାହାଣ୍ଡି/ଗୋଷାଣି, ୨୬।୪(ଡି.ଏନ.ଏ.)

କରୋନା ପାଇଁ ସାରା ଦେଶ ଲକ୍‌ଡାଉନ ରହିଛି। ସବୁ ଦୋକାନ ବଜାର ସହ ଗାଡି ଚଳାଚଳ ବନ୍ଦ ରହିଛି। ଏହାର ସୁଯୋଗ ନେଇ ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକରେ ଦେଶୀ ମଦରନ୍ଧା ବୃଦ୍ଧି ପାଇଛି। କେତେକ ଗ୍ରାମରେ ଦେଶୀ ମଦ ରନ୍ଧାଯାଇ ବିକ୍ରି କରାଯାଉଛି। ଏ ସମ୍ପର୍କରେ ଖବର ପାଇ ରବିବାର ବ୍ଲକର ଫଟାମୁଣ୍ଡା, ଡଙ୍ଗରିଗୁଡା, ହରଡାପଡା ଗ୍ରାମରେ ଉମରକୋଟ ଅବକାରୀ ନିରୀକ୍ଷକ ଜଗଦୀଶ ପ୍ରସାଦ ନାଥ, ତହସିଲଦାର ହୃଦାନନ୍ଦ ସିଂ ମାଝି, ଆଇଆଇସି ଅଭୟ ବେହେରା ମିଳିତ ଚଢ଼ାଉ କରି ଥିଲେ। ଏହି ସମୟରେ ୧୭୦ ଲିଟର ଦେଶୀ ମଦ, ୩୬୦୦ ଲିଟର ପୋଚ ଜବତ ହୋଇଛି। ପୋଚକୁ ନଷ୍ଟ କରାଯାଇଛି। ଡଙ୍ଗରିଗୁଡା ଗ୍ରାମର ପର୍ଶୁରାମ ଗଣ୍ଡ (୫୬)ଙ୍କୁ ଗିରଫ କରାଯାଇଛି । ପର୍ଶୁରାମ ଦୀର୍ଘ ଦିନରୁ ଜଙ୍ଗଲରେ ମଦ ରାନ୍ଧି ବିଭିନ୍ନ ଗ୍ରାମରେ ବିକ୍ରି କରୁଥିଲେ। ଚଢ଼ାଉରେ ଏଏସ୍‌ଆଇ ଲଳିତ ପଣ୍ଡା, ଏଏସ୍‌ଆଇ ହୃଦାନନ୍ଦ ମଣ୍ଡଳସହ ଅନ୍ୟମାନେ ସାମିଲ ଥିଲେ।

ଗଜପତି ଜିଲାର ଗୋଷାଣି ଅଞ୍ଚଳରେ ଶନିବାର ଚୋରା ମଦ କାରବାର କରୁଥିବା ଜଣେ ବ୍ୟକ୍ତିଙ୍କୁ ପୋଲିସ ଗିରଫ କରିଛି।ସେ ହେଲେ ଗରାବନ୍ଧର ଏ.ଆନନ୍ଦ ରାଓ। ତାଙ୍କ ନିକଟରୁ ୪୮ଟି ବିଦେଶୀ ମଦ ଜବତ ହୋଇଛି। ୩୧/୨୦ରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଥିବା ଗରାବନ୍ଧ ଥାନା ଅଧିକାରୀ ସୁଶାନ୍ତ ସାହୁ କହିଛନ୍ତି।

# ଏଏନ୍‌ଏମ୍, ଆଶାକର୍ମୀଙ୍କୁ ସମ୍ବର୍ଦ୍ଧନା


ଅଙ୍ଗନୱାଡି କର୍ମୀଙ୍କୁ ପ୍ରକଳ୍ପ ନିର୍ଦ୍ଦେଶକ ସମ୍ବର୍ଦ୍ଧିତ କରୁଛନ୍ତି ।

ମାଲକାନଗିରି,୨୬।୪(ଡି.ଏନ୍.ଏ.)

ଅନ୍ୟ ଜିଲା ପରି ମାଲକାନଗିରି ଜିଲାରେ ମଧ୍ୟ ସ୍ୱାସ୍ଥ୍ୟକର୍ମୀ, ଏଏନ୍‌ଏମ୍ ଓ ଆଶାକର୍ମୀମାନେ କରୋନା ଯୋଦ୍ଧା ପାଲଟିଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ରବିବାର ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ବାଳମୁକୁନ୍ଦ ଭୂୟାଁ ମାଥିଲି ଗସ୍ତ କରି ଏହି ଅଞ୍ଚଳର ଆଶାକର୍ମୀ, ଅଙ୍ଗନୱାଡି କର୍ମୀ ଓ ସ୍ୱାସ୍ଥ୍ୟକର୍ମୀଙ୍କ କାର୍ଯ୍ୟ ତଦାରଖ କରି ସେମାନଙ୍କୁ ପ୍ରଶଂସା କରିଥିଲେ। ଏହି ଅବସରରେ ସେମାନଙ୍କୁ ଭୂୟାଁ ସମ୍ବର୍ଦ୍ଧିତ କରିଥିଲେ। ଲକ୍‌ଡାଉନ ସମୟରେ ସାମାଜିକ ଦୂରତା ରକ୍ଷାକରି ଏନେଇ ରହିଥିବା ନୀତିନିୟମ ପାଳନରେ ସେମାନଙ୍କ ଭୂମିକାକୁ ସେ ପ୍ରଶଂସା କରିଥିଲେ।

# କାଳବୈଶାଖୀରେ ୧୩ ଘର ଆଂଶିକ କ୍ଷତିଗ୍ରସ୍ତ

ଚିତ୍ରକୋଣ୍ଡା,୨୬।୪(ଡି.ଏନ.ଏ.)

ଚିତ୍ରକୋଣ୍ଡା ବ୍ଲକରେ ଶନିବାର ଅପରାହ୍ନରେ କାଳବୈଶାଖୀ ଝଡ଼ବର୍ଷା ହୋଇଥିଲା। ଅନେକ ପଞ୍ଚାୟତରେ ଗଛ ପଡିବା ସହ ବାଉଁଶ ବୁଦା ଉପୁଡିପଡିଛି। ଏଥିଯୋଗୁ ରାସ୍ତା ଅବରୋଧ ହୋଇ ଯାତାୟାତରେ ବାଧା ସୃଷ୍ଟି ହୋଇଛି। ୧୩ ଘର ଆଂଶିକ କ୍ଷତି ହୋଇଛି। ମିଳିଥିବା ଆର୍‌ଆଇ ରିପୋର୍ଟ ଅନୁଯାୟୀ ତହସିଲଦାର ଟି. ପଦ୍ମନାଭ ବ୍ଲକର ବିଭିନ୍ନ ପଞ୍ଚାୟତରେ ୧୩ ଘର ଆଂଶିକ କ୍ଷତି ହୋଇଥିବା କହିଛନ୍ତି। କ୍ଷତିଗ୍ରସ୍ତ ପରିବାରକୁ ପ୍ରଶାସନ ପକ୍ଷରୁ ପଲିଥିନ ପ୍ରଦାନ କରାଯାଇଛି।

# ଅଭାବୀ କିନ୍ନରଙ୍କ ପାଖେ ପହଞ୍ଚିଲା ଆହାର

ଜୟପୁର,୨୬।୪(ଡି.ଏନ୍.ଏ.)

**ସାହାଯ୍ୟ ଅନୁଷ୍ଠାନ ଦେଲା ସହାୟତା**

କୋରାପୁଟ ଜିଲା ଜୟପୁର ସହରରେ କିନ୍ନରମାନଙ୍କୁ ୪ ମାସ ପୂର୍ବରୁ ଚିକିତ୍ସାଳୟର ସୁରକ୍ଷାକର୍ମୀ ପଦରୁ ଅନ୍ତର କରାଯାଇଛି। ଆୟ ବନ୍ଦ ହେବା ପରେ ପ୍ରଶାସନର ତାଗିଦକୁ ଖାତିର ନ କରି ସେମାନେ ବାଧହୋଇ ନିଜର ପୂର୍ବ ପେସାକୁ ଫେରିଥିଲେ। ଲକ୍‌ଡାଉନ ଯୋଗୁ ସେତକ ଆୟର ପନ୍ଥା ମଧ୍ୟ ବନ୍ଦ ହେବା ପରେ ସେମାନଙ୍କ ଦୈନନ୍ଦିନ ଜୀବନ ଜୀବିକା ପ୍ରଭାବିତ ହୋଇଛି। କିଛି ଦିନ ତଳେ ପୌରସଂସ୍ଥା ସ୍ଥାନୀୟ କିନ୍ନରମାନଙ୍କୁ ୫ କିଲୋ ଲେଖାଏ ଚାଉଳ ଦେଇଥିଲା। କିନ୍ତୁ ରବିବାର ସ୍ଥାନୀୟ ବାସିନ୍ଦାଙ୍କୁ ନେଇ ଗଠିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସାହାଯ୍ୟ' ୩୫ ଜଣ କିନ୍ନରଙ୍କୁ ଚୁଡ଼ା, ଚିନି, ଆଳୁ, ପିଆଜ, ତେଲ ଓ ପନିପରିବା ଭଳି ଶୁଖିଲା ଖାଦ୍ୟ ସାମଗ୍ରୀ ପ୍ରଦାନ କରିଛି। ଏହି ସମୟରେ କାର୍ତ୍ତିକ ରାଉତ, ଜୟନ୍ତୀ ନାୟକ, ସ୍ୱର୍ଣ୍ଣଲତା ପଣ୍ଡା, ରାମ ପାଣିଗ୍ରାହୀ, ସୁଶାନ୍ତ ପଣ୍ଡା, ଜୟନ୍ତ ଦାସ, ଶୁଭ୍ରାଂଶୁ ନାୟକ, କ୍ରିଷ୍ଣା ମହାରଣା ଉପସ୍ଥିତ ଥିଲେ।

# ମହଙ୍ଗା ପଡ଼ିପାରେ ଦୋକାନ ଖୋଲିବା ନିଷ୍ପତ୍ତି

ଜୟପୁର,୨୬।୪(ଡି.ଏନ୍.ଏ.)

**ବିସ୍ଫୋରକ ପରିସ୍ଥିତି ଆଶଙ୍କାରେ ସହରବାସୀ**

ସାରାଦେଶରେ ଏକ ମାସରୁ ଅଧିକ ଦିନ ଧରି ଲକ୍‌ଡାଉନ ଚାଲିଛି। କୋରାପୁଟ ଜିଲାରେ ମଧ୍ୟ ଅନୁରୂପ ଭାବେ ଏହା ଜାରି ରହିଛି। କିନ୍ତୁ ଗତ ଶନିବାର ଜିଲା ପ୍ରଶାସନ ଲକ୍‌ଡାଉନ ନିୟମରେ ସାମାନ୍ୟ କୋହଳ କରିଛି। ସପ୍ତାହରେ ୪ ଦିନ ସମସ୍ତ ଦୋକାନ ବଜାର ଖୋଲିବା ପାଇଁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହି ଘୋଷଣା ପରେ ସହରବାସିନ୍ଦା ଆଶଙ୍କିତ ହୋଇପଡ଼ିଛନ୍ତି। ଏଭଳି ନିଷ୍ପତ୍ତି ପ୍ରଶାସନ ପାଇଁ ମହଙ୍ଗା ପଡ଼ିବା ସହ ଆଗକୁ ବିସ୍ଫୋରକ ସ୍ଥିତି ସୃଷ୍ଟ କରିପାରେ ବୋଲି ବିଭିନ୍ନ ସୋସିଆଲ ମିଡିଆରେ ସ୍ଥାନୀୟ ଲୋକେ ଚର୍ଚ୍ଚା କରୁଛନ୍ତି।

ସରକାରଙ୍କ ନିୟମ ଅନୁଯାୟୀ ଜରୁରୀ କେତେକ ଦୋକାନକୁ କିଛି ଘଣ୍ଟା ପାଇଁ ଅନୁମତି ଦେଇଥିଲା ଜିଲା ପ୍ରଶାସନ। କିଛିଦିନ ତଳେ କୃଷି, ଗାଡ଼ି, ଇଲେକ୍ଟ୍ରିକାଲ ଓ ଇଲେକ୍ଟ୍ରୋନିକ ସାମଗ୍ରୀ, ବହି ଦୋକାନ ଓ ବିଭିନ୍ନ ମରାମତି କେନ୍ଦ୍ର ନିର୍ଦ୍ଦିଷ୍ଟ ଗୋଟିଏ ସମୟ ଭିତରେ ଖୋଲାଯିବା ପାଇଁ ଅନୁମତି ଦିଆଯାଇଥିଲା। କିନ୍ତୁ ଗତ ଶନିବାର ଜିଲା ପ୍ରଶାସନ ନିର୍ଦ୍ଦେଶନାମା ଜାରି କରିଛନ୍ତି ଯେ, ସପ୍ତାହରେ ରବିବାର, ସୋମବାର, ବୁଧବାର, ଶୁକ୍ରବାର ଗାର୍ମେଣ୍ଟ, ଅଳଙ୍କାର, ଟେଲର, ଜୋତା, ଷ୍ଟୁଡିଓ, ପ୍ରିଣ୍ଟିଂ ପ୍ରେସ୍, ଫର୍ନିଚର, ଅଟୋମୋବାଇଲ ଶୋରୁମ ଖୋଲିବ। କିନ୍ତୁ ନିର୍ଦ୍ଦେଶନାମା ଜାରି ହେବା ପରେ ରବିବାର ସହରର ଦୋକାନଗୁଡ଼ିକରେ ଜନଗହଳି ସହ ସାମାଜିକ ଦୂରତାକୁ ମଧ୍ୟ ଅଣଦେଖା କରାଯାଇଥିଲା। ଅନ୍ୟପକ୍ଷରେ ପଶ୍ଚିମବଙ୍ଗରୁ ଜିଲାକୁ ୪୩ ଜଣ ଆସିଥିବା ବେଳେ ସେମାନଙ୍କ ମଧ୍ୟରୁ କେବଳ ୨୭ ଜଣଙ୍କୁ ପ୍ରଶାସନ ଠାବ କରିଛି। ୩ ତାରିଖ ପରେ ବାହାର ରାଜ୍ୟରେ ଥିବା ଜିଲାର ଶ୍ରମିକ ଓ ଅନ୍ୟ ଲୋକଙ୍କୁ କୋରାପୁଟ ଫେରାଇ ଆଣାଯିବ।

# ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଜୟନ୍ତୀ


ମହାରାଜାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରୁଛନ୍ତି ।

ରାୟଗଡ଼ା ଅଫିସ,୨୬।୪

ରାୟଗଡ଼ା ସହରରେ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ୧୨୮ତମ ଜୟନ୍ତୀ ଅନୁଷ୍ଠିତ ହୋଇଛି। ସହରର ଗଜପତି ଜୁନକ୍ସନସ୍ଥିତ ମହାରାଜାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଛି। କରୋନା ପାଇଁ ସାମାଜିକ ଦୂରତ୍ୱ ରଖି ମହାରାଜା କୃଷ୍ଣଚନ୍ଦ୍ର ଗଜପତି କଳା ଓ ସାଂସ୍କୃତିକ ପରିଷଦ ପକ୍ଷରୁ ଜୟନ୍ତୀ ପାଳନ କରାଯାଇଥିଲା। ପରିଷଦ ସମ୍ପାଦକ ଅମୂଲ୍ୟ ରତ୍ନ ସାହୁ, ପ୍ରାଧ୍ୟାପକ ପ୍ରମୋଦ ପରିଚ୍ଛା, ୱାର୍କର୍ସ କ୍ଲବର ସତ୍ୟବାଦୀ ପତି, ବରିଷ୍ଠ ନାଗରିକ ସଂଘ ସଭାପତି ବିନୋଦ ପଣ୍ଡା, ଉତ୍କଳ ସମ୍ମିଳନୀ ରାୟଗଡ଼ା ଶାଖା ସଭାପତି ଗୋପୀନାଥ ସାହୁ, ତ୍ରିପତି ପଣ୍ଡା, ଗୋପ ସୁନ୍ଦର ଦାସ ମହାରାଜାଙ୍କ ସ୍ମୃତିଚାରଣ କରିଥିଲେ।

# ବର୍ଷା ପବନରେ ଉଡ଼ିଗଲା ସ୍କୁଲ ଟିଣ ଛପର

କାଶୀନଗର,୨୬।୪(ଡି.ଏନ.ଏ.)

ଗଜପତି ଜିଲା କାଶୀନଗର ବ୍ଲକରେ ରବିବାର ଅପରାହ୍ନରେ ଘଡଘଡି ବିଜୁଳି ମାରି ପ୍ରବଳ ବର୍ଷା ପବନ ହୋଇଛି। ଏଥିରେ ବାରାଣସୀ ସରକାରୀ ହାଇସ୍କୁଲର କେତେକ ଶ୍ରେଣୀଗୃହର ଟିଣ ଛପର ଉଡିଯାଇଛି। ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇ ସହର ଅନ୍ଧାରରେ ରହିଛି। ଖବର ଲେଖା ହେବାଯାଏ ବର୍ଷା ଜାରି ରହିଛି। କ୍ଷୟକ୍ଷତିର ପରିମାଣ ଜଣାପଡିନାହିଁ।


ଝଡବର୍ଷାରେ ସ୍କୁଲର ଛପର ଉଡିଯାଇଛି ।

# ଜିଲାରେ ଅଖିମୁଠି ଅନୁକୂଳ କଲେ ଚାଷୀ

ନବରଙ୍ଗପୁର,୨୬।୪(ବି.ପ୍ର.)

ରବିବାର ଥିଲା ଅକ୍ଷୟ ତୃତୀୟା। ପ୍ରତିବର୍ଷ ଜିଲା ପ୍ରଶାସନ ଜିଲାସ୍ତରୀୟ ଅକ୍ଷୟ ତୃତୀୟା କିମ୍ବା କୃଷକ ଦିବସ ପାଳନ କରୁଥିଲା। ଏବେ କରୋନା ଯୋଗୁ ଲକ୍‌ଡାଉନ ଜାରି ରହିଛି। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ କୌଣସି ଜିଲାସ୍ତରୀୟ କାର୍ଯ୍ୟକ୍ରମ କରା ନ ଯାଇ ଚାଷୀଙ୍କୁ ସତର୍କତା ଅବଲମ୍ବନ କରି ଅକ୍ଷୟ ତୃତୀୟା ପାଳନ ଲାଗି କୁହାଯାଇଥିଲା। ଜିଲାର ଡାବୁଗାଁ, ଝରିଗାଁ, ନନ୍ଦାହାଣ୍ଡି, ପାପଡାହାଣ୍ଡି, ନବରଙ୍ଗପୁର, ତେନ୍ତୁଳିଖୁଣ୍ଟି ବ୍ଲକ ସମେତ ବିଭିନ୍ନ ସ୍ଥାନରେ ଚାଷୀମାନେ ଅଖିମୁଠି ଅନୁକୂଳ କରିଛନ୍ତି। ଚାଷୀ ଅଖିମୁଠି ଅନୁକୂଳ କରିବା ସହ ନୂଆ ଟୋକେଇରେ ଧାନ ନେଇ ହଳ ଲଙ୍ଗଳ ଧରି କ୍ଷେତକୁ ଆସି ଜମିରେ ମା'ଲକ୍ଷ୍ମୀ ଠାକୁରାଣୀଙ୍କୁ ପୂଜାର୍ଚ୍ଚନା କରି ଜମିରେ ହଳ ବୁଲାଇ, ବିହନ ବୁଣିଥିଲେ । ଅନ୍ୟପକ୍ଷରେ ଗତବର୍ଷଠାରୁ ଚଳିତ ବର୍ଷ ୧ହଜାର କୁଇଣ୍ଟାଲ ବିହନ ଧାନ ନବରଙ୍ଗପୁର କୃଷି ବିଭାଗ ପାଖରେ


ଜଣେ କୃଷକ ଜମିରେ ଅଖିମୁଠି ଅନୁକୂଳ କରୁଛନ୍ତି ।

**ଲକ୍‌ଡାଉନ ନିୟମ ମାନି କାର୍ଯ୍ୟ କରିବାକୁ ଜିଲାପାଳଙ୍କ ପରାମର୍ଶ**

ରହିଛି। ବର୍ତ୍ତମାନ ସୁଦ୍ଧା ୧୦ ହଜାର ମେଟ୍ରିକ ଟନ ସାର ଗଚ୍ଛିତ ଥିବା ଜିଲା କୃଷି ଅଧିକାରୀ ବ୍ରଜକିଶୋର ଲେଙ୍କା କହିଛନ୍ତି । ସାର, କୀଟନାଶକର ମଧ୍ୟ କୌଣସି ଅସୁବିଧା ନାହିଁ। ଲକ୍‌ଡାଉନ ପାଇଁ ଯେଉଁ ଶ୍ରମିକ ସମସ୍ୟା ରହିଛି ତାହାର ସମାଧାନ ପାଇଁ ପାସ୍ ବ୍ୟବସ୍ଥା କରାଯାଇଥିବା ସେ ସୂଚନା ଦେଇଛନ୍ତି। ସେହିପରି ଜିଲାପାଳ ଅଜିତ କୁମାର ମିଶ୍ର କୃଷି କାର୍ଯ୍ୟରେ କୌଣସି କଟକଣା ନ ଥିବା ଏବଂ ଲକ୍‌ଡାଉନର ସମସ୍ତ ନୀତିନିୟମ ମାନି ଚାଷ କାମ କରିବାକୁ ଚାଷୀଙ୍କୁ ପରାମର୍ଶ ଦେଇଛନ୍ତି।

## ସୁନା ଗହଣା ବିକ୍ରି ଠପ୍

**ନୂଆଦିଲ୍ଲୀ,୨୬।୪:** ଚଳିତ ବର୍ଷ ଅକ୍ଷୟ ତୃତୀୟା ସୁନାଗହଣା କରାବାରକୁ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ କରିଛି। କରୋନା ପାଇଁ ସାରା ଦେଶରେ ଘୋଷଣା ହୋଇଥିବା ଲକ୍‌ଡାଉନ ଯୋଗୁ ଷ୍ଟୋର ବନ୍ଦ ରହିଥିବା ବେଳେ ଲୋକମାନେ ଘରେ ରହିବା ଫଳରେ ସୁନା କାରବାରରେ ଏଭଳି ସ୍ଥିତି ଦେଖାଯାଇଛି। ଗତବର୍ଷ ତୁଳନାରେ ଚଳିତବର୍ଷ କାରବାର ପୂରା ଠପ୍ ହୋଇଯାଇଛି। ଲକ୍‌ଡାଉନ ଉଠିଲେ କାରବାର କିଛିଟା ହେବ ବୋଲି ଜୁଏଲର୍ସ ଆଶା ରଖିଥିଲେ। ମାତ୍ର ଏହା ବଢ଼ିବା ଯୋଗୁ ଆଶା ଆଶାରେ ରହିଗଲା। କେବଳ ଡିଜିଟାଲ ପ୍ଲାଟ୍‌ଫର୍ମରେ ସୁନା ଗହଣା ବିକ୍ରି ହୋଇଥିବା ଅଲ୍ ଇଣ୍ଡିଆ ଜେମସ୍ ଆଣ୍ଡ ଜୁଏଲେରି ଡୋମେଷ୍ଟିକ କାଉନସିଲ ଅଧ୍ୟକ୍ଷ ଅନନ୍ତ ପଦ୍ମନାଭନ କହିଛନ୍ତି। ଗତ ବର୍ଷ ଅକ୍ଷୟ ତୃତୀୟା ତୁଳନାରେ ଚଳିତ ବର୍ଷ ବିକ୍ରି ୯୭ରୁ ୯୮ % ଖସିଛି ବୋଲି ସେ ମତବ୍ୟକ୍ତ କରିଛନ୍ତି। ଚଳିତ ବର୍ଷ ଅନ୍‌ଲାଇନରେ ବିକ୍ରି ନେଇ ଜୁଏଲର୍ସ ଲକିଙ୍ଗ ଅଫ୍ ପ୍ରାଇସ, ଗୋଲ୍ଡ ଓନରଶିପ ସାର୍ଟିଫିକେଟ ଭଳି ଅନ୍ୟ ଆକର୍ଷଣୀୟ ଅଫର ଦେଇଥିଲେ। ଲକ୍‌ଡାଉନ ଉଠିବା ପରେ ଏଗୁଡିକର ଡେଲିଭରି ମିଳିବ। ଜୁନ୍ ଆଡକୁ ସୁନା କାରବାର ଟ୍ରାକ୍‌କୁ ଫେରିବ।

# ଅତି ଧନୀଙ୍କ ଟିକସ ବୃଦ୍ଧି ସୁପାରିସ

**ନୂଆଦିଲ୍ଲୀ,୨୬।୪**

କୋଭିଡ୍‌-୧୯ ବିରୋଧରେ ଲଢ଼େଇ ଲାଗି ସରକାର ସୁପର ରିଚ୍ ବା ଅତି ଧନୀଙ୍କ ଉପରେ ଟିକସ ବଢାଇପାରନ୍ତି। ସେହିଭଳି ବିଦେଶୀ କମ୍ପାନୀଗୁଡିକ ଉପରେ ଲାଗୁ ହେଉଥିବା ଟିକସ ମଧ୍ୟ ବଢିବା ନେଇ ଆଲୋଚନା ହେଉଛି। ଏହି ବର୍ଗଗୁଡିକରେ ଟିକସ ବୃଦ୍ଧି କରିବାକୁ ବରିଷ୍ଟ ଟିକସ ଅଧିକାରୀମାନେ ସରକାରଙ୍କୁ ସୁପାରିସ କରିଛନ୍ତି। ଭାରତୀୟ ରାଜସ୍ୱ ସେବା(ଆଇଆର୍‌ଏସ୍) ସଂଘ କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (ସିବିଡିଟି)ର ଅଧ୍ୟକ୍ଷ ପି.ସି.ମୋଦିଙ୍କୁ ଫିସ୍କାଲ ଅପ୍ସନ ଆଣ୍ଡ ରେସ୍‌ପନ୍ସ ଟୁ ଦ କୋଭିଡ୍‌-୧୯ ଏପିଡେମିକ (ଫୋର୍ସ) ନାମରେ ଉକ୍ତ ପ୍ରସ୍ତାବ ରଖିଛି। ଯେଉଁ ଟିକସଦାତା ଠିକ୍ ସମୟରେ ଟିକସ ପଇଠ କରିବା ସହ ସରକାରଙ୍କ ନିୟମ ଅନୁପାଳନ କରୁଛନ୍ତି ସେମାନଙ୍କୁ କେବଳ ଟିକସ କ୍ଷେତ୍ରରେ ରିହାତି ଦିଆଯିବା ଉପରେ ପେପରରେ ଉଲ୍ଲେଖ ରହିଛି। ସରକାରଙ୍କ ମହଙ୍ଗା ଭତ୍ତା ସମ୍ପର୍କିତ ନିଷ୍ପତ୍ତି ଦ୍ୱାରା ରାଜକୋଷରେ ୩୭ ହଜାର କୋଟି ଟଙ୍କା ବଞ୍ଚିବ।




- ୫୦ ଟିମ୍ ବିଶିଷ୍ଟ ଆଇଆର୍‌ଏସ୍ ଅଧିକାରୀ ଦେଲେ ରିପୋର୍ଟ
- ୪୦%କୁ ବଢ଼ିପାରେ ସୁପର ରିଚ୍ ଟ୍ୟାକ୍ସ
- ଅଲଟ୍ରା ରିଚ୍‌ଙ୍କ ଲାଗି ୱେଲ୍‌ଥ ଟ୍ୟାକ୍ସ ଆସିପାରେ

କିଛି ପ୍ରସ୍ତାବକୁ ସାମୟିକ ଲାଗି କାର୍ଯ୍ୟକାରୀ କରାଇବାକୁ ସଂଘ ପକ୍ଷରୁ କୁହାଯାଇଛି। ୧ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଆୟକାରୀ ବ୍ୟକ୍ତିବିଶେଷଙ୍କ ଉପରେ ଟିକସର ସୀମା ୩୦%ରୁ ୪୦%କୁ ବଢାଇବା ଲାଗି ପ୍ରସ୍ତାବ ରହିଛି। ୫ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଆୟ କରୁଥିବା ବ୍ୟକ୍ତିବିଶେଷଙ୍କ ଲାଗି ୱେଲ୍‌ଥ ଟିକସ ପୁଣି ଲାଗୁ କରିବାକୁ କୁହାଯାଇଛି। ଏହି ପ୍ରସ୍ତାକୁ ସରକାର ୩ରୁ ୬ ମାସ ପର୍ଯ୍ୟନ୍ତ ଲାଗୁ କରିପାରିବେ ବୋଲି ସଂଘ ମତ ରଖିଛି। ବଜେଟ ୨୦୨୧ରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ସୁପର ରିଚ୍‌ଙ୍କ ଲାଗି ସରଚାର୍ଜ ଲାଗୁ କରିଥିଲେ। ଏହାଦ୍ୱାରା ରାଜକୋଷକୁ ୨,୭୦୦ କୋଟି ଆସିବ ବୋଲି ଆକଳନ କରାଯାଇଥିଲା। ବର୍ତ୍ତମାନ ସର୍ବୋଚ୍ଚ ଟିକସ ସୀମା ୩୦% ରହିଥିବା ବେଳେ ଏହାକୁ ୪୦% ବଢାଗଲେ ସରଚାର୍ଜରୁ ସରକାରଙ୍କ ଆୟ ମଧ୍ୟ ବଢିଯିବ। ବାର୍ଷିକ ୧ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଆୟକାରୀ ବ୍ୟକ୍ତିବିଶେଷଙ୍କୁ ସୁପର ରିଚ୍ ବୋଲି ବିବେଚନା କରାଯାଉଛି।

ସରକାରଙ୍କୁ ପ୍ରଦାନ କରାଯାଇଥିବା ବର୍ତ୍ତମାନର ପେପରକୁ ୫୦ ସଦସ୍ୟ ବିଶିଷ୍ଟ ଆଇଆର୍‌ଏସ୍ ଅଧିକାରୀଙ୍କ ଟିମ୍ ପ୍ରସ୍ତୁତ କରିଛନ୍ତି। ସୁପର ରିଚ୍‌ଙ୍କ ଉପରେ ୨ ପ୍ରକାର ଟିକସ ଲାଗୁ କରିବା ଲାଗି ପ୍ରସ୍ତାବରେ କୁହାଯାଇଛି। ବାର୍ଷିକ ୧ କୋଟିରୁ ଉର୍ଦ୍ଧ୍ୱ ଆୟ କରୁଥିବା ବ୍ୟକ୍ତିବିଶେଷଙ୍କୁ ସୁପର ରିଚ୍ ବର୍ଗରେ ରଖାଯାଇଛି। ଏମାନଙ୍କ ଉପରେ ୩୦% ଟିକସ ଲାଗୁ ହେଉଥିବା ବେଳେ ଏହାକୁ ବଢାଇ ୪୦% କରାଯିବାକୁ ପ୍ରସ୍ତାବ ରହିଛି। ବାର୍ଷିକ ଆୟ ୫ କୋଟିରୁ ଅଧିକ ହୋଇଥିଲେ ୱେଲ୍‌ଥ ଟିକସ ଲାଗୁ କରାଯିବାକୁ ରିପୋର୍ଟରେ ଉଲ୍ଲେଖ ରହିଛି।

ବିଦେଶୀ କମ୍ପାନୀଙ୍କ ଉପରେ ୯ରୁ ୧୨ ମାସ ଲାଗି ଲାଗୁ କରିବାକୁ କୁହାଯାଇଛି। ବର୍ତ୍ତମାନ ୧ରୁ ୧୦ କୋଟି ଟଙ୍କା ଆୟ ଉପରେ ୨% ସର୍‌ଚାର୍ଜ ଲାଗୁ ହେଉଛି। ୧୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଆୟ ଉପରେ ୫% ସରଚାର୍ଜ ରହିଛି।

## ତୈଳ ଶିଳ୍ପର ସଙ୍କଟ ବଢୁଛି

**ନୂଆଦିଲ୍ଲୀ,୨୬।୪:** ଅଶୋଧିତ ତେଲ ଦର ଏବେ ନକାରାତ୍ମକ ସ୍ତରରେ ରହିଛି। ଚାହିଦା କମିଥିବାରୁ ଏବେ କେହି ତେଲ ନେଉନାହାନ୍ତି। ଫଳରେ ଜାହାଜଗୁଡିକରେ ତେଲ ଭର୍ତ୍ତି ହୋଇ ରହିଛି। ତେଲ ରଖିବାକୁ ଏବେ ଜାଗା ନ ଥିବା ବେଳେ ଉତ୍ପାଦନ ଜାରି ରହିଥିବାରୁ ଏହାକୁ କେଉଁଠାରୁ ରଖିବେ ସେ ନେଇ ଉତ୍ପାଦନକାରୀ ବେଶି ଚିନ୍ତିତ ହୋଇପଡିଛନ୍ତି। ଏଣୁ ପେଟ୍ରୋଲିୟମ ଶିଳ୍ପରେ ଏବେ ଅନିଶ୍ଚିତତା ବଢୁଥିବା ଶିଳ୍ପ ବିଶେଷଜ୍ଞ କହିଛନ୍ତି। କରୋନା ଏବେ ସାରା ବିଶ୍ୱକୁ କବଳିତ କରିଥିବାରୁ ଶଟ୍‌ଡାଉନ ପାଇଁ କଳକାରଖାନା ବନ୍ଦ ହୋଇଛି। ଲକ୍‌ଡାଉନ ସ୍ଥିତି ଲାଗି ରହିଲେ ଶିଳ୍ପର ଅବସ୍ଥା ଆହୁରି ବିଗିଡିବ ବୋଲି ବିଶେଷଜ୍ଞ ଆଶଙ୍କା କଲେଣି।

ଏହିଶିଳ୍ପରେ ଉତ୍ପାଦନ କମିଲେ ଏହାର ପ୍ରଭାବ ସିଧାସଳଖ ନିଯୁକ୍ତି, କମ୍ପାନୀ, ବ୍ୟାଙ୍କ ଏବଂ ସ୍ଥାନୀୟ ଅର୍ଥ ବ୍ୟବସ୍ଥାଗୁଡିକ ଉପରେ ପଡିବ। କମ୍ପାନୀଗୁଡିକ କର୍ମଚାରୀଙ୍କୁ ଛଟେଇ କରିବା ସହ ରିଫାଇନେରିଗୁଡିକ କିଛିଦିନ ବନ୍ଦ କରିବାକୁ ପଡିବ। ଓପେକ ଏବଂ ଏହାର ସହଯୋଗୀ ଦେଶ ସମୂହ ଉତ୍ପାଦନ ହ୍ରାସ କରିବା ଲାଗି ରାଜି ହୋଇଥିଲେ ଏହା ପରେ ଉଭୟ



ୱେଷ୍ଟ ଟେକ୍ସାସ ଇଣ୍ଟରମିଡିଏଟ ଏବଂ ବ୍ରେଣ୍ଟ ଅଶୋଧିତ ତେଲ ରେକର୍ଡ ସ୍ତରର ହ୍ରାସ ହୋଇଥିଲା। ଆମେରିକାରେ ଉତ୍ପାଦିତ ଅଶୋଧିତ ତେଲ ଦର ନକାରାତ୍ମକ ସ୍ଥିତିକୁ ଚାଲିଯାଇଛି। ଗତ କିଛିଦିନ ମଧ୍ୟରେ ଆମେରିକାର ପ୍ରମୁଖ ତୈଳ ଉତ୍ପାଦନ କରୁଥିବା କମ୍ପାନୀଗୁଡିକ ଉତ୍ପାଦନ ୪୦% କମାଇ ଦେଇଛନ୍ତି। ତେଲ କମ୍ପାନୀଗୁଡିକ ୬ ହଜାର ତେଲ କୂପ ବନ୍ଦ କରିଦେଇଛନ୍ତି। ଫଳରେ ଆମେରିକା ଉତ୍ପାଦନ କରୁଥିବା ମୋଟ ତେଲରୁ ଦୈନିକ ୪ ଲକ୍ଷ ବ୍ୟାରେଲ ବା ୩୦% ଖସିଛି। ଅନ୍ୟ ଦେଶଗୁଡ଼ିକ ସମାନ ନୀତି ଆପଣାଇବାକୁ ଯାଉଛନ୍ତି। ଓପେକ ଦେଶଗୁଡିକ ମଧ୍ୟ ଉତ୍ପାଦନ ପ୍ରାୟ ୨୦% କମ୍ କଲେ। ଏଭଳି ସ୍ଥିତିରେ ଆଗାମୀ ଦିନରେ ରିଫାଇନେରିଗୁଡିକ ଶଟ୍‌ଡାଉନ ହେବ ବୋଲି କୁହାଯାଉଛି।

## ଭାରତ ମସଲା ପକ୍ଷରୁ ରିଲିଫ ବଣ୍ଟନ



**କଟକ,୨୬।୪:** କୋଭିଡ୍ ଲକ୍‌ଡାଉନ ସମୟରେ ଭାରତ ମସଲା ପକ୍ଷରୁ କଟକଠାରେ ରିଲିଫ ବଣ୍ଟନ କରାଯାଇଛି। କମ୍ପାନୀ ପକ୍ଷରୁ ଧବେଳଶ୍ୱରଗଡାଠାରେ ଥିବା ବସ୍ତିରେ ପ୍ରାୟ ୧୦୦ ପରିବାରକୁ ଖାଦ୍ୟ ସାମଗ୍ରୀ କିଟ୍ ଯୋଗାଇ ଦିଆଯାଇଛି। ଭାରତ ମସଲା ଏମ୍‌ଡି ସୁଶାନ୍ତ କୁମାର ପଣ୍ଡାଙ୍କ ସହାୟତାରେ ସାମାଜିକ କର୍ମୀ ପ୍ରଫୁଲ୍ଲ ସିଂ, ରାଜ୍ୟ ସଭା ସଦସ୍ୟ ସୁବାସ ସିଂ, ବିଶ୍ୱଜିତ ମହାନ୍ତି, ମଧୁ ସାହୁ, ପ୍ରକାଶ ସିଂ ଉପସ୍ଥିତ ରହି ରିଲିଫ ବଣ୍ଟନ କରିଥିଲେ।

# ଶୀଘ୍ର ଟ୍ରାକ୍‌କୁ ଫେରିପାରିବେନି ଏମ୍‌ଏସ୍‌ଏମ୍‌ଇ

**ନୂଆଦିଲ୍ଲୀ,୨୬।୪:** କୋଭିଡ୍‌-୧୯ ଦେଶର ଅଣୁ କ୍ଷୁଦ୍ର ମଧ୍ୟମ (ଏମ୍‌ଏସ୍‌ଏମ୍‌ଇ)ର ସମସ୍ୟା ବଢାଇଦେଇଛି। ମାନ୍ଦାବସ୍ଥା ସହ ଜୁଝୁଥିବା ଏହି ଶିଳ୍ପଗୁଡିକର କାରବାର ଲକ୍‌ଡାଉନ ପାଇଁ ପୁଣି ଥରେ କ୍ଷତିଗ୍ରସ୍ତ ହୋଇଛି। ସଂସ୍ଥାଗୁଡିକ ସଳଖି ଛିଡାହେବା ଲାଗି ପ୍ରୟାସ କରୁଥିବା ବେଳେ କୋଭିଡ୍ ସେଗୁଡିକର ଅଣ୍ଟାକୁ ଭାଙ୍ଗି ଦେଇଛି। ବିଶେଷ କରି କମ୍ପାନୀଗୁଡିକ ସାମ୍ନାରେ ନଗଦ ଅଭାବ, କ୍ଷତିଗ୍ରସ୍ତ ଯୋଗାଣ ଚେନ୍ ଏବଂ ଶ୍ରମିକ ସମସ୍ୟା ଆଗାମୀ କିଛିଦିନ ଧରି ଲାଗି ରହିବ। ଏଭଳି ସମସ୍ୟାକୁ ବିଚାରକଲେ ସଂସ୍ଥାଗୁଡିକ ଟ୍ରାକ୍‌କୁ ଫେରିବା କଷ୍ଟକର ହୋଇ ପଡିବ ବୋଲି ବଜାର ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି। କିଛି କିଛି ସ୍ଥାନରେ ଖୋଲିଥିବା କ୍ଷୁଦ୍ର ସଂସ୍ଥାଗୁଡିକରେ କଞ୍ଚାମାଲ ଯୋଗାଣ ପ୍ରଭାବିତ ହୋଇଛି। ଦୀର୍ଘଦିନ ଧରି ଲକ୍‌ଡାଉନ ହେବା ଯୋଗୁ କଞ୍ଚାମାଲ ଯୋଗାଣ ସ୍ଥିତି କେବେ ସୁଧୁରିବ ସେ ନେଇ ମଧ୍ୟ ଠିକ୍ ଭାବେ କହି ହେଉନାହିଁ। କୋଭିଡ୍ ଯୋଗୁ ପ୍ରାୟ ୨୦ରୁ ୩୦% ସଂସ୍ଥା ସେମାନଙ୍କ ସ୍ଥିତି ବଜାୟ ରଖିବାକୁ ସକ୍ଷମ ହେବେ ବୋଲି ମୁମ୍ବାଇ ଭିତ୍ତିକ ଆଇଏମ୍‌ସି ଚାମ୍ବର ଅଫ ଇଣ୍ଡଷ୍ଟ୍ରି ପକ୍ଷରୁ ଆଶଙ୍କା କରାଯାଇଛି।

- ନଗଦ ଅଭାବ, ଯୋଗାଣ ଚେନ୍ କ୍ଷତିଗ୍ରସ୍ତ
- ଲାଗି ରହିବ ଶ୍ରମିକ ସମସ୍ୟା
- କଞ୍ଚାମାଲ ଯୋଗାଣ ପ୍ରଭାବିତ
- ବନ୍ଦ ହୋଇଯିବେ ଅନେକ କ୍ଷୁଦ୍ର ସଂସ୍ଥା



ଦେଶରେ ୬୩ ନିୟୁତ ଏମ୍‌ଏସ୍‌ଏମ୍‌ଇ ରହିଥିବା ବେଳେ ସେଥିରେ ପ୍ରାୟ ୧୨ କୋଟି ଲୋକ କାମ କରୁଛନ୍ତି। ଦେଶର ମାନୁଫାକଚରିଂକୁ ଏକ ତୃତୀୟାଂଶ ଏବଂ ରପ୍ତାନି ଏହା ୪୫% ଅଂଶଦାନ କରୁଛି। କର୍ମଚାରୀଙ୍କୁ ବେତନ ଦେବା ଲାଗି ସରକାର କହିଥିବା ବେଳେ ସଂସ୍ଥାଗୁଡିକ ଏହାକୁ ପାଳନ କରୁଛନ୍ତି। ମାର୍ଚ୍ଚ ଏବଂ ଏପ୍ରିଲ ବେତନ କମ୍ପାନୀ ପ୍ରଦାନ କରିବେ। ହେଲେ ମାର୍ଚ୍ଚ ଏବଂ ଏପ୍ରିଲ କାମ ପ୍ରଭାବିତ ଥିବାରୁ ରାଜସ୍ୱ ଉପରେ ଏହାର ଚାପ ଦେଖିବାକୁ ମିଳିଛି। ଏଭଳି ସ୍ଥିତିରେ ସରକାର ସହାୟତା ଯୋଗାଇଦେବା ଆବଶ୍ୟକ ବୋଲି ଆଇଏମ୍‌ସିର ସଭାପତି ଆଶିଷ ବୈଦ କହିଛନ୍ତି। ଏଭଳି ସ୍ଥିତିରେ ସଂସ୍ଥାଗୁଡିକୁ ବେଲ ଆଉଟ ପ୍ୟାକେଜ, କାର୍ଯ୍ୟରତ କର୍ମଚାରୀଙ୍କୁ ଲାଗି ନିରାପତ୍ତା ସୁବିଧା, ଜିଏସ୍‌ଟି ହ୍ରାସ ଏବଂ ବ୍ୟାଙ୍କ ଋଣ ପ୍ରଦାନ କରାଯିବା ନେଇ ସଂଘ ସଂଘଗୁଡିକ ପକ୍ଷରୁ ଦାବି ହେଉଛି।

# ଖେଳ ଖବର

## ରବି ମିତ୍ତଲ ନୂଆ କ୍ରୀଡ଼ା ସଚିବ



**ନୂଆଦିଲ୍ଲୀ, ୨୬।୪ (ପି.ଟି.):** ରବି ମିତ୍ତଲ ରବିବାର କେନ୍ଦ୍ର ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟପାର ବିଭାଗର ନୂଆ ସଚିବ ଭାବେ ନିଯୁକ୍ତି ପାଇଛନ୍ତି। ରାଧେଶ୍ୟାମ ଜୁଲାନିୟାଙ୍କ ସ୍ଥାନରେ ତାଙ୍କୁ ଏହି ନିଯୁକ୍ତି ମିଳିଛି। ମିତ୍ତଲ ହେଉଛନ୍ତି ବିହାର କ୍ୟାଡରର ୧୯୮୬ ବ୍ୟାଚ୍‌ର ଜଣେ ଆଇଏଏସ୍ ଅଫିସର। ଏହି ନିଯୁକ୍ତି ପୂର୍ବରୁ ସେ ସୂଚନା ଓ ପ୍ରସାରଣ ବିଭାଗ ସଚିବ ଭାବେ କାର୍ଯ୍ୟ କରୁଥିଲେ। ସୂଚନାଯୋଗ୍ୟ, ଜୁଲାନିୟା ୨୦୧୯ ଫେବୃୟାରୀରେ କ୍ରୀଡ଼ା ସଚିବ ଦାୟିତ୍ୱ ଗ୍ରହଣ କରିଥିଲେ। ଗତବର୍ଷ ଅଗଷ୍ଟରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)କୁ ନ୍ୟାଶନାଲ ଆଣ୍ଟି ଡୋପିଂ ଏଜେନ୍ସି (ନାଡା) ଅଧୀନକୁ ଆଣିବା ତାଙ୍କର ଏକ ବଡ଼ ସଫଳତା। କ୍ରୀଡ଼ା ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିବା ପରଠାରୁ ବିଭିନ୍ନ ପ୍ରସଙ୍ଗ ନେଇ ଭାରତୀୟ ଅଲିମ୍ପିକ ଆସୋସିଏଶନ ଏବଂ ଜାତୀୟ କ୍ରୀଡ଼ା ମହାସଂଘଗୁଡ଼ିକ ସହ ତାଙ୍କର ବାରମ୍ବାର ମୁହାଁମୁହିଁ ହେଉଥିଲା।

# କ୍ଷତି ଭରଣା ପାଇଁ ବିସିସିଆଇର ଯୋଜନା

**ନୂଆଦିଲ୍ଲୀ, ୨୬।୪**

କରୋନା ଭାଇରସ୍ ସଂକ୍ରମଣ ପ୍ରଭାବରେ ବିଶ୍ୱବ୍ୟାପୀ କ୍ରିକେଟ ବାତିଲ ହୋଇଛି। ଫଳରେ ସମସ୍ତ କ୍ରିକେଟ ବୋର୍ଡ କ୍ଷତି ସହିଛନ୍ତି। ସ୍ଥିତି ସ୍ୱାଭାବିକ ହେଲେ ଏହାର ଭରଣା ପାଇଁ ବିଶ୍ୱ କ୍ରିକେଟରେ ସବୁଠାରୁ ବିତ୍ତଶାଳୀ କ୍ରିକେଟ ବୋର୍ଡ ଭାବେ ପରିଚିତ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଯୋଜନା ପ୍ରସ୍ତୁତ କରୁଛି। କ୍ଷତି ସହିଥିବା କ୍ରିକେଟ ବୋର୍ଡଗୁଡ଼ିକ କିପରି ଅଧିକ ଆୟ କରିପାରିବେ ସେ ସମ୍ପର୍କରେ ବିସିସିଆଇ ଚିନ୍ତା କରୁଥିବା ଜଣେ ଅଫିସିଆଲ ପ୍ରକାଶ କରିଛନ୍ତି। ଏପରି କରିବା ପାଇଁ ବିସିସିଆଇ ଛୋଟ ଦଳ ଗୁଡ଼ିକ ବିପକ୍ଷରେ ଅଧିକ ଦ୍ୱିପାକ୍ଷିକ ସିରିଜ ଖେଳିବ। ଏପରି ହେଲେ ସମ୍ପୃକ୍ତ କ୍ରିକେଟ ବୋର୍ଡ ରାଜସ୍ୱ ପାଇପାରିବ। ଚଳିତ ବର୍ଷ ଶେଷରେ ୨୦୨୩-୨୦୩୨ ବର୍ଷ ପାଇଁ ଫ୍ୟୁଚର ଟୁର୍ ପ୍ରୋଗ୍ରାମ (ଏଫ୍‌ଟିପି) ଚୂଡ଼ାନ୍ତ ହେବ। ପୂର୍ବଭଳି ରାଜସ୍ୱ ପାଇଁ ଆଇସିସି ବିସିସିଆଇ ଉପରେ ବହୁ ପରିମାଣରେ ନିର୍ଭର କରିବ।

ଆଗାମୀ ୧୨ ମାସ ମଧ୍ୟରେ ଭାରତୀୟ କ୍ରିକେଟ ଦଳ ୪ଟି ଦେଶକୁ ଟୁର୍‌ରେ ଯିବାର ଯୋଜନା ରହିଛି। ଟିମ୍ ଇଣ୍ଡିଆ ଶ୍ରୀଲଙ୍କାରେ ୬ଟି ଏକଦିବସୀୟ ମ୍ୟାଚ, ଅଷ୍ଟ୍ରେଲିଆରେ ୪ଟେଷ୍ଟ, ଜିମ୍ବାୱେରେ ୩ ଦିନିକିଆ ଏବଂ ଦକ୍ଷିଣ ଆଫ୍ରିକାରେ ୩ଟି ଟି୨୦ ମ୍ୟାଚ ଖେଳିବ। ଏହା ବ୍ୟତୀତ ଅଷ୍ଟ୍ରେଲିଆରେ ଅକ୍ଟୋବରରେ ଟି୨୦ ବିଶ୍ୱକପ୍ ଅଛି। ତେବେ ଅନ୍ତର୍ଜାତୀୟ କ୍ରିକେଟ ସ୍ୱାଭାବିକ ହେଲେ ଯାଇ ଏହା ସମ୍ଭବ ହୋଇପାରିବ। ଆଇସିସି କିନ୍ତୁ ଟି୨୦ ବିଶ୍ୱକପ ବାତିଲ କରିବା ପୂର୍ବରୁ ପରିସ୍ଥିତି ଉପରେ ତୀକ୍ଷଣ ନଜର ରଖିଛି। ତେବେ ଏହି ମେଗା ଇଭେଣ୍ଟ ଆୟୋଜନ ସମ୍ଭାବନା ଅତ୍ୟନ୍ତ କ୍ଷୀଣ ବୋଲି ସେ କହିଛନ୍ତି। ଅକ୍ଟୋବରରେ ବିଶ୍ୱକପ ହେଲେ ୮ଟି ଭେନ୍ୟୁ ଆବଶ୍ୟକ ହେବ। ଏଥିରେ ୧୬ଟି ଦଳ ଭାଗ ନେବାକୁ ଥିବାରୁ ସେହି ଦେଶର ସରକାର ଦଳ ଗୁଡ଼ିକୁ ବିଦେଶ ଯିବାପାଇଁ ଅନୁମତି ଦେବେ କି ନାହିଁ ତାହା ଏକ ପ୍ରଶ୍ନ। ଆସନ୍ତା ଡିସେମ୍ବରରେ ଭାରତ ବିପକ୍ଷ ୪ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜକୁ ଅଷ୍ଟ୍ରେଲିଆ ଗୋଟିଏ ଭେନ୍ୟୁରେ କରିବା ପାଇଁ ଚିନ୍ତା କରୁଛି। ଏପରିସ୍ଥଳେ ତା' ପୂର୍ବରୁ ଅର୍ଥାତ୍ ଅକ୍ଟୋବରରେ କିପରି ୮ଟି ଭେନ୍ୟୁ ପ୍ରସ୍ତୁତ କରିପାରିବ ବୋଲି ଉକ୍ତ କର୍ମକର୍ତ୍ତା ଜଣକ ପ୍ରଶ୍ନ ଉଠାଇଛନ୍ତି। ବିସିସିଆଇ ପାଇଁ ଟି୨୦ ବିଶ୍ୱକପ୍ କିମ୍ବା ଏସିଆ କପ୍ ମୁଖ୍ୟ ନୁହେଁ। ୨୦୨୦-୨୧ ସିଜନରେ ଭାରତୀୟ ବୋର୍ଡ ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ୍)ରୁ ୨୫୦୦ କୋଟି ଏବଂ ଦ୍ୱିପାକ୍ଷିକ କ୍ରିକେଟରୁ ୯୫୦ କୋଟି ଟଙ୍କା ଆୟ କରିବାକୁ ଲକ୍ଷ୍ୟ ରଖିଥିଲା। ଆଇସିସି ରାଜସ୍ୱରୁ ଏହାର ଅଂଶ ବାବଦରେ ୩୮୦ କୋଟି (୮ବର୍ଷରେ ୪୦୫ମିଲିୟନ ଡଲାର) ଟଙ୍କା ଅର୍ଜନ କରିବ।

## ପୂଜାରାଙ୍କୁ ଆଉଟ୍ କରିବା ସହଜ ନ ଥିଲା: କୁମିନ୍ସ

**ମେଲବୋର୍ନ,୨୬।୪(ପି.ଟି.):** ଭାରତୀୟ ଟେଷ୍ଟ ମିଡଲଅର୍ଡର ବ୍ୟାଟ୍ସମ୍ୟାନ ଚେତେଶ୍ୱର ପୂଜାରାଙ୍କୁ ବୋଲିଂ କରିବା କଷ୍ଟକର ବୋଲି ବିଶ୍ୱର ୧ ନମ୍ବର ଦ୍ରୁତ ବୋଲର ଅଷ୍ଟ୍ରେଲିଆର ପ୍ୟାଟ୍ କୁମିନ୍ସ କହିଛନ୍ତି। ଟେଷ୍ଟ ସ୍ପେଶାଲିଷ୍ଟ କୁହାଯାଉଥିବା ପୂଜାରା ପ୍ରତିପକ୍ଷ ଦଳ ପାଇଁ ମୁଣ୍ଡ ବ୍ୟଥାର କାରଣ ସାଜିଥାନ୍ତି। ୩ ନମ୍ବରରେ ବ୍ୟାଟିଂ କରିବାକୁ ଆସୁଥିବା ପୂଜାରାଙ୍କ ବ୍ୟାଟିଂ ବେଶ୍ ଦମ୍‌ଦାର। ୨୦୧୮-୧୯ ଅଷ୍ଟ୍ରେଲିଆରେ ଭାରତର ଐତିହାସିକ ସିରିଜ ବିଜୟରେ ତାଙ୍କର ବେଶ୍ ପ୍ରଭାବୀ ଭୂମିକା ରହିଥିଲା ଓ ପୂଜାରାଙ୍କ ପ୍ରତି ମୋର ଯଥେଷ୍ଟ ସମ୍ମାନ ରହିଛି ବୋଲି କୁମିନ୍ସ କହିଛନ୍ତି। ବିଶ୍ୱରେ ଏକାଧିକ ଉଚ୍ଚକୋଟୀର ବ୍ୟାଟ୍ସମ୍ୟାନ ରହିଛନ୍ତି। କିନ୍ତୁ ପୂଜାରା ଆମକୁ ବହୁତ ଯନ୍ତ୍ରଣା ଦେଇଛନ୍ତି ବୋଲି ସେ କୁହନ୍ତି। ଘରୋଇ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ସିରିଜରେ ପୂଜାରା ୭୪ ରନ ହାରରେ ୫୨୧ ରନ କରି ଦଳ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଏହି ସିରିଜରେ ସେ ୩ଟି ଶତକ ଓ ଗୋଟିଏ ଅର୍ଦ୍ଧଶତକ ହାସଲ କରିଥିଲେ। ପୂଜାରାଙ୍କୁ ଆଉଟ୍ କରିବା ପାଇଁ ଅଷ୍ଟ୍ରେଲିଆ ବୋଲରଙ୍କୁ ବେଶ୍ କଷ୍ଟ କରିବାକୁ ପଡିଥିଲା। ଟେଷ୍ଟ କ୍ରିକେଟରେ ସେ ସବୁଠାରୁ କଠିନତମ ବ୍ୟାଟ୍ସମ୍ୟାନ ବୋଲି କୁମିନ୍ସ କୁହନ୍ତି।





## କପିଳଙ୍କ ନୂଆ ଲୁକ୍‌ରେ ଧୋନୀ, ରିଚାର୍ଡ୍ସଙ୍କ ଛାପ



**ନୂଆଦିଲ୍ଲୀ, ୨୬।୪ (ପି.ଟି.):** ଭାରତୀୟ ପୂର୍ବତନ ଅଧିନାୟକ କପିଳ ଦେବଙ୍କୁ ଏବେ ନୂଆ ଲୁକ୍‌ରେ ଦେଖିବାକୁ ମିଳିଛି। ସମ୍ପୂର୍ଣ୍ଣ ଲଣ୍ଡା ହୋଇ କିଛି ଦାଢି ରଖିଛନ୍ତି। ଏହି ଲୁକ୍‌ରେ ମହେନ୍ଦ୍ର ସିଂ ଧୋନୀ ଓ ପୂର୍ବତନ ୱେଷ୍ଟଇଣ୍ଡିଜ୍ କିମ୍ବଦନ୍ତୀ କ୍ରିକେଟର ଭିଭିଆନ ରିଚାର୍ଡ୍ସଙ୍କ ଛାପ ରହିଛି। ରିଚାର୍ଡ୍ସ ଓ ଧୋନୀଙ୍କଠାରୁ ପ୍ରେରିତ ହୋଇ ଏହି ଲୁକ୍ ଅପଣାଇଛି ବୋଲି ସେ କହିଛନ୍ତି। ରିଚାର୍ଡ୍ସ ହେଉଛନ୍ତି ମୋର ହିରୋ। ତେଣୁ ତାଙ୍କୁ ଅନୁସରଣ କରିବାରେ କିଛି ଅସୁବିଧା ନାହିଁ। ଧୋନୀ ମଧ୍ୟ ମୋର ହିରୋ। ୨୦୧୧ ବିଶ୍ୱକପ୍ ବିଜୟ ପରେ ଧୋନୀ ସମ୍ପୂର୍ଣ୍ଣ ରୂପେ ଲଣ୍ଡା ହୋଇଥିଲେ। ତେଣୁ ଏହି ଖେଳାଳିଙ୍କୁ ଲକ୍ଷ୍ୟ କରି ଚୁଟି କାଟିଛି ବୋଲି କପିଳ କହିଛନ୍ତି। ଚେନ୍ନାଇ ସୁପର କିଙ୍ଗ୍ସ ଏ ନେଇ ଏକ ଭିଡିଓ ଟୁଇଟ୍ କରିଛି।

ଏହି ଟୁଇଟ୍ ଦେଖି ରିଚାର୍ଡ୍ସ ମଧ୍ୟ କପିଳଙ୍କୁ ସମର୍ଥନ କରିଛନ୍ତି। ଅବସର ନେବା ପରେ ରିଚାର୍ଡ୍ସ ମଧ୍ୟ ଲଣ୍ଡା ହେବା ସହ ସାମାନ୍ୟ ଦାଢି ରଖୁଥିଲେ ଓ ଠିକ୍ ଏହି ଲୁକ୍ ଆପଣାଇଥିଲେ। କପିଳ ଓ ରିଚାର୍ଡ୍ସ କ୍ରିକେଟ ପଡିଆରେ ଏକାଧିକ ବାର ମୁହାଁମୁହିଁ ହୋଇଛନ୍ତି।

## ଅନ୍‌ଲାଇନ୍ ଚେସ୍‌ରୁ ୮.୮ ଲକ୍ଷ ଟଙ୍କା

**ଚେନ୍ନାଇ, ୨୬।୪ (ପି.ଟି.):** ଅନ୍‌ଲାଇନ୍ ଚେସ୍ ଚ୍ୟାରିଟି ଇଭେଣ୍ଟରୁ ୮.୮ ଲକ୍ଷ ଟଙ୍କା ସଂଗ୍ରହ ହୋଇଛି। ପୂର୍ବତନ ବିଶ୍ୱ ଚାମ୍ପିୟନ ବିଶ୍ୱନାଥନ ଆନନ୍ଦଙ୍କ ସମେତ ଅନ୍ୟ କେତେଜଣ ଏକ ଅନ୍‌ଲାଇନ୍ ଚେସ୍ ଚ୍ୟାରିଟି ଇଭେଣ୍ଟରେ ଭାଗ ନେଇଥିଲେ। କୋଭିଡ୍‌-୧୯ ବିରୋଧୀ ଲଢ଼େଇରେ ସାମିଲ ହୋଇଥିବା ଆବର୍ଜନା ଉଠାଳିମାନଙ୍କ ଉଦ୍ଦେଶ୍ୟରେ ପାଣ୍ଠି ସଂଗ୍ରହ ପାଇଁ ଇଭେଣ୍ଟ ଆୟୋଜିତ ହୋଇଥିଲା। 'ଚେସ୍ ଫର୍ ଚ୍ୟାରିଟି' ଶନିବାର ଚେସ୍ ଡଟ୍ କମ୍ ଜରିଆରେ ଅନୁଷ୍ଠିତ ହୋଇଥିଲା। ଭାରତର ନମ୍ବର-୧ ଆନନ୍ଦ, ନମ୍ବର-୨ ଭିଦିତ୍ ଗୁଜରାଠୀ, ଗ୍ରାଣ୍ଡମାଷ୍ଟର ନିହାଲ ସରିନ୍, ମହିଳା ଗ୍ରାଣ୍ଡମାଷ୍ଟର ତାନିଆ ସଚଦେବ ଏବଂ କ୍ରୋଏସିଆର ଆଣ୍ଟୋନିଓଙ୍କୁ ନେଇ ଗଠିତ ଦଳ ବିଶ୍ୱ କଲ୍ୟାଣ ରଥ, ସମୟ ରାଇନା, ଅଭିଷେକ ଉପମନ୍ୟୁ ଏବଂ ଆକାଶ ମେହେଟା ପ୍ରମୁଖ କମେଡିଆନମାନଙ୍କୁ ନେଇ ଗଠିତ ଦଳ ମଧ୍ୟରେ ଗେମ୍ ଅନୁଷ୍ଠିତ ହୋଇଥିଲା।

# ଜାତୀୟ କ୍ରୀଡ଼ା ପୁରସ୍କାର ପ୍ରକ୍ରିୟାରେ ବିଳମ୍ବ

**ନୂଆଦିଲ୍ଲୀ, ୨୬।୪ (ପି.ଟି.)**

କୋଭିଡ୍‌-୧୯ ବିରୋଧରେ ଲଢେଇ ପାଇଁ ଦେଶ ବ୍ୟାପୀ ଲକ୍‌ଡାଉନ୍ ଚାଲିଥିବାରୁ ଚଳିତବର୍ଷର ଜାତୀୟ କ୍ରୀଡ଼ା ପୁରସ୍କାର ଚୟନ ପ୍ରକ୍ରିୟାରେ ବିଳମ୍ବ ଘଟିଛି। ଏଥିପାଇଁ ଦରଖାସ୍ତ ଆହ୍ୱାନ ଆସନ୍ତା ମାସରେ କରାଯିବ ବୋଲି କ୍ରୀଡ଼ା ମନ୍ତ୍ରଣାଳୟର ଜଣେ ଅଫିସିଆଲ ସୂଚନା ଦେଇଛନ୍ତି। ହକି କିମ୍ବଦନ୍ତୀ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ବାର୍ଷିକୀ ପାଳନ ଅବସରରେ ଜାତୀୟ କ୍ରୀଡ଼ା ପୁରସ୍କାର ପ୍ରତ୍ୟେକ ବର୍ଷ ଅଗଷ୍ଟ ୨୯ ତାରିଖରେ ପ୍ରଦାନ କରାଯାଇ ଆସୁଛି। ପୁରସ୍କାର ପାଇଁ ସାଧାରଣତଃ ଏପ୍ରିଲରେ ଦରଖାସ୍ତ ଆହ୍ୱାନ କରାଯାଇଥାଏ। ମାତ୍ର କରୋନା ମାହାମାରୀ ଯୋଗୁ ଚଳିତବର୍ଷ କେବଳ ଦେଶରେ ସମଗ୍ର ବିଶ୍ୱରେ କ୍ରୀଡ଼ା କାର୍ଯ୍ୟକଳାପ ସ୍ଥାଣୁ ହୋଇଯାଇଛି। ଦେଶରେ ଏହି ଭାଇରସ୍‌ରେ ପୀଡ଼ିତ ହୋଇ ୮୦୦ରୁ ଅଧିକ ଲୋକ ପ୍ରାଣ ହରାଇ ସାରିଥିବାବେଳେ ସମଗ୍ର ବିଶ୍ୱରେ ୨ ଲକ୍ଷରୁ ଉର୍ଦ୍ଧ୍ୱ ମୃତ୍ୟୁବରଣ କରିସାରିଛନ୍ତି। ଗତ ମାସରୁ ବିଭିନ୍ନ ସରକାରୀ ପ୍ରତିଷ୍ଠାନ ସମେତ ଜାତୀୟ କ୍ରୀଡ଼ା ମହାସଂଘ (ଏନ୍‌ଏସ୍‌ଏଫ୍)ରେ କାର୍ଯ୍ୟରତ କର୍ମଚାରୀଙ୍କ ମଧ୍ୟରୁ ଅଧିକାଂଶ ଘରେ ରହି କାର୍ଯ୍ୟ ସମ୍ପାଦନ କରୁଛନ୍ତି। ତେଣୁ ପୁରସ୍କାର ପ୍ରତିକ୍ରିୟାରେ ବିଳମ୍ବ ଘଟିବା ସ୍ୱାଭାବିକ ବୋଲି ମନ୍ତ୍ରଣାଳୟର ଅଫିସିଆଲ ଜଣକ ସୂଚନା ଦେଇଛନ୍ତି। ରାଜୀବ ଗାନ୍ଧୀ ଖେଳରତ୍ନ, ଅର୍ଜୁନ, ଦ୍ରୋଣାଚାର୍ଯ୍ୟ ଏବଂ ଧ୍ୟାନଚାନ୍ଦ ସମେତ ଜାତୀୟ କ୍ରୀଡ଼ା ପୁରସ୍କାରଗୁଡ଼ିକ ପ୍ରତିବର୍ଷ ରାଷ୍ଟ୍ରପତି ଭବନରେ ଭାରତର ରାଷ୍ଟ୍ରପତି ପ୍ରଦାନ କରିଥାନ୍ତି। କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ଗଠିତ ଏକ ଚୟନ କମିଟି ପୁରସ୍କାର ବିଜେତାଙ୍କ ନାମ ଚୂଡ଼ାନ୍ତ କରିଥାଏ। ଜଣାଶୁଣା କ୍ରୀଡ଼ା ବ୍ୟକ୍ତିତ୍ୱ, ମନ୍ତ୍ରଣାଳୟ ଅଫିସିଆଲ ଏବଂ ଜର୍ନାଲିଷ୍ଟଙ୍କୁ ନେଇ ଏହି କମିଟି ଗଠନ କରାଯାଇଥାଏ।



## ଦିଲ୍ଲୀ ସରକାରଙ୍କୁ ପିସିଆଇର ୫୦୦ ପିପିଇ କିଟ୍ ଦାନ

**ନୂଆଦିଲ୍ଲୀ,୨୬।୪(ପି.ଟି.):** କୋଭିଡ୍‌-୧୯ ମହାମାରୀ ମୁକାବିଲାରେ ଏବେ ପାରା ଅଲିମ୍ପିକ କମିଟି ଅଫ୍ ଇଣ୍ଡିଆ (ପିସିଆଇ) ସାମିଲ ହୋଇଛନ୍ତି। ପିସିଆଇ ଦିଲ୍ଲୀ ସରକାରଙ୍କୁ ୫୦୦ଟି ପର୍ସନାଲ ପ୍ରୋଟେକ୍ଟିଭ୍ ଇକ୍ୟୁପମେଣ୍ଟ (ପିପିଇ) କିଟ୍ ପ୍ରଦାନ କରିଛି। ପିସିଆଇ ସେକ୍ରେଟାରୀ ଜେନେରାଲ ଗୁରଶରନ ସିଂ ସୂଚନା ଦେଇଛନ୍ତି। ଏବେ ପିସିଆଇ ସୋମବାର କେନ୍ଦ୍ର ସରକାରଙ୍କୁ ୧୦୦୦ଟି ଏପରି କିଟ୍ ପ୍ରଦାନ କରିବାକୁ ପ୍ରସ୍ତୁତ ଅଛି ବୋଲି ସେ କହିଛନ୍ତି।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ